
୫୭ ମାସ ପରେ
ଆସିଲା ରିଲିଜ୍ ଡେଟ୍
▶ପୃଷ୍ଠା ୧୨ ଦେଖନ୍ତୁ...



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-300 ♦TUESDAY ♦28 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୦୦ ♦ମଙ୍ଗଳବାର ♦୨୮ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


ଭଉଣୀ ମୃତ୍ୟୁର ପ୍ରମାଣ ଦେବାକୁ...

## ମଶାଣିରୁ ଶବ ଖୋଳି ବ୍ୟାଙ୍କକୁ କାନ୍ଧେଇ ନେଲା

■ ତୁରୁମୁଙ୍ଗା, ୨୭।୪ (ସମିସ): କେତେ କାକୁତିମିନତି ହେଲେ, ପାରୁପର୍ଯ୍ୟନ୍ତ ବୁଝାଇଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିଲେନି; ବ୍ୟାଙ୍କ ନିୟମ ଓ ଗାଇଡ୍‌ଲାଇନର ପାଠ ପଢ଼ାଇଲେ। ଭଉଣୀ ବ୍ୟାଙ୍କକୁ ନ ଆସିଲେ, ତାଙ୍କ ଖାତାରେ ଜମା ଥିବା ଟଙ୍କା ଦେଇହେବନି ବୋଲି ରୋକଠୋକ୍ ଶୁଣାଇଦେଲେ। ତେଣୁ, ଅନ୍ୟ ଉପାୟ ନ ପାଇ ମାଟି ଖୋଳି ଭଉଣୀର ଗଳିତ ଶବକୁ ବାହାର କରି ସିଧାସିଧା ବ୍ୟାଙ୍କକୁ ଧାଇଁଲେ। ବ୍ୟାଙ୍କ ବାରଣ୍ଡାରେ ଗଳିତ ଶବକୁ ରଖି ମୋ ଭଉଣୀ ଖାତାର ଟଙ୍କା ଦିଅ ବୋଲି କର୍ତ୍ତୃପକ୍ଷଙ୍କୁ ଗୁହାରି କଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମଲ୍ଲୀପଶି ଅଞ୍ଚଳରେ ଆଜି ଏପରି ଏକ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାନୁଯାୟୀ, ଡିଆନାଳି ଗ୍ରାମର ବୃଦ୍ଧ ଜିତୁ ମୁଣ୍ଡା ନିଜର ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ଆକାଉଣ୍ଟରେ ଥିବା ୧୯ ହଜାର ୩୦୦ଟଙ୍କା ଉଠାଇବାକୁ ଦୁଇ ଦିନ ତଳେ ମଲ୍ଲୀପଶିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ଦେବାକୁ ମନା କରିଦେଇଥିଲେ। ଯାହା ନାମରେ ଟଙ୍କା



ଅଛି, ସେ ନିଜେ ଉପସ୍ଥିତ ହେବା ଆବଶ୍ୟକ ବୋଲି କହି ଟଙ୍କା ଦେବାକୁ ମନା କରିଦେଇଥିଲେ। କିଛି ଦିନ ତଳୁ ଭଉଣୀ କାଲାରର ମୃତ୍ୟୁ ଘଟିସାରିଛି ବୋଲି ଜିତୁ କହିଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ଶୁଣିନଥିଲେ। ତାଙ୍କୁ ବିଭିନ୍ନ କାଗଜପତ୍ର ମାଗିଥିଲେ। ତାଙ୍କ ଭଉଣୀ ଜୀବିତ ନାହାନ୍ତି ବୋଲି ପ୍ରମାଣ ଦେଖାଇବାକୁ କହିଥିଲେ। ତେଣୁ, ସବୁଆଡ଼ୁ ନିରାଶ ହେବା ପରେ ଜିତୁ ଆଜି ଦିନ ପ୍ରାୟ ୧ଟାରେ ମଶାଣିକୁ ଯାଇଥିଲେ। ସେଠାରେ ମାଟି ଖୋଳି ଭଉଣୀ କାଲାରାଙ୍କ ଗଳିତ ଶବକୁ ଏକ ବସ୍ତାରେ ପୂରାଇ ପ୍ରାୟ ୪କି.ମି ଖରାରେ ଚାଲିଚାଲି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିବା ସହ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ବୁଝାସୁଝା ପରେ ମୃତଦେହକୁ ପୁନର୍ବାର ମଶାଣିରେ ପୋତି ଦିଆଯାଇଥିଲା।

ଏ ସଂପର୍କରେ ବ୍ୟାଙ୍କ ମ୍ୟାନେଜର୍ ସୁଶାନ୍ତ ସେଠୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା ବେଳେ ସେ କୌଣସି ପ୍ରତିକ୍ରିୟା ଦେଇ ନ ▶ପୃଷ୍ଠା-୭

# ହର୍ମୁଜରେ ଆମେରିକା ନୌସେନାର ଦାଦାଗିରି

- ୩୮ଟି ଜାହାଜକୁ ଫେରାଇଲା ସେନା
- ପୁଟିନଙ୍କ ଶରଣ ପଶିଲା ତେହେରାନ
- ଜାହାଜକୁ ଇରାନର ଗୁଳି, ୧୭ ଭାରତୀୟ ସୁରକ୍ଷିତ



■ ୱାଶିଂଟନ/ତେହେରାନ, ୨୭।୪ (ଏଜେନ୍ସି): ହର୍ମୁଜରେ ଇରାନ ବିରୋଧରେ ଆମେରିକା ଏହାର ସାମୁଦ୍ରିକ ଅବରୋଧକୁ ବ୍ୟାପକ କରିଥିବା ବେଳେ ପ୍ରାୟ ୩୮ଟି ବାଣିଜ୍ୟିକ ଜାହାଜକୁ ଇରାନ ବନ୍ଦରକୁ ନଯିବା ପାଇଁ ଚେତାବନୀ ଦେଇ ଫେରାଇ ଦେଇଛି। ଅନ୍ୟପକ୍ଷରେ ହର୍ମୁଜରେ ଇରାନ ଏହାର ସାମରିକ ନିୟନ୍ତ୍ରଣ ପାଇଁ ଯୋଜନା କରିବା ସହିତ ଆମେରିକାର ମୁକାବିଲା ପାଇଁ ରୁଷର ଶରଣାପନ୍ନ ହୋଇଛି।

ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ପକ୍ଷରୁ ସୂଚନା ଦିଆଯାଇଛି ଯେ, ଇରାନର ବନ୍ଦରଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। କୌଣସି ଜାହାଜକୁ ଭିତରକୁ ପ୍ରବେଶ କରିବାକୁ କିମ୍ବା ବାହାରକୁ ଆସିବାକୁ ଅନୁମତି ଦିଆଯାଉନାହିଁ। ବର୍ତ୍ତମାନ ସୁଦ୍ଧା ୩୮ଟି ଜାହାଜକୁ ପଛକୁ ଫେରାଇ ଦିଆଗଲାଣି। ଏହି ସଂକଟଜନକ ପରିସ୍ଥିତିରେ ଇରାନର ବିଦେଶ ମନ୍ତ୍ରୀ ଅବ୍ବାସ ଆରାଗଚି ସୋମବାର ଦିନ ମସ୍କୋରେ ପହଞ୍ଚିଛନ୍ତି। ସେଠାରେ ସେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍‌ରୋଭଙ୍କ ସହ ଏହି ଏହା ଉପରେ ଆଲୋଚନା କରିବେ।

ଉଭୟ ଇରାନ ଓ ଆମେରିକା ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେବା ଫଳରେ ବିଶ୍ୱ ବଜାରରେ ତେଲ, ଗ୍ୟାସ ଏବଂ ସାର ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାଫଳରେ ବିଶ୍ୱବ୍ୟାପୀ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇବା ସହ ଖାଦ୍ୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରତିନିଧି ମଣ୍ଡଳୀର ଇସଲାମାବାଦ ଗସ୍ତ ବାତିଲ କରିବା ପରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରକ୍ରିୟା ଧିମେଇ ଯାଇଛି। ତେବେ ପାକିସ୍ତାନ ଜରିଆରେ ଇରାନ ଆମେରିକାକୁ କିଛି ଲିଖିତ ବାର୍ତ୍ତା ପଠାଇଥିବା ଖବର ମିଳିଛି। ଏକ ରିପୋର୍ଟ ଅନୁସାରେ, ଇରାନ ଏବେ ଆମେରିକାକୁ ଏକ ନୂଆ ପ୍ରସ୍ତାବ ଦେଇଛି। ଯେଉଁଥିରେ ହର୍ମୁଜ ପ୍ରଣାଳୀକୁ ପୁଣିଥରେ ଖୋଲିବା ଏବଂ ଯୁଦ୍ଧ ଶେଷ କରିବାକୁ ଇଚ୍ଛା ପ୍ରକାଶ କରାଯାଇଛି। ଏହା ବଦଳରେ ପରମାଣୁକାର୍ଯ୍ୟକ୍ରମ ଉପରେ ଆଲୋଚନାକୁ କିଛି ଦିନ ଘୁଞ୍ଚାଇବାକୁ ତେହେରାନ ପ୍ରସ୍ତାବ ଦେଇଛି। ଆମେରିକାର ଆର୍ଥିକ ଓ ସାମରିକ ଚାପ ଏବଂ ଇରାନର କୂଟନୈତିକ ପ୍ରୟାସ ମଧ୍ୟରେ ସମଗ୍ର ବିଶ୍ୱର ନଜର ▶ପୃଷ୍ଠା-୭

ପଶ୍ଚିମବଙ୍ଗରେ ସରିଲା ପ୍ରଚାର

## ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ



■ କୋଲକାତା, ୨୭।୪: ପଶ୍ଚିମ ବଙ୍ଗ ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହାଇଭୋଲଟେଜ୍ ପ୍ରଚାର ଅଭିଯାନ ଶେଷ ହୋଇଛି। ଆସନ୍ତା ୨୯ ତାରିଖରେ ୧୪୧ଟି ଆସନରେ ହେବାକୁ ଥିବା ମତଦାନରେ ୧୪୪୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ, ତାଙ୍କ କ୍ୟାବିନେଟର ଅଧିକାଂଶ ମନ୍ତ୍ରୀ ଏବଂ ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ତଥା ବିଜେପିର ଶୁଭେନ୍ଦୁ ଅଧିକାରୀ। ଭବାନୀପୁର ନିର୍ବାଚନମଣ୍ଡଳୀରେ ମମତାଙ୍କୁ ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସହଯୋଗୀ ତଥା ବିଜେପି ପ୍ରାର୍ଥୀ ଅଧିକାରୀ। ବିବାଦୀୟ ଏସ୍‌ଆଇଆର ମଧ୍ୟରେ ହେଉଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ୪୦ ହଜାର ବୁଥ୍‌ରେ ପ୍ରାୟ ୩ କୋଟି ୨୨ ଲକ୍ଷ ମତାଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଗତ ୨୩ ତାରିଖରେ ୧୫୨ଟି ଆସନ ।।ରେ ପ୍ରଥମ ପର୍ଯ୍ୟାୟ ମତଦାନ ▶ପୃଷ୍ଠା-୭

ଅଧା ଓଡ଼ିଶାରେ କମିଲା ତାତି

## ଆଜିଠୁ ଭୀଷଣ କାଳବୈଶାଖୀ



■ ଭୁବନେଶ୍ୱର, ୨୭।୪ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଗତ କିଛି ଦିନ ଧରି ଲାଗି ରହିଥିବା ଗରମ, ଗୁଳୁଗୁଳି ସ୍ଥିତିରେ ସୋମବାର ସାମାନ୍ୟ ସୁଧାର ଆସିଛି। ଓଡ଼ିଶା ଉପରେ ଗୋଟିଏ ଟ୍ରଫଲାଇନ୍ ସୃଷ୍ଟି ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ଦିନ ତମାମ ପବନ ବହୁଛି। ଏହାଫଳରେ କିଛି କିଛି ସ୍ଥାନରେ ତାପମାତ୍ରା କମିବା ସହିତ କୋହଲା ପାଗ ଆରମ୍ଭ ହୋଇଛି। ସେହିପରି ବାରିପଦା ସମେତ ସୁନ୍ଦରଗଡ଼ ଓ ଅନ୍ୟ କିଛି ସ୍ଥାନରେ କାଳବୈଶାଖୀଜନିତ ▶ପୃଷ୍ଠା-୭

ବାଚସ୍ପତିଙ୍କ ନିକଟରେ ବିଜେଡିର ବିଧିବଦ୍ଧ ଦାବି

## ରଦ୍ଦ ହେଉ ୮ ବିଧାୟକଙ୍କ ସଭ୍ୟପଦ

■ ଭୁବନେଶ୍ୱର,୨୭।୪(ସମିସ): ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେଡିର ନିଷ୍ପତ୍ତି



ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ୮ଜଣ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର ଓ ସନା ମହାକୁଡ଼ଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ଆନୁଷ୍ଠାନିକ ଭାବେ ଦାବି

- ସମ୍ବିଧାନର ଦଶମ ଅନୁସୂଚୀ ଆଧାରରେ ନିଷ୍ପତ୍ତି ଦାବି
- ତିନି ମାସ ମଧ୍ୟରେ ବାଚସ୍ପତିଙ୍କୁ ନେବାକୁ ପଡ଼ିବ ନିଷ୍ପତ୍ତି

ଜଣାଇଛି ବିଜେଡି। ସୋମବାର ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ▶ପୃଷ୍ଠା-୭

## ବୋହୂକୁ ହତ୍ୟା କରି ଜାଳିଦେଲେ

- ଦରପୋଡ଼ା ଶବ ଜବତ
- ସ୍ୱାମୀ ଓ ଶାଶୂ ଗିରଫ

■ ମହାକାଳପଡ଼ା, ୨୭।୪ (ସମିସ): ବୋହୂକୁ ହତ୍ୟା କରିବା ପରେ ବାରିପଟେ ପେଟ୍ରୋଲ ଢାଳି ଜାଳିଦେଲେ। କେନ୍ଦ୍ରାପଡ଼ା ଜିଲ୍ଲା ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବେଣାକନ୍ଧା ଗ୍ରାମରେ ଏପରି ଏକ ସାଂଘାତିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ପଟ୍ଟାମୁଣ୍ଡାଇ ଥାନା ଅଧୀନସ୍ଥ ନଳଡିହ ଗ୍ରାମର ମନୋରଞ୍ଜନ ଦଣ୍ଡାଙ୍କ ଝିଅ ତଅପୋଇ ଦଣ୍ଡା। ପୁଲିସ ତାଙ୍କ ଦରପୋଡ଼ା



ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ବେଣାକନ୍ଧା ଗ୍ରାମର ବିଶ୍ୱଜିତ ମଣ୍ଡଳ ଓ ଶାଶୂ ମମତା ମଣ୍ଡଳଙ୍କୁ ▶ପୃଷ୍ଠା-୭

# ଆଉ ଏକ ପୁରସ୍କାରରୁ ହଟିଲା ବିଜୁଙ୍କ ନାମ

‘ବିଜୁ ଶ୍ରମିକ ବନ୍ଧୁ’ ସମ୍ମାନ ନାମ ବଦଳାଇଲେ ରାଜ୍ୟ ସରକାର

- ନାମ ପରିବର୍ତ୍ତନ ସହ ବଦଳିଲା ନିୟମ, କମିଲା ଆବେଦନର ଅବଧି
- ‘ବିଜୁ ଶ୍ରମିକ ବନ୍ଧୁ’ ଏବେ ହେବ ‘ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ’
- ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ ପୁରସ୍କାର



■ ଭୁବନେଶ୍ୱର, ୨୭।୪ (ସମିସ): ରାଜ୍ୟ ସରକାର ପୁଣି ଏକ ପୁରସ୍କାରରୁ ବିଜୁଙ୍କ ନାଁ ହଟାଇଛନ୍ତି। ପୂର୍ବରୁ ପ୍ରଚଳିତ ‘ବିଜୁ ଶ୍ରମିକ ବନ୍ଧୁ ସମ୍ମାନ’ ନାମ ପରିବର୍ତ୍ତନ କରାଯାଇ ଏହାକୁ ‘ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ’ ଭାବେ ନାମିତ କରାଯାଇଛି। ୨୦୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ବନ୍ଧୁ ସମ୍ମାନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରତିବର୍ଷ ମେ’ ୧ ଶ୍ରମିକ ଦିବସରେ ପୁରସ୍କୃତ ହେଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଉଥିଲା। ଅତୀତରେ ବିଜେଡି ସରକାର ସମୟରେ ଶ୍ରମିକ ସଂଗଠନ ନେତା ସୌରୀବନ୍ଧୁ କର, ରାଜେନ୍ଦ୍ର ପ୍ରସାଦ ସିଂ, ଈଶ୍ୱର ଜେନା, ଘନଶ୍ୟାମ ଜେନା, ବସନ୍ତ ଜେନା ଓ କୃଷ୍ଣ ପାତ୍ର ପ୍ରମୁଖ ଏହି ସମ୍ମାନ ପାଇଛନ୍ତି। ଏବେ ରାଜ୍ୟ ସରକାର କେବଳ ଏହି ଯୋଜନାର ନାମ ଦବଳାଇ ନାହାନ୍ତି; ଏ ସଂକ୍ରାନ୍ତ ନିୟମକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ▶ପୃଷ୍ଠା-୭


10001/86/2627

## ଅଂଶୁଘାତ ସତର୍କତା



### ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0007

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

## ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା

# ଏରସମା ତହସିଲ ସାମ୍ନାରେ ବିକ୍ଷୋଭ

ଏରସମା,୨୭।୪(ସମିସ)

ଏରସମାର ଗୌରବ ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ପୂର୍ବରୁ ବନବିଭାଗ ଶିଆଳି ଠାରେ ଭାଙ୍ଗି ଦେବା ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଏରସମା ସ୍ୱାଭିମାନ ମଞ୍ଚ ପକ୍ଷରୁ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜୁଜନତା ଦଳର ଯୁବ ସଭାପତି ପାର୍ଥସାରଥି ରାଉତଙ୍କ ନେତୃତ୍ୱରେ ତହସିଲ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଶହ ଶହ ଦାମ ପ୍ରେମୀ ଏହି ଘଟଣାକୁ ନିନ୍ଦା କରି ପୁଣି କେମିତି ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତି ଶିଆଳିଠାରେ ଉନ୍ମୋଚନ ହେବ ବୋଲି ଆଜି ଏରସମା ବ୍ଲକ ଜନଶୁଣାଣି ଶିବିରରେ ଉପସ୍ଥିତ ଥିବା ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଓ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ସାତଦିନ ଭିତରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




ତତ୍ ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ଦେଇଥିଲେ। ସ୍ୱର୍ଗତ ରାଉତଙ୍କ ପୁତ୍ର ପୂବତନ ବିଧାୟକ ସମ୍ବିତ ରାଉତ ଏହି ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ରବିବାର ଶିଆଳି ଠାରେ ଦାମ ରାଉତଙ୍କ ଫଟୋଚିତ୍ର ରଖି ବହୁ ବିଜେପି କର୍ମୀ ଶ୍ରଦ୍ଧାଞ୍ଜଳି ଦେଉଥିବା ବେଳେ ଗୁରୁବାର ତହସିଲ ସମ୍ମୁଖରେ ବିଜେଡି କର୍ମୀ ମାନେ ଦାମ ବାବୁଙ୍କ ମୂର୍ତ୍ତି ଭଙ୍ଗା ଘଟଣାରେ ବିକ୍ଷୋଭ କରିଥିଲେ। କିନ୍ତୁ ଉଭୟ ଦଳ ଚାହୁଁଥିବା ବେଳେ କାହା ନିର୍ଦ୍ଦେଶରେ ପ୍ରତିମୂର୍ତ୍ତି ଭାଙ୍ଗିଦିଆଗଲା ତଦନ୍ତ ହେବା ଦରକାର। ଜିଲ୍ଲାପାଳଙ୍କ କଥା ଅନୁସାରେ ୭ ଦିନ ଭିତରେ ଯଦି କିଛି ଫାଇନାଲ କରାନଯାଏ ତେବେ ତହସିଲ ଆଗରେ ଦାମ ପ୍ରେମୀଙ୍କୁ ନେଇ ଧାରଣାରେ ବସିବି ବୋଲି ଶ୍ରୀ ରାଉତ କହିଥିଲେ। ଏହି ପ୍ରତିବାଦ ସଭାରେ ବିଜେଡି ନେତା ଶିଶିର ପରିଡା, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜଗତସିଂହପୁର ଜିଲ୍ଲା ବିଜୁଜନତା ଦଳର ଉପସଭାପତି ବିଜୟ କୁମାର ସ୍ୱାଇଁ, ଦିପ୍ତିରଜନ କୁଅଁର, ନକୁଳ ନାୟକ, କେଶବ ପାତ୍ର, ବୈଦ୍ୟନାଥ ବିଶ୍ୱାଳ, ପ୍ରକାଶ ପରିଡା, ସଂଜୟ ମହାନ୍ତି, ଆଦିକନ୍ଦ ନାୟକ, ଚନ୍ଦନ ମଲିକ, ରାକେଶ ସ୍ୱାଇଁ, ବିକ୍ରମ ଦଳାଇ, ମନୋଜ ମହାନ୍ତି, ପ୍ରବିର ମଲିକ, ରାଜେଶ ବାରିକ, ପ୍ରତାପ ସ୍ୱାଇଁ, ନିଶିକାନ୍ତ ଲେଙ୍କା, ପ୍ରବିର ପଣ୍ଡା, ଯଯାତି ସାମନ୍ତରାୟ ସମେତ ଶହ ଶହ ଦାମବାବୁଙ୍କୁ ଭଲପାଉଥିବା ବ୍ୟକ୍ତି ଯୋଗ ଦେଇଥିଲେ।

● କ୍ୟାନ୍‌ଫେଷ୍ଟର ୭ମ ସନ୍ଧ୍ୟା

## ବଙ୍ଗଳା ନାଟକ 'ନୀଳ ପିରିଟର ଫୁଲ' ମଞ୍ଚସ୍ଥ



ପାରାଦୀପ,୨୭।୪(ସମିସ): ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନ୍‌ଫେଷ୍ଟ-୨୦୨୬ର ୭ମ ସନ୍ଧ୍ୟାରେ ବଙ୍ଗଳାଭିତ୍ତିକ ଦଳ ଏବୋଙ୍ଗ ଆମରା କଲ୍ଲୋଳ ଭଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ 'ନୀଳ ପିରିଟର ଫୁଲ' ମଞ୍ଚସ୍ଥ ହୋଇଛି। ଆସନ୍ତା ସନ୍ଧ୍ୟାରେ ଦିଲ୍ଲୀସ୍ଥିତ ଶ୍ରୀରାମ ସେଣ୍ଟର ଫର ପରଫର୍ମିଂ ଆର୍ଟ ଗୋଷ୍ଠୀ ପ୍ରଖ୍ୟାତ ନିର୍ଦ୍ଦେଶକ ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ "ଖାମୋଶ! ଅଦାଲତ ଜାରି ହୈ!' ପରିବେଷଣ କରିବ।

## ମୁଖ୍ୟ ଶାସନ ସଚିବଙ୍କୁ ବିଧାୟକଙ୍କ ପତ୍ର

# ସ୍ଥାନୀୟ ଅଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ ଦାବି

**କୁଜଙ୍ଗ,୨୭।୪(ସମିସ):** ଏରସାମା ବ୍ଲକ ନୂଆଗାଁ ଉପକୂଳରେ ଏବେ ଜେଏସ୍‌ଡବ୍ଲୁ ପ୍ଲାଣ୍ଟ କମ୍ ଆଗେଇ ଚାଲିଛି। ଜେଏସଡବ୍ଲୁ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ତ୍ୱରିତ ଭାବେ ଏକ ବୈଠକ ଡକାଯାଇ ସାଧାରଣ ଲୋକଙ୍କ ସମସ୍ୟା ଓ ସମାଧାନ ନେଇ ବିଷଦ ଆଲୋଚନା ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏରସମା ବାଲିକୁଦାର ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇବା ସହ ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ବିଧାୟକ ମୁଖ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି ଯେ, ଗତ ଦୁଇ ବର୍ଷ ଧରି ଏରସମା ବ୍ଲକର ଢିଙ୍କିଆ, ନୂଆଗାଁ ଏବଂ ଗଡକୁଜଙ୍ଗ ଅଞ୍ଚଳରେ ଜେଏସଡବ୍ଲୁ କାରଖାନା ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାରଣରୁ ଉକ୍ତ ଅଞ୍ଚଳରେ ବାସିନ୍ଦା ଏବଂ ଭୂମିହୀନମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ହାଇକୋର୍ଟ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗର ସମୟୋଚିତ ସମାଧାନ ପାଇଁ ନିୟମିତ ବୈଠକ କରିବା ପାଇଁ ଜଗତସିଂପୁରର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। କିନ୍ତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ, ପ୍ଲାଣ୍ଟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାଁନ୍ତି। ଜିଲ୍ଲା ପ୍ରଶାସନ ବି ପ୍ଲାଣ୍ଟ ସମ୍ବନ୍ଧୀୟ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ବୈଠକ ଡକାଇ କୌଣସି ପଦକ୍ଷେପ ନେଉ ନାହାଁନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ନିୟମିତ ଭାବରେ ସେମାନଙ୍କର ପ୍ରକୃତ ଅଭିଯୋଗ ପାଇଁ ବିଧାୟକଙ୍କ ପାଖକୁ ଆସୁଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ, ପ୍ଲାଣ୍ଟ କର୍ତ୍ତୃପକ୍ଷ ସ୍ଥାନୀୟ ଗ୍ରାମବାସୀଙ୍କୁ ସେମାନଙ୍କର ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କର୍ତ୍ତୃପକ୍ଷ ଗତ ଦୁଇ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଜନଶୁଣାଣି କିମ୍ବା ଖୋଲା ଗୃହ ଆଲୋଚନା କରାଯାଇନାହିଁ। ତେଣୁ ସ୍ଥାନୀୟ ବାସିନ୍ଦା ଜିଲ୍ଲା ପ୍ରଶାସନ ଉପରେ ଆସ୍ଥା ହରାଇ ବସିଛନ୍ତି ବୋଲି ଶ୍ରୀ ଜେନା ଦର୍ଶାଇଛନ୍ତି। ଯଦି ଏହି ମାମଲାକୁ ଶୀଘ୍ର ଗ୍ରହଣ କରା ନ ଯାଏ, ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବ। ଯାହା ଫଳରେ ଅଞ୍ଚଳରେ ଗମ୍ଭୀର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ବିଧାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବିଷୟର ଗମ୍ଭୀରତାକୁ ଅନୁଭବ କରି ବିଧାୟକ ଅନୁରୋଧ କରିଛନ୍ତି ଯେ, ମୁଖ୍ୟ ଶାସନ ସଚିବ ମାମଲାରେ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରନ୍ତୁ। ଏରସମା ବ୍ଲକ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିର ଆଶଙ୍କାକୁ ଏଡ଼ାଇ ଦେବା ପାଇଁ ଜିଲ୍ଲାପାଳ ଜଗତସିଂପୁରଙ୍କୁ ଶୀଘ୍ର ବୈଠକ ଡାକିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଉ ବୋଲି ଜଣାଇଛନ୍ତି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା,୨୭।୪(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅଭିଯୋଗ ଶିବିର ଲରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୭ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ପୁଲିସ୍ ସହାୟତା ପାଇବା ପାଇଁ ୩ଟି, ଭତ୍ତା ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୭ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ଦାଶରଥି ଜେନା, ତହସିଲଦାର, ଏରସମା, ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଦାହିବରା ଘାଟରେ ପାୱର୍‌ବୋଟ୍ ଉଦ୍‌ଘାଟିତ

# ସୁଗମ ହେବ ଛାତ୍ରଛାତ୍ରୀଙ୍କ ପାଠଶାଳା ଯାତାୟାତ

ପାରାଦୀପ,୨୭।୪(ସମିସ): ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସମୁଦାୟ ଯାତାୟାତ ସୁବିଧାକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ୍ ଆଜି ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଦାହିବରା ଘାଟରେ ୨୪ ଆସନ ବିଶିଷ୍ଟ ପାୱରବୋଟ ଉଦ୍‌ଘାଟନ କରାଯାଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଧୋବେଇ ଜଙ୍ଗଲ ରେଭେନ୍ୟୁ ଭିଲେଜ୍ ଅନ୍ତର୍ଗତ ଜାପା ଗ୍ରାମପଞ୍ଚାୟତର ଝାଟିପାରି ଏବଂ ଦାହିପାରି ଗ୍ରାମର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଯାତାୟାତ ସୁବିଧା ପ୍ରଦାନ କରିବା। ଏହି ଛାତ୍ରଛାତ୍ରୀ ପ୍ରତିଦିନ ଅମ୍ବିକି ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଅମ୍ବିକି ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାତ୍ରା କରନ୍ତି। ଦୀର୍ଘଦିନ ଧରି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ହସୁଁଆ ନଦୀ ପାର ହେବା ପାଇଁ ଅସୁରକ୍ଷିତ ଦେଶୀ ଡଙ୍ଗାରୁ ନିର୍ଭର କରୁଥିଲେ। ଯେଉଁଥିରେ କୌଣସି



ସୁରକ୍ଷା ବ୍ୟବସ୍ଥା ନଥିଲା। ଏହି ଦୈନିକ ଯାତ୍ରା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ସାଧାରଣ ଲୋକମାନେ ଯେଉଁମାନେ ଦୁଇଚକା ଯାନ ନେଇ ନଦୀ ପାର କରୁଥିଲେ। ସେମାନଙ୍କ ପାଇଁ ମଧ୍ୟ ବଡ଼ ଝୁମ୍ପ ହେଉଥିଲା। ନୂତନ ୨୪ ଆସନ ବିଶିଷ୍ଟ ପାୱରବୋଟଟି ସୁରକ୍ଷା ମାନକ ଅନୁସାରେ ତିଆରି ହୋଇଛି ଏବଂ ଜୀବନରକ୍ଷା ଜାକେଟ୍ (ଲାଇଫ୍ ଜାକେଟ୍) ସହିତ ସଜିତ। ଏହା ଛାତ୍ରଛାତ୍ରୀଙ୍କ ସହ ଏକାଧିକ ସ୍ଥାନୀୟ ଲୋକଙ୍କୁ ଲାଭାନ୍ୱିତ କରିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲାୟୟ, ଏରସମା ବିଡିଓ ଦାଶରଥୀ ଜେନା, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପାରାଦୀପର ଉପସଭାପତି ମନୋଜ ସିଂହ, ଜାପା ସରପଞ୍ଚ ବିଦ୍ୟୁଲତା ରାଉତ, ଜେଏସଡବ୍ଲୁ ଫାଉଣ୍ଡେସନ୍ ଲୋକେସନ୍ ହେଡ୍ ଅଭିଜିତ ମହାନ୍ତିଙ୍କ ସହ ଧୋବେଇ ଜଙ୍ଗଲ ଗ୍ରାମର ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର,୨୭।୪(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ପାଣ୍ଡିଆସାହି ନାରାୟଣୀ ପୀଠ ଓ ଜଗନ୍ନାଥପୁର ପଞ୍ଚାୟତ କୁଆମାଙ୍ଗା ମଙ୍ଗଳା ପୀଠରେ ବିଶ୍ୱାଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୦ ତାରିଖରେ ଅଙ୍କୁରାରୋପଣ କରାଯାଇ ୨୧ରେ କଟକ ଜିଲ୍ଲାର ଶ୍ରୀଲୋ ପଞ୍ଚାୟତ ସ୍ଥିତ ମହାନଦୀ ଶନି ଘାଟରୁ ଶତାଧିକ ମହିଳା ଓ ପୁରୁଷ ପୂଜାର୍ଚ୍ଚନା କରି କଳସ ଯାତ୍ରାରେ ଆସି ଉଭୟ ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ପରେ ସୂର୍ଯ୍ୟ ପୂଜା ଘଟ ମଣ୍ଡଳଆଦି ପୂଜା ସହିତ ଅଗ୍ନି ସ୍ଥାପନ କରାଯାଇଥିବାବେଳେ ୨୨ ତାରିଖ ସୂର୍ଯ୍ୟ ପୂଜା ଭଗବତ ଗୀତା ଆହୁତି କରାଯାଇଥିଲା। ୨୩ରେ ସୂର୍ଯ୍ୟ ପୂଜା ଗୋ ପୂଜା, ଘାଟମଣ୍ଡଳାଦି ପୂଜା, ସପ୍ତସତୀ ଚଣ୍ଡୀ ଆହୁତି ଓ ପୂର୍ଣ୍ଣାହୁତି କରାଯାଇଥିଲା। କର୍ତ୍ତାକର୍ତ୍ତୀ ଭାବେ ପାଣ୍ଡିଆସାହିରେ ପ୍ରମୋଦ ସ୍ୱାଇଁ ପତ୍ନୀ ପ୍ରଭାତି, କୁଆମାଙ୍ଗାରେ ସଚ୍ଚିକାନ୍ତ ନାୟକ ପତ୍ନୀ ଚିନ୍ମୟୀ କାର୍ଯ୍ୟ ସମ୍ପାଦନ କରିଥିଲେ।

# ୨୦ ଲିଟର ମଦ ଜବତ; ଜଣେ ଗିରଫ

ପାରାଦୀପ, ୨୭।୪ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ରଙ୍ଗିଆଗଡ ପୋଲ ନିକଟରୁ ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ଅଭୟଚାନ୍ଦ ପୁର ଥାନା ଅଧୀନ ରଙ୍ଗିଆଗଡ ଗ୍ରାମର ମିନ ମଲ୍ଲିକର ପୁଅ ରାଜେନ୍ଦ୍ର ମଲ୍ଲିକ ଓରଫ ରାଜୁ। ସେ ରୀତିମତ ଭାବେ ଏହି ରଙ୍ଗିଆଗଡ଼ ଅଞ୍ଚଳରେ ଏଭଳି ଚୋରା ମଦ ବ୍ୟବସାୟ କରୁଥିବା ଜଣାପଡିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ପାରାଦୀପ,୨୭।୪(ସମିସ): ମହାନଦୀରେ ମାଛ ଧରୁଥିବା ସମୟରେ ନିଖୋଜ ହୋଇଯାଇଥିବା ପାରାଦୀପ ଗଡ଼ ଗ୍ରାମର ମତ୍ସ୍ୟଜୀବୀ ମହେନ୍ଦ୍ର ସେଠୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଇ ଚଉମୁହାଣୀ ନିକଟରୁ ନିଖୋଜ ମହେନ୍ଦ୍ରଙ୍କର ମୃତ ଶରୀରକୁ ଉଦ୍ଧାର କରାଯାଇଛି। ମହେନ୍ଦ୍ର ଜାଲ ପକାଇବା ସମୟରେ ଦୁର୍ଭାଗ୍ୟ ବଶତଃ ନଦୀକୁ ଖସି ଯାଇଥିଲେ। ନଦୀ ଜୁଆରିଆ ଥିବାରୁ କୂଳକୁ ଆସିବାକୁ ପହଁରି ପହଁରି ଥକି ଯାଇଥିଲେ। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କ ସାଙ୍ଗରେ ଯାଇଥିବା ଅନ୍ୟ ମତ୍ସ୍ୟଜୀବୀ ରାଜେଶ ମଧ୍ୟ ବହୁ ଖୋଜାଖୋଜି କରି ପାଇ ନଥିଲେ। ଶେଷରେ ଗ୍ରାମର ଲୋକମାନଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମର ଲୋକେ କୁଜଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ମୃତଦେହକୁ ଉଦ୍ଧାର କରିଥିଲେ। ଖବର ପାଇ ଲକ୍‌ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ମୃତକଙ୍କ ପୁଅ ସାଗର ସେଠୀ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ତିର୍ତ୍ତୋଲ କଲେଜ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ,୨୭।୪(ସମିସ): ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟର ପ୍ରାଣୀ ବିଭାଗ ତରଫରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ପ୍ରାଚୀପ୍ରଭା କର ସଭାପତିତ୍ୱ କରିକରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ତର୍ପଣ କୁମାର ସାହୁ, ପ୍ରାଣୀ ବିଭାଗ ଅଧ୍ୟାପିକା ସୁଶ୍ରୀ ଶୁଭଲକ୍ଷ୍ମୀ ସାହୁ, ପ୍ରୟୋଗଶାଳା ପ୍ରଶିକ୍ଷକ ସ୍ୱର୍ଣ୍ଣପ୍ରଭା ନାୟକ, ପ୍ରୟୋଗଶାଳା ସହାୟକ ରବିନାରାୟଣ କର, ସୁପ୍ରିୟା ରାଉତ ପ୍ରମୁଖ ଯୋଗଦେଇଥିଲେ। ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଓ ଅନ୍ୟ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯୁକ୍ତ ତିନି ଦ୍ୱିତୀୟ ଓ ପ୍ରଥମ ବର୍ଷ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତ୍ରିନାଥ ଯାଦବ ସଂଘର କାଠି ଲଉଡ଼ି ଉତ୍ସବ



ବାଲିକୁଦା,୨୭।୪(ସମିସ): ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଭଗବାନ ସିଣ୍ଡୋଳ ବାବା ତ୍ରିନାଥ ଯାଦବ ସଂଘ ତରଫରୁ ତୃତୀୟ ବାର୍ଷିକ କାଠି ଲଉଡ଼ି ଖେଳ ଉତ୍ସବ ସ୍ଥାନୀୟ ବାବା ତ୍ରିନାଥ ଯାତ୍ରା ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରୂପେ ଅରିଲୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ବାରିକ, ବାଲିକୁଦା ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅଲେଖ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଙ୍ଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ହେମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ନିରଞ୍ଜନ ଦାସ, ବାବା ତ୍ରିନାଥ ଯାଦବ ସଂଘର ସଭାପତି ଶୈଳେନ୍ଦ୍ର କୁମାର ଦାସ, ସମ୍ପାଦକ ସତ୍ୟ ପ୍ରକାଶ ଦାସ, ଶିକ୍ଷାବିତ ନିରଞ୍ଜନ ଦାସ, ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମିଟୁ ଦାସ, ତ୍ରିନାଥ ଦାସ, ସୁବଳ ଦାସ, ଗୋପୀନାଥ ଦାସ, ହାପି ଦାସ, ଜ୍ଞାନେନ୍ଦ୍ର ଦାସ, ଇପୁ ଦାସ, ଜିପୁ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାଠି ଲଉଡ଼ି ପ୍ରତିଯୋଗିତାରେ ପ୍ରଥମେ ଖମ୍ବାକୁଳ ଯାଦବ ଭାଇ ଏବଂ ପରେ ପରେ ମା' ଚର୍ଚ୍ଚିକା କାଠି ଲଉଡ଼ି ସଂଘ ଶଙ୍ଖାଲୋ ତାର କାଠି ଲଉଡ଼ି ଖେଳ ପରିବେଷଣ କରିଥିଲେ।

# ବଟଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



**ଜଗତସିଂହପୁର,୨୭।୪(ସମିସ):** ବଟଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଊନବିଂଶ ବାର୍ଷିକ ଉତ୍ସବ ତଥା ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପାରାୟଣ ସାଧୁ-ସନ୍ଥଙ୍କ ଗହଣରେ ଉଦ୍‌ଘାଟିତ ହୋଇଯାଇଛି। ପାଟେଣୀଗାଁ ସ୍ଥିତ ବଟଶ୍ରୀକ୍ଷେତ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କଟକସ୍ଥିତ କଳ୍ପତରୁ ଆଶ୍ରମର ସନ୍ଥ ବାବାଶ୍ରୀ ବିପିନ ବିହାରୀ ଦାସ ଯୋଗଦେଇଥିଲେ। ନିତ୍ୟାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟବକ୍ତା ରୂପେ ଶ୍ରୁତିସାଗର ସରସ୍ୱତୀ, ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ଡ ସୁରେନ୍ଦ୍ର ନାଥ ତ୍ରିପାଠୀ, ମହନ୍ତ ତ୍ରିଲୋଚନ ଦାସ, ବାବା ଜୟ ନିତାଇ ଏବଂ ବାବା ଦୀନଦୟାଲ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖପତ୍ର 'ନିର୍ମାଲ୍ୟ' ବାର୍ଷିକ ସଂଖ୍ୟା ଉଦ୍‌ଘାଟିତ ହୋଇଥିଲା। ପଣ୍ଡିତ ଡ. ସରୋଜ କୁମାର ମିଶ୍ରଙ୍କୁ 'ନିର୍ମାଲ୍ୟ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ସଂପାଦକ ନୀଳକଣ୍ଠ ଶତପଥି। ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିଲେ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଅଭୟ ନାୟକ। ଧାରାବାହିକ ପ୍ରବକ୍ତା ସୁଧୀର କୁମାର ସାହାଣୀ ପ୍ରଥମ ରାତ୍ରର କଥା ରଖିଥିଲେ। ବଟଶ୍ରୀକ୍ଷେତ୍ରର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ନାଉଗାଁରେ ଆମ୍ବେଦକର ଜୟନ୍ତୀ

ନାଉଗାଁ,୨୭।୪(ସମିସ): ନାଉଗାଁ ବ୍ଲକ ମୁଗେଇ ଛକ ନିକଟରେ ଭୀମ ଆର୍ମି ଜଗତସିଂହପୁର ତରଫରୁ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଆଡ୍‌ଭୋକେଟ ହଳଦାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଫେସର ବିକାଶ ବେହେରା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏଥିରେ ଭୀମ ଆର୍ମିର ରାଜ୍ୟ ଉପସଭାପତି ଅନିଲ କୁମାର ମଲ୍ଲିକ ଓ ଛାତ୍ର ନେତା ସୁନୀଲ ମାଟିଆ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଭାଗ ନେଇଥିଲେ।

## ବଙ୍ଗ ଭୋଟରଙ୍କୁ ନେବାକୁ ସ୍ୱତନ୍ତ୍ର ବସ୍

# ବିପଜ୍ଜନକ ଭାବେ ଅସୁରକ୍ଷିତ ଯାତ୍ରା

ପାରାଦୀପ,୨୭।୪(ସମିସ)

ପଶ୍ଚିମବଙ୍ଗ ନିର୍ବାଚନ ଲାଗି ପାରାଦୀପରୁ ବୁହାଯାଉଛି ହଜାର ହଜାର ଭୋଟର। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆଉ ଗୋଟିଏ ଦିନ ଥିବା ବେଳେ ଏନେଇ ସ୍ୱତନ୍ତ୍ର ଭାବେ କଲିକତାରୁ ପାରାଦୀପକୁ ଭୋଟରଙ୍କୁ ନେବା ଲାଗି ବସ୍ ରିଜରଭେସନ କରାଯାଇ ଅଣାଯାଉଛି। ସେଥିରେ ଯାତ୍ରୀ ଜାଗା ନହେବାରୁ ବସ୍ ଉପରେ ବିପଜ୍ଜନକ ଭାବେ ଏହି ଯାତ୍ରୀ ବା ଭୋଟର ମାନେ ଯାଉଛନ୍ତି। ଏଭଳି ସ୍ଥିତିରେ ଲୋକେ ଯାଉଥିବା ନେଇ ପ୍ରଶାସନ ଓ ଆର୍‌ଟିଓ ଦେଖୁଥିଲେ ମଧ୍ୟ କେହି ମୁହଁ ଖୋଲୁନାହାନ୍ତି।

ପାରାଦୀପରେ ବହୁ ମତ୍ସ୍ୟଜୀବୀ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରେ ପଶ୍ଚିମବଙ୍ଗର ବହୁ ଲୋକେ କାମ କରି ରହୁଛନ୍ତି। ଭୋଟ ଦେବା ଲାଗି ସେମାନଙ୍କୁ ବର୍ତ୍ତମାନ ଟାର୍ଗେଟ କରାଯାଉଛି। ଏନେଇ ଚଳିତ ସପ୍ତାହରେ ପ୍ରତ୍ୟକ ଦିନ ଲୋକମାନଙ୍କୁ ବସ୍‌ରେ




ବୁହାଯାଉଛି। ତା' ପୁଣି ବିପଦଜନକ, ଅସୁରକ୍ଷିତ ଭାବେ ବିଶେଷ କରି ନଦିଆ, ଦକ୍ଷିଣ ଚବିଶପ୍ରଗଣା, ଉତ୍ତର ଚବିଶପ୍ରଗଣା ଓ ପୂର୍ବ ବର୍ଦ୍ଧମାନ ଜିଲ୍ଲାକୁ ଅଧିକ ସଂଖ୍ୟକ ଲୋକ ଯାଉଥିବା ଜଣାପଡିଛି। ଅଧିକ ଲୋକ ହେଉଥିବାରୁ ବସ୍‌ରେ ସିଟର ଅଭାବ ପଡୁଛି; ଯାହାଫଳରେ ସେମାନଙ୍କୁ ବସ୍ ଉପରେ ବସାଇ ନେଉଥିବା ଭଳି ଦୃଶ୍ୟ ଏବେ ସର୍ବସାଧାରଣରେ ଦେଖିବାକୁ ମିଳୁଛି। ନିର୍ବାଚନ ଲାଗି ପାରାଦୀପରେ ଥିବା ଶିଳ୍ପ ସଂସ୍ଥାମାନଙ୍କରେ ଏବେ ଶ୍ରମିକମାନଙ୍କ ଅନୁପସ୍ଥିତ ଦେଖାଦେଇଛି। ଏହା ବ୍ୟତୀତ ମତ୍ସ୍ୟଜୀବୀମାନଙ୍କୁ ବିଭିନ୍ନ ରାଜନୈତିକ ଦଳ ଟାର୍ଗେଟ କରି ସ୍ୱତନ୍ତ୍ର ବସ୍‌ରେ ପଶ୍ଚିମବଙ୍ଗ ନେଉଛନ୍ତି। ପାରାଦୀପରୁ କୋଲକତା, ଦୀଘା ଓ କାନଥି ଅଞ୍ଚଳକୁ ଯାଉଥିବା ବସ୍ ମଧ୍ୟ ଜବରଦସ୍ତ ଭିଡ଼ ରହୁଛି। ଖବର ଅନୁସାରେ ବିଜେପି ପଶ୍ଚିମବଙ୍ଗ ନେତାମାନେ ଏଥର କୋଲକତାରୁ ବସ୍ ପଠାଇ ଶ୍ରମିକ ଓ ମତ୍ସ୍ୟଜୀବୀମାନଙ୍କୁ ନେଉଛନ୍ତି। ନିର୍ବାଚନ ଆସିଲେ ପୂର୍ବରୁ ଏଭଳି ଭୋଟରମାନଙ୍କୁ ପ୍ରଲୋଭିତ କରାଯାଉ ନଥିବା ବେଳେ ଚଳିତ ବର୍ଷ ଏହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଆଯାଉଥିବା ବସ୍ ଯାତ୍ରୀମାନେ କହିଛନ୍ତି। ସେହିପରି ପାରାଦୀପରୁ କୋଲକତା ନିୟମିତ ଯାଉଥିବା ବସ୍‌ଗୁଡିକରେ ମଧ୍ୟ ଟିକଟ ମିଳିନାହିଁ। ଅଧିକାଂଶ ବସ୍ ରିଜର୍ଭରେ ଯାଉଥିବା ଅନ୍ୟ ଯାତ୍ରୀମାନେ ବହୁ ଅସୁବିଧା ଭୋଗୁଛନ୍ତି। ବସ୍ ଉପରେ ଯାତ୍ରା କରିବା ଦ୍ୱାରା ବାଟରେ ରାସ୍ତାରେ ବିଦ୍ୟୁତ ତାର, ବଡ଼ ବଡ଼ ଗଛ ଓ ପୋଲ ଯାଇଥିବାରୁ ବିପଦ ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଏଭଳି ସ୍ଥିତିରେ ପ୍ରଶାସନ ନଜର ଦେବା ସହ ଅସୁରକ୍ଷିତ ଯାତ୍ରୀ ବହନ କରୁଥିବା ବସ୍‌ଗୁଡିକ ଉପରେ ଚଢ଼ଉ କରିବାକୁ ଦାବି ହେଉଛି।

# ଧର୍ମଶାଳା ଓ ଦଶରଥପୁର ଇଂରାଜୀ ନାମ ସଂଶୋଧନ ନେଇ ସୂଚନା ଜାରି

ଯାଜପୁର,୨୭।୪(ସମିସ): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ ପାଢ଼ୀ ଓଡ଼ିଶାର ସମସ୍ତ ସାଂସଦ, ସଚିବଙ୍କ ମାଧ୍ୟମରେ ସମସ୍ତ ବିଧାୟକ ଓ ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି। ଏହି ଚିଠି ଅନୁଯାୟୀ ଯାଜପୁର ଜିଲ୍ଲାର ଦଶରଥପୁର ଓ ଧର୍ମଶାଳାର ଇଂରାଜୀ ନାମ ସଂଶୋଧନ କରାଯାଉଛି। ପୂର୍ବରୁ ଏ ସମ୍ପର୍କରେ ପ୍ରସ୍ତାବ ସଂଗ୍ରହ କରାଯାଇଥିଲା। ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମସ୍ତ ପ୍ରସ୍ତାବକୁ ସମୀକ୍ଷା କରାଯାଇଥିଲା। କମିଟି ସୁପାରିସ କରିଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧି ଓ ଜନସାଧାରଣ ସେମାନଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶ ଏପ୍ରିଲ ୨୨ ଠାରୁ ଏକ ମାସ ମଧ୍ୟରେ ଚିଠି କିମ୍ବା ରାଜସ୍ୱ ବିଭାଗର ଇମେଲ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରାଯାଇଛି।

# ଖେଳପଡ଼ିଆକୁ ସଂକୁଚିତ ନ କରିବାକୁ ଦାବି

ସିଂହପୁର,୨୭।୪(ସମିସ): ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳ ପଞ୍ଚାୟତ ବାରିଙ୍ଗ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରୁ ଝିଲ ବାରିଙ୍ଗ ସେତୁ ପର୍ଯ୍ୟନ୍ତ ୫ କିଲୋମିଟର ରାସ୍ତା ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ଚାଲିଛି। ଏବେ ମାଟି କାମ କରାଯିବା ପରେ ପିଚୁ ଓ ଡଲେଇ କରାଯିବ। ରାସ୍ତା କାର୍ଯ୍ୟ ଆରମ୍ଭରୁ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମର ଖେଳ ପଡ଼ିଆ ଦେଇ ନିର୍ମାଣ କରାଯାଉଥିବା ରାସ୍ତା ପଡ଼ିଆ ପାଶରେ କରାଯାଉ ନ ଥିବାରୁ ପଡ଼ିଆ ସଂକୁଚିତ ହୋଇଯିବ। ଏହି ପଡ଼ିଆରେ ଗ୍ରାମର ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ଯୁବକ ମାନଙ୍କ କ୍ରିକେଟ, ଫୁଟବଲ ଓ ଅନ୍ୟାନ୍ୟ ଖେଳ ତଥା ମହୋତ୍ସବ ଅନୁଷ୍ଠିତ ହୁଏ। ପଡ଼ିଆ ସଂକୁଚିତ ହେଲେ ସମସ୍ୟା ସୃଷ୍ଟି ହେବ। ରାସ୍ତା କାର୍ଯ୍ୟ ହେଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଫଳକ ଲାଗି ନାହିଁ। ମାଟି କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଛି। ରାସ୍ତା କମ୍ ଉଚ୍ଚା ହେଉଥିବାରୁ ସାମାନ୍ୟ ବନ୍ୟା ହେଲେ ରାସ୍ତା ବୁଡ଼ି ଯିବ। ଏଥି ପ୍ରତି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଜନସାଧାରଣଙ୍କ ସୁବିଧା ପାଇଁ କରୁଛନ୍ତି ନା ଦୁର୍ଦ୍ଦଶା ପାଇଁ କରୁଛନ୍ତି ଲୋକେ କହୁଛନ୍ତି। ଏ ସମ୍ପର୍କରେ ଆଜି ଲୋକେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାର୍ଯ୍ୟର ଅନିୟମିତତା ପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଚେତାବନୀ ଦେଇଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ, ଜଣେ ଆହତ

ତିହିଡ଼ି,୨୭।୪(ସମିସ): ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ପଞ୍ଚାୟତ ନାୟକସାହିର ସ୍ୱର୍ଗତ ଖଗେଶ୍ୱର ନାୟକଙ୍କ ପୁତ୍ର ନିରଞ୍ଜନ (୪୬) ସୋମବାର ଅନ୍ୟ ଜଣେ ବ୍ୟକ୍ତି ସହ ବାଇକ୍‌ରେ



ଫେରୁଥିବା ସମୟରେ ଆଖୁଆପଦା ଡାହାଳ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହରାଇଛନ୍ତି। ତାଙ୍କ ସହ ଆସୁଥିବା ଯୁବକ ଜଣକ ଗୁରୁତର ଥିବାରୁ ତାଙ୍କୁ କଟକ ପଠାଇ ଦିଆଯାଇଥିବା ଜଣାଯାଇଛି। ତେବେ ଦୁର୍ଘଟଣା କିପରି ହେଲା ସେ ସମ୍ପର୍କରେ କୌଣସି ସଠିକ୍ ସୂଚନା ମିଳିପାରିନାହିଁ। ସୂଚନା ଅନୁଯାୟୀ, ନିରଞ୍ଜନ ଓ ତାଙ୍କ ସାଙ୍ଗ ଚାନ୍ଦବାଲି ବ୍ଲକ୍ ଯଶିପୁରର ଆର୍ତ୍ତବନ୍ଧୁ ରାଉତଙ୍କ ପୁଅ ସ୍ୱର୍ଣ୍ଣଜିତ୍ (୩୫) ଯାଜପୁର ରୋଡ୍‌ରେ ନୀଳାଚଳ କମ୍ପାନୀରେ ସିକ୍ୟୁରିଟି ବିଭାଗରେ କାର୍ଯ୍ୟ କରନ୍ତି। ମଙ୍ଗଳବାର ଛୁଟି ଥିବାରୁ ସେମାନେ ଉଭୟ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ନିରଞ୍ଜନ ଓ ତାଙ୍କ ସାଙ୍ଗକୁ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍ ଉଦ୍ଧାର କରି ନିରଞ୍ଜନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ବେଳେ ସ୍ୱର୍ଣ୍ଣଜିତ୍‌କୁ କଟକ ପଠାଇ ଦିଆଯାଇଥିଲା। ମୃତ ନିରଞ୍ଜନଙ୍କ ସ୍ତ୍ରୀ ଓ ଜଣେ ୧୧ ବର୍ଷର ପୁଅ ଅଛନ୍ତି। ଦୁର୍ଘଟଣା ଖବର ପାଇବା ପରେ ସମିତିସଭ୍ୟ ଜୀବନଜ୍ୟୋତି ପଲେଇ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ସରପଞ୍ଚଙ୍କ ପ୍ରତିନିଧି ଅମୀୟ ରଞ୍ଜନ ମଲ୍ଲିକ, ପୂର୍ବତନ ସମବାୟସମିତି ସଭାପତି ସୁଧନ୍ୟା ନାୟକ ପ୍ରମୁଖ ବହୁ ବ୍ୟକ୍ତି ଭଦ୍ରକ ଡାକ୍ତରଖାନାରେ ପହଞ୍ଚିଛନ୍ତି।

# ଟୋଲ୍ ଗେଟ୍ ନିକଟରେ ଦୁର୍ଘଟଣା

ବାରିକପୁର,୨୭।୪(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଛି। ବିଶେଷ କରି ତହସିଲ୍ ଛକଠାରୁ ଛତାବର ଟୋଲ୍ ପ୍ଲାଜା ଓ ଡାହାଲାଠାରୁ ଆଖୁଆପଦା ଯାଏଁ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ପରିଗଣିତ ହୋଇଛି। ଦୁଇ ତିନି ଦିନ ପୂର୍ବରୁ ତହସିଲ୍ ଛକଠାରେ ଗାଡ଼ି ଧକ୍କା ଯୋଗୁଁ ଜଣେ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ଡାହାଲାଠାରେ ମଧ୍ୟ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଦୁଇଜଣ ଗୁରୁତର ହୋଇଛନ୍ତି। ଏହାଛଡ଼ା ଗୋଟିଏ କାର୍ ମଧ୍ୟ ଦୁର୍ଘଟଣା ଘଟିଛି। ସୋମବାର ମଧ୍ୟ ଟୋଲ୍ ଗେଟ୍ ନିକଟରେ ମୋଟରସାଇକଲ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇ ଭଦ୍ରକ ମେଡିକାଲ ଯାଇଥିବା ଜଣାପଡ଼ିଛି। ରାଜପଥ ଉପରେ ବେଆଇନ୍ ପାର୍କିଂ ବୃଦ୍ଧି ପାଉଥିବା ଯୋଗୁଁ ଏଭଳି ଦୈନିକ ଦୁର୍ଘଟଣା ଘଟୁଛି ବୋଲି ମତପ୍ରକାଶ ପାଇଛି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପ୍ରାକ୍ତନ ଶିକ୍ଷକଙ୍କ ଦେହାନ୍ତ



ବନ୍ତ/ଆଗରପଡ଼ା,୨୭।୪(ସମିସ): ରବିବାର ରାତି ୨ଟାରେ ବନ୍ତ ବ୍ଲକ୍ ସିଲନ୍ଦିସ୍ଥିତ କାହ୍ନୁଚରଣ ବିଦ୍ୟାମନ୍ଦିରର ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାଶଙ୍କ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ ଦାଶଙ୍କ ସମେତ ସିଦ୍ଧେଶ୍ୱର ପଣ୍ଡା, ନାରାୟଣ ଚନ୍ଦ୍ର ପଣ୍ଡା, ଶିକ୍ଷକ ସୁବାସ ଚନ୍ଦ୍ର ରାଉତ, ଉମେଶ ପ୍ରସାଦ କର, ଗଙ୍ଗାଧର ପାତ୍ର, ପଦ୍ମନାଭ ଯେନା, ହରମୋହନ କର ଉପସ୍ଥିତ ରହି ଶୋକବ୍ୟକ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମର ସରପଞ୍ଚ ଅଶୋକ କୁମାର ସାହୁ ଓ ସମସ୍ତ ଗ୍ରାମବାସୀ ମିଶି ତାଙ୍କ ମର ଶରୀରକୁ ପୂର୍ବରୁ ତାଙ୍କର କର୍ମସ୍ଥଳୀ ପାଲଟିଥିବା ସିଲନ୍ଦିସ୍ଥିତ କାହ୍ନୁଚରଣ ବିଦ୍ୟାମନ୍ଦିର ପରିସରରେ ପରିକ୍ରମା କରିବା ପରେ ଗ୍ରାମ ପରିକ୍ରମା କରି ସତ୍କାର କରିଥିଲେ। ମୃତ୍ୟୁ ବେଳେ ତାଙ୍କ ନିକଟରେ ତାଙ୍କର ସ୍ତ୍ରୀ, ଦୁଇ ପୁଅ-ବୋହୂ, ଝିଅ-ଜ୍ୱାଇଁ, ବଡ଼ ଭାଇ, ଭାଉଜ, ପୁତୁରା, ନାତି-ନାତୁଣୀଙ୍କ ସହିତ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ବଡ଼ ପୁଅ ମାନସ ଦାସ ଓ ସାନ ପୁଅ ତାପସ ଦାସ ମୁଖାଗ୍ନି ଦେଇଥିଲେ।

# ବନ୍ଧୁକ ଦେଖାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ

ବାଲିଚନ୍ଦ୍ରପୁର,୨୭।୪(ସମିସ)



**୨ ଅଭିଯୁକ୍ତ ସହିତ ୩ ନାବାଳକ ଗିରଫ**

ଗତ ୨୪ ତାରିଖରେ ଅରେଇକଣା-ଅଣକା ରାସ୍ତାରେ ବନ୍ଧୁକ ଦେଖାଇ ଦୁଇ ଜଣ ଯୁବକଙ୍କ ଠାରୁ ଦୁଇଟି ମୂଲ୍ୟବାନ କ୍ୟାମେରା ଓ ଦୁଇଟି ମୋବାଇଲ ଲୁଟି ନେବା ଘଟଣାରେ ବାଲିଚନ୍ଦ୍ରପୁର ପୁଲିସକୁ ସଫଳତା ମିଳିଛି। ଏହି ଘଟଣାରେ ବାଲିଚନ୍ଦ୍ରପୁର ଥାନା ପୁଲିସ ତିନି ଜଣ ନାବାଳକ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଲୁଟ ହୋଇଥିବା ଦୁଇଟି କ୍ୟାମେରା, ଦୁଇଟି ବାଇକ, ଚାରିଟି ମୋବାଇଲ ଓ ଗୋଟିଏ ବନ୍ଧୁକକୁ ଜବତ କରାଯାଇଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ ଯାଜପୁର ଜିଲ୍ଲା ତଥା ବରୀ ଥାନା ଅନ୍ତର୍ଗତ ହରିପୁର ନିକଟସ୍ଥ ଛଇଛନ୍ତା ଗ୍ରାମର ବିଶ୍ୱଜିତ ସାହୁ ତାଙ୍କର ଜଣେ ସହଯୋଗୀ ବନ୍ଧୁ ବିଶ୍ୱଜିତ ଧୀରଙ୍କ ସହିତ ବାଇକ ଯୋଗେ କଟକ ଜିଲ୍ଲା ତଥା ମାହାଙ୍ଗା ଥାନା ଅନ୍ତର୍ଗତ କୋଳିଅଠା ଗ୍ରାମକୁ ଗତ ୨୪ ତାରିଖ ରାତିରେ ଏକ ବିବାହ ଉତ୍ସବକୁ ଆସି କ୍ୟାମେରା ଯୋଗେ ବିବାହ ଉତ୍ସବର ଫଟୋ ଉତ୍ତୋଳନ କରି ରାତି ଗୋଟାଏରେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ତେବେ ସେମାନଙ୍କ ପିଛା କରି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ଶିବ ପ୍ରସାଦ ସାମଲ (୨୨) ଓ କୋଳିଅଠା ଗ୍ରାମର ଚିନ୍ମୟ ମଲ୍ଲିକ (୨୧)ଙ୍କ ସମେତ ଅନ୍ୟ ୩ ଜଣ ନାବାଳକ ଅରେଇକଣା-ଅଣକା ରାସ୍ତାରେ କ୍ୟାମେରାମ୍ୟାନ ଉଭୟ ବିଶ୍ୱଜିତଙ୍କୁ ଅଟକାଇଥିଲେ।

ପରେ ଅଭିଯୁକ୍ତ ମାନେ ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହିତ ମାଡ଼ ମାରି ସେମାନଙ୍କ ଠାରୁ ଦୁଇଟି କ୍ୟାମେରା ଓ ମୋବାଇଲ ଲୁଟି ଚମ୍ପଟ ମାରିଥିଲେ। ଏନେଇ ବିଶ୍ୱଜିତ ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା କେଶ ନମ୍ବର ୧୫୪/୨୬ରେ ଏକ ଡକାୟତ ମାମଲା ରୁଜୁ କରାଯାଇଥିଲା। ତେବେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଓ ଏସ୍‌ଆଇ ଦୀପାଲିସା ନାୟକଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଗଠନ କରାଯାଇ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଜୋରଦାର ଉଦ୍ୟମ ଜାରି ରହିଥିଲା। ତେବେ ଏହି ଉଦ୍ୟମ ଫଳରେ ଘଟଣା ଘଟିବାର ମାତ୍ର ଦୁଇ ଦିନ ପରେ ଗତକାଲି ରାତିରେ ପୁଲିସ ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ସମୟରେ ଦୁଇଟି ବାଇକ, ଚାରିଟି ମୋବାଇଲ, ଦୁଇଟି କ୍ୟାମେରା ଓ ଗୋଟିଏ ବନ୍ଧୁକକୁ ପୋଲିସ ଜବତ କରିଥିବା ନେଇ ଏସ୍‌ଡିପିଓ ଶ୍ରୀ ପାତ୍ର ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଓ ଏସଆଇ ଦୀପାଲିସା ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଗିରଫ ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସାଦ ସାମଲ ଓ ଚିନ୍ମୟ ମଲ୍ଲିକକୁ ପୁଲିସ ଆଜି କୋର୍ଟଚାଲାଣ କରିଥିବା ବେଳେ ତିନି ନାବାଳକଙ୍କୁ ପୁଲିସ ଜିଲ୍ଲା ଜେଜେବି କୋର୍ଟକୁ ପଠାଇଥିବା ଜଣାଯାଇଛି।

# କଳାକ୍ଷେତ୍ର ବାଲେଶ୍ୱରର ପ୍ରଥମ ସମୀକ୍ଷା ବୈଠକ



ନୀଳଗିରି, ୨୭।୪ (ସମିସ): କଳାକ୍ଷେତ୍ର ବାଲେଶ୍ୱର ତରଫରୁ ନୀଳଗିରି ବାଲିଚୁଆ ଗ୍ରାମରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ଅନୁସଙ୍ଗିକ ଭାବେ କଳାକ୍ଷେତ୍ର ପ୍ରତିଷ୍ଠାତା ବାସୁଦେବ ମାଲବିସୟୀ ସୁଦୂର ଭୁବନେଶ୍ୱର ରୁ ଆସି ଯୋଗ ଦାନ କରି କଳା କ୍ଷେତ୍ର କାର୍ଯ୍ୟ କିପରି ଆଗକୁ ଯିବ ଏବଂ କଳାକ୍ଷେତ୍ର ରେ ସବୁ ଜିଲ୍ଲା ଓ କଳାକାର ଭାଇ ଭଉଣୀ କିପରି ଉନତି କରି ପାରିବେ ସେ ବିଷୟରେ ଆଲୋକ ପାତ କରି ଥିଲେ। ତତ ସହିତ ଅବସରପ୍ରାପ୍ତ ଶାସନ ସଚିବ ରାଜେନ୍ଦ୍ର ପଟ୍ଟନାୟକ ଓଡିଶା ସରକାର ଯୋଗ ଦାନ କରି ଲୋକ କଳା ବିକାଶ ଦିଗରେ ଉଦବୋଧାନ ଦେଇ ଥିଲେ। ଏହି ବୈଠକ ଜିଲ୍ଲା କଳାକ୍ଷେତ୍ର ର ଜିଲ୍ଲା କର୍ଡିନେଟର ବିକ୍ରମ ବାରିକ ତତ୍ୱା ବଧାନ ରେ ଜିଲ୍ଲା ସହ ସଂଯୋଜଗ ଲକ୍ଷ୍ମୀଧର ସିଂ ଓ ସୁବ୍ରତ ନାୟକ ପ୍ରମୁଖ ଯୋଗ ଦାନ କରି କଳା କ୍ଷେତ୍ର ଉନତି କଲ୍ୟାଣ କରି ଥିଲେ। ବାଲି ଚୁଆ ଗ୍ରାମର ୮୦୦ ରୁ ଅଧିକ ଭୂମିଜ ଜାତିର ଲୋକ ବାସ କରନ୍ତି। ସେମାନଙ୍କର ମାତୃ ଭାଷା ବିକାଶ ସେମାନଙ୍କର ଗ୍ରାମକୁ ଭଲ ଭାବେ ବିକାଶ ଛୁଇଁ ପାରି ନାହିଁ। ଲୋକମାନେ କୃଷି, ପଶୁପାଳନ, ଦୈନିକ ମଜୁରୀ କରି ଚଳନ୍ତି। ସେମାନେ ସଂସ୍କୃତିକୁ ଭଲ ପାଆନ୍ତି, ତେଣୁ ଏକ ସାଂସୃତିକ ଅନୁଷ୍ଠାନ ଗଠନ କରିଛନ୍ତି। ଯାହାର ନାମ ବାବାପତେଶ୍ୱର୍ ଭୁମିଜ୍ ଝୁମାର ଡାନ୍ସ ଗ୍ରୁପ, କରମ ନୃତ୍ୟ, ସାର୍ହୁଲ, କାଠି ନୃତ୍ୟ, ବାହାଘର ନୃତ୍ୟ ଅଭ୍ୟାସ କରନ୍ତି। ସେ ଗ୍ରାମକୁ ପାଣି, ଶିକ୍ଷା, ବିକାଶ ଠିକ୍ ଭାବେ ପହଞ୍ଚି ପାରି ନାହିଁ। ଏ ସବୁ ବିକାଶ ହେଲେ ତାଙ୍କ ଗ୍ରାମ ଆହୁରି ଅଧିକ ଆକର୍ଷିତ ହେଇ ପାରିବ ବୋଲି ଗ୍ରାମ ଅବସର ପ୍ରାପ୍ତ ଶିକ୍ଷକ ସନିଆ ସିଂ କହିଥିଲେ, ଏହି କାର୍ଯ୍ୟକ୍ରମ ରେ ବର୍ଷା ରାଣୀ ସିଂ, ସୁଜାତା ସିଂ, ଅଭିଜତ ବେହେରା, ମଙ୍ଗୁ ସିଂ, ଗଦାଧର ସିଂ, ଶତ୍ରୁଘନ ସିଂ, ନବୀନ ସିଂ, ଶୁଭଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ. ପ୍ରମୁଖ ଯୋଗଦାନ କରି ଥିଲେ।

# କାମରେ ଲାଗୁନି ଗାଁ କଲ୍ୟାଣ ସମିତି

ବନ୍ତ/ଆଗରପଡ଼ା,୨୭।୪(ସମିସ): ନା ଅଛି ସ୍ୱାସ୍ଥ୍ୟ ଫଳକ ନା ଦୃଷ୍ଟିଗୋଚର ହେଉଛି ସ୍ୱାସ୍ଥ୍ୟ ବାର୍ତ୍ତା। ତଥାପି ଚାଲିଛି ଗାଁ କଲ୍ୟାଣ ସମିତି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମରେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଗାଁ କଲ୍ୟାଣ ସମିତି ସୃଷ୍ଟି କରାଯାଇଛି। ଏହି ସମିତିରେ ୱାର୍ଡସଭ୍ୟ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ୪ଜଣ ସଦସ୍ୟଙ୍କୁ ରଖାଯାଇଛି। କିନ୍ତୁ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ପରିସ୍ଥିତିକୁ ଆକଳନକୁ ନେଲେ ଏହା କେବଳ କାଗଜକଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ନିୟମ ଅନୁଯାୟୀ, ପ୍ରତି ରାଜସ୍ୱ ଗ୍ରାମରେ ଥିବା ଗାଁ କଲ୍ୟାଣ ସମିତିକୁ ବାର୍ଷିକ ୧୦ ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥାଏ। ଏହି ଅର୍ଥରୁ ଆଶାକର୍ମୀ ମାସିକ ୫୦ ଟଙ୍କା ହିସାବରେ ବର୍ଷକୁ ୬ଶହ ଟଙ୍କା ପାଉଥିବାବେଳେ ଅଙ୍ଗନବାଡ଼ି କର୍ମୀ ମାସିକ ୧୦୦ ଟଙ୍କା ହିସାବରେ ବର୍ଷକୁ ୧୨ ଶହ ଟଙ୍କା ଏବଂ ୱାର୍ଡସଭ୍ୟ ସଭାପତି ହୋଇଥିବାରୁ ମାସିକ ୫୦ ଟଙ୍କା ହିସାବରେ ବର୍ଷକୁ ୬ ଶହ ଟଙ୍କା ପାଇଥା'ନ୍ତି। ଏହି ହିସାବରେ ୩ ଜଣ ବାର୍ଷିକ ୨୪୦୦ ଟଙ୍କା ନେବା ପରେ ସମିତିରେ ଆଉ ୭୬୦୦ ଟଙ୍କା ଜମା ରହିଥାଏ। ଏହି ଜମା ଅର୍ଥରୁ ଆଶା କର୍ମୀ ନିଜ ସାଇକଲ ମରାମତି ପାଇଁ ବର୍ଷକୁ ୨୦୦ ଟଙ୍କା ନେଉଥିବାବେଳେ ଗାଁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି କରିବା ବାବଦରେ ୫୦୦ ଟଙ୍କା, ସମିତିର ପ୍ରତି ମାସ ଶେଷ ଗୁରୁବାର ବୈଠକ ଆୟୋଜନ ପାଇଁ ୩୦୦ ଟଙ୍କା, ଦରି କିଣିବା ବାବଦ ୫୦୦ ଟଙ୍କା, ଲେଟରପ୍ୟାଡ୍ ପାଇଁ ୩୦୦ ଟଙ୍କା, ୪ଟି ଦିବସ ପାଳନ ପାଇଁ




ଦିବସ ପିଛା ୩୦୦ ଟଙ୍କା ହିସାବରେ ବର୍ଷକୁ ଖର୍ଚ୍ଚ ୧୨୦୦ ଟଙ୍କା, ସମିତିର ଟିଣ ବାକ୍ସ କିଣା ବାବଦ ୩୦୦ ଟଙ୍କା, ଆଶା କର୍ମୀ ପାଇଁ ଟିଣ ବାକ୍ସ ବାବଦରେ ୩୦୦ ଟଙ୍କା, ପ୍ରତି ଗାଁରେ ଅଳିଆକୁଚଣ୍ଡ ବସାଇବା ପାଇଁ ୫୦୦ ଟଙ୍କା, ସେହିପରି ମେଲେରିଆ, ଡେଙ୍ଗୁ ଆଦିର ନିରାକରଣ ପାଇଁ ୨୦୦୦ ଟଙ୍କା, ଡାଇରିଆ ଓ ଜଳବାହିତ ରୋଗର ନିରାକରଣ ପାଇଁ କାର୍ଯ୍ୟକ୍ରମ ଆୟୋଜନ ବାବଦରେ ୨୦୦୦ ଟଙ୍କା ବ୍ୟତୀତ ସ୍ୱାସ୍ଥ୍ୟ କାନ୍ଥରେ ବାର୍ତ୍ତା ପାଇଁ ୫୦୦ ଟଙ୍କା, ଗାଁର ପ୍ରବେଶ ପଥରେ ସ୍ୱାସ୍ଥ୍ୟଫଳକ ବସାଇବା ପାଇଁ ୩୦୦ ଟଙ୍କା ଖର୍ଚ୍ଚର ତାଲିକାଭୁକ୍ତ ହୋଇଥିବାରୁ ଅର୍ଥ ବଳକା ରହିବାର ମଧ୍ୟ ସମ୍ଭାବନା ନାହିଁ। ପୁଣି ଗ୍ରାମର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ୪ ଜଣ ବ୍ୟକ୍ତିଙ୍କୁ ବଳକା ଅର୍ଥରୁ ସହାୟତା ଦେବାକୁ ନିର୍ଦ୍ଦେଶନାମା ମଧ୍ୟ ଅଛି। ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମର ଚିଠା ଲମ୍ବା ହୋଇଥିବାବେଳେ ପ୍ରଦତ୍ତ ଅର୍ଥର ସଠିକ୍ ବିନିଯୋଗ ହେଉ ନ ଥିବାରୁ ଅନେକ ସମୟରେ ଅର୍ଥ ବ୍ୟୟକୁ ନେଇ ବିବାଦ ମୁଣ୍ଡ ଟେକୁଥିବାର ଜଣାପଡ଼ିଛି ଏବଂ ଅର୍ଥ ଭରଣାକୁ ନେଇ ବିଭିନ୍ନ ଗ୍ରାମର ଗ୍ରାମବାସୀ ସନ୍ଦୀହାନ ହେଉଥିବାର ଅଭିଯୋଗ ମଧ୍ୟ ହେଉଛି। ସେହିପରି ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଗଜକଲମରେ ବୈଠକ ବସୁଥିବାର ସୂଚନା ମିଳୁଥିବାବେଳେ ଏହାର

## କାଗଜକଲମରେ ସୀମିତ ଯୋଜନା

କୋଣସି ସୂଚନା ଗ୍ରାମବାସୀଙ୍କଠାରେ ନ ଥିବା ଅଭିଯୋଗ ହେଉଛି। ଗାଁ କଲ୍ୟାଣ ସମିତି ପ୍ରକୃତ ପକ୍ଷେ ଗାଁର କଲ୍ୟାଣରେ ଲାଗିପାରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଆହୁରି ବହୁ ଗ୍ରାମରେ ବର୍ଷ ବର୍ଷ ଧରି ଗାଁ କଲ୍ୟାଣ ସମିତିର କୌଣସି ବୈଠକ ଅନୁଷ୍ଠିତ ହୋଇପାରୁ ନ ଥିବାରୁ ଗାଁ କଲ୍ୟାଣ ସମିତି ଅର୍ଥ ବ୍ୟବହୃତ ହୋଇ ନ ପାରି ପଡ଼ିରହୁଥିବାର ଜଣାପଡ଼ିଛି। ଏହିସବୁ କାରଣରୁ ଗାଁ କଲ୍ୟାଣ ସମିତି ତା'ର ପ୍ରକୃତ କାର୍ଯ୍ୟକ୍ରମଠାରୁ ଦୂରେଇ ରହୁଥିବାରୁ ଏହା ଏକ ପ୍ରହସନ ବୋଲି ସାଧାରଣରେ ହୃଦ୍‌ବୋଧ ହେଉଛି। ଏହି ଲୋକାଭିମୁଖୀ ଯୋଜନାକୁ ଅଯଥାରେ କେବଳ ମାତ୍ର ଖର୍ଚ୍ଚ ମଧ୍ୟରେ ସୀମିତ ରଖିବା ଦ୍ୱାରା ସାଧାରଣରେ ଏହା ଲୋକଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। ସମିତି ଗଠନ କରିଦେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତାହାର ତଦାରଖ କରାଯାଉ ନ ଥିବାରୁ ସରକାରଙ୍କ ଯୋଜନାର ସଫଳ ରୂପାୟଣ ହୋଇପାରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

● ଅଲ୍ ଓଡ଼ିଶା ଓଏସବିଏ ସବ୍-ଜୁନିୟର ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରର ଓଜୋଦୀପ ହାସଲ କଲେ ତିନି ପଦକ

ବାଲେଶ୍ୱର,୨୭।୪(ସମିସ): ଅଲ୍ ଓଡ଼ିଶା ଟୁର୍ଣ୍ଣାମେଣ୍ଟରେ ସଫଳତା ହାସଲ କରିଛନ୍ତି ବାଲେଶ୍ୱର ସଟଲର୍ ଓଜୋଦୀପ ମାଝୀ। ସଦ୍ୟ ସମାପ୍ତ ଅଲ୍ ଓଡ଼ିଶା ଓଏସବିଏ ସବ୍-ଜୁନିୟର (୧୭ ବର୍ଷରୁ କମ୍) ରାଜ୍ୟ ରାଙ୍କିଙ୍ଗ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଓଜୋଦୀପ ୩ଟି ପଦକ ଜିତିଛନ୍ତି। ଓଜୋଦୀପ ୧୭ ବର୍ଷରୁ କମ୍ ବାଳକ ଡବଲ୍ସ ଚାମ୍ପିଅନ୍, ୧୭ ବର୍ଷରୁ କମ୍ ମିଶ୍ରିତ ଡବଲ୍ସ ଚାମ୍ପିଅନ୍ ଏବଂ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି। ଏହି ଇଭେଣ୍ଟରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ୨୦୦ ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଢେଙ୍କାନାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଏମପିଆଇଏସ ଇନଡୋର ଷ୍ଟାଡିୟମରେ ୨୪ ଏପ୍ରିଲରୁ ୨୬ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ସଫଳତା ସହିତ ଓଜୋଦୀପ ୧୭ ବର୍ଷରୁ କମ୍ ବୟସ ବର୍ଗରେ ଜାତୀୟ ଚୟନ ତାଲିକାରେ ମଧ୍ୟ ସ୍ଥାନ ପାଇଛନ୍ତି।




# ବାଲେଶ୍ୱରରେ ବଢୁଛି ତାତି

ବାଲେଶ୍ୱର,୨୭।୪ (ସମିସ): ବାଲେଶ୍ୱର ସହରରେ ଗ୍ରୀଷ୍ମ ପ୍ରବାହ ବଢିବାରେ ଲାଗିଛି। ସହରର ସର୍ବାଧିକ ତାପମାତ୍ରା ୩୮.୩ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ଠାରୁ ୨.୪ ଡିଗ୍ରୀ ଅଧିକ। ଗତକାଲି ତୁଳନାରେ ଆଜି ଦିନ ତାପମାତ୍ରା ୨.୫ ଡିଗ୍ରୀ ବୃଦ୍ଧି ପାଇଛି। ଭାରତୀୟ ପାଣିପାଗ ବିଭାଗର ରିପୋର୍ଟ ଅନୁସାରେ, ଆଜି ସକାଳ ୮.୩୦ ଘଟିକା ସୁଦ୍ଧା ବାଲେଶ୍ୱରରେ ଆର୍ଦ୍ରତା ୫୩ ପ୍ରତିଶତ ରହିଥିଲା। ଦିନ ସାରା ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସର୍ବନିମ୍ନ ତାପମାତ୍ରା ବି ୨୭.୦ ଡିଗ୍ରୀ ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ଠାରୁ ୨.୧ ଡିଗ୍ରୀ ଅଧିକ। ରାତିରେ ବି ଗରମରୁ ନିସ୍ତାର ମିଳୁନାହିଁ। ଗତ ୨୪ ଘଣ୍ଟାରେ ବାଲେଶ୍ୱରରେ ବର୍ଷା ହୋଇନାହିଁ। ଜିଲ୍ଲାର ଚାନ୍ଦବାଲିରେ ୩୭.୮ ଡିଗ୍ରୀ ସେଲସିୟସ ଓ ଭଦ୍ରକରେ ୩୮.୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି। ଉପକୂଳ ଓଡିଶାରେ ପୁରୀ ଓ ଗୋପାଳପୁର ତୁଳନାରେ ବାଲେଶ୍ୱରରେ ତାତି ଅଧିକ ଅନୁଭୂତ ହେଉଛି। ପାଣିପାଗ ବିଭାଗ ଆକଳନ କରିଛି ଯେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାରେ ତାପମାତ୍ରା ୩୮-୪୦ ଡିଗ୍ରୀ ଭିତରେ ରହିବ। ଦିନ ୧୧ ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛି। ବୃଦ୍ଧ, ଶିଶୁ ଓ ରୋଗୀମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

# ମନସା ମାତା ପ୍ରଶିକ୍ଷଣ କେନ୍ଦ୍ରର ପୂର୍ବତନ ଛାତ୍ରଛାତ୍ରୀଙ୍କ ସମାବେଶ

ଚନ୍ଦନେଶ୍ୱର,୨୭।୪(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦାସ୍ଥିତ ମନସା ମାତା ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ୨୦୧୨-୨୦୧୩ ଶିକ୍ଷାବର୍ଷର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ସମାବେଶ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ୨୦୦୧ ମସିହାରେ ସ୍ଥାପିତ ଏହି ପ୍ରତିଷ୍ଠାନରୁ ଅନେକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଏହି ସମାବେଶ ଉତ୍ସବ ଦୀର୍ଘଦିନ ପରେ ସହପାଠୀମାନଙ୍କୁ ଏକତ୍ର କରି ସ୍ମୃତିମୟ ମୁହୂର୍ତ୍ତକୁ ପୁନର୍ଜୀବିତ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରଜନୀକାନ୍ତ କର, ନିତାଇ ଚରଣ ଆଚାର୍ଯ୍ୟ, ଶରତ କୁମାର ପରିଡ଼ା ଓ ମାନସ ଗାଙ୍ଗୁଲୀ ଯୋଗଦେଇଥିଲେ। ପୂର୍ବତନ ଛାତ୍ରଛାତ୍ରୀମାନେ ତାଙ୍କର ଗୁରୁଜୀମାନଙ୍କୁ ଉପହାର ପ୍ରଦାନ କରି ସମ୍ମାନ ଜଣାଇବା ସହ ଆଶୀର୍ବାଦ କାମନା କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁପ୍ରକାଶ ମିଶ୍ର, ରାଜୀବ ସାହୁ, ଅନୁପ



ଘୋଷ, ରିମନ ଘଡ଼ାଇ, ଜଗନ୍ନାଥ ଦାସ, ଗୌତମ ମହାପାତ୍ର, ସୁରୋଜ ଦାସ, ଉତ୍ତମ ବେଜ, ଦିପୁ ପଣ୍ଡିତ, ସୁଶୀଳା ମିଶ୍ର, ବର୍ଷାରାଣୀ ପାତ୍ର, କଲ୍ୟାଣୀ ପାତ୍ର, ସୁସଙ୍ଗିନି ନାଥ, ଗୀତା କାମିଲା, ପୂର୍ଣ୍ଣିମା ବେହେରା, ସୁମିତ୍ରା ଜେନା, ମାମା ମହାନ୍ତି, ମମତା ଘଡ଼ାଇ, ସୁସ୍ମିତା ସେଠୀ, ଗୌତମ ପରମାଣିକ, ନମିତା ଓ ଅଭିଷେକ ଦାସ ପ୍ରମୁଖ ଯୋଗଦେଇଥିଲେ।

## ନୀଳାଚଳ ଇସ୍ପାତ ପକ୍ଷରୁ ସବୁଜିମା ଅଭିଯାନ

# ୪ ବର୍ଷରେ ରୋପଣ କରାଯିବ ୬ ଲକ୍ଷ ଚାରା

ଦାନଗଦି,୨୭।୪(ସମିସ)



ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନଏଲ୍) ନିଜର ଭବିଷ୍ୟତ ଅଭିବୃଦ୍ଧି ପାଇଁ ପରିବେଶ ସନ୍ତୁଳନ ଓ ଦୀର୍ଘସ୍ଥାୟୀ ବିକାଶକୁ ପ୍ରାଥମିକତା ଦେଇଛି। ଏହି କ୍ରମରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶିଳ୍ପାଞ୍ଚଳ କଳିଙ୍ଗନଗରରେ ବୃହତ୍ତମ ସବୁଜିମା ଅଭିଯାନ ଆରମ୍ଭ ହେଉଛି। ଏହି ଅଭିଯାନରେ ଆଗାମୀ ୪ ବର୍ଷ ମଧ୍ୟରେ ୬ ଲକ୍ଷ ଚାରା ରୋପଣ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଧୂଳି ଓ ଶବ୍ଦ ପ୍ରଦୂଷଣରୁ ବାରଗାଡ଼ିଆ, ଡୁବୁରୀ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକୁ ରକ୍ଷା କରିବା ପାଇଁ ଏହି ବନୀକରଣ ଏକ ବୈଜ୍ଞାନିକ ପ୍ରତିବନ୍ଧକ (ବଫର୍) ଭାବେ କାର୍ଯ୍ୟ କରିବ। କମ୍ପାନୀ ୪୫୫ ହେକ୍ଟର ପରିମିତ ଅଞ୍ଚଳରେ ସବୁଜ ବଳୟର ରକ୍ଷଣାବେକ୍ଷଣ କରିବ। ଯେଉଁଥିରୁ ୧୦୫ ହେକ୍ଟର କେବଳ ଗୋଡ଼ିଗୋଠ ଅଞ୍ଚଳରେ ରହିଛି। ସରକାରୀ ନିୟମ ଅନୁଯାୟୀ ୨୫ ପ୍ରତିଶତ ସବୁଜ ବଳୟ ରଖିବା ବାଧ୍ୟତାମୂଳକ ଥିବା ବେଳେ, ଏନଆଇଏନଏଲ୍ ପ୍ଲାଣ୍ଟରେ ବର୍ତ୍ତମାନ ସୁଦ୍ଧା ୪୨.୬ ପ୍ରତିଶତ ଅଞ୍ଚଳରେ ସବୁଜିମା ରହିଛି। ଏହା ବ୍ୟତୀତ ପ୍ରଦୂଷଣ ରୋକିବା ପାଇଁ ପ୍ଲାଣ୍ଟ ସୀମାରେ ଏକ ଧାତବ 'ୱିଣ୍ଡ-ସ୍କ୍ରିନ୍ ବ୍ୟାରିୟର' ସ୍ଥାପନ କରାଯିବ। ସିଣ୍ଟର ପ୍ଲାଣ୍ଟ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ଭଳି ପ୍ରମୁଖ ଉତ୍ପାଦନ ୟୁନିଟଗୁଡ଼ିକରେ ଉନ୍ନତ ମାନର ବ୍ୟାଗ୍ ଫିଲ୍ଟର ଏବଂ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର (ଇଏସପି) ଭଳି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଲଗାଯିବ। ଜଳ ପ୍ରଦୂଷଣ ରୋକିବା ପାଇଁ ଏନ୍‌ଆଇଏନଏଲ୍ 'ଜିରୋ ଏଫ୍ଲୁଏଣ୍ଟ ଡିସଚାର୍ଜ' (ଜେଡଇଡି) ନୀତି ଆପଣାଇଛି। ଏଥିପାଇଁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହି 'କ୍ଲୋଜଡ୍-ଲୁପ୍' ବ୍ୟବସ୍ଥା ଦ୍ୱାରା ପ୍ଲାଣ୍ଟର ସମସ୍ତ ବ୍ୟବହୃତ ଜଳକୁ ବିଶୋଧନ କରାଯାଇ ପୁନଃ ବ୍ୟବହାର କରାଯିବ ଏବଂ ବାହ୍ୟ ଜଳଉତ୍ସକୁ କୌଣସି ଦୂଷିତ ଜଳ ନିଷ୍କାସିତ ହେବ ନାହିଁ।

ଡିକାର୍ବୋନାଇଜେସନ (କାର୍ବନ ନିର୍ଗମନ ହ୍ରାସ) ଉପରେ ଗୁରୁତ୍ୱ ଦେଇ କମ୍ପାନୀ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହିତ ବ୍ଲାଷ୍ଟ ଫର୍ଣ୍ଣେସରେ ଅତ୍ୟାଧୁନିକ 'ପଲଭରାଇଜଡ୍ କୋଲ ଇଞ୍ଜେକସନ' ଏବଂ ଶକ୍ତି ସଞ୍ଚୟକାରୀ 'ହଟ୍ ଷ୍ଟୋଭ୍' ବ୍ୟବହାର କରାଯିବ। ପରିବହନ କ୍ଷେତ୍ରରେ ମଧ୍ୟ ଡିଜେଲ ଗାଡ଼ି ପରିବର୍ତ୍ତେ ଇଲେକ୍ଟ୍ରିକ୍ କିମ୍ବା ହାଇଡ୍ରୋଜେନ-ଚାଳିତ ଟ୍ରକ୍ ବ୍ୟବହାର କରିବାକୁ ଯୋଜନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ୧୦୦ ପ୍ରତିଶତ ରିସାଇକ୍ଲିଂ କିମ୍ବା ପୁନଃ ବ୍ୟବହାର ଲକ୍ଷ୍ୟ ରଖାଯାଇଛି। ନିକଟସ୍ଥ କବତୀ ନାଳର ପ୍ରାକୃତିକ ପ୍ରବାହକୁ ସୁରକ୍ଷିତ ରଖିବା ପାଇଁ ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବ। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରି ଏନଆଇଏନଏଲ୍ ଶିଳ୍ପ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ଏକ ନୂଆ ସମନ୍ୱୟ ସ୍ଥାପନ କରୁଛି।

# ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି,୨୭।୪(ସମିସ): ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ତିହିଡ଼ି ବ୍ଲକ୍ ଅଧୀନ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ପ୍ରମୁଖ ଶ୍ରୀମତୀ ଲେଙ୍କାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମୀଣ ପରିମଳ ସେବାଗୁଡ଼ିକୁ ସୁଦୃଢ଼ କରି ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ପଞ୍ଚାୟତ ଗଢ଼ି ଭଦ୍ରକ ଜିଲ୍ଲାକୁ ଅଧିକ ମହନୀୟ କରିବାରେ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭିନ୍ନ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ମା’ ମୁତ୍ୟାଲୁମ୍ମାଙ୍କ ଘଟଯାତ୍ରା ଆରମ୍ଭ



କୋରାପୁଟ, ୨୭।୪(ସମିସ): କୋରାପୁଟର ଅଧିଷ୍ଠାତ୍ରୀ ଦେବୀ ମା’ ମୁତ୍ୟାଲୁମ୍ମାଙ୍କ ନବଦିନ ଘଟ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଛି। ଏହି ନବଦିନ ଘଟଯାତ୍ରାରେ ମା’ ପୁଚିଲା ସାହି ସ୍ଥିତ ଅସ୍ଥାୟୀ ପୀଠରେ ବିରାଜିତ ହେବେ ଓ ପ୍ରତିଦିନ ସନ୍ଧ୍ୟାରେ ସାହି ପରିକ୍ରମା କରି ଭକ୍ତମାନଙ୍କୁ ଦର୍ଶନ ଦେବେ। ଏହାକୁ ନେଇ ଅସ୍ଥାୟୀ ପୀଠରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳୁଛି। ଚଳିତ ବର୍ଷ ଟାଉନ ପୂଜା କମିଟି ପକ୍ଷରୁ ଏହି ଯାତ୍ରା କରାଯାଉଥିବାରୁ ଏହି ଯାତ୍ରାର ସଫଳତା ପାଇଁ ଦିନ ରାତି ଏକ କରିଛନ୍ତି ଟାଉନ ପୂଜା କମିଟି। ସୋମବାର ସନ୍ଧ୍ୟାରେ ମା’ ସହରର ଟିକିରାସାହିସ୍ଥିତ ନିଜ ପୀଠରୁ ଫୁଲ ଚାଙ୍ଗୁଡ଼ିରେ ବିରାଜମାନ ହୋଇ ବିରାଟ ପଟୁଆର ମଧ୍ୟରେ ଆଦିବାସୀ ଢ଼େମ୍‌ସା ନୃତ୍ୟ, ପଡୋଶୀ ଆନ୍ଧ୍ରର ବାଜା ଓ ବାଘ ଏବଂ ମାତା ନୃତ୍ୟ ଦଳ ସହ ଆତସ ବାଜି ଫୁଟାଇ ସହର ପରିକ୍ରମା କରି ଅସ୍ଥାୟୀ ପୀଠକୁ ପହଞ୍ଚିଥିଲେ। ଯାତ୍ରା ପାଇଁ ସମଗ୍ର ସହରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସୂଚନା ଥାଉକି ଯେ ପାରମ୍ପରିକ ରୀତି ଅନୁଯାୟୀ ପ୍ରତିବର୍ଷ ଥରେ ପୋଲିସ କର୍ମଚାରୀ ଓ ଥରେ ବଜାର କମିଟି ପକ୍ଷରୁ ମା’ଙ୍କୁ ଅସ୍ଥାୟୀ ପୀଠକୁ ଆବାହନ କରାଯାଇଥାଏ।

# ପୌର ସଫେଇ କାର୍ଯ୍ୟ ଟେଣ୍ଡରରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

ଜୟପୁର, ୨୭।୪(ସମିସ) : ଜୟପୁର ପୌରସଂସ୍ଥା ଆସନ୍ତା ବର୍ଷ ସହରର ସଫେଇ ଟେଣ୍ଡର ଦାୟିତ୍ୱ ପ୍ରଦାନ ନେଇ ଗତ ମାସରେ ଟେଣ୍ଡର ଆହ୍ୱାନ କରିଥିଲେ। ବିଭିନ୍ନ ପ୍ରକ୍ରିୟା ପରେ ଏହି ଦାୟୀତ୍ୱ ପାଇଁ ୩ ଟି ସଂସ୍ଥା ଯୋଗ୍ୟ ହୋଇଥିଲେ। ସମସ୍ତ ଟେଣ୍ଡରଧାରୀଙ୍କ ସମାନ ଆର୍ଥିକ ଦରରେ ଦାଖଲ କରିଥିବା ଯୋଗୁଁ ଆଜି ପୌର ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଲଟେରୀ ମାଧ୍ୟମରେ ଚୟନ କରିବା ନେଇ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପୌର ଅଧିକାରୀ ଏବଂ କମିଟିର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା କରାଯାଇଥିଲା। କିନ୍ତୁ ସହରର ସଫେଇ ଦାୟୀତ୍ୱ ପୌରସଂସ୍ଥା ଅନ୍ତର୍ଗତ ସ୍ୱାସ୍ଥ୍ୟ ବିଭାଗର ଦାୟୀତ୍ୱ ରହିଥିବା ବେଳେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଡକାଯାଇ ନଥିଲା। ସେହିପରି ପୌର ସ୍ୱାସ୍ଥ୍ୟ ବିଭାଗକୁ ଉପସ୍ଥିତ ରହିବା ନେଇ ଚିଠି ମଧ୍ୟ କରାଯାଇନଥିଲା। ତେଣୁ ଏହି ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କୌଣସି ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଏହା ପ୍ରଦାନ କରିବା ନେଇ ପୌରସଂସ୍ଥାର





କିଛି ବଡବଡିଆ ଲୋକପ୍ରତିନିଧି ଏବଂ ଅଧିକାରୀ ମାନେ ପ୍ରୟାସ କରୁଥିବା ନେଇ ଆଶଙ୍କା ମଧ୍ୟ ଦେଖାଦେଇଛି। ଆଜି ସହରର ଆସନ୍ତା ଆର୍ଥିକ ବର୍ଷ ସହରର ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟଆର ଅନ୍ତିମ ପର୍ଯାୟ ପାଇଁ ୩ଟି ସଂସ୍ଥ ଟେଣ୍ଡର ଦାଖଲକାରୀଙ୍କ ନାମ ଲେଖାଯାଇ ଲଟେରୀ କରାଯାଇଥିଲା। କିନ୍ତୁ ଜଣେ ଠିକାସଂସ୍ଥାର ଲେଖା ରହିଥିବା କାଗଜ ଲଟେରୀ ମାଧ୍ୟମରେ ଉଠାଣ ହୋଇଥିଲା। କିନ୍ତୁ ଏହାର ଲେଖା ସଠିକ ନଥିବା ଦର୍ଶାଇ ଅନ୍ୟ ଉପସ୍ଥିତ ଥିବା ଜଣେ ଠିକାସଂସ୍ଥାର ପ୍ରତିନିଧି ବିରୋଧ କରିଥିଲେ। ଫଳରେ ଉପସ୍ଥିତ କମିଟି ସଦସ୍ୟ ମାନେ ଏହାକୁ ସହଜରେ ଗ୍ରହଣ କରିବା ପରେ ପୁନଃର୍ବାର ଲଟେରୀ କରାଯାଇଥିଲା। ସେଥିରେ ଅନ୍ୟଜଣେ ଠିକାସଂସ୍ଥାର ନାମ ଲେଖା ବାହାରିଥିଲା। ଏହାକୁ ପ୍ରଥମ ଉଠାଣ ନାମ ରହିଥିବା ଠିକାସଂସ୍ଥାର ଉପସ୍ଥିତପ୍ରତିନିଧି ବିରୋଧ କରିଥିଲେ। ଏହିପରି କିଛି ସମୟ ପାଇଁ ସେଠାରେ ଅପ୍ରୀତିକର ପରସ୍ଥିତ ସୃଷ୍ଟି ହୋଇଥିଲା। ଶେଷରେ ଟେଣ୍ଡର କମିଟିର ଅଧ୍ୟକ୍ଷ ତଥା ପୌରାଧ୍ୟକ୍ଷ, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଓ କମିଟିର କିଛି ସଦସ୍ୟ ଏକ ପ୍ରକାର ନିରୁପାୟ ହୋଇ କୌଣସି ନିଷ୍ପତି ନେଇ ପାରିନଥିଲେ। ଶେଷରେ ଏହି ଟେଣ୍ଡର ବୈଠକକୁ ସ୍ଥଗିତ ରଖିବା ସହିତ ପୁନଃର୍ବାର ଟେଣ୍ଡର କରିବା ନେଇ ମୌଖିକ ଭାବେ ଏହି ବୈଠକରେ ପ୍ରକାଶ କରିଥିଲେ। ଏହି ବିଷୟ ନେଇ ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ଭାରପ୍ରାପ୍ତ ପୌରନିର୍ବହୀ ଅଧିକାରୀ ପୂଜା ରାଉତଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। କିନ୍ତ ସେ ଫୋନ ଉଠାଇନଥିଲେ। କୌଣସି ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଏହି ସଫେଇ ଦାୟୀତ୍ୱ ପ୍ରଦାନ ନେଇ ଷଡ଼ଯନ୍ତ୍ର କରାଯାଉଥିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ମାସ ଅନ୍ତିମ ଦିବସରେ ସହରର ସଫେଇ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥାର ଅବଧି ଶେଷ ହୋଇଥିଲା। କିନ୍ତୁ ପୌରସଂସ୍ଥା ପକ୍ଷରୁ କୌଣସି ଆଗୁଆ ପଦକ୍ଷପ ନିଆଯାଇନଥିଲା। ଗତ ମାର୍ଚ୍ଚ ମାସରେ ଟେଣ୍ଡର ପ୍ରକ୍ରିୟା ଅନଲାଇନ ମାଧ୍ୟମରେ ଆରମ୍ଭ କରାଯାଇ ଏପ୍ରିଲ ମାସରେ ୧୦ଟି ସଂସ୍ଥା ଟେଣ୍ଡର ଦାଖଲ କରିଥିଲେ। କିନ୍ତୁ ଗୋଟିଏ ସଂସ୍ଥାର ଖାରଜ ହୋଇଯାଥିଲା। ଶେଷରେ ଅନ୍ତମ ୯ଜଣଙ୍କୁ ନେଇ ଟେଣ୍ଡର ପ୍ରକ୍ରିୟାର ବୈଷୟିକ ଏବଂ ଆର୍ଥିକ ପର୍ଯାୟର ଯାଞ୍ଚ ବେଳେ ମାତ୍ର ୫ଟି ସଂସ୍ଥା ଏଥିପାଇଁ ଯୋଗ୍ୟ ହୋଇଥିଲେ। ଶେଷରେ ୩ଟି ଠିକାସଂସ୍ଥାର ଟେଣ୍ଡରରେ ସମାନ ତଥା ସର୍ବନିମ୍ନ ଆର୍ଥିକ ମୂଲ୍ୟ ଦାଖଲ କରିଥିବା ଯୋଗୁଁ ଲଟେରୀ ପ୍ରକ୍ରିୟା ମାଧ୍ୟମରେ ଚୟନ ନେଇ ଟେଣ୍ଡର କମିଟି ନିଷ୍ପତି ନେଇଥିଲେ।

# ମହୁଲିକୁ ଜାତୀୟ ପଞ୍ଚାୟତ ପୁରସ୍କାର

ବୈପାରୀଗୁଡା, ୨୭।୪(ସମିସ):



ଦୃଷ୍ଟାନ୍ତମୂଳକ କାର୍ଯ୍ୟକୁ ନେଇ ଜାତୀୟ ପଞ୍ଚାୟତ ପୁରସ୍କୃତ ହେଲା ମହୁଲି ପଞ୍ଚାୟତ। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ପାଞ୍ଚୟତରାଜ ଦିବସ ପାଳନ ଅବସରରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ପରିପ୍ରେକ୍ଷୀରେ ଦୃଷ୍ଟାନ୍ତମୂଳକ ସ୍ୱଚ୍ଛତା ରକ୍ଷା ପାଇଁ ଏବଂ ସର୍ବାଧିକ ନିଜସ୍ୱ ଆୟ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ପାଇଁ ମହୁଲି ପଞ୍ଚାୟତକୁ ଅତିଥିଙ୍କ ଦ୍ୱରା ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଥିଲା। ମହୁଲି ସରପଞ୍ଚ ସଦା ଯାନୀ, ସମିତି ସଭ୍ୟ ଭକ୍ତରମ ହରିଜନ, ପିଇଓ ରାଜଲକ୍ଷ୍ମୀ ସିଙ୍ଗ, ଏଡିଓ ଖୋଗେସ ଖେମୁଝରିଆ ମାନପତ୍ର ସହ ଆର୍ଥିକ ସହାୟତା ରାଶି (ଚେକ୍) ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଏବିଡ଼ିଓ ନିବେଦିତା ଦଣ୍ଡସେନା, ଉପାଧ୍ୟକ୍ଷ ପୁର୍ଣିମା ବାରିକ , ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ସରପଞ୍ଚ ସୂର୍ଯ୍ୟମଣି ନାୟକ ପ୍ରମୁଖ ଅତିଥିଭାବେ ମଞ୍ଚରେ ଉପସ୍ଥିତ ରହିଥିଲେ। ପାଞ୍ଚାୟତ ନିର୍ବାହି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ି, ବିପିସି ପ୍ରଦିପ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ସମସ୍ତ ପିଇଓ ମାନେ ସୋହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ପାପଡାହାଣ୍ଡି, ୨୭।୪ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ଠାରେ ସୋମବାର ବିଦ୍ୟୁତ୍ ଆଘାତ ଲାଗି ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତ ଯୁବକର ନାମ ମହେନ୍ଦ୍ର ପୂଜାରୀ। ଏ ନେଇ ଡାବୁଗାଁ ଥାନାରେ ଏତଲା ହୋଇଛି। ସୂଚନା ପ୍ରକାରେ ମହେନ୍ଦ୍ରଙ୍କ ଘରେ ଟେଣ୍ଟ ହାଉସ ରହିଛି । ଗାଡିରେ ଉକ୍ତ ଜିନିଷପତ୍ର ରଖିବା ସମୟରେ ଏକ ଲୁହା ପୋଲ ନେବା ବେଳେ ବିଦ୍ୟୁତ ତାର ସମ୍ପର୍କରେ ଆସି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ କେସ ନମ୍ବର ୮୭/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ତେବେ ଗ୍ରାମବାସୀ ତାରଟି ତଲୁଆ ରହିଥିବାରୁ ଶୀଘ୍ର ଏହାର ସମାଧାନ ଲାଗି ଦାବି କରିଛନ୍ତି।

# ଗୋବିନ୍ଦପାଲ୍ଲୀ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି

## ମା’ ସରସ୍ୱତୀଙ୍କ ମୂର୍ତ୍ତି ଉପହାର

ଖଇରପୁଟ,୨୭।୪(ସମିସ): ମାଲକାନଗିରି ଖଇରପୁଟ ବ୍ଲକର ଗୋବିନ୍ଦପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ଭି .ରାମ ପ୍ରସାଦ ବିଦ୍ୟାଳୟକୁ ମା’ ସରସ୍ୱତୀଙ୍କ ଏକ ସୁନ୍ଦର ମୂର୍ତ୍ତି ଉପହାର ଦେଇଛନ୍ତି। ଏହି ଉପହାର ତାଙ୍କ ପରଲୋକଗତ ପିତା ଭି.ଆନନ୍ଦ ରାଓଙ୍କ ସ୍ମୃତିରେ ଦିଆଯାଇଥିବା ବୋଲି ସେ ଜଣାଇଥିଲେ। ଆନନ୍ଦ ରାଓ ୧୯୪୩ ରୁ ୧୯୪୮ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ତାଙ୍କ ପ୍ରାରମ୍ଭିକ ଶିକ୍ଷା ଅଧ୍ୟୟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିବେଶ ଉତ୍ସବମୟ ହୋଇଯାଇଥିଲା। ଶିକ୍ଷକ, ଛାତ୍ରଛାତ୍ରୀ ଓ



ସ୍ଥାନୀୟ ଲୋକମାନେ ଏହାକୁ ଅତ୍ୟନ୍ତ ଆନନ୍ଦର ସହ ଅଭିନନ୍ଦନ କରିଥିଲେ। ମା’ ସରସ୍ୱତୀଙ୍କ ଏହି ମୂର୍ତ୍ତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ଓ ପ୍ରେରଣା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ସ୍ୱାଇଁ, ବିଇଓ ଦିଲୀପ କୁମାର ଗଣ୍ଡ, ଏବିଓ ବୀରେନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ୯ ଆହତ

ମାଲକାନଗିରି,୨୭।୪(ସମିସ): ମାଲକାନଗିରି ଜିଲ୍ଲା ନାୟକଗୁଡା ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ୯ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ବଣ୍ଡାବାକୁଲିଗୁଡା ସାହିର ୯ ଜଣ ଏକ ବାହାଘର କାର୍ଯ୍ୟରେ ଯୋଗ ଦେବା ପାଇଁ ନବରଙ୍ଗପୁର ଅଭିମୁଖେ ଏକ ବୋଲେରୋ ଯୋଗେ ଯାତ୍ରା କରୁଥିଲେ। ମାଲକାନଗିରିରୁ ଜୟପୁରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଯାତ୍ରା କରୁଥିବା ବେଳେ ମାଲକାନଗିରି ଥାନା ଅଧୀନ ନାୟକଗୁଡା ନିକଟରେ ହଠାତ ଗାଡିର ପଛ ଛକ ଫାଟି ଯିବା ଫଳରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିବା ସହ କିଛି ଦୂର ଯାଏଁ ଘୋଷାଡି ହୋଇ ଯାଇଥିଲା। ଫଳରେ ଗାଡି ମଧ୍ୟରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ। ସେଠାରେ କମଳା ଖରା ନାମକ ମହିଳାଙ୍କ ଅବସ୍ଥା ଗୁରୁତର ଥିବା ବେଳେ ତାଙ୍କୁ ବିଶାଖାପଟଣା ଓ ଦିବ୍ୟା ଖରା ନାମକ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତ ମାନେ ହେଲେ ସୁମନ୍ତ ଖରା, ହେମନ୍ତ ଖରା, ଡମ୍ବୁରୁ ଟାକ୍ରି, ପ୍ରତିଭା ନାୟକ, କୁମାରୀ ଟାକ୍ରି, ଓ ଜଣେ ସାମାନ୍ୟ ଆହତ ପ୍ରିନ୍ସ ନାୟକ ଓ ମଙ୍ଗଳଦାନ ଟାକ୍ରି।

● ଗୋ-ସମ୍ମାନ ଆହ୍ୱାନ ଅଭିଯାନ

# ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



ରାମନାଗୁଡା,୨୭।୪(ସମିସ): ଗୋ-ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ କଲ୍ୟାଣ ମଣ୍ଡପ ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋ-ମାତା ସୁରକ୍ଷା ସେବା ଓ ସମ୍ମାନ ନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ରାମନାଗୁଡା ବ୍ଲକ ଅଧିନ ୫ ହଜାରରୁ ଅଧିକ ଲୋକଙ୍କ ଦସ୍ତଖତ ଓ ଗୋ-ମାତା ସୁରକ୍ଷା ନେଇ ଦାବିପତ୍ର ଅତିରିକ୍ତ ତହସିଲଦାର ଦୀପାରାଣୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ରାମନାଗୁଡା ଗୋ-ସମ୍ମାନ ଆହ୍ୱାନ ଅଭିଯାନର ରାକେଶ କୁମାର ବେହେରା, ରଘୁନାଥ ସାମଲ, ଶ୍ରୀନିବାସ ପଣ୍ଡା, ଚିନ୍ନା କଣ୍ଡାଗରୀ, ସଞ୍ଜୀବ ଦାଶ, ମୁନା ପାତ୍ର, ଗଙ୍ଗା ମାଣ୍ଡାଙ୍ଗି, ଆପାରାଓ , ଶିବ ନିମାଲା, ଶକ୍ତି ପ୍ରସାଦ ପାତ୍ର, ଭି ରାଜେଶ କୁମାର, ସୁଧିର ମିଶାଲ, କୁଜେନ୍ଦ୍ରୀ, ନାରୟଣଗୁଡାର ସମସ୍ତ ଗୋପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକ୍ରମ ଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର,୨୭।୪(ସମିସ): ଜିଲ୍ଲାର ଉପାନ୍ତ ଅଞ୍ଚଳଗୁଡ଼ିକରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଜିଲ୍ଲାପାଳ ନିଷ୍ପତ୍ତିକୁ ଜୟପୁର ବିକ୍ରମଦେବ ଚିନ୍ତା ଓ ଚେତନା ପରିଷଦ ସ୍ୱାଗତ କରିଛନ୍ତି । ଏହିପରି ସଂଗଠନର ରାଜ୍ୟ ଆବାହକ ହରିହର କରସୁଧା ପଟ୍ଟନାୟକ ଜିଲ୍ଲାର ଉପାନ୍ତ ଅଞ୍ଚଳଗୁଡ଼ିକରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି । ତେଣୁ ଜୟପୁର ଜମିଦାରୀର ରାଜା ବିକ୍ରମ ଦେବଙ୍କ ସହଯୋଗ ବିନା ଅବିଭକ୍ତ କୋରାପୁଟ ଓଡ଼ିଶା ସହିତ ମିଶ୍ରଣ ହୋଇ ପାରି ନ ଥାନ୍ତା। ତେଣୁ ସାହିତ୍ୟ ସାମ୍ରାଟ ଓ ରାଜର୍ଷି ବିକ୍ରମ ଦେବଙ୍କ ପ୍ରତିମୂର୍ତ୍ତି ଜିଲ୍ଲାର ଉପାନ୍ତ ଅଞ୍ଚଳରେ ସ୍ଥାପନ କରିବାକୁ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ବିକ୍ରମଦେବ ଚିନ୍ତା ଓ ଚେତନା ପରିଷଦ ଜୟପୁର ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଦାବିକୁ ଗୁରୁତ୍ୱର ସହିତ ବିଚାର କରାଯାଇ ପଦକ୍ଷପ ଗ୍ରହଣ କରାଯିବ ବୋଲି ଆଶା ପ୍ରକୋଟ କରାଯାଇଛି।

# ଗୋ-ଚାଲାଣ ବନ୍ଦ କରିବାକୁ ନେଇ ଶୋଭାଯାତ୍ରା





ନାରାୟଣପାଟଣା,୨୭।୪(ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ଗୋ-ହତ୍ୟା, ଗୋ-ଚାଲାଣ ବନ୍ଦ କରିବାକୁ ନେଇ ଅଭିଯାନ କରାଯାଇଥିଲା। ପୂର୍ବାହ୍ନ ୯ ଘଟିକାରେ ଲକ୍ଷ୍ମୀନାରାୟଣ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ନାରାୟଣପାଟଣା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚୋରଣ ମାଝିଙ୍କ ଉଦେଶ୍ୟରେ ଅତିରିକ୍ତ ତହସିଲଦାର ଧନପତି ସୀସାଙ୍କୁ ଦାପିପତ୍ର ଦିଆଯାଇଥିଲା। ମାଟୁ ପୁଲବଂଶଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମାଟୁ ପୁଲବଂଶଙ୍କ ସମେତ ନାରାୟଣପାଟଣା ବ୍ଲକର ୯ ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ହିନ୍ଦୁ ସମ୍ପ୍ରଦାୟର ବହୁ ପରିମାଣର ଲୋକ ଯୋଗ ଦେଇଥିଲେ। ମାଟୁ ପୁଲବଂଶ କହିଛନ୍ତି ଭାରତ ବର୍ଷରେ ଗୋ-ହତ୍ୟାକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ଏବଂ ଗୋ-ମାତାଙ୍କୁ ରାଷ୍ଟ୍ର ସ୍ତରୀୟ ସମ୍ମାନ ଦେବା ନିମନ୍ତେ ନିଷ୍ପତି ନିଆଯାଇଛି।

# ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଡାବୁଗାଁ, ୨୭।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଗୋ-ସୁରକ୍ଷା ଆଇନ ଆଣିବା ନେଇ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଡାବୁଗାଁ ତହସିଲଦାର ଗୀତା ମୁର୍ମୁଙ୍କୁ ସୋମବାର ପ୍ରଦାନ କରାଯାଇଛି। ଏଥିରେ ଗୋ-ସୁରକ୍ଷା ଆଇନ ଆଣିବା ନେଇ ଦାବି ପତ୍ରରେ ଉଲ୍ଲେଖ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱହିନ୍ଦୁ ପରିଷଦର ବ୍ଲକ ସଭାପତି ସପନ ଦେ, ସମ୍ପାଦକ କୈଳାସ ସିଂଲାଲ, କୋଷାଗୁମୁଡା ଓ ଡାବୁଗାଁ ବ୍ଲକ୍ ପାଳକ ଅଧିକାରୀ ଭଗବାନ ମହାନ୍ତି, ଲକ୍ଷ୍ମୀକାନ୍ତ ରଥ, ସୁରେଶ ସାମଲ, ଫୁଲସିଂ ଜାନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋ’ ସମ୍ମାନ ଆହ୍ୱାନ ଅଭିଯାନ ପଦଯାତ୍ରା

ବୈପାରୀଗୁଡ଼ା,୨୭।୪(ସମିସ): ଗୋ-ମାତାଙ୍କୁ ରାଷ୍ଟ୍ରୀୟସ୍ତରରେ ସମ୍ମାନ, ଗୋ’ହତ୍ୟା ବନ୍ଦ ଦାବିରେ ସୋମବାର ସର୍ବଭାରତୀୟସ୍ତରରେ ସାଧୁସନ୍ଥମାନଙ୍କ ଡାକରା ଗୋ’ସମ୍ମାନ ଅଭିଯାନ ଆୟୋଜନ କରାଯାଇଛି। ଏହି କ୍ରମରେ ବୈପାରୀଗୁଡା ଗୋ’ ସମ୍ମାନ ଆହ୍ୱାନ ଅଭିଯାନ କମିଟି ତରଫରୁ ସ୍ଥାନୀୟ ପଟିମେଶ୍ୱର ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଗୋ’ ମାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ, ଗୋହତ୍ୟା ବନ୍ଦ ଆଇନ କଡ଼ାକଡ଼ି କରିବାକୁ ସ୍ଲୋଗାନ ଦେଇଥିଲେ। ଗୋ’ମାତାର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନା ହିନ୍ଦୁ ସମାଜ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଗୋଭକ୍ତ ଏବଂ ଗ୍ରାମବାସୀ ଯୋଗଦେଇଥିଲେ।

# ଶ୍ରୀଜୀଉଙ୍କ ବଡ଼ ଏକାଦଶୀ, ସତ୍ୟନାରାୟଣ ପୂଜା ହୋମ ନୀତି

ନବରଙ୍ଗପୁର, ୨୭।୪ (ସମିସ): ବୈଶାଖ ଶୁକ୍ଳ ଏକାଦଶୀ ପାଳନ ଅବସରରେ ସୋମବାର ଶ୍ରୀ ଜୀଉଙ୍କ ଏକାଦଶୀ ନୀତି ଏବଂ ଶ୍ରୀ ସତ୍ୟନାରାୟଣ ପୂଜା ହୋମ ନୀତି ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ବଡି ଭୋରରୁ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ସମ୍ପନ୍ନ ହେବାପରେ ସୂର୍ଯ୍ୟପୂଜା ଆଦି ନୀତି ସମ୍ପୂର୍ଣ୍ଣ ହେବାପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ସମସ୍ତ ପୂଜା ଓ ନିତିକାନ୍ତି। ଏହି ଅବସରରେ ଆଜି ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିର ଓ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ସତ୍ୟନାରାୟଣଙ୍କ ବ୍ରତ ଓ ପୂଜା ହୋମ ନୀତି କରାଯାଇଥିଲା। ଶ୍ରୀ ସତ୍ୟନାରାୟଣଙ୍କ ପୂଜା ଏବଂ ବ୍ରତ କଥା ଆଦି ନୀତି ସରିବା ପରେ ହୋମ ଯଜ୍ଞ ଆଦି ନୀତି



ଆରମ୍ଭ ହୋଇଥିଲା । ଏହାପରେ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତୀ ସମ୍ପୂର୍ଣ୍ଣ ହେବା ପରେ ଶ୍ରୀ ସତ୍ୟନାରାୟଣଙ୍କ ପୂର୍ଣ୍ଣାହୁତି ଏବଂ ପରେ ଆରତୀ ଏବଂ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମନ୍ଦିର ପରିସରରେ ମନ୍ଦିର ବେଢ଼ା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଏକାଦଶୀ ବେଢ଼ା ନୀତି ସମ୍ପୂର୍ଣ୍ଣ ହେବ ପରେ ଶ୍ରୀମନ୍ଦିରରେ ପତାକା ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଆଜିର ଏହି ବଡ ଏକାଦଶୀ ନୀତି ମନ୍ଦିରରେ ଶତାଧିକ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ଗହଳି ଜମିଥିଲା। ଆଜିର ଏହି ସମସ୍ତ ପୂଜା ନୀତି କାନ୍ତିରେ ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀ, ଶ୍ରୀଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ଝାଡେଶ୍ୱର ଖାଡଙ୍ଗାଙ୍କ ସମେତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଭାବରେ ଜଗନ୍ନାଥ ବ୍ରହ୍ମା, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର କୁମାର ଶତପଥୀ , ସୁଧୀର କୁମାର ଶତପଥୀ , ସୁମିତ କୁମାର ପାଳ , ପପୁ ତ୍ରିପାଠୀ , ଶ୍ରୀ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ , ଉପ ସଭାପତି ଦୁର୍ଗା ତ୍ରିପାଠୀ, ନିଯୋଗ ସମ୍ପାଦକ କୁନା ପାତ୍ର, ନିଯୋଗ ସଦସ୍ୟ ତ୍ରୟାନଥ ତ୍ରିପାଠୀ, ସି ଏଚ ଚିଟିବାବୁ , ଦାମୋଦର ଚୌଧୁରୀ, ବଦ୍ରି ନାରାୟଣ ତ୍ରିପାଠୀ ଜଗନ୍ନାଥ ଦାସ, ନରସିଂହ ନାୟକ, ମୀନ ନାୟକ, ଚୈତନ୍ୟ ନାୟକଙ୍କ ସମେତ ବହୁ କୀର୍ତ୍ତନ ମଣ୍ଡଳୀ ସଦସ୍ୟ ଏବଂ ନିଯୋଗର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଓ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

# ସ୍ୱର ଘୁଙ୍ଗୁର ପକ୍ଷରୁ ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମ

ଜୟପୁର, ୨୭।୪(ସମିସ) :

ଜୟପୁର ଗୀତାଞ୍ଜଳି କଲ୍ୟାଣ ମଣ୍ଡପର ଠାରେ ସଂଗୀତ ଅନୁଷ୍ଠାନ ସ୍ୱର ଘୁଙ୍ଗୁର ପକ୍ଷରୁ ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମରେ ୨୭ ଜଣ କଣ୍ଠଶିଳ୍ପୀ ଭାଗ ନେଇ ନିଜ ନିଜର ସଂଗୀତ ପରିବଷଣ କରିତିଲେ। ଏଥିରେ କେତେକ ଶିଶୁ କଳାକାର ମାନେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିବା ବେଳେ କେତେ ଜଣ ବିଭିନ ବାଦ୍ୟ ଯନ୍ତ୍ର ନିଜେ ବଜାଇ ସଂଗୀତ ଗାନ କରିଥିଲେ। ସ୍ୱର ଘୁଙ୍ଗୁରର ଏଭଳି କାର୍ଯ୍ୟକ୍ରମକୁ ବରିଷ୍ଠ କଳାକାର ଏବଂ ଜୟପୁରର ସାଧାରଣ ଜନତା ଉପସ୍ଥିତ ରହି ଏହିପରି ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମକୁ ନେଇ ପ୍ରଶଂସା କରିଛନ୍ତି। ଆଗାମୀ ଦିନ ରେ ଅଧିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନର ମୁଖ୍ୟ ଧିରେନ ମୋହନ ପଟନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅତିଥି





ଭାବେ ଅବସରପ୍ରାପ୍ତ ଆକାଶବାଣୀ କେନ୍ଦ୍ରର ବରିଷ୍ଠ ସ୍ୱର ସଂଯୋଜକ ବିଜୟ ସାମନ୍ତରାୟ , ସଂଗୀତଜ୍ଞ ବିଜୟ ପାତ୍ର, ଡ. ଜଗଦିଶ ବେହେରା, ଡ. ରୂପେଶ ବେଉରିଆ, ବରିଷ୍ଠ ବଦ୍ୟଯନ୍ତ୍ର ବାଦକ ଶ୍ରୀସନ୍ଥ ପୁଟୁକୁଲି, ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୋରାପୁଟ ଡିଲ୍ଲା ଡେଣ୍ଟାଲ ଚିକିତ୍ସକ ସଂଘ ପକ୍ଷରୁ ସମସ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଗାୟକ ଓ ଗାୟିକାଙ୍କୁ ସ୍ମାରକପତ୍ର ଓ ସ୍ମାରକୀ ପ୍ରଦାନ କରିଥିଲେ। ଏଥିରେ ଗୁରୁ ସୁବଳ ଚରଣ ବାଲା, ଅନୁଷ୍ଠାନ ମୁଖ୍ୟ ଧିରେନ ମୋହନ ପଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ମଞ୍ଚ ପରିଚାଳନା କଣ୍ଠ ଶିଳ୍ପୀ ପ୍ରଜ୍ଞା ପଣ୍ଡା କରିଥିଲେ।

ସକାଳ
THE SAKALA



# କୋଟି କୋଟି ଖର୍ଚ୍ଚ ସତ୍ତ୍ୱେ ରାସ୍ତା ସ୍ଥିତି ବେହାଲ



ଆନନ୍ଦପୁର,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ରେମାଳ ଜଳସେଚନ ପ୍ରକଳ୍ପର ବାଲିପାଳ କେନାଲ ଓ ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ ହେଉଛି। ଚାଷଜମିର ଉନ୍ନତି ପାଇଁ ସରକାର ଆବଶ୍ୟକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ଚାଷୀଙ୍କ ମତାମତକୁ ଉପେକ୍ଷା କରାଯାଉଥିବା ବେଳେ ପାଣି ପଞ୍ଚାୟତ ସହିତ ଆଲୋଚନା ନ କରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବାରୁ ଉଦ୍ଦେଶ୍ୟଠାରୁ ଯୋଜନା ଦୂରେଇ ଯାଉଛି। ଯନ୍ତ୍ରୀମାନଙ୍କ ଏପରି ମନୋଭାବ ପ୍ରତିବାଦରେ କେତେକ ଚାଷୀ ଜଳସମ୍ପଦ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଏହି ପ୍ରକଳ୍ପର କେନାଲ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବାଲିପାଳର ଜିରୋ ପଏଣ୍ଟରୁ ନିର୍ମାଣ ହୋଇଥିବା ରାସ୍ତା କାର୍ଯ୍ୟ ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି।

# ବଢ଼ୁଛି ତାତି: ଜମୁଛି ଝରଣା ସ୍ନାନ ସାଙ୍ଗକୁ ପଖାଳ ଭୋଜି

ଆନନ୍ଦପୁର,୨୭।୪(ସମିସ): ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଥିବାବେଳେ ଆନନ୍ଦପୁରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଦୁଇସପ୍ତାହ ହେଲା ହିଟ୍ ୱେଭ୍ ଲାଗି ରହିଥିବାବେଳେ ଆନନ୍ଦପୁରରେ ତାପମାତ୍ରା ୪୩ଡିଗ୍ରୀ ଅତିକ୍ରମ କରିଛି। ଫଳରେ ତାତି ବଢ଼ିଚାଲିଛି। ତେବେ ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଆନନ୍ଦପୁରରେ ଯୁବଗୋଷ୍ଠୀ ଝରଣାର ଶୀତଳ ଜଳରେ ସ୍ନାନ କରିବା ସହିତ ପଖାଳ ଭୋଜିର ମଜା ଉଠାଉଥିବା ଦେଖିବାକୁ ମିଳିଛି। ଗରମ ଯୋଗୁଁ ସବୁ ସ୍ଥାନରେ ପଖାଳର ଆଦର ବଢ଼ିଛି। ଆନନ୍ଦପୁର, ଘସିପୁରାରେ ହୋଟେଲ ଓ ରେସ୍ତୋରାଁରେ ପଖାଳକୁ ନେଇ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି। ଗ୍ରାହକମାନଙ୍କ ବରାଦ ଅନୁସାରେ ବିଭିନ୍ନ ପ୍ରକାର ପଖାଳ ସାଙ୍ଗକୁ ଚୁନା ମାଛ, ଚିକେନ୍ କସା, ବଡ଼ିଚୁରା, ବିଭିନ୍ନ ପ୍ରକାର ଶାଗ ପ୍ରସ୍ତୁତ କରାଯାଉଥିବା ଦେଖିବାକୁ ମିଳୁଛି।





ସେହିପରି ଘସିପୁରାର ବିଭିନ୍ନ ହୋଟେଲରେ ମଧ୍ୟ ଦିନବେଳା ଗ୍ରାହକମାନେ କେବଳ ପଖାଳ ଭାତକୁ ହିଁ ପସନ୍ଦ କରୁଛନ୍ତି। ସେହିପରି ଚକ୍ରତୀର୍ଥ, ରେମାଳ, ହଦଗଡ଼, ଦରଗୁଡ଼ିଶିଳା, ସୁନାମୁନି ଜଙ୍ଗଲ ବିଚ୍‌ରେ ଗାଧୋଇବା ସହିତ ଭୋଜିଭାତର ଏକ ନିଆରା ମାହୋଲ ଦେଖିବାକୁ ମିଳିଛି। ଆନନ୍ଦପୁର ସହରଠାରୁ ୧୫କିମି ଦୂରରେ ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ରହିଛି ଚକ୍ରତୀର୍ଥ। ଆନନ୍ଦପୁର-ଭଦ୍ରକ ରାସ୍ତାର ତରତରା ଛକଠାରୁ ବାମ ପାର୍ଶ୍ୱକୁ ଛଅ କିମି ଗଲେ ପଡ଼ିବ କାଠକଟା ପଞ୍ଚାୟତ କାର୍ଯ୍ୟାଳୟ। ସେଠାରୁ ଜଙ୍ଗଲିଆ ରାସ୍ତାରେ ତିନିକିମି ଗଲେ ପଡ଼ିବ ଚକ୍ରତୀର୍ଥ ପର୍ଯ୍ୟଟନସ୍ଥଳୀ। ଏହାକୁ ପର୍ଯ୍ୟଟନ ବିଭାଗ କେବଳ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିବାବେଳେ ଏହା କେବଳ ଘୋଷଣାରେ ସୀମିତ ରହିଛି। ସେହିପରି ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାପାଇଁ ରେମାଳ ଡ୍ୟାମ ମଧ୍ୟ ଚଳଚଞ୍ଚଳ ହୋଇଉଠିଛି। ଜଙ୍ଗଲିଆ ପରିବେଶରେ ଡ୍ୟାମର ନୀଳ ଜଳରାଶିରୁ ଆଗନ୍ତୁକ ମାନେ ବିଶେଷ ମଜା ଉଠଉଛନ୍ତି ବୋଲି ତରୀମୂଳର ବିକାଶ ରାଉତ କହିଛନ୍ତି। ସେହିପରି ଅନ୍ୟଏକ ଦର୍ଶନୀୟ ସ୍ଥାନ କୋଳିମାଟି ପଞ୍ଚାୟତ ଦରଗୁଡିଶିଳା, ମନୋହରପୁର ପଞ୍ଚାୟତ ସୁନାମୁନିରେ ଏବେ ଲୋକଙ୍କ ସମାଗମ ପରିଲକ୍ଷିତ ହୋଇଛି। ପାୱାର ପ୍ରୋଜେକ୍ଟ ଫାଟକ ଖୋଲା ରହିଥିବାରୁ ବୈତରଣୀର ନୀଳ ଜଳରାଶିରେ ଗାଧୋଇବା ସହିତ ଭୋଜିଭାତ ଜମୁଛି ବୋଲି ମହେଶ୍ୱର ମଲିକ୍ କହିଛନ୍ତି।

# ଟାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଯୋଡ଼ା,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ବିଲେଇପଦା ଟାଟା ସ୍ପଞ୍ଜ କଲୋନୀରେ ଥିବା ଏକ କ୍ୱାର୍ଟସରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳର ଦେବଦତ୍ତ ରଏ ଘରେ ନ ଥିବା ବେଳେ ତାଙ୍କ କ୍ୱାର୍ଟର୍ସ ନମ୍ବର ଡ/୩ଜ-୧/୫୭ ରୁ ସୁଯୋଗ ଦେଖି କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରି ଚମ୍ପଟ ମାରିଛନ୍ତି। ତେବେ ଚୋରି ହୋଇଥିବା ସୁନାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସେ କହିଛନ୍ତି। ଖବର ପାଇ ପୁଲିସ ଏବଂ ସ୍ୱତନ୍ତ୍ର ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆନନ୍ଦପୁରର ୭ କୃତୀ ଶିକ୍ଷକ ସମ୍ବର୍ଦ୍ଧିତ



ଆନନ୍ଦପୁର,୨୭।୪(ସମିସ): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା ଏବଂ ଜୟଦେବ ସଂସ୍କୃତି ବିକାଶ ପରିଷଦ ଓ ବିଶ୍ୱଦେବ ସମାଜର ମିଳିତ ଆନୁକୂଲ୍ୟରେ କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ପ୍ରତିଭା ପୂଜା ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ଆନନ୍ଦପୁର ଅଞ୍ଚଳର ୭ ଜଣ କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟକ ଭାବରେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ବକ୍ତା, ବିଧାୟିକା ସୋଫିଆ ଫିର୍ଦୌଷ ବିଶିଷ୍ଟ ଅତିଥି ଏବଂ ବିଧାୟକ ଅଗସ୍ତି ବେହେରା, ବିଧାୟକ ରମାକାନ୍ତ ଭୋଇ, କଟକ ଅତିରିକ୍ତ ଜିଲ୍ଲାପାଳ କମଲ୍‌ଜିତ୍ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ସଭାପତି କଳା ଭୂଷଣ ଡକ୍ଟର ପ୍ରଶାନ୍ତ କୁମାର କର ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁରରୁ ମନୋଜ କୁମାର ପଣ୍ଡା, ବାସୁଦେବ ସାହୁ, ରାଜୀବ ନାଏକ, ଅଚ୍ୟୁତାନନ୍ଦ ସେଠୀ, ରବୀନ୍ଦ୍ର କୁମାର ସାହୁ, ଅନିରୁଦ୍ଧ ସେଠୀ, ଭରତ ଚନ୍ଦ୍ର ସାହୁ, ୭ ଜଣ ପ୍ରମୁଖ ପ୍ରତିଭାଧାରୀ ଶିକ୍ଷକ ଏହି ସଭାରେ ସମ୍ମାନିତ ହୋଇ ଜିଲ୍ଲାର ଗୌରବ କରିବାରେ ସହାୟକ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରୁ ଅନ୍ୟାନ୍ୟ ପ୍ରତିଭାଧାରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି।

# ଶ୍ରୀକୁଶଳେଶ୍ୱର ମନ୍ଦିର ବାଙ୍ଗି ପୁନରୁଦ୍ଧାର ଦାବି



ଆନନ୍ଦପୁର,୨୭।୪(ସମିସ): ଆନନ୍ଦପୁର ଉପଖଣ୍ଡ ଦେଓଗାଁସ୍ଥିତ ଶ୍ରୀକୁଶଳେଶ୍ୱର ମନ୍ଦିର ପରିସରରେ ଥିବା ବାଙ୍ଗି ଅଚଳ ହୋଇପଡ଼ିଥିବାରୁ ମହାଦେବଙ୍କ ନୀତିକାନ୍ତିରେ ବିଭ୍ରାଟ ହେଉଥିବା ଅଭିଯୋଗ ହୋଇଛି। ଏହାର ପୁନରୁଦ୍ଧାର ପାଇଁ ସେବାୟତଙ୍କ ପକ୍ଷରୁ ବହୁବାର ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ମରାମତି ହୋଇପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଆଜି ପୂର୍ବତନ ସୈନିକ ଶ୍ରୀକାନ୍ତ ବାରିକ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ଶ୍ରୀମହେଶଙ୍କ ନୀତିକାନ୍ତି ପାଇଁ ତୁରନ୍ତ ବାଙ୍ଗିର ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି କୁଶେଇ ନଦୀର ଦକ୍ଷିଣପାଶ୍ୱର୍ରେ ଥିବା ପ୍ରାଚୀନ ଐତିହ୍ୟ ସୁନ୍ଦର ପଥର ବନ୍ଧ ଯାହାକି ଓଡ଼ିଶାର ଦ୍ୱିତୀୟ ପଥର ବନ୍ଧର ମାନ୍ୟତା ପାଇଛି, ତାହାର ସୁରକ୍ଷା ପ୍ରତି ଜଳ ସମ୍ପଦ ବିଭାଗର ଅବହେଳା ଯୋଗୁଁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଣୁ ଐତିହ୍ୟସମ୍ପନ୍ନ ପ୍ରାଚୀନ ପଥର ବନ୍ଧ ଓ ମନ୍ଦିରର ବାଙ୍ଗି ପୁନରୁଦ୍ଧାର ଦିଗରେ ଦୃଷ୍ଟି ଦିଆଯାଉ ବୋଲି ଶ୍ରୀ ବାରିକ ଦାବି ଜଣାଇଛନ୍ତି।

# ତେଲକୋଇ ଗୋ-ସେବା ସଙ୍ଘର ସମାଜସେବା



ତେଲକୋଇ,୨୭।୪(ସମିସ): ତେଲକୋଇସ୍ଥିତ ପୁରୁଣା ବସଷ୍ଟାଣ୍ଡ ବାହାରେ ରବିବାର ସନ୍ଧ୍ୟା ସମୟରେ ଜଣେ ବାଇକ ଆରୋହୀ ଶୋଇଥିବା ଛୁଆ ଷଣ୍ଢକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଆରୋହୀ ଓ ଷଣ୍ଢ ଆହତ ହୋଇଥିଲେ। ଆହତ ଷଣ୍ଢଟିକୁ ତେଲକୋଇ ଗୋ ସେବା ସଂଘର ସଦସ୍ୟ ସୁଶାନ୍ତ (କାହ୍ନା), ଜ୍ୟୋତିର୍ଦେବ ସିଂ ଓ କାହ୍ନୁଙ୍କ ସହାୟତାରେ ଚିକିତ୍ସା କରାଯାଇଛି।

# କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମଚନ୍ଦ୍ରପୁର ଚାମ୍ପିଅନ



ତେଲକୋଇ,୨୭।୪(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ରାମଚନ୍ଦ୍ରପୁର ଗାଁ ଖେଳ ପଡ଼ିଆଠାରେ ରାମଚନ୍ଦ୍ରପୁର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କରଦାଙ୍ଗୀ କ୍ରିକେଟ କ୍ଲବ୍ ଓ ରାମଚନ୍ଦ୍ରପୁର କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଚନ୍ଦ୍ରପୁର କ୍ରିକେଟ କ୍ଲବ୍ କରଦାଙ୍ଗୀ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ୨୪ଟି କ୍ରିକେଟ୍ ଟିମ ଅଂଶ ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ପ୍ରେସ କ୍ଲବ୍‌ର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସନ୍ତୋଷ ଦେହୁରୀ, ବିକ୍ରମ ଚୌହାନ ପ୍ରମୁଖ ଅନ୍ତର୍ଭୁକ୍ତ ରହିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଉମେଶ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ଡିଲେଶ୍ୱର ସାହୁ, ପ୍ରଦୀପ କୁମାର ସାହୁ ଯୋଗଦେଇ ଚାମ୍ପିଅନ ଓ ପରାଜିତ ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କୃତ କରିଥିଲେ। ଏହି ଖେଳକୁ ଅମ୍ପାୟାର ଭାବେ ସୁମନ ସାହୁ ଓ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ। ସଜି ସାହୁ ଓ ଗୁପ୍ତେଶ୍ୱର ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।

# କୁଶଳେଶ୍ୱର ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଆନନ୍ଦପୁର,୨୭।୪(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ +୩ ଅର୍ଥନୀତି ବିଭାଗର ୩ୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଇଲାବତି ଖୁଣ୍ଟିଆ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳକା ପାଢ଼ୀ, ମହେଶ୍ୱର ପାତ୍ର, ଦାମୋଦର ମୁଣ୍ଡା, ରାଷ୍ଟ୍ର ରଞ୍ଜନ ବାରିକ, ଗଣେଶ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ଛାତ୍ରଛାତ୍ରୀ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ଅଧ୍ୟାପକ କ୍ଷେତ୍ରବାସୀ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରାୟଣପୋଷି ଖଣିରେ ଜଳ କିଓସ୍କ ଉଦ୍‌ଘାଟିତ

ଯୋଡ଼ା,୨୭।୪(ସମିସ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ନାରାୟଣପୋଷି ଖଣିରେ ଏକ ନୂତନ ଜଳ କିଓସ୍କ ଖୋଲିଛି। ଏହି କିଓସ୍କ ସ୍ଥାନୀୟ ବାସିନ୍ଦା ଏବଂ ଖଣି ଶ୍ରମିକ ଉଭୟଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇବ। ଯାହା ଏହି ଅଞ୍ଚଳର ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ। କମ୍ପାନୀର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ଏହି ସୁବିଧାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଥିଲା। ପ୍ରତିଦିନ ସେହି ବାଟ ଦେଇ ଯାଉଥିବା ସମସ୍ତଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ କରାଯାଇଥିବା ଏହି କିଓସ୍କ ଦୂର ଉତ୍ସରୁ ପାଣି ଆଣିବା ପାଇଁ ଆବଶ୍ୟକ ପ୍ରୟାସକୁ ଯଥେଷ୍ଟ ହ୍ରାସ କରିବ। ଏହାର ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଜେଏସ୍‌ଡବ୍ଲୁ ଷ୍ଟିଲ୍ ନିୟମିତ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ପାଇଁ ଯୋଜନା ପ୍ରସ୍ତୁତ କରିଛି। କମ୍ପାନୀ ଏହା ମଧ୍ୟ ଘୋଷଣା କରିଛି ଯେ ଅନ୍ୟ ଖଣି ସ୍ଥାନରେ ମଧ୍ୟ ସମାନ କିଓସ୍କ ପ୍ରତିଷ୍ଠା କରାଯିବ।




# ଜନ ଆକ୍ରୋଶ ମହିଳା ପଦଯାତ୍ରା




କେନ୍ଦୁଝର,୨୭।୪(ସମିସ): ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର କେନ୍ଦୁଝରରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳା ମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡ଼ିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ରାହୁଲ ଗାନ୍ଧୀ, ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧି ପରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ନିୟମ ଅଣାଯାଇଥିଲା। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୂତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଂଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିଲା। ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝରରେ ଅନୁରୂପ କାର୍ଯ୍ୟକ୍ରମ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ, ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।।

# ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି



ଯୋଡ଼ା,୨୭।୪(ସମିସ): ଯୋଡ଼ା ବାମେବାରୀ ଦେଇ କାଳିମାଟିରୁ ପଳାସପଙ୍ଗାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଅବସ୍ଥା ଦୀର୍ଘଦିନ ଧରି ଜର୍ଜରିତ ଅବସ୍ଥାରେ ରହିଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ, ଖସିଯାଇଥିବା ପିଚୁ ଏବଂ ଅସମତଳ ଯୋଗୁଁ ଯାତାୟାତ ସମସ୍ୟା ଉପୁଜୁଥିଲା। ବିଶେଷକରି ଖଣି ଅଞ୍ଚଳ ହେତୁ ଏହି ରାସ୍ତା ଉପରେ ଭାରୀ ଯାନବାହନର ଚଳାଚଳ ଅଧିକ ଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହୋଇଯାଇଥିଲା। ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକମାନେ ଏହି ରାସ୍ତା ମରାମତି ପାଇଁ ଦାବି କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିଲା। ତେବେ ୨୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି ହେଉଥିବା ଦେଖିବାକୁ ମିଳିଛି। ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ହଠାତ ମରାମତି କାମ ଆରମ୍ଭ ହୋଇଛି। ଗର୍ତ୍ତ ପୂରଣ, ପିଚୁ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଦେଖିବାକୁ ମିଳୁଛି। ଦିନ ଓ ରାତିରେ କାମ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ସାଧାରଣ ଲୋକ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିଲେ ମଧ୍ୟ ପ୍ରଶାସନ ଏପର୍ଯ୍ୟନ୍ତ ନିଷ୍କ୍ରିୟ ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୂଚନା ପରେ ହଠାତ୍ ମରାମତି କାମ ଆରମ୍ଭ ହେବା ନେଇ ପ୍ରଶ୍ନ ଉଠୁଛି। ତଥାପି ଲୋକମାନେ ଆଶା କରୁଛନ୍ତି ଯେ, ଏହି ମରାମତି କେବଳ ଲୋକ ଦେଖାଣିଆରେ ସୀମିତ ନ ରହି ସ୍ଥାୟୀ ଭାବେ ରାସ୍ତାର ଉନ୍ନତି କରାଯାଉ। ଏହି ରାଜ୍ୟ ରାଜପଥଟି ବ୍ୟବସାୟିକ କାର୍ଯ୍ୟ ଓ ସାଧାରଣ ଯାତାୟାତ ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଏହାର ସ୍ଥାୟୀ ମରାମତି ଓ ରକ୍ଷଣାବେକ୍ଷଣ ଆବଶ୍ୟକ ବୋଲି ସ୍ଥାନୀୟଲୋକମାନେ ଦାବି କରିଛନ୍ତି। ଗସ୍ତ ପରେ ଯଦି ଏହି ମରାମତି କାର୍ଯ୍ୟ ଜାରି ରହେ, ତେବେ ସାଧାରଣ ଲୋକଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହୋଇପାରିବ ବୋଲି କିଛି ସ୍ଥାନୀୟ ଲୋକେ କହିଛନ୍ତି।

# କଟକ ସିଟି





## ପୁଲିସ ଓ ପ୍ରଶାସନ ସାଜିଛନ୍ତି ନିରବଦ୍ରଷ୍ଟା

# ଅବାଧରେ ଚାଲିଛି ନକଲି ଆକ୍ୱାଗାର୍ଡ କାର୍ବନ ଓ କ୍ୟାଣ୍ଡଲ୍ ବ୍ୟବସାୟ



**ସାରା ରାଜ୍ୟକୁ ହେଉଛି ଯୋଗାଣ; କ୍ରେତା ହନ୍ତସନ୍ତ**
**ଦିଲ୍ଲୀ, ରାୟପୁର ଓ ଗୁଜୁରାଟ୍‌ରୁ ଆସୁଛି ସାମଗ୍ରୀ**
**ବୁଲୁଛନ୍ତି ମାଲ ମାଲ ନକଲି ଏଜେଣ୍ଟ୍**
**ଗୋଦାମରେ କୋଟି କୋଟି ଟଙ୍କାର କାରବାର**

କଟକ,୨୭।୪(ସମିସ):

ସହରରେ ଜଳ ବିଶୋଧନ ମେସିନ୍ ଆକ୍ୱାଗାର୍ଡରେ ନକଲି କଞ୍ଚାମାଲ୍ ତଥା କ୍ୟାଣ୍ଡଲ୍, କାର୍ବନ୍, ଯନ୍ତ୍ରାଂଶ, ଷ୍ଟିକର, ଟ୍ୟାଗ୍ ଇତ୍ୟାଦିର ଅବାଧ କାରବାର ବଢ଼ି ଚାଲିଛି। କେତେକ ଅସାଧୁ ବ୍ୟକ୍ତି ଗୋଦାମ କରି ଦିଲ୍ଲୀ, ରାୟପୁର ଓ ଗୁଜୁରାଟ୍‌ରୁ ନକଲି ସାମଗ୍ରୀ ଆଣି କଟକ ସହରରେ ତାହାକୁ ପ୍ୟାକେଜିଂ କରୁଛନ୍ତି। ଏଜେଣ୍ଟ୍ ଜରିଆରେ ଓଡ଼ିଶାର ଉପକୂଳବର୍ତ୍ତି ଜିଲ୍ଲା ସମେତ ସମ୍ବଲପୁର, ବଲାଙ୍ଗିର, ମୟୂରଭଞ୍ଜ, ରାୟଗଡ଼ା, କଳାହାଣ୍ଡି ଭଳି ଏକାଧିକ ଜିଲ୍ଲାକୁ ଯୋଗାଣ କରାଯାଉଛି। ଯେଉଁ ଗ୍ରାହକ ବିଶୁଦ୍ଧ ପାଣି ପିଇବା ନିମନ୍ତେ ବଜାରରୁ ଆକ୍ୱାଗାର୍ଡ ଭଳି ବିଭିନ୍ନ କମ୍ପାନୀର ଜଳ ବିଶୋଧନ ମେସିନ୍ କିଣୁଛନ୍ତି, ସେମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଜଳ ବିଶୋଧନ ମେସିନ୍‌ର କ୍ୟାଣ୍ଡଲ୍ ଓ କାର୍ବନ ମୁଖ୍ୟ ଯନ୍ତ୍ରାଂଶ। ଯଦି ଜଳ ବିଶୋଧନ ମେସିନ୍‌ରେ ଏହି ୨ଟି ନକଲି ଯନ୍ତ୍ରାଂଶ ଲଗାଯାଉଛି, ତେବେ ସେଥିରେ ପାଣି ଆଦୌ ବିଶୋଧନ ହେଉନାହିଁ। ସାଧାରଣ ଲୋକଙ୍କୁ ଏଭଳି ଭାବେ ନକଲି ସାମଗ୍ରୀ ବିକ୍ରି କରି ଅସାଧୁ ବ୍ୟବସାୟୀମାନେ କୋଟି କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି। ୨ବର୍ଷ ପୂର୍ବରୁ ଏହି ନକଲି ଜଳ ବିଶୋଧନ ମେସିନ୍ ଓ ଏହାର ଯନ୍ତ୍ରାଂଶ ଧରପଗଡ଼ ଜୋରଦାର କରାଯାଇଥିଲା। ବାଦାମବାଡ଼ି ଥାନା ପୁଲିସ ଆକ୍ୱାଗାର୍ଡ କମ୍ପାନୀର ବରିଷ୍ଠ କର୍ମଚାରୀଙ୍କ ଉପସ୍ଥିତିରେ ଏକ ଗୋଦାମରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସେଠାରେ ପ୍ରାୟ ୯୦ ଲକ୍ଷ ଟଙ୍କାର ନକଲି ଆକ୍ୱାଗାର୍ଡ ଯନ୍ତ୍ରାଂଶ ମିଳିଥିଲା। ୧ମାସ ମଧ୍ୟରେ ସହରର ଏକାଧିକ ସ୍ଥାନରେ ରହିଥିବା ଗୋଦାମ ଓ ଦୋକାନରେ ଚଢ଼ଉ କରାଯାଇ, ଅଢ଼େଇ କୋଟି ଟଙ୍କାର ନକଲି ସାମଗ୍ରୀ ଜବତ କରାଯାଇଥିଲା। ଏହି ଘଟଣାରେ ସମୁଦାୟ ୪ଜଣ ଗିରଫ ହୋଇଥିଲେ। ଆଶା କରାଯାଉଥିଲା, ଏହି ନକଲି କାରବାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ; କିନ୍ତୁ ଏବେ ବଜାରର ସ୍ଥିତି ଭିନ୍ନ। କୋଟି କୋଟି ଟଙ୍କାର ନକଲି ଜଳ ବିଶୋଧନ ମେସିନ୍ ଯନ୍ତ୍ରାଂଶ ବଜାରରେ ଅବାଧରେ ବିକ୍ରି ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ କମିସନରେଟ୍ ପୁଲିସ ନିରବଦ୍ରଷ୍ଟା ସାଜିଛନ୍ତି।

ସୂଚନା ଅନୁସାରେ, ଦିଲ୍ଲୀ, ରାୟପୁର ଓ ଗୁଜୁରାଟର ନକଲି ଫାର୍ମାଗୁଡ଼ିକରୁ ୟୁରେକା ଫୋର୍ବସ କମ୍ପାନିର ଜଳ ବିଶୋଧନ ମେସିନ୍(ଆକ୍ୱାଗାର୍ଡ)ରେ ବ୍ୟବହୃତ କଞ୍ଚାମାଲ୍, କାର୍ବନ୍, ଯନ୍ତ୍ରାଂଶ ଏବଂ ଲୋଗା କଟକ ସହରକୁ ଅଣାଯାଉଛି। କଟକରେ ଏହାକୁ ହୋଲସେଲ୍ ଦରରେ ବିଭିନ୍ନ ଜିଲ୍ଲାକୁ ହୋଲସେଲର୍‌ଙ୍କୁ ବିକ୍ରୟ କରାଯାଉଛି। ୬୦ରୁ ୭୦ ଟଙ୍କାରେ ରାଜ୍ୟ ବାହାର ନକଲି ଫାର୍ମାରୁ କ୍ୟାଣ୍ଡଲ୍ ଓ କାର୍ବନ ଅଣାଯାଇ ୧୦୦ରୁ ୨୦୦ଟଙ୍କା ଦରରେ ବିକ୍ରି କରାଯାଉଛି। ସମ୍ପୃକ୍ତ ହୋଲସେଲର୍‌ମାନେ ଏହାକୁ ୫୦୦ରୁ ୬୦୦ଟଙ୍କା ମୂଲ୍ୟରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି। ଏଭଳି ନକଲି କାରବାର ଦୀର୍ଘ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଛି। ଆଦୌ ଚଢ଼ଉ ହେଉ ନଥିବାରୁ ନକଲି କାରବାରରେ ରୋକ୍ ଲାଗି ପାରୁନାହିଁ। ପୂର୍ବରୁ ରାଣୀହାଟ ଅଞ୍ଚଳର କେଶବଚନ୍ଦ୍ର ପାଇକରାୟ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ଏବେ ରାଣୀହାଟ, ମଙ୍ଗଳାବାଗ ଏବଂ କଲେଜଛକ ଅଞ୍ଚଳରେ ନକଲି ଆକ୍ୱାଗାର୍ଡ ସାମଗ୍ରୀ ବିକ୍ରୟ ହେଉଥିବା କମିସନରେଟ୍ ପୁଲିସ ଜାଣିବାକୁ ପାଇଥିଲା। ଏନେଇ ମଙ୍ଗଳାବାଗ ଥାନା ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଚଢଉ କରାଯାଇଥିଲା। ସେହିପରି ପୂର୍ବରୁ ବାଦାମବାଡ଼ି ପୁଲିସ ପିଠାପୁର ଅଞ୍ଚଳରେ ଥିବା ଏକାଧିକ ଗୋଦାମ ଓ ହରିପୁର ରୋଡ୍ ଥିବା ବହୁ ଦୋକାନରେ ଚଢ଼ଉ କରି ପ୍ରାୟ ୧କୋଟିରୁ ଅଧିକ ଟଙ୍କାର ନକଲି ଆକ୍ୱାଗାର୍ଡ ସାମଗ୍ରୀ ଜବତ କରିଥିଲା। ଏବେ ଚଢ଼ଉ ଜୋରଦାର କରିବାକୁ ସାଧାରଣରେ ଦାବି ଉଠିଛି।

# ବିଦ୍ୟୁତ୍ ଟାୱାର ନିର୍ମାଣକୁ ହାଇକୋର୍ଟଙ୍କ ସବୁଜ ସଙ୍କେତ

## ଜମି ମାଲିକଙ୍କୁ ମିଳିବ କ୍ଷତିପୂରଣ

**କଟକ,୨୭।୪(ସମିସ):** ଅନୁଗୋଳ ଜିଲ୍ଲା ସାବଳଭଙ୍ଗା ରାଜସ୍ୱ ଗ୍ରାମରେ ବିଦ୍ୟୁତ ଟ୍ରାନ୍ସମିସନ ଟାୱାର ନିର୍ମାଣକୁ ନେଇ ଚାଲିଥିବା ବିବାଦର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ଗ୍ରାମବାସୀଙ୍କ ଆବେଦନକୁ ଖାରଜ କରିବା ସହ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ବିଦ୍ୟୁତ ଟ୍ରାନ୍ସମିସନ ଲାଇନ ସ୍ଥାପନ ଏକ ବୃହତ୍ତର ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟ। ଏହା ଦେଶର ବିକାଶ ଏବଂ ନାଗରିକଙ୍କ କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ, ତେଣୁ ଏଥିରେ କୌଣସି ବାଧା ସୃଷ୍ଟି କରାଯାଇପାରିବ ନାହିଁ। ଯଦି ଟାୱାର ନିର୍ମାଣ କିମ୍ବା ବିଦ୍ୟୁତ ତାର ସଂଯୋଗ ଦ୍ୱାରା କୌଣସି ବ୍ୟକ୍ତିଗତ ଜମିର କ୍ଷତି ହେଉଛି, ତେବେ ସମ୍ପୃକ୍ତ ଜମି ମାଲିକ ନିଶ୍ଚିତ ଭାବେ ଉପଯୁକ୍ତ କ୍ଷତିପୂରଣ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ପୂର୍ବରୁ ମୋନେଟ ପାୱାର କମ୍ପାନୀ ଲିମିଟେଡ୍ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ପରବର୍ତ୍ତୀ ସମୟରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ନିଲାମ ମାଧ୍ୟମରେ ଅଧିଗ୍ରହଣ କରିଥିଲା। ସାବଳଭଙ୍ଗା ଜଙ୍ଗଲ ଗ୍ରାମର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ, ୨୦୧୩ ମସିହାର ସରକାରୀ ଗେଜେଟ୍ ବିଜ୍ଞପ୍ତିରେ ସେମାନଙ୍କ ଗ୍ରାମର ନାମ ଉଲ୍ଲେଖ ନ ଥାଇ ମଧ୍ୟ ଜବରଦସ୍ତି ଟାୱାର ନିର୍ମାଣ କରାଯାଉଛି। ବିଦ୍ୟୁତ ଆଇନ ଏବଂ ଇଣ୍ଡିଆନ ଟେଲିଗ୍ରାଫ୍ ଆକ୍ଟ ଅନୁଯାୟୀ, ତାର କିମ୍ବା ଟାୱାର ବସାଇବା ପାଇଁ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ କରିବା କିମ୍ବା ମାଲିକଙ୍କ ସମ୍ମତି ନେବାର ଆବଶ୍ୟକତା ନାହିଁ ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ହାଇକୋର୍ଟ ଗ୍ରାମବାସୀଙ୍କ ଆବେଦନକୁ ଖାରଜ କରିବା ସହ କମ୍ପାନୀକୁ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦେଇଛନ୍ତି। ଏଥିସହିତ, ସାବଳଭଙ୍ଗା ଗ୍ରାମରେ ନିର୍ମାଣ କାର୍ଯ୍ୟ ଯୋଗୁଁ ଯଦି କୌଣସି ବ୍ୟକ୍ତିଙ୍କର କ୍ଷତି ହୋଇଛି, ତେବେ ସେମାନଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ



**କଟକ,୨୭।୪(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୪୧ନଂ ୱାର୍ଡର ମଝି ସାହିଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଆଜି ସନ୍ଧ୍ୟାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସର ନୀତି ଓ ଆଦର୍ଶ ଉପରେ ଭରସା ପ୍ରକଟ କରି ବିଭିନ୍ନ ଦଳର ଅନେକ ସକ୍ରିୟ କର୍ମୀ ଆଜି ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସମରେଶ ଚନ୍ଦ୍ର ବେହେରା, ରତ୍ନାକର ସାମଲ, ସନ୍ତୋଷ ନାୟକ, ଶ୍ରୀମନ୍ତ ଦାସ, ପ୍ରଦୀପ ବେହେରା, ବାବୁଲି ପରିଡ଼ା, ବୀରେନ୍ଦ୍ର ଦାସ, ସେଖ ଲିଆକତ ଉଦ୍ଦିନ ଅହମ୍ମଦ ଓ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅନଧିକୃତ ଅନୁପସ୍ଥିତି ପାଇଁ ଚାକିରିରୁ ବିଦା କରିବା କଠୋର ଦଣ୍ଡ ନୁହେଁ; ବରଂ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ'

**ବ୍ୟାଙ୍କ ଅଧିକାରୀଙ୍କ ବହିଷ୍କାର ଆଦେଶକୁ କାଏମ ରଖିଲେ ହାଇକୋର୍ଟ**

**କଟକ,୨୭।୪(ସମିସ):** ଅନଧିକୃତ ଅନୁପସ୍ଥିତି ପାଇଁ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଏକ କଠୋର୍ ଦଣ୍ଡ ନୁହେଁ, ବରଂ ଏହା ଏକ ପ୍ରାସଙ୍ଗିକ କାର୍ଯ୍ୟାନୁଷ୍ଠାନ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବଦଳି ହେଉଛି ଚାକିରିର ଏକ ସ୍ୱାଭାବିକ ପ୍ରକ୍ରିୟା। ନିଜ ପସନ୍ଦର ସ୍ଥାନରେ ସବୁ ଦିନ ରହିପାରିବା ନେଇ କୌଣସି କର୍ମଚାରୀଙ୍କର ଆଇନଗତ ଅଧିକାର ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଖଲିଲ ଜିବ୍ରାନଙ୍କ ଉଦ୍ଧୃତି ଦେଇ ହାଇକୋର୍ଟ କହିଛନ୍ତି ଯେ 'କାର୍ଯ୍ୟ ମାଧ୍ୟମରେ ଜୀବନକୁ ଭଲ ପାଇବା ହେଉଛି ଜୀବନର ସବୁଠାରୁ ଗଭୀର ରହସ୍ୟ।' ଏଣୁ, କର୍ତ୍ତବ୍ୟକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ଏକ ବ୍ୟାଙ୍କର ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ନିଷ୍ପତ୍ତିକୁ କାଏମ ରଖି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଜଣକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ୨୦୧୧ ମସିହାରେ ଏକ ବ୍ୟାଙ୍କରେ ଯୋଗ ଦେଇଥିଲେ ଏବଂ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ୨୦୧୯ ମସିହାରେ ତାଙ୍କୁ ଗୁଜରାଟର ଗୋଧ୍ରା ଅଞ୍ଚଳକୁ ବଦଳି କରାଯାଇଥିଲା, କିନ୍ତୁ ସେ ସେଠାରେ ଯୋଗନଦେଇ ଦୀର୍ଘଦିନ ଧରି ଅନଧିକୃତ ଭାବେ ଅନୁପସ୍ଥିତ ରହିଥିଲେ। ଏହି କାରଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବାହାର କରିଦେଇଥିଲେ। ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣକିଆ ବିଚାରପତି ମଧ୍ୟ ତାଙ୍କ ବହିଷ୍କାର ଆଦେଶକୁ କାଏମ ରଖିବାରୁ ସେ ଏହା ବିରୋଧରେ ଦୁଇଜଣିଆ ଖଣ୍ଡପୀଠରେ ନିବେଦନ କରିଥିଲେ। ଆବେଦନକାରୀ ନିଜ ବୃଦ୍ଧ ପିତାମାତାଙ୍କ ସେବା କରିବା ପାଇଁ ବଦଳି ହୋଇ ଯାଇପାରିବେ ନାହିଁ ବୋଲି ଯୁକ୍ତି ଦର୍ଶାଇଥିଲେ। କିନ୍ତୁ, କୋର୍ଟ ଜାଣିବାକୁ ପାଇଲେ ଯେ ତାଙ୍କର ଜଣେ ଡାକ୍ତର ଭାଇ ଏବଂ ବିବାହିତା ଭଉଣୀ ଅଛନ୍ତି, ଯାହା ସେ ପୂର୍ବରୁ କୋର୍ଟଙ୍କୁ ଜଣାଇନଥିଲେ। ଏଣୁ, ହାଇକୋର୍ଟ କହିଛନ୍ତି ଯେ 'ଯିଏ ସ୍ୱଚ୍ଛ ହୃଦୟ ଓ ସ୍ୱଚ୍ଛ ମନରେ କୋର୍ଟକୁ ଆସେ ନାହିଁ, ସେ ରିଟ୍ ଆବେଦନ କରିବାକୁ ଯୋଗ୍ୟ ନୁହନ୍ତି।' ସେହିଭଳି ବ୍ୟାଙ୍କ ପରି ଏକ ସର୍ବଭାରତୀୟ ସେବା କ୍ଷେତ୍ରରେ ବଦଳି ଆଦେଶ ଅବମାନନା କଲେ ବହୁ ଅସୁବିଧା ସୃଷ୍ଟି ହୋଇଥାଏ ବୋଲି ଅଦାଲତ ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି।

## ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଘାଟିତ

**କଟକ,୨୭।୪(ସମିସ):** କଟକ ମହାନଗର ନିଗମ ୫୭ ନମ୍ବର ୱାର୍ଡ ଅନ୍ତର୍ଗତ ପାଇକସାହି ଗ୍ରାମର ଜୟ ମଙ୍ଗଳା ରାମଲୀଳା ପ୍ରଚାର ସମିତି ଓ ଜୟ ମହାବୀର ଗ୍ରାମ୍ୟ ଉନ୍ନୟନ କମିଟିର ମିଳିତ ଆନୁକୂଲ୍ୟରେ ୫୯ତମ ଶ୍ରୀରାମଲୀଳା ମହୋତ୍ସବ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କମିଟି ସମ୍ପାଦକ ନଳିନୀ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ, ସ୍ୱାଧୀନଚେତା ମହାନ୍ତି ଓ କର୍ପୋରେଟର ଲିପ୍ସା ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ରଜନୀରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାରଣାଙ୍କ ରଚିତ ତଥା ଚକ୍ରଧର ମହାରଣାଙ୍କ ନିର୍ଦ୍ଦେଶିତ ନାଟକ "ମର୍ଯ୍ୟାଦା ରଖିଲେ ପୁରୁଷୋତ୍ତମ" ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦିଲ୍ଲୀପ ସ୍ୱାଇଁ, ବାଉରୀବନ୍ଧୁ ସାହୁ ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ,୨୭।୪(ସମିସ):** 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି 'ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଙ୍କ ହରିହର ସେଠୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ବର୍ତ୍ତମାନ ଯୁଗରେ ପରିବେଶବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡ. ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଫେସର ଡ. ଲବଙ୍ଗଲତା ବିଶୋଇ, ସ୍ନେହଲତା ଦ୍ୱିବେଦୀ, ଡ. ଶୁଭଶ୍ରୀ ପଟ୍ଟନାୟକ, କ୍ଷୀରୋଦ ଜେନା, ଉତ୍ତମ ଚରଣ ପ୍ରଧାନ, ଗୀତାଞ୍ଜଳି ନାୟକ, ମନୋଜ ବସନ୍ତରାୟ, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ, ରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସନ୍ତୋଷ ପାଲ ଧନ୍ୟବାଦ ଦେଇଥିଲେ।



# ସଘନ ସଂଶୋଧନ କାର୍ଯ୍ୟ ଯାଞ୍ଚ

**ତିଗିରିଆ,୨୭।୪(ସମିସ):** ରାଜ୍ୟରେ ଭୋଟର ତାଲିକାକୁ ସଠିକ ରୂପ ଦେବା ନିମନ୍ତେ ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ସଘନ ସଂଶୋଧନ କାର୍ଯ୍ୟ ଚାଲିଛି। ଭୋଟର ତାଲିକାରେ କେହି ବି ଯୋଗ୍ୟ ବ୍ୟକ୍ତି କିପରି ବାଦ ନ ପଡନ୍ତି ଏହା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ନିର୍ବାଚନ ଅୟୋଗ। ଏହି କ୍ରମରେ ଆଠଗଡ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ତିଗିରିଆ ସହ ପଞ୍ଜିକରଣ ଅଧିକାରୀ ତଥା ଗୋଷ୍ଠି ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଧର୍ମରଞ୍ଜନ ପଣ୍ଡା ପଞ୍ଚଗାଁ, ବିନ୍ଧାଣିମା, ଭେଜିଆ, ପୁରୁଣା ତିଗିରିଆ, ଅଚଳକୋଟ ପଭୃତି କ୍ଷେତ୍ର ପରିଦର୍ଶନ କରିବା ସହିତ ଉକ୍ତ କ୍ଷେତ୍ରରୁ ବାଦ ହେବାକୁ ଥିବା ବ୍ୟକ୍ତିଙ୍କ ବିଷୟରେ ଯାଞ୍ଚ କରିଛନ୍ତି ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ରାମକୃଷ୍ଣ କୁଟୀରକୁ ଓପିଜିସିର ଖେଳ ସାମଗ୍ରୀ ପ୍ରଦାନ



**କଟକ,୨୭।୪(ସମିସ):** ଓଡିଶା ପାୱାର୍ ଜେନେରେସନ୍ କର୍ପୋରେସନ(ଓପିଜିସି) ପକ୍ଷରୁ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରର ଅନ୍ତେବାସୀମାନଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି। ଓପିଜିସିର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ନିର୍ଦ୍ଦେଶକ ତଥା କୁଟୀରର ପ୍ରାକ୍ତନ ଅନ୍ତେବାସୀ ଗଗନ ବିହାରୀ ସ୍ୱାଇଁ ଟ୍ରେଡମିଲ୍, ବ୍ୟାଡମିଣ୍ଟନ୍, ପିକିଲ ବଲ୍ ଆଦି ଖେଳ ସରଞ୍ଜାମ ପ୍ରଦାନ କରିଥିଲେ। ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ କୁଟୀରର ଉପସଭାପତି ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଅନ୍ୟତମ ଉପସଭାପତି ଡ଼ଃ ସତ୍ୟ ରାୟ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ଡ଼ଃ ଓଁକାର ରାଉତ, ବିଶ୍ୱଜିତ ମହାପାତ୍ର, ରାକେଶ ଶତପଥୀ, ବିଦ୍ୟୁତ କୁମାରୀ ଲାଲା, ଜ୍ଞାନରଞ୍ଜନ ଦାସ ଓ ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଏହା ପରେ ଅନ୍ତେବାସୀମାନେ ବ୍ୟାଡମିଣ୍ଟନ ଖେଳିଥିଲେ।

# ବଡ଼ମ୍ବାରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ'



**ବଡମ୍ବା,୨୭।୪(ସମିସ):** ପବିତ୍ର ଗୋ ସମ୍ମାନ ଦିବସ ଅବସରରେ ବୃହଦମ୍ବା ଗୋ ସେବକ ଓ ହିନ୍ଦୁସେନା ବଡ଼ମ୍ବା ଶାଖା ପକ୍ଷରୁ ଏକ ବିଶାଳ ପଦଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଶତାଧିକ ଗୋ ସେବକ ସ୍ଥାନୀୟ ଗାନ୍ଧୀଛକଠାରୁ ଏକ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। "ଗୋ ହତ୍ୟା ବନ୍ଦ କର" ଏବଂ "ଗୋ ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା କର" ଭଳି ସ୍ଲୋଗାନ ଦେଇ ଗୋ ସେବକମାନେ ବଡ଼ମ୍ବା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅବାଧ ଗୋ-ଚାଲାଣ ରୋକିବା ଏବଂ ଗୋ-ମାତାଙ୍କ ସୁରକ୍ଷା ପାଇଁ ସମସ୍ତ ଜନସାଧାରଣ ଆଗେଇ ଆସିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଗୋ ସେବକ ମଣ୍ଡଳୀର କର୍ମକର୍ତ୍ତାମାନେ ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରକୁ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ସେମାନେ ନିବେଦନ କରିଛନ୍ତି।

# ଗୋ-ସୁରକ୍ଷା ଓ ଗୋ ହତ୍ୟା ନିଷେଧ ଦାବିରେ ଶୋଭାଯାତ୍ରା

**କଟକ, ୨୭।୪ (ସମିସ):** ଗୋ ସମ୍ପଦର ସୁରକ୍ଷା ଏବଂ ଏହାକୁ ଉଚିତ ସମ୍ମାନ ପ୍ରଦାନ ଦାବିରେ ଆଜି କଟକର



ବିଭିନ୍ନ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଛି। ଶୋଭାଯାତ୍ରା ସ୍ଥାନୀୟ ଚଣ୍ଡୀ ମନ୍ଦିର ଛକ ନିକଟରୁ ବାହାରି ଚାନ୍ଦିନୀଚୌକସ୍ଥିତ ତହସିଲଦାରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ଏବଂ ଗୋ ସମ୍ପଦର ସୁରକ୍ଷା ପାଇଁ କଠୋର କେନ୍ଦ୍ରୀୟ ଆଇନ ପ୍ରଣୟନ ଦାବିରେ ସଂଗଠନର ସଦସ୍ୟମାନେ କଟକ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଗୋମାତାଙ୍କ ସଂରକ୍ଷଣ ଏବଂ ବୟସାଧିକ୍ୟ କାରଣରୁ ଅକାମୀ ହୋଇପଡୁଥିବା ଗୋରୁମାନଙ୍କ ଥଇଥାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ଗୋସେବକ ରବୀନ୍ଦ୍ର ଓଝା ଓ ସଂଗଠନର ଅନ୍ୟ କର୍ମକର୍ତ୍ତା ପ୍ରଶାସନ ନିକଟରେ ଜୋରଦାର ଦାବି ରଖିଛନ୍ତି।

## କଟକ ଗ୍ରାମାଞ୍ଚଳରେ କାଠ ମାଫିଆଙ୍କ ରାଜ୍

# ବର୍ଷକରେ ଜବତ ହେଲାଣି ୧୦ କରତକଳ, ୩ କୋଟିର ସମ୍ପତ୍ତି

କଟକ,୨୭।୪(ସମିସ):

କଟକ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରୁ ସହରକୁ ବେଆଇନ କାଠ ଚାଲାଣ ଏବେ ଚରମ ସୀମାରେ ପହଞ୍ଚିଛି। ବନ ବିଭାଗ ଓ ଭିଜିଲାନ୍ସର ବାରମ୍ବାର ଚଢ଼ଉ ସତ୍ତ୍ୱେ କାଠ

- **ବିନା ଲାଇସେନ୍ସରେ ଚାଲିଛି କାଠ ଚିରଟ**
- **ପୋର୍ଟେବଲ୍ କରତକଳ ସାଜିଛି ମୁଖ୍ୟ ଆୟୁଧ**
- **ଭିଜିଲାନ୍ସ ଓ ବନ ବିଭାଗ ଚଢ଼ଉ ପରେ ବି ଥମୁନି ଲୁଟ୍**

ମାଫିଆମାନେ ଅତି ଚତୁରତାର ସହ ନିଜର କାରବାର ଜାରି ରଖିଛନ୍ତି। ବିଗତ ଏକ ବର୍ଷ ମଧ୍ୟରେ ଜିଲ୍ଲାରୁ ୧୦ରୁ ଅଧିକ ବେଆଇନ କରତକଳ ଜବତ କରାଯାଇଥିଲେ ହେଁ, ଗ୍ରାମାଞ୍ଚଳର ଅନ୍ଧାରି ଗଳିରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ଅଣସଂରକ୍ଷିତ ଫର୍ଣ୍ଣିଚର ୟୁନିଟ୍ ଏହି ବେଆଇନ କାରବାରକୁ ପ୍ରୋତ୍ସାହନ ଦେଉଛି।



କାଠ ମାଫିଆମାନେ ଏବେ ଧରାପଡ଼ିବା ଭୟରେ ନୂତନ କୌଶଳ ଆପଣାଉଛନ୍ତି। ବଡ଼ କରତକଳ ବଦଳରେ ଛୋଟ ତଥା ପୋର୍ଟେବଲ୍ କରତକଳକୁ ସିଧାସଳଖ ଗଛ କଟାଯାଉଥିବା ସ୍ଥାନକୁ ନିଆଯାଉଛି। ସେଠାରେ ହିଁ ମୂଲ୍ୟବାନ ଶାଗୁଆନ, ଆକାଶିଆ, ଗମ୍ଭାରି ଓ ପିଆଶାଳ କାଠକୁ ଚିରଟ କରାଯାଇ ଫର୍ଣ୍ଣିଚର ଆକାର ଦିଆଯାଉଛି। ଫଳରେ ଗାଡ଼ିରେ କାଠ ଗଣ୍ଡି ପରିବହନ ବେଳେ ଧରାପଡ଼ିବାର ଯେଉଁ ସୁଯୋଗ ରହୁଥିଲା, ତାହା ଏବେ କମିଯାଇଛି। ଭିଜିଲାନ୍ସ ଫରେଷ୍ଟ ଡିଭିଜନର ସୂଚନା ଅନୁଯାୟୀ, ଗତ ଏକ ବର୍ଷ ମଧ୍ୟରେ ଜିଲ୍ଲାର ଅସୁରେଶ୍ୱର, ଆମଣ, ସାସୋଳ, ବୟାଳିଶମୌଜା, ନିଆଳି, ନିଶ୍ଚିନ୍ତକୋଇଲି, କିଶନନଗର ଓ ସାଲେପୁର ଆଦି ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୩ କୋଟି ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ ହେବା ସହ ୨୫ରୁ ଅଧିକ ମାମଲା ରୁଜୁ ହୋଇଛି। ଓଡ଼ିଶା ସ ମିଲ୍ ଆକ୍ଟର ଧାରା ୪କୁ ଉଲ୍ଲଙ୍ଘନ କରିଥିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲ୍ଲାରେ ବିନା ଲାଇସେନ୍ସରେ କରତକଳ ସହ ଶତାଧିକ ବେଆଇନ ଫର୍ଣ୍ଣିଚର ତିଆରି କେନ୍ଦ୍ର ଚାଲୁଥିଲେ ହେଁ, ସେଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗ୍ରାମାଞ୍ଚଳରୁ କମ୍ ମୂଲ୍ୟରେ ଚୋରା କାଠ ସଂଗ୍ରହ କରି ସହରରେ ଚଢ଼ା ଦରରେ ବିକ୍ରି କରାଯାଉଛି। କେବଳ ଚଢ଼ଉ ନୁହେଁ, ବରଂ ଏହି କାରବାରର ମୂଳ ଉତ୍ସକୁ ଖୋଜି ବାହାର କରିବାକୁ ସାଧାରଣରେ ଦାବି ହେଉଛି। ଭିଜିଲାନ୍ସ ବିଭାଗ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରିବ ବୋଲି ସୂଚନା ଦେଇଥିବା ବେଳେ ମାଫିଆମାନଙ୍କୁ ଧରିବା ପାଇଁ ସ୍ଥାନୀୟ ପୁଲିସର ସହଯୋଗ ମଧ୍ୟ ଲୋଡ଼ିଛନ୍ତି।

## ସମବାୟ ସମିତି ନିଯୁକ୍ତି କ୍ଷେତ୍ରରେ ତଞ୍ଚକତା

# ବାପାର ଅବସର ପୂର୍ବରୁ ପୁଅକୁ ଥଇଥାନ ମସୁଧା ଫେଲ୍




ଯାଜପୁର, ୨୭।୪(ସମିସ)

କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତସ୍ଥିତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିଃ (ପାକ୍ସ)ରେ ତଞ୍ଚକତା କରି ନିଯୁକ୍ତି ଦେବାକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ଏହି ପ୍ୟାକ୍ସରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବସର ଗ୍ରହଣ ପୂର୍ବରୁ ନିଜ ପୁଅକୁ ସହକାରୀ ସମ୍ପାଦକ ଭାବେ ନିଯୁକ୍ତି ଦେବାକୁ କେନ୍ଦ୍ର କରି ଆଜି ଉତ୍ତେଜନା ପ୍ରକାଶ ପାଇବା ସହିତ ଏଭଳି ନିଯୁକ୍ତି ବନ୍ଦ ହୋଇଯାଇଥିଲା। ସୂଚନା ମୁତାବକ ପୂର୍ବରୁ ରହିଥିବା ବିବାଦ ଯୋଗୁଁ ବଗିରିଆ ପାକ୍ସର ପରିଚାଳନା କମିଟିର ହେବାକୁ ଥିବା ବୈଠକକୁ ସଭାପତି ଓ ସମ୍ପାଦକ ଆସିନଥିଲେ। ଫଳରେ ବୈଠକ ବାତିଲ ନେଇ ପରିଚାଳନା ସମିତିର ଉପସଭାପତି ନିରୁପମା ମହାପାତ୍ର ଲିଖିତ ଭାବେ ଘୋଷଣା କରିଥିଲେ। ଅନ୍ୟପଟେ ପ୍ୟାକ୍ସର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସୁଦର୍ଶନ ମଲ୍ଲିକ ଆସନ୍ତା ୩୦ ତାରିଖରେ ଅବସର ଗ୍ରହଣ କରିବେ। ଅବସରର ଯଥେଷ୍ଟ ପୂର୍ବରୁ ତଞ୍ଚକତା କରି ପାକ୍ସର ପରିଚାଳନା କମିଟିକୁ ପ୍ରଭାବିତ କରିବା ସହ ତାଙ୍କ ପୁତ୍ର ଦେବାଶିଷ ମଲ୍ଲିକଙ୍କୁ ସହକାରୀ ସମ୍ପାଦକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିବା ଜାଣି ଅନେକ ଚାଷୀ ଏ ସମ୍ପର୍କରେ ସମବାୟ ସମିତିର ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ଶ୍ରୀମଲିକ ତାଙ୍କ ସମ୍ପାଦକ କାର୍ଯ୍ୟକାଳ ମଧ୍ୟରେ ଅନେକ ବେଆଇନ କାର୍ଯ୍ୟକଳାପରେ ସାମିଲଥିଲେ। ଏହି କ୍ରମରେ ଆଜି ସମିତିର ପରିଚାଳନା କମିଟି ବୈଠକ ଡକାଯାଇ ଦାୟିତ୍ୱ ହସ୍ତାନ୍ତର କରାଯିବା ସହ ସହ ସମ୍ପାଦକ ଭାବେ ତାଙ୍କ ପୁଅକୁ ଘୋଷଣା କରିବାର ଥିଲା। ମାତ୍ର ଅଭିଯୋଗ ପରେ ଆଜି ଚାଷୀମାନେ ପାକ୍ସରେ ପହଞ୍ଚିବା ପରେ ସମିତି କାର୍ଯ୍ୟାଳୟରେ ଦେବାଶିଷ ଉପସ୍ଥିତ ଥିବା ଦେଖି ତାଙ୍କୁ ନାନା ପ୍ରଶ୍ନ କରାଯାଇଥିଲା। ସେ ନିଜକୁ ସହ ସମ୍ପାଦକ ବୋଲି କହିବାରୁ ତାର ପ୍ରମାଣ ପରିଚାଳନା କମିଟି ସଦସ୍ୟ ଓ ଚାଷୀମାନେ ମାଗିଥିଲେ। ଫଳରେ ଦେବାଶିଷ ନିରୁପାୟ ହୋଇ ପ୍ରମାଣ ଦେଖାଇବା ପରିବର୍ତ୍ତେ କାର୍ଯ୍ୟାଳୟ ଛାଡି ପଳାଇ ଥିଲେ। ଏହା ପରେ ଶତାଧିକ ଚାଷୀ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିବା ସହ ଘଟଣାର ତଦନ୍ତ କରିବାକୁ ଦାବୀ କରିଥିଲେ।

## ଅଖିଳଚକ୍ର ପକ୍ଷରୁ ସ୍ୱାଭିମାନ ସଂକଳ୍ପ ଅଭିଯାନ

**ମଙ୍ଗଳା, ୨୭।୪(ସମିସ):** ଆଜିଠାରୁ ୭ ଦିନ ବ୍ୟାପୀ ଅଖିଳଚକ୍ର ପକ୍ଷରୁ ସ୍ୱାଭିମାନ ସପ୍ତାହ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନର ଶୁଭାରମ୍ଭ ବରୁଣେଶ୍ୱର କ୍ଷେତ୍ରରୁ ଆରମ୍ଭ କରାଯାଇଛି। ଶାସନ୍ଦା ଗ୍ରାମରେ ସ୍ଥାପନ କରାଯାଇଥିବା ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମଙ୍ଗଳା ୟୁଜିଏମ୍ଇ ସ୍କୁଲରେ ଓ ବରୁଣେଶ୍ୱର କଲେଜ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡ଼ା, ଅଭୟ କୁମାର ଖୁଣ୍ଟିଆ, ମନୋରଞ୍ଜନ ଧଳ, ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇ ସଂକଳ୍ପ ପାଠ କରିଥିଲେ। ଏହି ୭ ଦିନଧରି ବିଭିନ୍ନ ଅନୁଷ୍ଠାନ ସହ ଯୋଗାଯୋଗ କରିବା, ତାଙ୍କ ଜୟନ୍ତୀ ଅବସରରେ ବିଞ୍ଝାରପୁର ଅଞ୍ଚଳରେ ଥିବା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯିବା ଏବଂ ମଧୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ନିବେଦନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଆଉ ଏକ ମଧୁବାବୁଙ୍କ ପ୍ରତିମୂର୍ତ୍ତି ମଧୁସୂଦନପୁରଠାରେ ସ୍ଥାପନ କରାଯିବାକୁ ସମ୍ପାଦକ ହରେକୃଷ୍ଣ ପଣ୍ଡା ସୂଚନା ଦେଇଥିଲେ।

## ଜନଗଣନା ବେଳେ ଶିକ୍ଷୟିତ୍ରୀ ଅସୁସ୍ଥ



**ଯାଜପୁର, ୨୭।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ଜନଗଣନା କାର୍ଯ୍ୟରେ ନିୟୋଜିତ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ଜନୈକା ଶିକ୍ଷୟିତ୍ରୀ ଗୁରୁତର ହୋଇ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଜଣକ ହେଉଛନ୍ତି ଦାନଗଦି ବ୍ଲକ ପିଏମ୍ଶ୍ରୀ ବୁଦ୍ଧରାଜା ବିଦ୍ୟାପୀଠର ଶିକ୍ଷୟିତ୍ରୀ କବିତା ପାତ୍ର। ସୋମବାର କବିତା ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଅଧିକ ଉନ୍ନତ ମାନର ଚିକିତ୍ସା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ ଡାକ୍ତର। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେ ଗତ ୮ ଦିନ ଧରି ବେହୋସ ଅବସ୍ଥାରେ ଅଛନ୍ତି। ଏଥିପାଇଁ ପ୍ରତ୍ୟେକ ଦିନ ୪୦ରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ଏହି ଶିକ୍ଷୟିତ୍ରୀଙ୍କୁ ଉନ୍ନତ ମାନର ଚିକିତ୍ସା କିମ୍ବା ଆର୍ଥିକ ସହଯୋଗ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇନାହିଁ। ନିଜ ସମ୍ପର୍କୀୟ ଓ ସହକର୍ମୀ ମାନେ ଚାନ୍ଦା ଗୋଟାଇ ତାଙ୍କର ଚିକିତ୍ସା କରୁଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ କେବଳ ଦାନଗଦୀ ତହସିଲଦାର ଡାକ୍ତରଖାନାରେ ପହଞ୍ଚି ସମବେଦନା ଜଣାଇ ନିଜର କାମ ସାରିଦେଇଛନ୍ତି। ଏଭଳି ସ୍ଥିତିରେ ତୁରନ୍ତ ସରକାରଙ୍କ ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବୀ କରାଯାଇଛି।

## ବିରଜା ହାଇସ୍କୁଲରେ ଜଳସଂରକ୍ଷଣ କାର୍ଯ୍ୟକ୍ରମ

**ଯାଜପୁର, ୨୭।୪(ସମିସ):** ପିଏମ୍ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହରେ 'ଏକ୍ ପେଡ୍ ମା'କେ ନାମ ଅଧୀନରେ ବୃକ୍ଷ ରୋପଣ ଓ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳଶିକ୍ଷାଧିକାରୀ ଅନ୍ନଦାପ୍ରସାଦ ରଣା ଯୋଗଦେଇ ପ୍ରଥମେ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିବେଶ ସୁରକ୍ଷା ସକାଶେ ସମସ୍ତଙ୍କୁ ନିଜ ମାଆଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ଆହ୍ୱାନ ଦେବା ସହ ସ୍ୱେଚ୍ଛାସେବୀ ମାନଙ୍କର ଏହି ମହାନ୍ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ବିଜ୍ଞାନ ନିରିକ୍ଷକ କୁମାର ସେନ୍ ସେନାପତି ଯୋଗଦାନ କରି ଚାରାରୋପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ଦାୟିତ୍ୱରେ ଥିବା ଅମିୟ ସ୍ୱାଇଁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଜମିଲୁର ରସିଦ୍ ଖାଁନ୍, ଦିଲ୍ଲୀପ ପ୍ରଧାନ, ପ୍ରଶାନ୍ତ କୁମାର ହଟେଇ, ଶିକ୍ଷୟିତ୍ରୀ ରେଖାରାଣୀ ମଲ୍ଲିକ, ସୁପ୍ରଭା ସାହୁ, ହାରାମଣି ମୁର୍ମୁ, ମନସ୍ମିତା ଭଦ୍ର, ଅନ୍ନପୂର୍ଣ୍ଣ ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତରାୟ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ଚାରାରୋପଣ କରିଥିଲେ।

## ସ୍ମୃତିଲିପିର ସମ୍ପାଦକ ସମ୍ମାନିତ



**ଯାଜପୁର, ୨୭।୪(ସମିସ):** ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ପତ୍ରିକା ସମ୍ପାଦନା ପାଇଁ ଭୁବନମୋହନ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ଯାଜପୁର ଜିଲ୍ଲା କୋରେଇ ବ୍ଲକ ହଳଦିଗଡ଼ିଆ ସତ୍ୟନାରାୟଣ ପାଠାଗାର ଆନୁକୂଲ୍ୟରେ ପ୍ରକାଶ ପାଇଆସୁଥିବା ଜନଚେତନାର ପ୍ରତୀକ ତ୍ରୟମାସିକ ସାହିତ୍ୟ ପତ୍ରିକା 'ସ୍ମୃତିଲିପି'ର ସମ୍ପାଦକ ଭାବେ ଭୁବନମୋହନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଜାରକାସ୍ଥିତ କଳ୍ପତରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଡ. ଗୌରହରି ଦାସ, ଡ.ଇନ୍ଦୁପ୍ରଭା ସାମଲ, ଡ.ରୁଦ୍ରନାରାୟଣ ପୃଷ୍ଟି, ଡ.ସତ୍ୟପ୍ରିୟ ମହାଳିକ, ଡ. ପ୍ରସନ୍ନ କୁମାର ମିଶ୍ର, ଡ.ରବୀନ୍ଦ୍ର କୁମାର ବିହାରୀ ଏବଂ ଗୋକର୍ଣ୍ଣିକାର ସମ୍ପାଦକ ଡ. ରମାକାନ୍ତ ଜେନାଙ୍କର ଉପସ୍ଥିତରେ ଭୁବନମୋହନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିପାଇଁ ସମଗ୍ର କୋରେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଥିଲା। ସ୍ମୃତିଲିପିର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ, ଚଳାପଥ ଅନୁଷ୍ଠାନର ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ହଳଧର ଧିର, ସାମ୍ବାଦିକ ମଳୟ କୁମାର ମଲ୍ଲିକ, ମା' କାମୁଡ଼େଇ ସାହିତ୍ୟ ସଂସ୍କୃତି ମଞ୍ଚର ସଭାପତି ବରିଷ୍ଠ ପରିବେଶବିତ ଶରତ କୁମାର ଦାସ, ଯୁବକବି କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ଶିକ୍ଷାବିତ ନବଘନ ସ୍ୱାଇଁ, ବଉଳଫୁଲ ପତ୍ରିକାର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କ୍ଷୁଦ୍ର ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଦାନଗଦି, ୨୭।୪(ସମିସ):** ଓଡ଼ିଶାରେ କ୍ଷୁଦ୍ର ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ପଦକ୍ଷେପ ନେବା ସହ ଯାଜପୁର ଜିଲ୍ଲାରେ ନିୟମିତ ଡ୍ରୋନ୍ ଆଧାରିତ ତଦାରଖ ପାଇଁ ପ୍ରସ୍ତାବ ରଖି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ। ଯାଜପୁର ଜିଲ୍ଲାରେ ନଦୀ ବାଲି, କଳା ପଥର, ପଥର, ପଥର, ଲାଟେରାଇଟ୍ ପଥର, ମୋରମ୍ ଏବଂ ଇଟା ମାଟି ଭଳି ଲଘୁ ଖଣିଜ ପଦାର୍ଥର ବେଆଇନ୍ ଉତ୍ତୋଳନ ଏବଂ ଚୋରି ବୃଦ୍ଧି ପାଉଥିବା ଘଟଣା ପ୍ରତି ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ବେଆଇନ କାର୍ଯ୍ୟକଳାପ ଯୋଗୁଁ ପରିବେଶ ନଷ୍ଟ, ସରକାରୀ ରାଜସ୍ୱର ଯଥେଷ୍ଟ କ୍ଷତି, ସ୍ଥାନୀୟ ପରିସଂସ୍ଥାନରେ ବାଧା ଏବଂ ସାର୍ବଜନୀନ ଭିତ୍ତିଭୂମି, ବିଶେଷକରି ରାସ୍ତାଗୁଡ଼ିକର କ୍ଷତି ହେଉଛି। ଏହା ସହିତ, ସ୍ଥାନୀୟ ବାସିନ୍ଦାମାନେ ଏହି ରାସ୍ତାଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଏବଂ ଟ୍ରାଫିକ୍ ବାଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଯାଜପୁର ଜିଲ୍ଲାରେ ଲଘୁ ଖଣିଜ କ୍ଷେତ୍ରରେ ବେଆଇନ ଖଣି କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବା ପାଇଁ ଡ୍ରୋନ-ଆଧାରିତ ସର୍ଭେ ଏବଂ ମନିଟରିଂ ସିଷ୍ଟମ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଡ୍ରୋନ ପ୍ରଯୁକ୍ତିବିଦ୍ୟାର ନିୟୋଜନ ଫଳରେ ଦୁର୍ବଳ ଖଣି ଅଞ୍ଚଳଗୁଡ଼ିକର ବାସ୍ତବ-ସମୟ ଆକାଶ ମାର୍ଗରେ ଅନୁଧ୍ୟାନ ଏବଂ ଡିଜିପିଏସ ସର୍ଭେ, ସୀମାର ସଠିକ୍ ମ୍ୟାପିଂ, ଅନଧିକୃତ ଖନନ ସ୍ଥାନ ଚିହ୍ନଟ, ଏବଂ ଅଧିକ କିମ୍ବା ଅବୈଧ ଖଣିର ମୂଲ୍ୟାଙ୍କନ କରାଯାଇପାରିବ ଶ୍ରୀ ଘଡେଇ ମତ ରଖିଛନ୍ତି। ଖଣି, ରାଜସ୍ୱ ଏବଂ ଜଙ୍ଗଲ ଭଳି ସମ୍ପୃକ୍ତ ବିଭାଗଗୁଡ଼ିକୁ ନିୟମିତ ଯାଞ୍ଚ ପାଇଁ ଡ୍ରୋନ ନିୟୋଜିତ କରାଯାଇ ଉତ୍ପାଦିତ ତଥ୍ୟର ବିଶ୍ଳେଷଣ ପାଇଁ ଜିଲ୍ଲା କିମ୍ବା ରାଜ୍ୟ ସ୍ତରରେ ଏକ କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥା ପ୍ରତିଷ୍ଠା କରାଗଲେ ସ୍ୱଚ୍ଛତା ଆସିପାରିବ ବୋଲି ସେ ମତ ରଖିଛନ୍ତି।

## ଜଗବନ୍ଧୁଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା ରାଶି

**କର୍ୟାଁଗୋଲା, ୨୭।୪(ସମିସ):** ଜଗବନ୍ଧୁଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା ରାଶି। ଦିନେ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ବର୍ଦ୍ଧିତ ଭତ୍ତା ରାଶି ପାଇବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ। ହେଲେ ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳି ପାରି ନଥିଲା। ଭଗବାନଙ୍କୁ ଭରସା କରି କଷ୍ଟେମଷ୍ଟେ ଚଳୁଥିଲେ। ଦିନେ ବ୍ଲକ ଯିବା ବାଟରେ 'ସକାଳ' ପ୍ରତିନିଧିଙ୍କ ସହ ଦେଖା ହୋଇଥିଲେ ସମସ୍ତ ଦୁଃଖଦ ଘଟଣା ଜଣାଇଥିଲେ। ପ୍ରଥମେ 'ସକାଳ'ରେ ମାର୍ଚ୍ଚ ୨୫ ତାରିଖରେ ଏହାକୁ ପ୍ରକାଶିତ କରାଯାଇଥିଲା। ଖବର ପ୍ରକାଶିତ ହେବା ପରେ ଭତ୍ତା ଦାୟିତ୍ୱରେ ଥିବା ଅଧିକାରିଣୀଙ୍କ ଜଗବନ୍ଧୁଙ୍କ ଉପରେ ନଜର ପଡ଼ିଥିଲା। ତାଙ୍କୁ ତୁରନ୍ତ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ। ଚଳିତ ଅପ୍ରେଲ ମାସରେ ଜଗବନ୍ଧୁ ଯେନା



(୮୫)ଙ୍କୁ ବର୍ଦ୍ଧିତ ଭତ୍ତା ରାଶି ୩୫୦୦ ପ୍ରଦାନ କରାଯାଇଛି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ବରୀ, ୨୭।୪(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି; ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୬୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୫ଟି ଅଭିଯୋଗର ତତ୍କାଳ ଫଇସଲା



କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରୀ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ବରୀ ଦିପ୍ତିମୟୀ ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

### ଯାଜପୁର ପ୍ରିମିୟର ଲିଗ୍ ନାଇଟ୍ କ୍ରିକେଟ୍

## କେବିସିସିକୁ ହରାଇ ବଉଳାଙ୍ଗ ଚାମ୍ପିଅନ




**ଯାଜପୁର, ୨୭।୪(ସମିସ):** ଯାଜପୁର ବ୍ଲକ ପଡ଼ିଆରେ ରକ୍ ଫ୍ୟାମିଲି ପକ୍ଷରୁ ଆୟୋଜିତ ହୋଇଥିବା ତୃତୀୟ ଯାଜପୁର ପ୍ରିମିୟର ଲିଗ୍ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ କେବିସିସି ଯାଜପୁର ଏବଂ ଏସ୍ଏନ୍ ବଉଳାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍ଏନ୍ ବଉଳାଙ୍ଗ ବିଜୟ ହାସଲ କରିଥିଲା। ଚିତ୍ତରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ ଆୟୋଜିତ ଉଦ୍ଯାପନୀ ଫାଇନାଲ୍ ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଯୁବ ଉଦ୍ୟୋଗପତି ସତ୍ୟଜିତ ପତି ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାନ୍ ଅଫ ମ୍ୟାଚ ଭିକି ଦିଗଲ ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ରୋଶନ ମହାରଣାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

### ଗୃହ ଗଣନା ଓ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

## ପ୍ରଣବଙ୍କ ଘରେ ପହଞ୍ଚିଲେ ଗଣନାକାରୀ



**ଯାଜପୁର, ୨୭।୪(ସମିସ):** ଜନଗଣନା-୨୦୨୭ ଅନୁସାରେ ଯାଜପୁର ଟାଉନ ସେନସସ୍ ଚାର୍ଜ ଅଧୀନରେ ଥିବା ଭିଭିଆଇପି କ୍ୟାଟେଗୋରିରେ ଥିବା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଯଯାତି କେଶରୀ ଦାସଙ୍କ ବାସଗୃହର ଗୃହଗଣନା କାର୍ଯ୍ୟ ଆଜି ଯାଜପୁର ଟାଉନ ସେନସସ୍ ଚାର୍ଜ ଅଫିସର ଲକ୍ଷ୍ମୀଧର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ଗଣନାକାରୀ ଅଦୃଶ୍ୟନ୍ତୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ ଏବଂ ସୁପରଭାଇଜର ହେମନ୍ତ କୁମାର ସାହୁ, ରଜତ କମଲ, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଯାଜପୁର ଟାଉନ ଅନ୍ତର୍ଗତ ୟୁନିଟ-୧୦ ଏବଂ ୟୁନିଟ-୧୨ରେ ଥିବା ବାସଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ବର୍ତ୍ତମାନ ଟାଉନ ସେନସସ ଅଧୀନରେ ୯୦ଟି ଏଚ୍ଏଲ୍‌ବିରେ ୯୦ ଜଣ ଜନଗଣନାକାରୀ ଓ ୧୫ ଜଣ ସୁପରଭାଇଜର ଗୃହଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ଗୃହ ଗଣନା କାର୍ଯ୍ୟ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

## ଯୁକ୍ତ ଦୁଇ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ଜେନାପୁର, ୨୭।୪(ସମିସ):** ଭେନସ +୨ ବିଜ୍ଞାନ ସ୍କୁଲରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ ଉତ୍ସବରେ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟବକ୍ତା ସୁବାସ ଚନ୍ଦ୍ର ରାଉତ ଭବିଷ୍ୟତ ଶିକ୍ଷା ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରବେଶିକା ପରୀକ୍ଷା ଯଥା ନିଟ୍, ଓଜିଏଟି ପ୍ରସ୍ତୁତି ପାଇଁ ବିଦ୍ୟାଳୟ ପକ୍ଷରୁ କରାଯାଇଥିବା ପ୍ରସ୍ତୁତି ଓ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ମମତା ମୁଦୁଲି ଅଭିଭାବକମାନଙ୍କୁ ବିଦ୍ୟାଳୟର ଶୃଙ୍ଖଳା, ସଂସ୍କାର ତଥା ଶିକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଚିନ୍ତାମଣି ଦଳେଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ନିମନ୍ତେ ସବୁ ପ୍ରକାର ଉଦ୍ୟମ କରିବେ ବୋଲି କହିଥିଲେ।

### କାମରେ ଆସୁନି କଳିଙ୍ଗନଗର ଏଡିଏମ୍ କାର୍ଯ୍ୟାଳୟ

## ମରାମତିରେ ଯାଉଛି ଲକ୍ଷାଧିକ ଟଙ୍କା

ଯଖପୁରା, ୨୭।୪(ସମିସ)



କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏ ପର୍ଯ୍ୟନ୍ତ ଅନେକ ଗୁଡିଏ କାରଖାନା ଗଢ଼ିଉଠିଛି। କଳିଙ୍ଗନଗର ଶିଳ୍ପ ଗଢିବା ପାଇଁ ସର୍ବୋତ୍ତମ ସ୍ଥାନ ଭାବେ ବିବେଚିତ ହେଉଛି। ଏଠାରେ କଞ୍ଚାମାଲ ସମେତ ଜଳ, ରେଳପଥ, ସଡ଼କ ପଥ ଆଦି ସମସ୍ତ ପ୍ରକାରର ସୁବିଧା ଥିବାରୁ ଏଠାକୁ ଶିଳ୍ପପତି ମାନେ କାରଖାନା ଗଢ଼ିବା ପାଇଁ ମନ ବଳାଇଥାନ୍ତି। ଯେତେ ଶିଳ୍ପାନୁଷ୍ଠାନ ଗଢି ଉଠିବ ସେହି ଅନୁସାରେ ସ୍ଥାନୀୟ ବାସିନ୍ଦା ସମେତ ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ। କାରଖାନା ସହିତ ସ୍ଥାନୀୟ ବାସିନ୍ଦା ପାଇଁ ସରକାରଙ୍କ ତରଫରୁ ଅନେକ ବିଭାଗର କାର୍ଯ୍ୟାଳୟ କରାଯାଇଅଛି। ଯାହାକି ଏହାର ସୁବିଧା ସେମାନେ ନିକଟରୁ ପାଇପାରିବେ। ସେହି ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏଡିଏମ୍ କାର୍ଯ୍ୟାଳୟ ପଙ୍କପାଳ ବଙ୍ଗଳା ଠାରେ ହେବା ପାଇଁ ସ୍ଥିର କରାଯାଇ ଏହାର କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ କରାଗଲା। ଏଡିଏମ୍ କାର୍ଯ୍ୟାଳୟ ଗତ ୧୪ବର୍ଷରୁ ଊର୍ଦ୍ଧ୍ୱ ହେବ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହା କୌଣସି ପ୍ରକାରର କାର୍ଯ୍ୟରେ ଆସିପାରୁନାହିଁ। କାର୍ଯ୍ୟାଳୟଟି ୩/୪ ଏକର ଏରିଆରେ ପାଚେରି ନିର୍ମାଣ ହୋଇଛି। ପାଚେରିର ଠିକ ମଧ୍ୟଭାଗରେ ଅତି ଉଚ୍ଚମାନର କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଏତେଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାଧାରଣରେ ନାମିତ କେବଳ ଏଡିଏମ୍ ଅଫିସରେ ରହିଯାଇଛି। ସରକାରଙ୍କ ଦ୍ୱାରା କାର୍ଯ୍ୟାଳୟ ହେଲା ସତ; କିନ୍ତୁ ଏହାର ରକ୍ଷଣା ବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ପାରିଲାନାହିଁ। ତେଣୁ ଅସାମାଜିକ ଲୋକଙ୍କୁ ଏହା ଭିତରେ ଥିବା ଜିନିଷ ସବୁ ନେବାରେ କୌଣସି ଅସୁବିଧା ହେଲାନି। କାର୍ଯ୍ୟାଳୟର ରକ୍ଷଣା ବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନ କରି ଦୁଇ ଦୁଇ ଥର ଏହାର ମରାମତି କରାଯାଇଛି। ଏତେ ଅର୍ଥ ବ୍ୟୟ କରି କାର୍ଯ୍ୟଳୟ କରାଗଲା। ତାହାର କିପରି ସୁରକ୍ଷା ହେବ ସେ ବିଷୟରେ ଚିନ୍ତା ନକରି ମରାମତି ଉପରେ ମରାମତି ହୋଇଚାଲିଛି। ମରାମତି ହେବା ପରେ ମଧ୍ୟ କାର୍ଯ୍ୟାଳୟର ସେହି ଅବସ୍ଥା। ଏଠି ସାଧାରଣରେ ଆଲୋଚନା ହେଉଛି କି ଯଦି ସରକାର ପ୍ରକୃତରେ କଳିଙ୍ଗନଗର ବାସୀଙ୍କ ପାଇଁ ସୁବିଧା କଥା ଚିନ୍ତା କରୁଛନ୍ତି ତେବେ ଯଦି କୌଣସି କାରଣରୁ ଏଡିଏମ୍ କାର୍ଯ୍ୟାଳୟ ହୋଇପାରୁନାହିଁ ତେବେ ଅନ୍ୟ କୌଣସି ଜନହିତକର କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରାଯାଉ। ଏଥିରେ କାର୍ଯ୍ୟାଳୟଟି ସୁରକ୍ଷିତ ରହିବା ସହିତ ଅନ୍ୟ କୌଣସି ଜନହିତକର କାର୍ଯ୍ୟାଳୟ ହେଲେ ତାହା କଳିଙ୍ଗନଗରର ସମସ୍ତ କାରଖାନା ସମେତ କଳିଙ୍ଗନଗରବାସୀ ଉପକୃତ ହୋଇପାରନ୍ତେ। ଏ ଦିଗରେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ସରକାରଙ୍କ ଜରିଆରେ ଏହାକୁ କୌଣସି ଜନହିତକର କାର୍ଯ୍ୟରେ ଲଗାଇଲେ ତାହା କଳିଙ୍ଗନଗରବାସୀଙ୍କ ପାଇଁ ଲାଭଦାୟକ ହୁଅନ୍ତା ବୋଲି ଆଲୋଚନା ହେଉଛି।

# ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଇରଙ୍ଗପୁର, ୨୭।୪(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ ପୁଲିସ ଦ୍ୱାରା ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କାଦୁଆଣି ଗ୍ରାମ ନିକଟରେ ଚଢ଼ଉ କରିଥିଲା ପୁଲିସ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। ଗାଡ଼ି ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଅସହ୍ୟ ଗ୍ରୀଷ୍ମପ୍ରବାହରେ ଲୋକେ ଆଉଟୁପାଉଟୁ

# ଗ୍ରୀଷ୍ମ ଆଶ୍ରୟସ୍ଥଳୀ ପାଲଟିଛି ବାଇକ୍ ପାର୍କିଂ

**ବାରିପଦା, ୨୭ ।୪(ସମିସ)**




ବାରିପଦା ସହରର ତାପମାତ୍ରା ଉପରମୁହାଁ ଥିବାବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଖରା ତାତିରୁ ରକ୍ଷା ପାଇବାକୁ ଲୋକେ ଛାଇ ସ୍ଥାନ ଖୋଜୁଛନ୍ତି। ଯାହାକୁ ନେଇ ବାରିପଦା ସହରର ବିଭିନ୍ନ ସ୍ଥାନରେ ଟେଣ୍ଟ ଯୋଗେ ଗ୍ରୀଷ୍ମ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଇଛି। କିନ୍ତୁ ସେଗୁଡ଼ିକ ଲୋକଙ୍କ କାର୍ଯ୍ୟରେ ଲାଗିବା ପରିବର୍ତ୍ତେ ସରକାରୀ କାର୍ଯ୍ୟାଳୟ ବାବୁଙ୍କ ସେବାରେ ଲାଗୁଥିବା ଅଭିଯୋଗ ହେଉଛି।

ବାରିପଦା ପୌରପାଳିକା କାର୍ଯ୍ୟାଳୟ ମଧ୍ୟରେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳୀ ବାଇକ୍ ପାର୍କିଂ ସ୍ଥଳୀ ପାଲଟିଛି। ଲୋକେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଛାଇକୁ ଆସିଲେ ସୁଦ୍ଧା ମୁଣ୍ଡ ଗୁଞ୍ଜିବାକୁ ଜାଗା ମିଳିବ ନାହିଁ। ସରକାରୀ ବାବୁଙ୍କ ବାଇକ୍‌ଗୁଡ଼ିକ ପାର୍କିଂରେ ତାହା ପରିପୂର୍ଣ୍ଣ ହୋଇଯାଉଛି। ବାଇକ୍‌କୁ ଛାଇରେ ପାର୍କିଂ କରୁଥିବାବେଳେ ଲୋକେ ଖରାରେ ରହୁଛନ୍ତି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କୃଷ୍ଣଚନ୍ଦ୍ର ଗୋଳେଇ ନିକଟରେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳ ଟେଣ୍ଟ ସଠିକ ଢ଼ଙ୍ଗରେ ବନ୍ଧାଯାଇନାହିଁ। ନିମ୍ନମାନର କାମ ଯୋଗୁଁ ଟେଣ୍ଟ କନାଗୁଡ଼ିକ ଖସିପଡ଼ିଛି। ମୁଣ୍ଡ ଉପରେ କନା ନ ଥିବାରୁ ଉକ୍ତ ସ୍ଥାନରେ ଲୋକେ ଛାଇ ବଦଳରେ ଗ୍ରୀଷ୍ମ ଅନୁଭୂତ କରୁଛନ୍ତି। ଏହିପରି ଅବହେଳା କାର୍ଯ୍ୟ ଯୋଗୁଁ ଲୋକଙ୍କ ନିମନ୍ତେ ହୋଇଥିବା ଗ୍ରୀଷ୍ମ ଆଶ୍ରୟ ସ୍ଥଳ ଲୋକଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। ବାରିପଦା ସହରର ଅସହ୍ୟ ତାତି ଯୋଗୁଁ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଗତବର୍ଷମାନଙ୍କ ତୁଳନାରେ ବାରିପଦା ସହର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇସାରିଛି। ଆଗକୁ ତାପମାତ୍ରା ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତାପମାତ୍ରା ୩୭ ଡିଗ୍ରୀ ପାର ହୋଇଥିବାବେଳେ ଦିନ ୧୦ଟା ପରେ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଗ୍ରୀଷ୍ମପ୍ରବାହରୁ ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନର ପଦକ୍ଷେପ ସଠିକ ଭାବେ କାର୍ଯ୍ୟକାରୀ ନ ହେବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାର ନିହାତି ଆବଶ୍ୟକତା ରହିଛି।

# ଲଜ୍‌ରୁ ଅସଜ୍ଞାତ ଅବସ୍ଥାରେ ୩ ଯୁବକ ଓ ୩ ଯୁବତୀଙ୍କୁ ଧରିଲା ପୁଲିସ

**ରାଇରଙ୍ଗପୁର, ୨୭।୪(ସମିସ):** ରାଇରଙ୍ଗପୁର ସହରସ୍ଥ ଏକ ଲଜ୍‌ରୁ ଅସଜ୍ଞାତ ଅବସ୍ଥାରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ପୁଲିସ ଧରିଛି। ସୋମବାର ପୂର୍ବାହ୍ନରେ ଏ ନେଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା। ଲଜର ୩ଟି ରୁମ୍‌ରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀଙ୍କୁ ଅସଜ୍ଞାତ ଅବସ୍ଥାରେ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତେବେ ସେମାନେ ସମସ୍ତେ ପ୍ରାପ୍ତ ବୟସ୍କ ଅଟନ୍ତି। ନିଜ ସହମତିରେ ଲଜକୁ ଆସିଥିଲେ ବୋଲି ପୁଲିସ ପଚରାଉଚରା ସମୟରେ ଜାଣିବାକୁ ପାଇଥିଲା। ତେଣୁ କୌଣସି ମାମଲା ରୁଜୁ ନ କରି ସେମାନଙ୍କୁ ଛାଡି ଦିଆଯାଇଛି ବୋଲି ସୂଚନା ମିଳିଛି। ତେବେ ଯୁବକ/ଯୁବତୀଙ୍କ ଏପରି କାର୍ଯ୍ୟକଳାପ ସମାଜ ପ୍ରତି ଖରାପ ପ୍ରଭାବ ପକାଉଛି। ରାଇରଙ୍ଗପୁର ସହରର ଲଜରେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଲୋକ ନିନ୍ଦା କରିଛନ୍ତି।

## ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ଉ

# ୮ ଗିରଫ; ୯ ବାଇକ୍ ଓ ୧୪ ହଜାର ଟଙ୍କା ଜବତ



**ମୋରଡା, ୨୭।୪(ସମିସ):** ରବିବାର ମୋରଡା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୮ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୯ଟି ବାଇକ୍ ଓ ୧୪ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ସବଇନ୍ସପେକ୍ଟର ନିବେଦିତା ନାୟକଙ୍କ ସୂଚନା ମୁତାବକ ଉକ୍ତ ଥାନା ଅଧୀନ ସାତଭାୟା ହାଟରୁ କେନ୍ଦୁଡ଼ିହା ଗାଁକୁ ଯାଇଥିବା ରାସ୍ତାର ପଟାସ ଜଙ୍ଗଲ ପରେ ଏକ ପଡ଼ିଆରେ କିଛି ଦୁର୍ବୃତ୍ତ ଜୁଆ ଖେଳୁଥିବା ଖବର ପାଇ ଏଏସଆଇ ମୀନକେତନ ପ୍ରଧାନ, ମୋହନ କୁମାର ସାହୁଙ୍କ ସମେତ ପୁଲିସ ଟିମ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୮ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫମାନେ ହେଲେ କରତବସା ଗାଁର ଅକେଶ ଗିରି (୩୬), ବାଘଡା ଗ୍ରାମର ସୁଧାଂଶୁ ପୁଟି (୨୭), ପଥରଚାଟିଆ ଗ୍ରାମର ଅଜୟ ରାମ (୨୭), ଭାଲିଆଡିହା ଗ୍ରାମର ବଳରାମ ଦେ (୬୫), ବେଣାପୁରିଆର ସୁକଦେବ ଧଳ(୬୩), କାନ୍ଦଣା ଗ୍ରାମର ନବଘନ ବଡ଼ନାୟକ (୪୫), ପ୍ରତାପଚନ୍ଦ୍ରପୁର ଗ୍ରାମର ସତ୍ୟବାନ ପାଟବନ୍ଧା (୪୩), ଧଡାସାହି ଗ୍ରାମର ସପନ ପାଟବନ୍ଧା (୩୦), ମହୁଲି ଗ୍ରାମର ଭଜନଲାଲ ବେହେରା (୪୩)। ଏମାନଙ୍କଠାରୁ ୯ଟି ବାଇକ୍ ଓ ୧୪ ହଜାର ଟଙ୍କା ଜବତ କରାଯାଇଥିଲା। ଏଏସଆଇ ମୀନକେତନ ପାଟବନ୍ଧା ଅଭିଯୋଗ କରିଥିବାବେଳେ ସବଇନ୍ସପେକ୍ଟର ନିବେଦିତା ନାୟକ ତଦନ୍ତ ଭାର ଗ୍ରହଣ କରିଛନ୍ତି। ଥାନାରେ ୧୭୧/୨୬ରେ ମାମଲା ରୁଜୁ କରାଯାଇ ଜୁଆଡିଙ୍କୁ ନୋଟିସ ଦେଇ ଛାଡିଛି ପୁଲିସ।

# ତାଲା ବନ୍ଦ ଘରୁ ଚୋରି

**ରାଇରଙ୍ଗପୁର/କରଞ୍ଜିଆ, ୨୭।୪(ସମିସ):** କିଛି ଦିନର ବ୍ୟବଧାନ ପରେ ଯଶିପୁର ଥାନା ଅଞ୍ଚଳରେ ଚୋର ଦଳ ସକ୍ରିୟ ହୋଇଛନ୍ତି। ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଏ ନେଇ ପୁରୁଣିଆ ଗ୍ରାମର ମଦନ ମୋହନ ସାଧୁ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହ ବଜାର ଆସିଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆଲମାରୀ ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ଆଦି ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧, ୮୦, ୦୦୦ ଟଙ୍କା ହେବ। ସେ ଘଟଣା ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ବିଲରୁ ମିଳିଲା ଗଳିତ ମୃତଦେହ



**ଉଦଳା, ୨୭।୪(ସମିସ):** ବିଲରୁ ମିଳିଲା ଗଳିତ ମୃତଦେହ। ଉଦଳା ଥାନା ସିଆଳିଆ ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ସିଆଳିଆ ବିଦ୍ୟାଳୟ ନିକଟରେ ଥିବା ବିଲ ଭିତରେ ଏକ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ବିଲ ଭିତରେ କୁକୁର ପ୍ରାୟ ଶହେ ମିଟର ଦୂର ପର୍ଯ୍ୟନ୍ତ ଘୋଷାରି ଆଣିଥିବା ପୁଲିସ କହିଛି। ଗଳିତ ମୃତଦେହର ପରିଚୟ ମିଳିପାରି ନ ଥିବାବେଳେ ୫ରୁ ୬ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ମୃତଦେହରେ ପିନ୍ଧା ଲୁଙ୍ଗି ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ ତ୍ୱରାନ୍ୱିତ କରିଥିବାବେଳେ ମୃତଦେହ ପଡ଼ିଥିବା ସ୍ଥାନ ପାଖରେ ମାଟି କାମ ହେଉଥିବାରୁ ପୁଲିସ ୩ରୁ ୪ ଜଣଙ୍କୁ ନେଇ ଥାନାରେ ପଚରାଉଚରା କରୁଛି।

## ରାସନ କାର୍ଡଧାରୀଙ୍କ ଦାବି

# ପାଞ୍ଚ କିଲୋ ଚାଉଳ ବଦଳରେ ଗହମ ଦିଆଯାଉ

**ବେତନଟୀ, ୨୭।୪(ସମିସ):** ବେତନଟୀର ରାସନ କାର୍ଡଧାରୀ ଓ ସାଧାରଣ ଖାଉଟି ସରକାରୀ ଯୋଗାଣ ବ୍ୟବସ୍ଥାରେ ଗହମ ଓ ଚିନି ସୁଲଭ ମୂଲ୍ୟରେ ନ ମିଳିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖୋଲା ବଜାରରେ ଗହମ କେଜି ପ୍ରତି ପ୍ରାୟ ୪୦ ଟଙ୍କା ଦରରେ ମିଳୁଥିବାବେଳେ ସରକାରୀ କାଉଣ୍ଟରରେ ମାଗଣା ଚାଉଳ ବଦଳରେ ଗହମ ଯୋଗାଣ କରାଯିବା ଉଚିତ୍। ଅନେକେ ମାଗଣା ଚାଉଳକୁ କଳା ବଜାରରେ ବିକ୍ରି କରି ଖୋଲା ବଜାରରୁ ଅଟା କିଣିବାକୁ ବାଧ୍ୟ ହେଉଛନ୍ତି। ଯେଉଁଥିରେ ପାଞ୍ଚ କିଗ୍ରା ଅଟା ପ୍ୟାକେଟ ପ୍ରତି ୨୫୦ରୁ ୨୯୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାକୁ ପଡୁଛି। ଚିନି ମଧ୍ୟ କେଜି ପ୍ରତି ୪୮ରୁ ୫୦ ଟଙ୍କା ଦରରେ କିଣିବାକୁ ପଡୁଛି। ଏ ପରିସ୍ଥିତିରେ ସରକାରୀ ସ୍ତରରେ ନିୟନ୍ତ୍ରଣ ଓ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଯୋଗାଣ ପାଇଁ କୌଣସି ସ୍ପଷ୍ଟ ପଦକ୍ଷେପ କିମ୍ବା ବ୍ୟବସ୍ଥା ନ ଥିବାରୁ ଅସାଧୁ ବ୍ୟବସାୟୀଙ୍କୁ ସୁଯୋଗ ମିଳୁଛି ବୋଲି ସାଧାରଣ ଲୋକେ ଅଭିଯୋଗ ଉଠାଇଛନ୍ତି। ଡବଲ ଇଞ୍ଜିନ ସରକାର କଥା କୁହାଯାଉଥିବା ସତ୍ତ୍ୱେ ଗହମ, ଅଟା ଓ ଚିନି ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ ହେଉ ନ ଥିବାରୁ ଖାଉଟି କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ତାଙ୍କ ହାତରେ କୌଣସି କ୍ଷମତା ନାହିଁ। ଆଗକୁ ବେତନଟୀରେ ଏନଏସି ନିର୍ବାଚନ ଓ ୨୦୨୭ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାରୁ ଏହି ପ୍ରସଙ୍ଗରେ ଭୋଟର ଉପଯୁକ୍ତ ଜବାବ ଦେବେ ବୋଲି ଖାଉଟିମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଖାଦ୍ୟ ଓ ଯୋଗାଣ ବିଭାଗର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ତୁରନ୍ତ ମିଳି ନ ଥିବାରୁ ପରିସ୍ଥିତିର ସମାଧାନ ପାଇଁ ସରକାରୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। ରାଜ୍ୟରେ ରାସନ କାର୍ଡଧାରୀଙ୍କ ପାଇଁ ଗହମ ଯୋଗାଣ ପୁନଃ ଚର୍ଚ୍ଚାକୁ ଆସିଥିବାବେଳେ ବେତନଟୀର ଏହି ଦାବି ସ୍ଥାନୀୟ ସ୍ତରରେ ବେଶ୍ ଚର୍ଚ୍ଚା ହେଉଛି।

## ଡାହିସାହିରେ ପାନୀୟଜଳ ସମସ୍ୟା

# ଜନଶୁଣାଣି ଶିବିରରେ ମହିଳାଙ୍କ ଧାରଣା



**କପ୍ତିପଦା, ୨୭।୪(ସମିସ):** ତହତହ ଖରାରେ ପାଣି ପାଇଁ ତହଳବିକଳ। ପିଇବା ପାଣି ଟୋପେ ପାଇଁ କଳ ନିକଟରେ ଲମ୍ବାଲାଇନ। ତାହା ପୁଣି ଠିକ୍ ଭାବେ ମିଳୁନାହିଁ। ଫଳରେ ନଦୀରେ ଚୁଆଖୋଳି ଶୋଷ ମେଣ୍ଟାଉଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ପରିବାର। ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ସଦର ୬ନଂ ୱାର୍ଡସ୍ଥ ଡାହିସାହି ଗାଁରେ। ଫଳରେ ପାନୀୟଜଳ ସମସ୍ୟା ପାଇଁ ଆଜି ଏହି ଗ୍ରାମର ମହିଳା ଜନଶୁଣାଣି ଶିବିର ଆଗରେ ଧାରଣା ଦେଇଥିଲେ।

କପ୍ତିପଦା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଦୂର ଡାହିସାହି ଗ୍ରାମରେ ୩ ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ପଞ୍ଚାୟତ ପକ୍ଷରୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ହୋଇଛି। ସ୍ଥାନେ ସ୍ଥାନେ କଳ ଲାଗିଛି। ସକାଳ ସମୟରେ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଉଛି। ମାତ୍ର ଲୋକେ ପାଣି ପାଉନାହାଁନ୍ତି। ଏପରିକି ଅଙ୍ଗନବାଡି କେନ୍ଦ୍ରକୁ ପାଣି ଆସୁନି। ଗୋଟିଏ ନଳକୂପ ଥିଲେ ମଧ୍ୟ ସେଥିରୁ ଦୂଷିତ ପାଣି ବାହାରିବା ସହିତ ଜିଆ ବାହାରୁଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ପାଣିଟାଙ୍କିଠାରୁ କିଛି ଦୂରରେ ଗଡ଼ସାହିଗାଁ। ପାଣି ପାଇପରେ ଆସୁଥିବା ସମୟରେ କିଛି ଲୋକ ମେସିନ ଲଗାଇ ପାଣି ଉଠାଇ ନେଉଛନ୍ତି। ଆଉକିଛି ଲୋକ ନିଜ ବାଡ଼ିରେ ଚାଷ ପାଇଁ ମେସିନ ବ୍ୟବହାର କରୁଥିବାରୁ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ପହଞ୍ଚି ପାରୁନାହିଁ। ଏ ସମ୍ପର୍କରେ ଯେତେ ସଚେତନ କଲେ ମଧ୍ୟ ଲୋକେ ମାନୁନାହାଁନ୍ତି। ପାଣି ଯେତିକି ଯିବା କଥା ସେତିକି ଯାଉଛି। ତେବେ ଗାଁ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ବି ପରସ୍ପରର ବିବାଦ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତଥାପି କିଛି ଫଳ ନ ମିଳିବାରୁ ସୋମବାର ଗାଁର ୩୦ରୁ ଊର୍ଦ୍ଧ୍ୱ ମହିଳା ଗରା, ବାଲ୍‌ଟି ଧରି ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ କପ୍ତିପଦା ବିଡିଓଙ୍କୁ ତଦନ୍ତ ଭାର ଦେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମଙ୍ଗଳବାର ସୁଦ୍ଧା ସମସ୍ୟାର ସମାଧାନର ନ ହେଲେ କପ୍ତିପଦା ବ୍ଲକ କାର୍ଯ୍ୟାଳୟଠାରୁ ରାଜରାସ୍ତା ବନ୍ଦ କରିବାକୁ ସତ୍ୟଭାମା ବେହେରା, ଚାରୁଲତା ଦାସ, ନିରୁପମା ଦାସ, ଭାରତୀ ଦାସ, ନମିତା ବେହେରା, ମାନସୀ ରାୟ, ଶକୁନ୍ତଳା ରାୟ, ସୁଲୋଚନା ଦାସ, ସୁସ୍ମୀ ଦାସ, ଗୀତାଞ୍ଜଳି ଦାସ, ସଂଯୁକ୍ତା ରାୟ, ରଶ୍ମିରେଖା ରାୟ ଓ ସରସ୍ୱତୀ ଦଳେଇ ଚେତାବନୀ ଦେଇଛନ୍ତି।

# ଡ୍ରିଙ୍କ୍ ଏଣ୍ଡ ଡ୍ରାଇଭରେ ଧରିଥିବା ସ୍କୋର୍ପିଓକୁ ପୁଲିସ ଛାଡ଼ିଥିବା ଅଭିଯୋଗ

ମୋରଡା, ୨୭।୪(ସମିସ): ମୋରଡା ଥାନା ଅଧିନ ଟୁକପଳାସିଆ ନିକଟରେ ପଶ୍ଚିମବଙ୍ଗ ନିର୍ବାଚନକୁ ନେଇ ଚାଲିଥିବା ନାକା ଚେକିଂ ସମୟରେ ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ ସ୍କୋର୍ପିଓ ଗାଡ଼ିରେ ପାଞ୍ଚଜଣ ଯୁବକ ମଦ୍ୟପାନ କରି ଗାଡ଼ି ଚଲାଇ ଆସୁଥିଲେ। ଏଏସଆଇ ମୀନକେତନ ପ୍ରଧାନ ଉକ୍ତ ଗାଡ଼ି ସହିତ ଯୁବକଙ୍କୁ ଥାନାକୁ ନେଇଥିଲେ। ତେବେ ଥାନା ଅଧିକାରୀ ସୁମିତ କୁମାର ସୋରେନ ତିନି ଘଣ୍ଟା ଥାନାରେ ଅଟକ ରଖି ପଚରାଉଚରା କରିଥିବାବେଳେ ପରବର୍ତ୍ତୀ ସମୟରେ ଛାଡି ଦେଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ଡ୍ରିଙ୍କ ଏଣ୍ଡ ଡ୍ରାଇଭ କଥା ସେ ମନା କରିଥିବାବେଳେ ପୁଲିସ ସହିତ ଯୁକ୍ତିତର୍କ କରିବାରୁ ଯୁବକଙ୍କୁ ଥାନାକୁ ଅଣାଯାଇଥିବା ସେ ପ୍ରକାଶ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯଦି ଭୁଲ ଥାଇ ମୀନକେତନ ପ୍ରଧାନ ସେମାନଙ୍କୁ ଥାନାକୁ ଆଣିଥିଲେ। କିପରି ଥାନା ଅଧିକାରୀ ଛାଡିଦେଲେ, ତାହା ତଦନ୍ତ ସାପେକ୍ଷ। ଥାନା ସିସିଟିଭି ଫୁଟେଜ ଯାଞ୍ଚ କଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ମୃତକଙ୍କ ପରିବାରକୁ ସହାୟତା

**ରାଇରଙ୍ଗପୁର, ୨୭।୪(ସମିସ):** ବିଶୋଇ ବ୍ଲକ ଅନ୍ତର୍ଗତ ଭୁଦୁରୁକଳା ଗ୍ରାମର ଲେମ୍ପ ମୁର୍ମୁ (୮୦)ଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଛି। ଭଏସ ଅଫ୍ ଶ୍ରମିକ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ବିଷ୍ଣୁ ଦାସଙ୍କ ପରିଚାଳନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମୃତକଙ୍କ ପରିବାର ଲୋକେ ଉକ୍ତ ସଂଗଠନ ସଦସ୍ୟ ଥିବାରୁ ସହାୟତା ପ୍ରଦାନ କରାଯାଇଛି। ତାଙ୍କ ଶୁଦ୍ଧିକ୍ରିୟାରେ ସଂଗଠନ କର୍ମକର୍ତ୍ତା ଯୋଗ ଦେଇ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ। ଏଥିସହିତ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଅମର ସିଂ ମହାନ୍ତ, ଜିଲ୍ଲା ଆଞ୍ଚଳିକ ସଂଯୋଜକ ରୂପକ ମହାନ୍ତି, ବ୍ଲକ ସଂଯୋଜକ ମାନବନ୍ତି ନାଏକ ଓ ପଞ୍ଚାୟତ ସଂଯୋଜକ ରଶ୍ମିମଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ଲୋକେ ସଂଗଠନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ହସ୍ପିଟାଲରେ ଅବ୍ୟବସ୍ଥାକୁ ନେଇ ଧାରଣା



**ଉଦଳା, ୨୭।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ମେଡିକାଲର ଅବ୍ୟବସ୍ଥାକୁ ନେଇ ତାତିଲେ ଅଞ୍ଚଳବାସୀ। ଶ୍ରୀରାମ ସେବା ଟ୍ରଷ୍ଟ ପକ୍ଷରୁ ନିଆରା ତରିକାରେ ମେଡିକାଲ ସାମ୍ନାରେ ଧାରଣାରେ ବସିଲେ ଟ୍ରଷ୍ଟ ସଦସ୍ୟ। ଉଦଳାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ପ୍ରକାର ସମସ୍ୟା ରହିଛି। ମେଡିକାଲରେ ଥିବା ଲିଫ୍ଟ ଅଚଳ ହୋଇ ରହିବା, ପାନୀୟଜଳ ସମସ୍ୟା, ଅନେକ ସମୟରେ ରୋଗୀ ଓ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରିବା, ସିନିୟର ଡାକ୍ତରଙ୍କ ବଦଳରେ ଜୁନିୟର ଡାକ୍ତର ମେଡିକାଲରେ ବେପରୁଆ ଭାବେ ରୋଗୀ ଦେଖିବା, ଅନେକ ସମୟରେ ରୋଗୀ ଦେଖାରେ ଅବହେଳା କରି ରୋଗୀଙ୍କୁ ବାରମ୍ବାର ରେଫର କରାଯିବା ଭଳି ଅନେକ ସମସ୍ୟାକୁ ନେଇ ତାତିଛନ୍ତି ଟ୍ରଷ୍ଟ ସଦସ୍ୟ। ବାରମ୍ବାର ଉକ୍ତ ସମସ୍ୟାକୁ ନେଇ ଟ୍ରଷ୍ଟ ପକ୍ଷରୁ ଦାବି ଉଠାଇଥିବାବେଳେ କେହି ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଆଜି ତାତିଛନ୍ତି ଅଞ୍ଚଳବାସୀ। ରୋଗୀ ସେବା ନାମରେ ଶୋଷଣ କରାଯାଉଥିବାରୁ ଏହାକୁ ବିରୋଧ କରିଛନ୍ତି ଆନ୍ଦୋଳନକାରୀ। ଦାବି ସମୂହ ଉପରେ ତୁରନ୍ତ ପଦକ୍ଷେପ ନେଇ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ଚେତାବନୀ ଦେଇଛନ୍ତି।

# ଦିଗପୋଷି ଗ୍ରାମରୁ ଚୋରି

**ରାଇରଙ୍ଗପୁର, ୨୭।୪ (ସମିସ):** ଘାଗରବେଡା ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଏ ନେଇ ଦିଗପୋଷି ଗ୍ରାମର ନିର୍ମଳ କୁମାର ବେହେରା ଘାଗରବେଡା ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରକୁ ଦୁର୍ବୃତ୍ତମାନେ ପ୍ରବେଶ କରି ଆଲମାରୀ ତାଲା ଭାଙ୍ଗି ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଓ ନଗଦ ୨, ୫୦, ୦୦୦ ଟଙ୍କା ଚୋରି କରିଛନ୍ତି। ଘରକୁ ଫେରି ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ମାତ୍ରା ବୃଦ୍ଧି ପାଇଥିବାବେଳେ ଏ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ମିଳିତ ଜନଶୁଣାଣି ଶିବିର

# ୬ଟି ଅଭିଯୋଗର ତତ୍କାଳ ଫଇସଲା

**ଉଦଳା, ୨୭।୪(ସମିସ)**



କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜନଶୁଣାଣି ଶିବିରରେ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୪୮ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରୁ ୬ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଛି। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ଆଜି ଶିବିରରେ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ମଧ୍ୟରେ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବାବେଳେ ୧୬ଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା। ସେଥିମଧ୍ୟରୁ ୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇଥିଲା। ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣକୁ ୫ ହଜାର ଲେଖାଏଁ ୧୦ ଜଣଙ୍କୁ ମୋଟ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ପ୍ରେରଣ କରାଯାଇଛି। ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ମଧ୍ୟରେ ଉଦଳା ତହସିଲ ଅଧୀନସ୍ଥ ନହରପଦା ଗ୍ରାମର ସରକାରୀ ଜାଗା ବାହାର କରିବା, ଉଦଳା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଇସି ଓ ଜିପିଏଲଏଫ ସଭାପତି, ସମ୍ପାଦକଙ୍କ ପାଇବାକୁ ଥିବା ପ୍ରାପ୍ୟ ପ୍ରଦାନ, ବିହୀରାକୁଳ ଗ୍ରାମର ସର୍ବସାଧାରଣ ରାସ୍ତା ଉଚ୍ଛେଦ କରି ପାଣି ନିଷ୍କାସନ ବ୍ୟବସ୍ଥା, ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତ ଭଲଗଡ଼ିଆ କେନାଲ କଂକ୍ରିଟକରଣ କରି ଚାଷୀଙ୍କୁ ପାଣି ଯୋଗାଇବା, କପ୍ତିପଦା ବ୍ଲକ ଦେବଳା ପଞ୍ଚାୟତ ବଡ଼ଝାଡ଼ ହୁଡ଼ିସାହିରୁ ଲକ୍ଷ୍ମୀଧର ଘର ପର୍ଯ୍ୟନ୍ତ ରାସ୍ତାରେ ଭାଙ୍ଗିଯାଇଥିବା ପୋଲ ନିର୍ମାଣ, ଶାଳଚୁଆ ଲ୍ୟାମ୍ପସରେ ହେଉଥିବା ଦୁର୍ନୀତିର ତଦନ୍ତ, ଜେଏସ ଜାମୁଡିହା ପଞ୍ଚାୟତ ଜାମୁଡ଼ିହା ଗ୍ରାମ ରାସ୍ତା ଜବରଦଖଲ ଉଚ୍ଛେଦ, ଜାଲ ରେସନ କାର୍ଡ ତଦନ୍ତ, ଗ୍ରାମ ରାସ୍ତା କାମ ଠିକ ଭାବେ ନ କରି ଟଙ୍କା ଆତ୍ମସାତ, ଶାଳଚୁଆ ଲ୍ୟାମ୍ପସରେ ଧାନ କିଣାରେ କଟ୍‌ନୀ ଛଟ୍‌ନୀ, ବ୍ଲକର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ତାର ଓହଳିଥିବା, ଗଡ଼ସାହି ଗ୍ରାମ ୬ ନମ୍ବର ୱାର୍ଡର ବାସିନ୍ଦା ଜଳ ବିନା ହନ୍ତସନ୍ତ ହେଉଥିବା, ଜଡ଼ିଦା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ କରିବା ନାମରେ ଦୁର୍ନୀତି ଓ ହିଲ ବ୍ଲକ ଚାରି ଉଠାଣ ସାହି ମାଙ୍କଡ଼ିଆ କଲୋନୀ ଗ୍ରାମର ମାଙ୍କଡିଆଙ୍କ ବିଭିନ୍ନ ଅସୁବିଧା ଆଦି ଅଭିଯୋଗ ଉପରେ ବିଚାର କରି ତା'ର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ସତ୍ୟପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ବିଶ୍ୱଜିତ ବେହେରା, ଦେବଯାନୀ ସାହୁ, ପାର୍ବତୀ କିସ୍କୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ତୃତୀୟଥର ବିଜେଡି ନଗର ସଭାନେତ୍ରୀ ହେଲେ ରଞ୍ଜିତା

କାମାକ୍ଷାନଗର,୨୭ ।୪(ସମିସ): କାମାକ୍ଷାନଗର ଏନଏସି ବିଜେଡି ସଭାନେତ୍ରୀ ଭାବେ ଲଗାତର ତୃତୀୟ ଥର ପାଇଁ ମନୋନୀତ ହୋଇଛନ୍ତି ୧୫ ନମ୍ବର ୱାର୍ଡ ରେକୁଳା ଗ୍ରାମର ରଞ୍ଜିତା ବେହେରା। ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଞ୍ଜିତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା,



ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ନୃସିଂହ ଚରଣ ସାହୁ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସହରବାସୀଙ୍କ ସହଯୋଗ ଓ ଆଶୀର୍ବାଦରେ ସହରର ବିକାଶ ନିମନ୍ତେ ସମସ୍ତେ ଏକ ହୋଇ କାମ କରିବା ସହ କାମାକ୍ଷାନଗରକୁ ଶ୍ରେଷ୍ଠ ତଥା ସୁନ୍ଦର ସହରରେ ପରିଣତ କରିବା ପାଇଁ ରଞ୍ଜିତା ନିବେଦନ କରିଛନ୍ତି।

## ଏନ୍‌ଜିଟି ନିର୍ଦ୍ଦେଶ | ୪ରେ ବନଖଣ୍ଡ ଅଧିକାରୀଙ୍କ ବ୍ୟକ୍ତିଗତ ହାଜିରା

ଢେଙ୍କାନାଳ/ଗଁଦିଆ,୨୭ ।୪(ସମିସ)

ଗଁଦିଆ ବ୍ଲକ ନିହଲପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡ଼ ଦିନକୁ ଦିନ ଲୀନ ହେବାରେ ଲାଗିଛି। ପଥର ମାଫିଆଙ୍କ ଯୋଗୁ ପାହାଡ଼ ଲୋପ ପାଇବାକୁ ବସିଥିବାବେଳେ ପରିବେଶ ମଧ୍ୟ ଦୂଷିତ ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ନିଶ୍ଚିନ୍ତା ପାହାଡ଼ ଓ ପରିବେଶ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ବାରମ୍ବାର ନିବେଦନ କରାଯାଇଛି। ସୋମବାର ଏହାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) ମେ ୪ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ନୋଟିସ ଜାରି କରିଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳ ପରେ ଗଦିଆ ବ୍ଲକର ନିହଲପ୍ରସାଦ ଓ ପିଙ୍ଗୁଆ ଅଞ୍ଚଳ କଳାପଥର ଚୋରା ବେପାରୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଛି। ଏନ୍‌ଜିଟିର ହସ୍ତକ୍ଷେପ ପରେ ନିଶ୍ଚିନ୍ତା ପାହାଡ଼ରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇ ସଫଳତା ମିଳିଥିଲା। ଜିଲ୍ଲା ତଥା ଜିଲ୍ଲା ବାହାରର ପଥର ମାଫିଆ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ସହାୟତାରେ କୋଟି କୋଟି ଟଙ୍କାର ପଥର ଲୁଟି ନିଶ୍ଚିନ୍ତା ପାହାଡ଼କୁ ନଷ୍ଟ କରିସାରିଲେଣି। ପାହାଡ଼ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୪/୫ଟି କ୍ରସର୍ କମ୍ପାନୀ ଜିଲ୍ଲା ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେଇ ଚାଲୁ ରହିଛି। ସେହି କ୍ରସର୍ କମ୍ପାନୀଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ବିସ୍ଫୋରକ ବ୍ୟବହାର କରି ଅନୁମୋଦିତ ପରିମାଣଠାରୁ ଢେର ଅଧିକ କଳାପଥର ଉତ୍ପାଦନ କରି ଆସୁଥିବା ଜଣାପଡ଼ିଛି। ସେହିପରି ନିହଲପ୍ରସାଦରେ ପ୍ରତିଷ୍ଠିତ ଏକ କ୍ରସର କମ୍ପାନୀ ମାସକୁ ୩ ହଜାର ଟନ୍ କଳାପଥର ଉତ୍ତୋଳନ ପାଇଁ ଅସ୍ଥାୟୀ ଅନୁମତି ନେଇ ଦିନକୁ ୧୦ହଜାର ଟନ୍‌ରୁ ଅଧିକ କଳାପଥର ଉତ୍ତୋଳନ କରି ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କା ରାଜସ୍ୱ ଲୁଟ୍ କରି ଚାଲିଥିଲେ ବି ପ୍ରଶାସନ ଓ ଖଣି ବିଭାଗ ନିରବଦ୍ରଷ୍ଟା ସାଜିଛି। ନିହଲପ୍ରସାଦ ଅଞ୍ଚଳରେ ଏହି କ୍ରସର କମ୍ପାନୀଗୁଡ଼ିକ ଭୂମିଠାରୁ ପ୍ରାୟ ୨ଶହ ମିଟରରୁ ଅଧିକ ଡ୍ରିଲ୍ କରି ବ୍ଲାଷ୍ଟିଂ କରିବା ଦ୍ୱାରା ଆଖପାଖ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ହେବା ସହ ଟୋଲରପଶି, କରଡ଼ାବଣୀ, ନିତ୍ୟାନନ୍ଦପୁର, ଚଢ଼କମରା, ରାୟଗଡ଼ା, କଷ୍ଟିପାଳ, ନିହଲପ୍ରସାଦ, ବାଲିକିଆରୀ, ଶ୍ରୀମାନ୍ତପୁର ଗ୍ରାମଗୁଡ଼ିକର ଜନସାଧାରଣଙ୍କ ମୂଲ୍ୟବାନ ଘର ଓ ସରକାରୀ ଅନୁଷ୍ଠାନର ଘରଗୁଡ଼ିକ ଫାଟିଯାଉଛି। ଏହି ବିପଜ୍ଜନକ ବିସ୍ଫୋରଣ ବେଳେ କୌଣସି ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ନିଶ୍ଚିନ୍ତା ପାହାଡ଼ର ଯେଉଁ ଅଞ୍ଚଳରେ କଳା ପଥର ଚୋରି ହେଉଛି ସେହି ଅଞ୍ଚଳରେ ବ୍ୟାପକ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଥିଲେ। କିନ୍ତୁ ପ୍ରଶାସନ ନିଶ୍ଚିନ୍ତା ପାହାଡ଼କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏ ନେଇ ଏନ୍‌ଜିଟିରେ ଅଭିଯୋଗ ହୋଇଥିବା ବେଳେ ସୋମବାର ଏହାର ଶୁଣାଣି କରି ଟ୍ରିବ୍ୟୁନାଲ ଆସନ୍ତା ୪ ତାରିଖ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଯାଜପୁର ଜିଲ୍ଲାପାଳ ଓ ଢେଙ୍କାନାଳ ଡିଏଫ୍‌ଓଙ୍କୁ ନୋଟିସ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଘଞ୍ଚ ଜଙ୍ଗଲରେ ବନ୍ୟଜନ୍ତୁ ନିଶ୍ଚିନ୍ତରେ ରହୁଥିଲେ ବୋଲି ଏହି ପାହାଡ଼ର ସଂଲଗ୍ନ ଜଙ୍ଗଲର ନାମ ହୋଇଥିଲା ନିଶ୍ଚିନ୍ତା। କଳାପଥର ମାଫିଆଙ୍କ ଲୁଟରେ ରାଜ୍ୟର ବଡ଼ ପର୍ବତମାଳା ନିଶ୍ଚିନ୍ତା ଏବେ ବିଭିନ୍ନ ସ୍ଥାନରେ ନିଜ ଅସ୍ତିତ୍ୱ ହରାଇବାକୁ ଯାଉଛି। ଦୀର୍ଘ ୩୦ ବର୍ଷ ଲୁଟ୍ ପରେ ପାହାଡ଼ରୁ ସମୁଦ୍ରରେ ପରିଣତ ହୋଇଥିଲା ନିଶ୍ଚିନ୍ତା ଜଙ୍ଗଲର ରାଇଗଡ଼ା ଅଂଶ। ରାଜ୍ୟରେ ପାହାଡ଼ ସୁରକ୍ଷା ପାଇଁ ଲଢ଼େଇ କରୁଥିବା ସତୀଶ ବିଶ୍ୱାଳଙ୍କ ନିରନ୍ତର ପ୍ରୟାସ ପରେ ରାଇଗଡ଼ା ପାହାଡ଼ ସୁରକ୍ଷା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି।

## ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତି ତାଲିମ କାର୍ଯ୍ୟକ୍ରମ

ଢେଙ୍କାନାଳ,୨୭ ।୪(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନ୍ୟୁ ଇଣ୍ଡିଆ ଏବଂ ଓଡ଼ିଶା ବାଉଁଶ ବିକାଶ ସଂସ୍ଥା ସହାୟତାରେ ସନ୍ତପୁରସ୍ଥିତ ନ୍ୟୁ ଇଣ୍ଡିଆ ପ୍ରଶିକ୍ଷଣ କେନ୍ଦ୍ରରେ ୨୫ ମହିଳା ବାଉଁଶ କାରିଗରଙ୍କୁ ବାଉଁଶରୁ ସୌଖୀନ ସାମଗ୍ରୀ ପ୍ରସ୍ତୁତି ପାଇଁ ୧୫ ଦିନ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯାଇଛି। ପ୍ରଶିକ୍ଷକ କଳ୍ପନା ସାହୁ ତାଲିମ୍ ଦେଇ ବାଉଁଶରୁ ଫୁଲଝୁଡ଼ି, ସଘା କାନଫୁଲ, ପେନଷ୍ଟାଣ୍ଡ, ଫୁଲଦାନି, ଚାବି ରିଂ, କପ, ୱାଲ ହାଙ୍ଗିଙ୍ଗ, ଚୁଡ଼ି ଷ୍ଟାଣ୍ଡ, ଟ୍ରେ, ଫୁଲତୋଡ଼ା, କଳସୀ, ପିଢ଼ ଆଦି ତିଆରି କରିବାକୁ ତାଲିମ ଦେଇଥିଲେ। ପ୍ରଶିକ୍ଷାର୍ଥୀମାନେ ପ୍ରତ୍ୟେକ ଦିନ ଘରେ ଉକ୍ତ ସାମଗ୍ରୀ ପ୍ରସ୍ତୁତ କରି ନ୍ୟୁ ଇଣ୍ଡିଆ ଅନୁଷ୍ଠାନ ମାଧ୍ୟମରେ ଓଡ଼ିଶା ବାଉଁଶ ବିକାଶ ସଂସ୍ଥାକୁ ବିକ୍ରି କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ନ୍ୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ପରିଚାଳନା କରିଥିଲେ।

## କୂଅରେ ଖସିପଡ଼ିଥିବା ଯୁବକ ଉଦ୍ଧାର

ଗଁଦିଆ,୨୭ ।୪(ସମିସ): ଅସାବଧାନତା କାରଣରୁ ଜଣେ ୧୮ ବର୍ଷୀୟ ଯୁବକ କୂଅ ମଧ୍ୟକୁ ଖସିପଡ଼ିଥିବା ବେଳେ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି। ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଅଞ୍ଚଳର ଉମାକାନ୍ତ ରଥଙ୍କ ପୁଅ ସତ୍ୟବ୍ରତ ରଥ ଅପରାହ୍ନ ୧୨ଟା ୪୫ରେ କୌଣସି କାରଣରୁ କୂଅ ମଧ୍ୟକୁ ଖସି ପଡ଼ିଥିଲେ। ପରିବାର ଲୋକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ସନ୍ତୋଷ



କୁମାର ଶେଣ୍ଠ, ରମାକାନ୍ତ ସାହୁ, ଖିରୋଦ ଧାରୁଆ, ଦେବଦତ୍ତ ଦାସ, ସୌରଭ କୁମାର ବେହେରା ପ୍ରମୁଖ ଅଗ୍ନିଶମ ବିଭାଗର ଏକ ଟିମ ପହଞ୍ଚି ସତ୍ୟବ୍ରତଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ରେଙ୍ଗାଳି ବାମ କେନାଲ ଡିଭିଜନ କାର୍ଯ୍ୟାଳୟ ସିଲ୍ କଲେ କୋର୍ଟ

### ବକେୟା ଟଙ୍କା ପାଇ ନ ଥିବାରୁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା ଠିକାସଂସ୍ଥା

କାମାକ୍ଷାନଗର,୨୭ ।୪(ସମିସ): କାମାକ୍ଷାନଗର ସହର ଜିରିଡ଼ାମାଳିଠାରେ ଥିବା ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି କଟକ ବ୍ୟବସାୟିକ କୋର୍ଟ। କେନାଲ କାମ କରିଥିବା ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥା ବକେୟା ଟଙ୍କା ପାଇ ନ ଥିବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ସୋମବାର କାର୍ଯ୍ୟାଳୟକୁ ସିଲ୍ କରାଯାଇଛି।



ସୂଚନା ଅନୁସାରେ ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ ଅଧୀନରେ ୨୦୦୩-୦୪ରେ ଠିକାସଂସ୍ଥା ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ଭଏରପୁର ନିକଟରେ ପ୍ରାୟ ୧ କୋଟି ଟଙ୍କାର କେନାଲ କାର୍ଯ୍ୟ କରିଥିଲା। କାମ ସାରିବା ପରେ ଅନେକ ବର୍ଷ ଯାଏଁ ବିଭାଗ ତରଫରୁ ଠିକାସଂସ୍ଥାକୁ ବିଲ୍ ପ୍ରଦାନ କରାଯାଇ ନ ଥିଲା। ଫଳରେ ଠିକାସଂସ୍ଥା ତରଫରୁ କଟକ ବ୍ୟବସାୟିକ କୋର୍ଟରେ ଏ ନେଇ ଆବେଦନ କରାଯାଇଥିଲା। ପରେ କୋର୍ଟ ପକ୍ଷରୁ ବାରମ୍ବାର ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନୋଟିସ କରାଯାଇଥିଲା। ମାତ୍ର ବିଭାଗ ତରଫରୁ ଏହାର ନେଇ କୌଣସି ସମାଧାନ କରାଗଲା ନାହିଁ। ଫଳରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୋମବାର କୋର୍ଟ ଅଧିକାରୀ ଓ ଠିକାସଂସ୍ଥାର ଆଇନଜୀବୀ ବାମବନ୍ଧ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି। ପ୍ରାୟ ୨୨ ବର୍ଷ ହେବ ଠିକାସଂସ୍ଥା ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଠିକାସଂସ୍ଥା ତରଫରୁ କୁହାଯାଇଛି।

## ମା' ତାରିଣୀଙ୍କ ୨୨ତମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି



ଢେଙ୍କାନାଳ,୨୭ ।୪(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ୨୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ ମା'ଙ୍କ ସୁନାବେଶ ଓ ୫୬ ଭୋଗ ଲାଗି ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ଭାଗୀରଥି ସାଗର କୂଳରେ ପୂଜାର୍ଚ୍ଚନା କରାଯାଇ ଘଣ୍ଟବାଦ୍ୟ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ କରିଥିଲେ। ରବିବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି ଏବଂ ଭକ୍ତଙ୍କ ପାଇଁ ରାତିରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, ଗୋ-ପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ଆପୁଲି ରଣା, ଯଜ୍ଞ ପୂଜକ ଲିଙ୍ଗରାଜ ପତି, କର୍ତ୍ତା ଅଭିମନ୍ୟୁ ବେହେରା, ସସ୍ମିତା ବେହେରା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି କେଶବ ବେହେରା, ସମ୍ପାଦକ ମନ୍ମଥ ରାଓ, ସହଯୋଗୀ ନିରାକାର ପଟ୍ଟନାୟକ, ନରେଶ ଚନ୍ଦ୍ର ବାରିକ, ସମ୍ବିତ ପଟ୍ଟନାୟକ, ରାଜେନ୍ଦ୍ର ବସ୍ତି, ମୁନା ବାରିକ, ରିଙ୍କୁ ମହାପାତ୍ର, କୃଷ୍ଣଚନ୍ଦ୍ର ବେହେରା, ଅଜିତ କୁମାର ହୋତା, ସୁଶାନ୍ତ ବେହେରା ଓ ପ୍ରକାଶ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମାନିନୀ ଏନ୍‌ଏସି ମହିଳା ବିଜେଡି ସଭାନେତ୍ରୀ

ଭୁବନ,୨୭ ।୪(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପୁଷ୍ପଲତା ରାଉତଙ୍କୁ ଭୁବନ ବ୍ଲକ ଏବଂ ଏନ୍‌ଏସି ଉପାଧ୍ୟକ୍ଷା ମାନିନୀ ସାହୁଙ୍କୁ ଭୁବନ ନଗର ବିଜେଡି ସଭାନେତ୍ରୀ ଭାବେ ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ନିଯୁକ୍ତ କରିଛନ୍ତି। ଏ ନେଇ ଉଭୟ ନେତ୍ରୀ ଭୁବନ



ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଜିଲ୍ଲା ସଭାପତି ଡ. ନୃସିଂହ ଚରଣ ସାହୁ, କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲା ପଦାଧିକାରୀ ଏବଂ ବିଜେଡି ସଭାପତି ନବୀନ ପଟ୍ଟନାୟକ, ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପୁଷ୍ପଲତା ଏବଂ ମାନିନୀ ଉଭୟ ବେଶ୍ ଦକ୍ଷ ତଥା ଦୃଢ଼ ସଂଗଠିକା ଭାବେ ପରିଚିତ। ସେମାନଙ୍କ ନେତୃତ୍ୱରେ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ସଫଳତା ହାସଲ କରିବ ବୋଲି ଆଶା ପ୍ରକଟ କରାଯାଇଛି।

## ଶ୍ରୀମଦ୍ ଭାଗବତ ପରିଷଦ ପକ୍ଷରୁ ଗୀତା ଜ୍ଞାନଯଜ୍ଞ ଉଦ୍‌ଯାପିତ

ଢେଙ୍କାନାଳ,୨୭ ।୪(ସମିସ): ସ୍ଥାନୀୟ କୈବଲ୍ୟ ବଜାର ରଥଗଡାସ୍ଥିତ ଦଧିବାମନ ଜୀଉ ମନ୍ଦିର ପରିସରରେ ଶ୍ରୀମଦ୍ ଭାଗବତ ପରିଷଦ ଆନୁକୂଲ୍ୟରେ ଗୀତା ଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଯାଇଅଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ୯ ଘଟିକା ପର୍ଯ୍ୟନ୍ତ ଗୀତାର ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ବିଷୟରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ବକ୍ତା ଭାବେ ଭୁବନେଶ୍ୱର ଗୀତା ଆଶ୍ରମର ଆଚାର୍ଯ୍ୟ ପରମପୂଜ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଜୀ ଅଧିଷ୍ଠିତ ହୋଇଥିଲେ। ଜଗତର



ସ୍ୱରୂପ ଗୀତା ପଢିବା କାହିଁକି, ଜୀବନ ଦୁଃଖପୂର୍ଣ୍ଣ ଗତି ଓ ମୁକ୍ତି ତାର କାରଣ ଓ ନିରାକରଣ, ଈଶ୍ୱରଙ୍କ ବିଭୁତି, ପରମଶାନ୍ତି ପ୍ରାପ୍ତିର ଉପାୟ, ପୁରୁଷୋତମ ବ୍ରହ୍ମ ଲକ୍ଷଣ ପରମ ଅନୁଭୁତି ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗୀତା ପ୍ରେମୀ ଭକ୍ତ ବୃନ୍ଦ ଯୋଗଦେଇ ପ୍ରବଚନ ଶ୍ରବଣ କରିବା ସହିତ ପ୍ରସାଦସେବନ କରିଥିଲେ। କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନାରାୟଣ ପଟ୍ଟନାୟକଙ୍କୁ ଐତିହ୍ୟ ଯୋଦ୍ଧା ସମ୍ମାନ

ଢେଙ୍କାନାଳ,୨୭ ।୪(ସମିସ): କଟକ ବାରବାଟୀ ଷ୍ଟାଡିୟମରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ କଟକ ହେରିଟେଜ ୱାର୍କସର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ବରିଷ୍ଠ ସଂସ୍ଥାପକ ସଦସ୍ୟ ନାରାୟଣ ପଟ୍ଟନାୟକଙ୍କୁ ଐତିହ୍ୟ ଯୋଦ୍ଧା ଭାବେ



ସମ୍ମାନିତ କରାଯାଇଛି। ଗତ ୩ ବର୍ଷ ଧରି ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଜ୍ଞାତ, ଅଜ୍ଞାତ ଐତିହ୍ୟସ୍ଥଳୀ ପରିଦର୍ଶନ କରି ତଥ୍ୟ ସଂଗ୍ରହ ସହ ଆଜିର ଛାତ୍ର ସମାଜକୁ ଆମର ଗୌରବପୂର୍ଣ୍ଣ ଐତିହ୍ୟ ସମ୍ପର୍କରେ ଅବଗତ କରିବା କ୍ଷେତ୍ରରେ ନିରନ୍ତର ପ୍ରୟାସ କରି ଆସୁଛି। ପ୍ରତ୍ୟେକ ମାସ ତୃତୀୟ ରବିବାର କୌଣସି ନା କୌଣସି ସ୍ଥାନକୁ ପଦଯାତ୍ରା ହୋଇଥାଏ। ଏ କ୍ଷେତ୍ରରେ ପଟ୍ଟନାୟକଙ୍କ ସମର୍ପିତ ଉଦ୍ୟମ ଓ ସହଯୋଗ ନିମନ୍ତେ ତାଙ୍କୁ ଐତିହ୍ୟ ଯୋଦ୍ଧା ଭାବେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧିକ୍ଷକ ଡ. ଦିବସାଦା ବ୍ରଜସୁନ୍ଦର ଗଡ଼ନାୟକ, ବରିଷ୍ଠ ଗବେଷକ ଓ ଲେଖକ ଭାସ୍କର ପରିଚ୍ଛା, ପ୍ରତ୍ନତତ୍ତ୍ୱ ଗବେଷକ ଅନୀଲ ଧୀର, ଐତିହାସିକ ଜେପି ଜଗଦେବ, ଐତିହାସିକ ତଥା ଶିକ୍ଷାବିତ ଡ. ଖାରବେଳ ମହାନ୍ତି ଓ କଟକ ହେରିଟେଜ ୱାର୍କସର ଆବାହକ ଡ. ଦୀପକ ସାମନ୍ତରାୟ ପ୍ରମୁଖ ଏହି ସମ୍ମାନ ପ୍ରଦାନ କରିଥିଲେ। କଟକ, ଜଗତସିଂହପୁର, ପୁରୀ ଓ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ବହୁ ସଦସ୍ୟଙ୍କ ସହ ଶତାଧିକ ଐତିହ୍ୟପ୍ରେମୀ ଏଥିରେ ଯୋଗ ଦେଇଥିଲେ।

## ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ଢେଙ୍କାନାଳ,୨୭ ।୪(ସମିସ): ସ୍ଥାନୀୟ ବିଜୁପଟ୍ଟନାୟକ ଇନ୍‌ଡୋର ହଲରେ ଜିଲ୍ଲା ବ୍ୟାଡମିଣ୍ଟନ ସଙ୍ଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଭାରେ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ବେହେରା, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଏବଂ ବାର ଆସୋସିଏସନ ସଭାପତି ଗୋପାଳ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ଟଙ୍କଧର ବେହେରା, ସଭାପତି ଦୀପକ ଦଳେଇ, କାର୍ଯ୍ୟକାରୀ ସଭାପତି ଅମିତ ରଞ୍ଜନ ଶତପଥୀ, କୋଷାଧ୍ୟକ୍ଷ ରଶ୍ମିପ୍ରକାଶ ପଟ୍ଟନାୟକଙ୍କ ସହ ଧର୍ମେନ୍ଦ୍ର ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଆସିମ୍ ଦାସ, ସୁଶାନ୍ତ କୁମାର ସାହୁ, ମାନଭଞ୍ଜନ ବିଶ୍ୱାଳ, ସାରଦା ପ୍ରସନ୍ନ ହୋତା, ସଦାନନ୍ଦ ସଚ୍ଚିଦାନନ୍ଦ ମାଦେଳୀ, ସୂର୍ଯ୍ୟକାନ୍ତ ମହାପାତ୍ର, କୃପାସିନ୍ଧୁ ବେହେରା, ବ୍ରିଜେଶ ମିଶ୍ର, ପ୍ରିୟବ୍ରତ ପ୍ରଧାନ, ମାନସ କୁମାର ସାହୁ, ଅମିତ ଛୋଟରାୟ, ପ୍ରଦୀପ ମିଶ୍ର, ଦରସିତ୍ ପରମାର, ଅଂଶ ମିତଲ ଦେହୁରୀ, ଅଂଶୁମାନ ମିଶ୍ର, ସର୍ବେଶ୍ୱର ସେଠୀ, ଆଏଶା ସିଂହ, ସତ୍ୟଜିତ ସିଂହ, ଅର୍ଚ୍ଚିତା ମହାପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ।

## ଜନଶୁଣାଣି ଶିବିରରେ ୭୦ ହଜାର ସହାୟତା

ଗଁଦିଆ,୨୭ ।୪(ସମିସ): ଗଁଦିଆ ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୦ଟି ବ୍ୟକ୍ତିଗତ, ୧୮ଟି ସାମୂହିକ ଓ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ୪ ଅଭିଯୋଗର ତୁରନ୍ତ ଫଏସଲା ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି ଅଭିନବ ସୋନକର, ଏସଡିପିଓ ରମେଶ ଚନ୍ଦ୍ର ଦୋରା, ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ସିଡିଏମଓ ସଞ୍ଜୟ କୁମାର ମହାପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାନୀ ଖଟୁଆଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଓ ତହସିଲଦାର ସତ୍ୟଜିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହିନ୍ଦୋଳ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ

## ଦୁର୍ନୀତି ବିରୋଧରେ କଲମ ଚାଳନା କରିବାକୁ ଆହ୍ୱାନ

ହିନ୍ଦୋଳ,୨୭ ।୪(ସମିସ)

ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଙ୍ଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଦୀର୍ଘଦିନ ହେବ ଉପଖଣ୍ଡର ବିଭିନ୍ନ ବିଭାଗରେ ଦିନକୁ ଦିନ ଦୁର୍ନୀତି ବଢ଼ି ଚାଲିଥିବା ବେଳେ ଏହା ବିରୋଧରେ କଲମ ଚାଳନା ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ବାରମ୍ବାର ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ହେଉ ନ ଥିବାରୁ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଥିଲେ। ଖୁବଶୀଘ୍ର ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ହିନ୍ଦୋଳ ବ୍ଲକ ଓ ଅନ୍ୟାନ୍ୟ ବିଭାଗରେ ହେଉଥିବା ଦୁର୍ନୀତି ସମ୍ପର୍କରେ ଅବଗତ କରାଇବେ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ବିୟୋଗରେ ଏହି ଅବସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ସୋମବାର



ସନ୍ଧ୍ୟାରେ ସାତମାଇଲଠାରେ ହିନ୍ଦୋଳ ସାମ୍ବାଦିକ ସଙ୍ଘ ସଭାପତି ସୁମନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ସଦସ୍ୟ ସ୍ୱର୍ଗତ ଦାସଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରିଥିଲେ। ଏଥିସହ ସଙ୍ଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ବାର୍ଷିକ ଉତ୍ସବ, ଆୟବ୍ୟୟ ଆଲୋଚନା ସହ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ହିନ୍ଦୋଳ ସାମ୍ବାଦିକ ସଙ୍ଘ ସର୍ବଦା ଦୁର୍ନୀତି, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସମାଜର ଅବହେଳିତ ଜନତାଙ୍କ ପାଇଁ କାର୍ଯ୍ୟ ଜାରି ରଖିବ ଏବଂ ସଙ୍ଘକୁ ଆହୁରି ସଶକ୍ତ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ସମ୍ପାଦକ ପ୍ରଭାତରଞ୍ଜନ ପୃଷ୍ଟି, ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ରବିନାରାୟଣ ପଟ୍ଟନାୟକ, ପ୍ରଦ୍ୟୁମ୍ନ ବେହେରା, ସଞ୍ଜୟ ପାଲ, ପ୍ରକାଶ ନାୟକ, ଜଗନ୍ନାଥ ଦାସ, ପ୍ରତାପ ପଟ୍ଟନାୟକ, ବିନୟ ବେହେରା, ନୀଳକଣ୍ଠ ଦାସ, ରମେଶ ସାହୁ, ଦୀପ୍ତିକାନ୍ତ ପ୍ରଧାନ, ଧବଳପ୍ରସାଦ ସାହୁ, ସୌଭାଗ୍ୟରଞ୍ଜନ ସର, ପ୍ରଶାନ୍ତ ଜେନାମାଣି, ଗୌତମ ମୁଦୁଲି, ସୁଶାନ୍ତ ସାମଲ ପ୍ରମୁଖ ବହୁ ସାମ୍ବାଦିକ ଯୋଗଦେଇଥିଲେ।

### ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କ ବିୟୋଗରେ ଶୋକସଭା

## ଗୋମାତା ସୁରକ୍ଷା ପାଇଁ ଦାବିପତ୍ର ପ୍ରଦାନ





ହିନ୍ଦୋଳ/ଖଜୁରିଆକଟା,୨୭ ।୪(ସମିସ): ହିନ୍ଦୋଳରୋଡସ୍ଥିତ ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଗୋବଂଶ ସୁରକ୍ଷା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୋ-ପାଳନ ନିମନ୍ତେ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହ ଅନ୍ୟ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗୋ-ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଗୋରୁମାନେ ଜାତୀୟ ରାଜପଥରେ ଅବାଧରେ ବିଚରଣ କରିବା ଯୋଗୁଁ ଦୁର୍ଘଟଣା ଘଟି ଜୀବନ ହରାଉଛନ୍ତି। ଅନେକ ଗୋରୁ ଆହତ ହୋଇ କଷ୍ଟ ଭୋଗୁଛନ୍ତି। ଏ ସମ୍ପର୍କରେ ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗୋ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି। ସଦସ୍ୟମାନେ ହିନ୍ଦୋଳ ରୋଡସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଗୋ-ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ।

**ଭୁବନ:** ଭୁବନରେ ଗୋ ସମ୍ମାନ ଆହ୍ୱାନ ଅଭିଯାନର ଶୁଭାରମ୍ଭ ହୋଇଛି। ଗୋ ମାତାଙ୍କ ସେବା, ସୁରକ୍ଷା ଓ ସମ୍ମାନ ପାଇଁ ୧୯ ଦାବି ନେଇ ସ୍ଥାନୀୟ ଗୋପ୍ରେମୀମାନେ ଭୁବନ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତ। ଭାରତର ଅର୍ଥନୀତି ଓ ଆଧ୍ୟାତ୍ମିକବାଦକୁ ସୁଦୃଢ଼ କରିବା ପାଇଁ ଗୋମାତାଙ୍କ ସୁରକ୍ଷା ଏକାନ୍ତ କାମ୍ୟ ବୋଲି ଗୋସାବକମାନେ ପ୍ରକାଶ କରିଛନ୍ତି। ସରକାର ଗୋମାତାଙ୍କ ସମ୍ମାନ ରକ୍ଷା ପାଇଁ ତତ୍ପରତା ପ୍ରକାଶ ନ କଲେ ଆଗାମୀ ଦିନରେ ଖୋଳକୀର୍ତ୍ତନ କରି ଏହି ପ୍ରାର୍ଥନାକୁ ବ୍ୟାପକ କରାଯିବ ବୋଲି ଗୋପ୍ରେମୀମାନେ ଜଣାଇଛନ୍ତି।

### ଚାକିରି ଦେବା ନାଁରେ ୧୫ ଲକ୍ଷ ଠକେଇ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଆକାଉଣ୍ଟସ୍ ମ୍ୟାନେଜର ଗିରଫ

ଦେବଗଡ,୨୭।୪(ସମିସ)

ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି କରାଇ ଦେବା ନାମରେ ୧୨ ଜଣ ଯୁବକ ଯୁବତୀଙ୍କ ଠାରୁ ଠକେଇ କରି ୧୫ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା ଅଭିଯୋଗରେ ଦେବଗଡ ଆଦର୍ଶ ଥାନା ପୁଲିସ ଆଜି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ଜିଲା ଆକାଉଣ୍ଟସ୍ ଅଫିସର (ବର୍ତ୍ତମାନ କନ୍ଧମାଳ ଜିଲାରେ କାର୍ଯ୍ୟରତ) ପରମେଶ୍ୱର ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ପରମେଶ୍ୱର ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଶଙ୍ଖଚିଲ ଗ୍ରାମର ବାଇଧର ନାୟକଙ୍କ ପୁଅ। ପୁଲିସ ସୂତ୍ରରୁ ମିଳିଥିବା



ସୂଚନା ଅନୁଯାୟୀ ଶ୍ରୀ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଟେଣ୍ଡାଣ୍ଟ, ସୁଇପର ଓ ସୁପରଭାଇଜର ଚାକିରି କରାଇଦେବା ନାମରେ ୧୨ ଜଣ ଯୁବକ ଯୁବତୀଙ୍କ ଠାରୁ ପ୍ରତ୍ୟେକଙ୍କ ଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ହିସାବରେ ମୋଟ ୧୫ ଲକ୍ଷ ୬୦ ହଜାର ଟଙ୍କା ଆଦାୟ କରିଥିଲେ। ଶ୍ରୀ ନାୟକ ଏହି ଟଙ୍କା ଗତ ୨୦୨୫ ମସିହା ଜୁଲାଇ ମାସରେ ଆଶାୟୀ ଯୁବକ ଯୁବତୀଙ୍କ ଠାରୁ ଆଦାୟ କରିଥିବା ବେଳେ ଏହାର ୧୫ ଦିନ ମଧ୍ୟରେ ନିଯୁକ୍ତିପତ୍ର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଚାକିରି ଦେବା ବଦଳରେ ନାନା ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ। କିଛିମାସ ପରେ ଅର୍ଥାତ ଗତ ୨୦୨୫ ମସିହା ନଭେମ୍ବର ମାସରେ ତାଙ୍କର କନ୍ଧମାଳ ଜିଲାକୁ ବଦଳି ହୋଇଥିଲେ ହେଁ ସେ ଆଉ ପ୍ରାର୍ଥୀ ପ୍ରାର୍ଥୀନୀମାନଙ୍କୁ ଧରା ଛୁଆଁ ଦେଇନଥିଲେ। ତେବେ ଗତ ମାର୍ଚ୍ଚ ମାସରେ ଅଭିଯୁକ୍ତ ପରମେଶ୍ୱର କୌଣସି କାର୍ଯ୍ୟରେ କନ୍ଧମାଳରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସିଥିବା ବେଳେ ଏହା ଜାଣି ଅଭିଯୋଗକାରୀମାନେ ସେଠାକୁ ଯାଇ ତାଙ୍କ ଟଙ୍କା ଫେରସ୍ତ ପାଇଁ କହିବାରୁ ଅଭିଯୁକ୍ତ ତାଙ୍କ ବୋଲେରୋ ଚଢ଼ାଇ ସେମାନଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଠକେଇର ଶିକାର ହୋଇଥିବା ଦେବଗଡ଼ ଥାନାଞ୍ଚଳ କୁରଡ ଗ୍ରାମର ଲକ୍ଷ୍ମୀ ପ୍ରିୟା ବେହେରାଙ୍କ ସମେତ ରିଆମାଳ ବ୍ଲକ କୁଣ୍ଢେଇଗୋଳା ଥାନା ଆଉଁଳି ଗ୍ରାମର ସୁସ୍ମିତା ବିଶ୍ୱାଳ, ଉଟୁଣିଆ ଗ୍ରାମର ମାମି ପ୍ରଧାନ, ସରପାଳ ଗ୍ରାମର ଗଙ୍ଗାଧର ପ୍ରଧାନ, ଅଭୟ କବି, ଖଳିପଶି ଗ୍ରାମର ସୀମା ଶବର, ପରା ଗ୍ରାମର ଡନ ପ୍ରଧାନ, ତାଳବାହାଳି ଗ୍ରାମର ରାକେଶ ପ୍ରଧାନ, ଦେବଗଡ଼ ଥାନା କଲଣ୍ଡା ଗ୍ରାମର ହିତେଶ ଭୋଇ ଓ ପୌରାଞ୍ଚଳ ଭୁଲିଆସାହିର ରାଣୀ ହଂସଙ୍କ ସମେତ ଅନ୍ୟ କେତେଜଣ ଗତ ମାର୍ଚ୍ଚ ୧୫ ତାରିଖରେ ଏନେଇ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ପୁଲିସ ବିଏନ୍ଏସ୍‌ର ଦଫା ୩୧୮(୪), ୨୯୬,୩୫୧(୩) ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ଏ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଶ୍ରୀ ନାୟକଙ୍କୁ ଗିରଫ କରି ସଂଧ୍ୟାରେ କୋର୍ଟ ଚାଲାଣ କରିଥିଲା।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୨୭।୪(ସମିସ): ରିଆମାଳ ବ୍ଲକ୍ ପଳସମା ଗ୍ରାମ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୫୨ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୪ଟି ବ୍ୟକ୍ତିଗତ ଏବଂ ୨୮ ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ଜମି ବାଡ଼ି ବିବାଦ, ଶ୍ରମକାର୍ଡ, ଶିକ୍ଷକ ନିଯୁକ୍ତି ଓ ବଦଳି, ପାନୀୟ ଜଳ ଓ ରାସ୍ତା ମରାମତି ଓ ଉନ୍ନତିକରଣ ନିମନ୍ତେ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ଓ ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କିର୍ମିରାରେ ୩୦ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଝାରସୁଗୁଡ଼ା,୨୭।୪(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ସଭାଗୃହଠାରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦାଖଲ ହୋଇଥିବା ମୋଟ ୩୦ଟି ଅଭିଯୋଗରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ବିଦ୍ୟୁତ ସଂଯୋଗୀ କରଣ, ଜମି ଚିହ୍ନଟ, ଭିନ୍ନକ୍ଷମ ଭତ୍ତା, ଆର୍ଥିକ ସହାୟତା, ଜମି ବିବାଦ, ପକ୍କାଘର ପାଇବା ସମସ୍ୟା ଭିତ୍ତିକ ଥିବା ବେଳେ ସାମୁହିକରେ କିର୍ମିରା ଗ୍ରାମର ପଶୁ ଚିକିତ୍ସାଳୟରେ ପଶୁ ଡାକ୍ତର ନିଯୁକ୍ତି ଓ ଗାଁରେ ବିଦେଶୀ ମଦ ଦୋକାନ ପାଖ ଜମି ମାନଙ୍କରେ କାଚ, ମଦ ବୋତଲ ପକାଇବା, ବାଗଡିହି ଗାଁ ମୁଖ୍ୟ ରାସ୍ତା ର ମରାମତି କାମ ଓ ବାଇପାସ ରାସ୍ତା ନିର୍ମାଣ, ମୋ ବସ ବୈଜାପାଲି ଗାଁ କୁ ଚଳାଚଳ କରିବା , ଟାଙ୍ଗରଗଡ଼ା ଗାଁ ରୁ ନୂଆଁପଡ଼ାକୁ ରାସ୍ତା ନିର୍ମାଣ,୨୦୨୪-୨୦୨୫ ମସିହାର ଧାନ କିଣାର କମିଶନ ଟଙ୍କା ପାଇ ନ ଥିବା, ମିଶନ ଶକ୍ତି କାଫେରେ ପିଇବା ପାଣି ଯୋଗାଇବା,କିର୍ମିରା ଶିବ ମନ୍ଦିର ବନ୍ଧ ରୁ ପଙ୍କ ଉଦ୍ଧାର ସହ ଇନଲେଟ ଆଉଲେଟ ତିଆରି କରିବା ଅଭିଯୋଗ ହୋଇଥିଲା। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଏସଡ଼ିପିଓ ଉମାଶଙ୍କର ସିଂହ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ବିଡିଓ ଅଭିନାଶ ଲାକ୍ରା,ତ ହସିଲଦାର ସଞ୍ଜିବ କୁଲୁ,ଲଇକେରା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସହ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ● ଜିଲ୍ଲାପାଳଙ୍କ କିର୍ମିରା ପିଏମ୍‌ଶ୍ରୀ ସ୍କୁଲ ପରିଦର୍ଶନ

## ସଠିକ୍ ପାଣ୍ଠିରୁ ବିଦ୍ୟାଳୟ କାମ ହୋଇ ନଥିବାରୁ ତାଗିଦ କଲେ

ଝାରସୁଗୁଡ଼ା,୨୭।୪(ସମିସ): କିର୍ମିରା ବ୍ଲକ ସଦର ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପରିଦର୍ଶନ କରି ପିଇବା ପାଣି, ଶୌଚାଳୟ, ପାଇଖାନା ଓ ପରିମଳ ବ୍ୟବସ୍ଥା ସହ ସ୍କୁଲ ଗୃହ ନିର୍ମାଣ ର ତଦାରଖ କରିଥିଲେ। ମୋ ସ୍କୁଲ ଅଭିଯାନ ପାଣ୍ଠିରୁ ୩ ଲକ୍ଷ ୬୦ ହଜାର ଟଙ୍କା ଉଠାଣ ହୋଇ ଏହି ସବୁ କାର୍ଯ୍ୟ



ହୋଇ ନ ଥିବାରୁ ଅଭିଭାବକ, ସ୍କୁଲ କମିଟି ଓ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏଣୁ ଆଜି କିର୍ମିରା ଜନଶୁଣାଣି ପରେ ପରେ ତତକ୍ଷଣାତ ବିଦ୍ୟାଳୟ ପରିଦର୍ଶନ କରି ପ୍ରଧାନ ଶିକ୍ଷକଙ୍କୁ ତାଗିତ କରିଥିଲେ। ସେହି ଉଠାଣ ଟଙ୍କାରେ କାର୍ଯ୍ୟ ହେବା କଥା ନ ହେଲେ ଟଙ୍କା ଜମା ହେବା କଥା ବୋଲି ଜିଲ୍ଲାପାଳ ତାଗିଦ କରିଥିଲେ।

### ● ଆଜିଠୁ ଜିଲ୍ଲାସ୍ତରୀୟ ଶୁଭଦ୍ରା ଶକ୍ତିମେଳା

## ଫୁଡ୍ କୋର୍ଟ ସହିତ ସ୍ଥାନ ପାଇବ ୧୨୦ ଷ୍ଟଲ୍

ଝାରସୁଗୁଡ଼ା,୨୭।୪(ସମିସ): ମଙ୍ଗଳବାରଠାରୁ ଝାରସୁଗୁଡ଼ା ଜିଲାସ୍ତରୀୟ ଶୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବାକୁ ଯାଉଛି। ଏହି ମେଳା ଆସନ୍ତା ମେ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମୋଟ ୧୨୦ଟି ଷ୍ଟଲ ରହିଥିବା ବେଳେ ଅନ୍ୟ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୬୦ଟି ଷ୍ଟଲ ରହିଛି। ଝାରସୁଗୁଡ଼ା ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୪୮ ଟି ଷ୍ଟଲ ରହିଛି। ଏହାସହ ଗଣମାଧ୍ୟମ, ପୋଲିସ, ଅଗ୍ନିଶମ, ଆଶୁ ଚିକିତ୍ସା କେନ୍ଦ୍ର ସହିତ ଆଇଇସିକୁ ମିଶାଇ ୧୨ଟି



ଷ୍ଟଲ ରହିବ। ଏହି ଷ୍ଟଲମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ହାତ ତିଆରି ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଖାଦ୍ୟ ପସରା ସ୍ଥାନ ପାଇବ ବୋଲି ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ୍ ସମ୍ମିଳନୀ କକ୍ଷରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୂଚନା ଦେଇଥିଲେ। ଭାସ୍କର ସୂତା କଳ ପଡ଼ିଆରେ ଜିଲାସ୍ତରୀୟ ଶୁଭଦ୍ରା ଶକ୍ତିମେଳା ମଙ୍ଗଳବାର ଅପରାହ୍ନରୁ ଆରମ୍ଭ ହେବ। ଏଥିରେ ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଝାରସୁଗୁଡ଼ା ଜିଲ୍ଲାର ଏସଏଚଜି ଗ୍ରୁପ୍, ବିଭିନ୍ନ ସାମଗ୍ରୀର ଉତ୍ପାଦନ ସଂସ୍ଥା ଏବଂ କାରୁକାର୍ଯ୍ୟ କରିଥିବା ବିଭିନ୍ନ କଳାକାରଙ୍କ ସାମଗ୍ରୀକୁ ବିକ୍ରି କରିବାର ଏକ ମାଧ୍ୟମ ପାଲଟିବ। ଏହାସହ ପାରମ୍ପରିକ ଖାଦ୍ୟକୁ ନେଇ ଏକ ଫୁଡ୍ କୋର୍ଟ୍ ମଧ୍ୟ ଖୋଲିବ। ଏହାସହ ଗରମ ଏବଂ ଗୁଳୁଗୁଳିକୁ ଭିତ୍ତିକରି ମେଳାରେ ପାନୀୟ ଜଳର ବ୍ୟବସ୍ଥା କରାଯିବା ସହିତ ଶୌଚାଳୟ, ଆଲୋକୀକରଣ, ସୁରକ୍ଷା ପାଇଁ ସୁରକ୍ଷାକର୍ମୀ, ଆମ୍ବୁଲାନ୍ସ ଏବଂ ଆଶୁ ଆରୋଗ୍ୟ କେନ୍ଦ୍ର ମଧ୍ୟ ଖୋଲାଯିବ। ଏହାସହ ମଞ୍ଚ ସାମ୍ନାରେ ୧ ହଜାର ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ପ୍ରତ୍ୟେକ ଦିନ ୫ ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଏହି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଥିଲେ। ଏହି ପ୍ରେସ ମିଟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱ ରଞ୍ଜନ ନାୟକ, ସୂର୍ଯ୍ୟାଂଶୁ ରଥ ଏବଂ ଓରମାସର ଡେପୁଟି ସିଇଓ ଯୁବରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋ-ସୁରକ୍ଷା ପାଇଁ ଶୋଭାଯାତ୍ରା ଓ ଦାବିପତ୍ର



କୋକସରା,୨୭।୪(ସମିସ): ଗୋ-ସୁରକ୍ଷା ପାଇଁ ସୋମବାର କୋକସରା ବ୍ଲକ୍ ଗୋ ସେବକ, ସନ୍ଥ ସମାଜ ସଚେତନ ନାଗରିକଙ୍କ ପକ୍ଷରୁ କୋକସରା ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋ-ସେବକ ପ୍ରଭାରୀ ଜନ୍ମେଜୟ ନାଏକଙ୍କ ନେତୃତ୍ୱରେ ସ୍ଥାନୀୟ କାଳେଶ୍ୱର ଶିବ ମନ୍ଦିରଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଶତାଧିକ କାର୍ଯ୍ୟକର୍ତ୍ତା ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ଦଳ କାଉଡୋଲା ସହ ନଗର ପରିକ୍ରମା କରି ଲୋକଙ୍କୁ ଗୋ-ସମ୍ପଦର ସୁରକ୍ଷା ନେଇ ସଚେତନ ବାର୍ତ୍ତା ଦେବା ସହ ଭଜନ କୀର୍ତ୍ତନ ଗାଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟ କୋକସରା ଅତିରିକ୍ତ ତହସିଲଦାର ମୋହନଚରଣ ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୋ-ସମ୍ପଦ ଉପପ୍ରଭାରୀ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସନ୍ଥ ପ୍ରଦୀପ ଶର୍ମା, ଗୋଶାଳା ସଞ୍ଚାଳକ ସୁବାସ ଅଗ୍ରୱାଲ, ଉପଦେଷ୍ଟା ଗୋ ଭକ୍ତ ଆଦିତ୍ୟ ନାରାୟଣ ପଣ୍ଡା, କିଶନ କୁମାର ପଟ୍ଟନାୟକ, ଗୌତମ ଅଗ୍ରୱାଲ, ଲକ୍ଷ୍ମୀଧର ପୁଝାରି, ଉଦୟନାଥ ନାଏକ, ଦେବୀ ପ୍ରସାଦ ସାହୁ, ମଦନ ବେମାଲ, ଝସକେତନ ପଟ୍ଟନାୟକ, ଅନନ୍ତ ନାରାୟଣ ପଟ୍ଟନାୟକ, ଏକାମ୍ବର ନାଏକ, ଧର୍ମାନନ୍ଦ ନେଗି, ମହିଳା କାର୍ଯ୍ୟକର୍ତ୍ତା ପଙ୍କଜିନି ମେହେରା, ହିନ୍ଦୁ ମହାସଂଘ ଜିଲ୍ଲା ସଭାପତି ମହେଶ ଗୁପ୍ତା, ସଦସ୍ୟ ରାଜା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ■ ଝିଅର ପାଠ ପଢ଼ା ପାଇଁ ଅର୍ଥ ସାଜିଥିଲା ବାଧକ

## ଘରକୁ ଯାଇ ସହାୟତା ପ୍ରଦାନ କଲେ ଜିଲ୍ଲାପାଳ



ନୂଆପଡ଼ା,୨୭।୪(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍ ସୁନାପୁର ଗାଁର ସ୍ମୃତି ସୁନାନୀ ନାମ୍ନୀ ଜଣେ ଝିଅ ଉଚ୍ଚଶିକ୍ଷା ପାଇଁ ଗୀତ ଜରିଆରେ ନୂଆପଡା ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ତାଙ୍କ ଘରକୁ ଯାଇ ସହାୟତା ପ୍ରଦାନ କରିଛନ୍ତି। ଉପ ଜିଲ୍ଲାପାଳ ସୁରମି ସୋରେନ ମଧ୍ୟ ଉପସ୍ଥିତ ଥିଲେ। ଅର୍ଥାଭାବ ଯୋଗୁଁ ସେ +୨ ପାଠ ପଢ଼ି ପାରୁନାହାନ୍ତି ବୋଲି ଗୀତରେ ଉଲ୍ଲେଖ କରିଥିଲେ ସ୍ମୃତି। ଏହି ଅବସରରେ ଅର୍ଥ ପାଇଁ କୌଣସି ବିଦ୍ୟାର୍ଥୀଙ୍କ ଶିକ୍ଷା ବନ୍ଦ ହେବ ନାହିଁବୋଲି ଜିଲ୍ଲାପାଳ କହିଛନ୍ତି । ପ୍ରକାଶ ଯେ, ଗତ ସପ୍ତାହରେ ବୋଡେନରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ପରେ ସୁନାପୁର ଗାଁରେ ଏକ୍ସଟେନସିଭ ଗ୍ରୀଭାନ୍ସ ଅବସରରେ ସ୍ମୃତି ଜିଲ୍ଲାପାଳଙ୍କ ସମ୍ମୁଖରେ ଗୀତ ଜରିଆରେ ଗୁହାରି ଜଣାଇଥିଲେ।

### ■ ଗୀତ ଜରିଆରେ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ

## କିଶୋର ନ୍ୟାୟ ବୋର୍ଡରେ ୨ ଦୋଷୀ ସାବ୍ୟସ୍ତ

ଦେବଗଡ,୨୭।୪(ସମିସ): କିଶୋର ନ୍ୟାୟ ବୋର୍ଡ ୨୦୨୩ ମସିହାରେ ରୁଜୁ ହୋଇଥିବା ଏକ ମାମଲାର ବିଚାର କରି ଆଜି ୨ ଜଣ କିଶୋରଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୬ ମାସ ଲେଖାଏଁ ପର୍ଯ୍ୟବେକ୍ଷଣ ଗୃହକୁ ପଠାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୩ ମସିହା ଜୁଲାଇ ୪ ତାରିଖରେ ବାରକୋଟ ଥାନାଞ୍ଚଳ ସରୁଆଳି ଗ୍ରାମରେ ୨ ଜଣ ନାବାଳିକା ରାସ୍ତାର ଯାଉଥିବା ସମୟରେ ୨ ଜଣ ନାବାଳକ ସେମାନଙ୍କୁ ମାଡ ମାରିବା ସହ ସେମାନଙ୍କର ମୋବାଇଲ ଫୋନ ଛଡାଇ ନେଇଥିଲେ। ଫଳରେ ନାବାଳିକାମାନଙ୍କ ମଧ୍ୟରୁ ଜଣେ ଚେତା ଶୂନ୍ୟ ହୋଇପଡିଥିଲେ। ଚିକିତ୍ସା ନିମନ୍ତେ ପ୍ରାଥମେ ଅନୁଗୁଳ ଜିଲାର ପାଳଲହଡା ଡାକ୍ତରଖନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ ହେବା ସହ ନାବାଳିକଙ୍କୁ ଯୌନ ନିର୍ଯାତନା ମଧ୍ୟ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଫଳରେ ପୁଲିସ ଅଭିଯୁକ୍ତ ନାବାଳକ ଦ୍ୱୟଙ୍କ ବିରୁଦ୍ଧରେ ପୋକ୍ସୋ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତତ୍କାଳୀନ ଏଚ୍ଆର୍‌ପିସି ଡିଏସ୍‌ପି ଅଜୟ ତିର୍କୀ ଏହି ମାମଲାର ତଦନ୍ତ କରି ତଦନ୍ତ ରିପୋର୍ଟ ଦାଖଲ କରିଥିବା ବେଳେ କିଶୋର ନ୍ୟାୟ ବୋର୍ଡରେ ମାମଲାର ବିଚାର ଚାଲିଥିଲା। କିଶୋର ନ୍ୟାୟ ବୋର୍ଡ ଆଜି ଏହି ମାମଲାର ରାୟ ପ୍ରକାଶ କରି ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୬ ମାସ ଲେଖାଏଁ ପର୍ଯ୍ୟବେକ୍ଷଣ ଗୃହକୁ ପଠାଇ ଦେଇଥିବା ଜଣାପଡିଛି। ତେବେ ପୋକ୍ସୋ ଦଫାରେ ସେମାନେ ଦୋଷମୁକ୍ତ ହୋଇଥିବା ଜଣାପଡିଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ସାଧାରଣ ଅଭିଯୋଜକ ରିଙ୍କୁ ନାଥ ପରିଚାଳନା କରୁଥିବା ବେଳେ ବିଚାର ପ୍ରକ୍ରିୟାକୁ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ।

## କାଳବୈଶାଖୀ ତାଣ୍ଡବ; ଗଛପଡ଼ି ଅଟୋ ଓ ଘର କ୍ଷତିଗ୍ରସ୍ତ



ରାଉରକେଲା,୨୭।୪(ସମିସ): ଆଜି ରାଉରକେଲା ସହରରେ ୪୩ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ହଠାତ୍ ଅପରାହ୍ନ ୫ଟାରେ କାଳବୈଖାଖୀ ବର୍ଷା ହୋଇଥିଲା। ଘଡଘଡି ବର୍ଷା ସହ ପବନ ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଜାରି ରହିଥିଲା। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଗଛର ବଡ ବଡ ଡାଳ ଭାଙ୍ଗି ଘର ଓ ଅଟୋ ଉପରେ ପଡ଼ି କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଏହି କାଳବୈଶାଖୀର ପ୍ରଭାବରେ ଓରାମପଡା ସ୍ଥିତ ଇଣ୍ଡୋ ସ୍କୁଲ ସମ୍ମୁଖରେ ଏକ ବଡ଼ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ସେହିପରି ବଣିଆ ଗେଟ୍ ଦେଇ ଅଟୋ ଯାଉଥିବା ବେଳେ ହଠାତ୍ ଗଛ ପଡ଼ିଥିଲା। ତେବେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ବାସନ୍ତୀ କଲୋନୀ ବରଫ ଫ୍ୟାକ୍ଟ୍ରି ଓ ଦୁର୍ଗାପୁର ପାହାଡ ନିକଟରେ ଗଛ ଘର ଉପରେ ପଡି କ୍ଷତିଗ୍ରସ୍ତ ହୋଇଛି। ଉଦିତନଗର ଶ୍ରମ କାର୍ଯ୍ୟାଳୟ ନିକଟରେ ମଧ୍ୟ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଫଳରେ ବିଭିନ୍ନ ଅଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସମସ୍ୟା ଦେଖାଦେଇଥିଲା। ସେହିପରି ବିଶ୍ରାଡାହର ସ୍ଥିତ ନିଡ୍ସ ସମ୍ମୁଖରେ ଜୈନ ସନ୍ନ୍ୟାସୀମାନଙ୍କୁ ସ୍ୱାଗତ କରିବା ପାଇଁ ନିର୍ମିତ ଫାଟକ ଗଳି ପଡିଥିଲା। ଅଧ ଘଣ୍ଟାରୁ ଅଧିକ ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲୁହା ଏଙ୍ଗେଲ ଏବଂ କପଡାରେ ତିଆରି ଫାଟକଟି ହଟା ନଯିବା ପର୍ଯ୍ୟନ୍ତ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗଛ ପଡ଼ିଥିବା ଅଞ୍ଚଳରେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ଗଛକୁ କାଟି ହଟାଇ ଥିବା ବେଳେ ବିଳମ୍ବରେ ବିଦ୍ୟୁତ ସଂଯୋଗ ହୋଇଥିବା ଜଣାପଡିଛି। ସୌଭାଗ୍ୟବଶତଃ ଲୋକେ ଏଥିରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସେହିପରି ଡ଼ିଏଭି ଛକ ଠାରେ ଖରା ପାଇଁ ଲଗାଯାଇଥିବା ଅସ୍ଥାୟୀ ସେଡ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ରିଂ ରୋଡ କିଛି ସ୍ଥାନରେ ମଧ୍ୟ ଗଛ ଭାଙ୍ଗି ପଡ଼ିଥିଲା। ଆରଏସପିରେ ମଧ୍ୟ ଗଛ ପଡି ବାଇକ୍ ଓ କାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ନବନିର୍ମିତ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି

ସିନାପାଲି,୨୭।୪(ସମିସ): ସିନାପାଲିଠାରେ ନବନିର୍ମିତ ଭବ୍ୟ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବର ଆଜି ପୂର୍ଣ୍ଣାହୁତି ହୋଇଯାଇଛି। ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ସହ ଆରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଆଦି ସହ ନୂତନ ମନ୍ଦିରର ଗର୍ଭାଧାନ, ରୁଦ୍ରାଭିଷେକ, ଷୋଡ଼ଶ ଉପଚାର, ଚଣ୍ଡୀପାଠ, ସୂର୍ଯ୍ୟପୂଜା ଆଦି ରୀତିନୀତି ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭାପତି ସୁବାସ ଅଗ୍ରୱାଲ, ଉପସଭାପତି ଈଶ୍ୱର ପ୍ରସାଦ ମେହେର, ସମ୍ପାଦକ ଚନ୍ଦ୍ରଶେଖର ମେହେର, ସହ ସମ୍ପାଦକ ଗଣେଶ ରାମ ମେହେର, କୋଷାଧ୍ୟକ୍ଷ ସନ୍ତୋଷ ମେହେରଙ୍କ ସହ ଲୋକନାଥ ମେହେର, ଖଗେଶ୍ୱର ମେହେର (ଟେରିକଟ) ଉଦ୍ଧବ ମେହେର, ପ୍ରଦୀପ ମେହେର, କ୍ଷୀରସିନ୍ଧୁ ମେହେର, ମୁରଲୀଧର ମେହେର, କେଶରୀ ମେହେର ପ୍ରମୁଖ ପରିଚାଳନା କରିଥିଲେ। ଉତ୍ସବରେ ଦଶ ଯୋଡ଼ା ଦମ୍ପତି କର୍ତ୍ତା ରହିଥିବାବେଳେ ମୁଖ୍ୟ ପୂଜକ ଭାବରେ ହରିଶ୍ଚନ୍ଦ୍ର ଖମାରୀ ଦାୟିତ୍ୱ ନିର୍ବାହ କରିଥିଲେ। ସୂଚନାଯୋଗ୍ୟ ଯେ ସେତେବେଳର ଶିବ ଉପାସକଙ୍କ ଆଗ୍ରହକୁ ଦେଖି ପ୍ରାୟ ୧୯୪୦ ମସିହା ବେଳକୁ ଏଠିକାର ଜଣେ ଧର୍ମପ୍ରାଣ ବ୍ୟକ୍ତି ଧନୁ ମେହେର ନିଜସ୍ୱ ପ୍ରୟାସରେ ଏଠାରେ ଏକ ଗଛମୂଳରେ ଉଭୟ ସିନାପାଲି ଓ କାପସି ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ଚେଷ୍ଟାରେ ପୂଜା ପାଇ ଆସୁଥିବା ଶିବ ଭଗବାନଙ୍କ ପାଇଁ ଏକ ଗୁଡ଼ି ତିଆରି କରିଥିଲେ, ଯାହା ମହାଦେବଗୁଡ଼ି ଭାବରେ ଅଦ୍ୟାବଧି ଲୋକଙ୍କ ବିଶ୍ୱାସର ପ୍ରତୀକ ହୋଇ ରହିଆସିଥିଲା। ଅନେକ ଭକ୍ତ ନିଜ ମନସ୍କାମନା ପୂର୍ଣ୍ଣ ନିମନ୍ତେ ଏଠାରେ ପାଳପଡି ଭଗବାନ ଶିବଙ୍କ ଆଶୀର୍ବାଦ ପାଇଥିବା ଶୁଣାଯାଏ, ଯାହା ଏହି ମନ୍ଦିରର ମହତ୍ୱକୁ ଅଧିକ ପରିବର୍ଦ୍ଧିତ କରେ।

### ନିର୍ଗୁନଡିହିରେ ଜଳ ସଙ୍କଟ

# ୧୫ ଦିନ ହେଲା ମେଗା ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ

ଝାରସୁଗୁଡା,୨୭।୪(ସମିସ)

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ କେଲେଣ୍ଡାମାଲ ପଞ୍ଚାୟତ ଗୁଡିଗାଁ ଗ୍ରାମର ଏକ ଛୋଟିଆ ପଡ଼ା ହେଉଛି ନିର୍ଗୁନଡିହି। ଏହି ପଡ଼ାରେ ଦୀର୍ଘ ୧୫ ଦିନ ହେଲା ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଯାହାଫଳରେ ଏଠାରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଫେଲ୍ ମାରିଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ, ନିର୍ଗୁନଡିହିରେ ପୂର୍ବରୁ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିଲା। ପ୍ରାୟ ୫ ଶହ କୋଟି ଟଙ୍କା ବ୍ୟୟର ମେଗା ପ୍ରକଳ୍ପରେ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ଏହି ପଡ଼ାରେ ସମସ୍ତ ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ଦିଆଯାଇଥିଲା। ପ୍ରାୟ ଦେଢ଼ ମାସ ପୂର୍ବେ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ପୂର୍ବରୁ ପାଇପ୍ ଯୋଗେ ଗ୍ରାମ୍ୟ ଜଳ ଯୋଗାଣ ହୋଇ ନଥିବାରୁ ନୂତନ କରି ମେଗା ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣ ହେବାରୁ ପଡ଼ାବାସୀ ବହୁତ୍ ଖୁସି ଅନୁଭବ କରୁଥିଲେ।



ଏକ ମାସ ଧରି ଜଳଯୋଗାଣ ଠିକ୍ ଠାକ୍ ଚାଲିଥିଲା। ମାତ୍ର ପ୍ରାୟ ୧୫ ଦିନ ହେଲା ହଠାତ୍ ଷ୍ଟାଣ୍ଡପୋଷ୍ଟରେ ପାଣି ଆସିବା ବନ୍ଦ ହୋଇଯାଇଥିଲା। ଏହି ପାଣି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଯୋଗାଣ ହୋଇ ନଥିବାରୁ ପଡାବସି କାହାକୁ ନିଜର ଅଭିଯୋଗ ଜଣାଇବେ ତାହା ଜାଣି ପାରୁନାହାନ୍ତି। ଫଳରେ ପ୍ରଚଣ୍ଡ ଖରା ସମୟରେ ପାଣି ଆସୁନଥିବାରୁ ଉକ୍ତ ପଡ଼ାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କୋଲାବିରା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏଇ ରଞ୍ଜିତାବାଲା ଦାସଙ୍କୁ ଯୋଗାଯୋଗ କରାଯିବାରୁ, ମେଗା ଜଳ ଯୋଗାଣ ପ୍ରକଳ୍ପ ତରଫରୁ ଜଳ ଯୋଗାଣ ପାଇଁ ଏବେ କେବଳ ପରୀକ୍ଷା ଚାଲିଛି। ଏବେ ସୁଦ୍ଧା କୋଲାବିରା ବ୍ଲକର ୬ଟି ଗ୍ରାମକୁ ଜଳଯୋଗାଣ ହୋଇପାରିଛି। ତେବେ ନିର୍ଗୁନଡିହିକୁ ମାସେ ପାଣି ଆସିଲା ଓ ପୁଣି କେଉଁ କାରଣରୁ ବନ୍ଦ ହୋଇ ଗଲା ତାହା ସେ ତଦନ୍ତ କରି କହିବେ ବୋଲି ସୂଚନା ଦେଇଥିଲେ।



# ଭୁବନେଶ୍ୱର + କଟକ

## ପ୍ରତାପନଗରୀ ବାଲିଘାଟ କେଳେଙ୍କାରୀ

# ଖୋଲାଖୋଲି ଚାଲିଛି ବେଆଇନ ବାଲି ଉତ୍ତୋଳନ

କଟକ, ୨୭।୪(ସମିସ): କଟକ ସଦର ତହସିଲ ଅଧୀନ ପ୍ରତାପନଗରୀ କୁଆଖାଇ ନଦୀ ପଠାରେ ବେଆଇନ ବାଲି ଖନନର ଏକ ବଡ଼ କେଳେଙ୍କାରୀ ସାମ୍ନାକୁ ଆସିଛି। ସରକାରୀ ଅନୁମୋଦନ ଓ ପରିବେଶ ନିୟମକୁ ବେଖାତିର କରି ଏଠାରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ

- **ଅଧିକାରୀ-ନିଲାମଧାରୀଙ୍କ ମଧ୍ୟରେ ସଲାସୁତରା ଅଭିଯୋଗ**
- **ଏନଜିଟି ନିର୍ଦ୍ଦେଶକୁ ବେଖାତିର କରି ଶତାଧିକ ଗଛ କଟା**
- **ମେସିନ ବ୍ୟବହାରକୁ ନେଇ ନିଲାମଧାରୀ ଓ ଖଣି ଅଧିକାରୀଙ୍କ ମଧ୍ୟରେ ମତଭେଦ**

ବୃଦ୍ଧି ପାଇଛି। ଏହି କାର୍ଯ୍ୟରେ ସ୍ଥାନୀୟ ପ୍ରଶାସନ ଓ ଖଣି ବିଭାଗର କିଛି ଅଧିକାରୀଙ୍କ ପ୍ରୋତ୍ସାହନ ରହିଥିବା ନେଇ ଗୁରୁତର ଅଭିଯୋଗ ଉଠାଇଛନ୍ତି ସ୍ଥାନୀୟ ବାସିନ୍ଦା। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ନିଷ୍କ୍ରିୟତା ଏବେ ଜନଅସନ୍ତୋଷକୁ ତୀବ୍ର କରିଛି।



ନିଲାମଧାରୀ ଜଣକ ନିର୍ଦ୍ଧାରିତ ଅଞ୍ଚଳ ବାହାରୁ ମନଇଚ୍ଛା ବାଲି ଖୋଳୁଥିବା ବେଳେ ଶ୍ରମିକଙ୍କ ବଦଳରେ ମେସିନ୍ ସହାୟତାରେ ଦିନରାତି ଲୁଟ୍ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବାଲି ପରିବହନ ପାଇଁ କୌଣସି ଅନୁମତି ନ ଥାଇ ମଧ୍ୟ ନଦୀ ପଠାରେ ଥିବା ଶତାଧିକ ଗଛ କାଟି ରାସ୍ତା ନିର୍ମାଣ କରାଯାଇଛି। ଏହି ଗଛ କଟାକୁ ନେଇ ଜାତୀୟ ସବୁଜ ଟ୍ରାଇବୁନାଲ (ଏନଜିଟି) ନୋଟିସ୍ ଜାରି କରିଥିଲେ ହେଁ ନିଲାମଧାରୀ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ବାଲିଘାଟରେ ମେସିନ୍ ବ୍ୟବହାରକୁ ନେଇ ନିଲାମଧାରୀ ଓ ଅଧିକାରୀଙ୍କ ମଧ୍ୟରେ ଥିବା ମତଭେଦ ଏବେ ରହସ୍ୟ ଘନୀଭୂତ କରିଛି। ନିଲାମଧାରୀ ବାଲି ଉଠାଇବା ପାଇଁ ଶ୍ରମିକ ନିୟୋଜିତ ହୋଇଥିବା କହୁଥିବା ବେଳେ, ଖଣି ବିଭାଗ ଅଧିକାରୀ ଆଦିତ୍ୟ କୁମାର ଆଚାର୍ଯ୍ୟ ମେସିନ୍ ବ୍ୟବହାର ପାଇଁ ଅନୁମତି ଦିଆଯାଇଥିବା ସୂଚନା ଦେଇଛନ୍ତି। ଅଧିକାରୀ ଓ ନିଲାମଧାରୀଙ୍କ ଏହି ଭିନ୍ନ ଭିନ୍ନ ମତ ଗ୍ରାମବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ଦୁର୍ନୀତିର ଗନ୍ଧ ବାରିଛି। ଗତ ଫେବୃଆରୀ ମାସରେ ଏନଜିଟି ପ୍ରଦୂଷଣ ବୋର୍ଡକୁ ଗଛ କଟା ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସର୍ଭେ ହୋଇନାହିଁ। ଏ ସମ୍ପର୍କରେ କଟକ ପ୍ରଦୂଷଣ ବୋର୍ଡ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପୁଲିସ ଓ ପ୍ରଶାସନର ଏଭଳି ଚୁପ୍ ରହିବା ବାଲି ମାଫିଆଙ୍କୁ ସହାୟକ ହେଉଥିବା ଅଭିଯୋଗ ହୋଇଛି।

ବେଆଇନ ବାଲି ଉତ୍ତୋଳନ ଓ ପରିବେଶ ନଷ୍ଟକୁ ନେଇ ପ୍ରତାପନଗରୀ ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ତୀବ୍ର ଆପତ୍ତି ଜଣାଇଛି। ଘାଟ ଅଞ୍ଚଳରେ ତୁରନ୍ତ ଡ୍ରୋନ୍ ସର୍ବେକ୍ଷଣ କରାଯିବା ସହ ସାଧାରଣ ଜନତାଙ୍କ ଉପସ୍ଥିତିରେ ନିରପେକ୍ଷ ଅନୁସନ୍ଧାନ ରିପୋର୍ଟ ପ୍ରସ୍ତୁତ କରିବାକୁ କମିଟି ଦୃଢ଼ ଦାବି କରିଛି। ଯଦି ପ୍ରଶାସନ ତୁରନ୍ତ ବେଆଇନ ଖନନ ବନ୍ଦ ନ କରେ, ତେବେ ଗ୍ରାମବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବେଆଇନ କରତ କଳରେ ଭିଜିଲାନ୍ସ ଚଢ଼ଉ

● ୧୧ ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ



କଟକ, ୨୭।୪(ସମିସ): କଟକ ଜିଲ୍ଲା ବୟାଳିଶମୌଜାର ଏକ ବେଆଇନ କରତ କଳ ଉପରେ ଭିଜିଲାନ୍ସର ବନ ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧୧ ଲକ୍ଷ ଟଙ୍କା ମୂଲ୍ୟର ମୂଲ୍ୟବାନ କାଠ ଏବଂ କରତ କଳ ସରଞ୍ଜାମ ଜବତ ହୋଇଛି। ୪୨ ମୌଜା ଥାନା ଅନ୍ତର୍ଗତ କଦମପଡ଼ା ଗ୍ରାମରେ ବେଆଇନ ଭାବେ କରତ କଳ ଚାଲୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭିଜିଲାନ୍ସର ବନ ବିଭାଗ ପକ୍ଷରୁ ଏହି ମିଳିତ ଚଢ଼ଉ କରାଯାଇଥିଲା। ଏହି କରତ କଳଟି କୌଣସି ବୈଧ ଲାଇସେନ୍ସ ନ ଥାଇ ଚାଲୁଥିଲା। ଏହା 'ଓଡ଼ିଶା କରତ କଳ ଏବଂ ସପିଟ୍ (ନିୟନ୍ତ୍ରଣ) ଅଧିନିୟମ-୧୯୯୧'ର ଧାରା-୪କୁ ଉଲ୍ଲଙ୍ଘନ କରିଛି। ଏଥିସହ କଦମପଡ଼ା ଏବଂ ଆଇତଲଙ୍ଗ ନିକଟସ୍ଥ ଖୋଲା ପଡ଼ିଆରେ ବେଆଇନ ଭାବେ ବହୁ ପରିମାଣର ମୂଲ୍ୟବାନ କାଠ ଗଚ୍ଛିତ ରଖାଯାଇଥିଲା। ଏହି ଘଟଣାରେ ଭୁବନେଶ୍ୱର ସିଟି ବନ ବିଭାଗ ଅଧୀନରେ ଥିବା ଫୁଲନଖରା ରେଞ୍ଜରେ ୩ଟି ମାମଲା ରୁଜୁ କରାଯାଇଛି।

## ୧୪ ଲକ୍ଷର ବ୍ରାଉନସୁଗର ଜବତ; ଯୁବକ ଗିରଫ



କଟକ, ୨୭।୪(ସମିସ): ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦିନୀଚୌକ ଅଞ୍ଚଳରେ ଜଣେ ପେସାଦାର ନିଶା ବେପାରୀକୁ ଆଜି ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି। ଅଭିଯୁକ୍ତ ହେଉଛି ସ୍ଥାନୀୟ ଅଞ୍ଚଳର ଭାବଗ୍ରାହୀ ସେଠୀ (୨୬)। ତା' ପାଖରୁ ୧୪୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। କିଛି ଦିନ ହେବ ସତୀଚୌରା ସଂଲଗ୍ନ ଅଞ୍ଚଳରେ ନିଶା କାରବାର ଚାଲୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଅଧିକ ତଦନ୍ତ ପରେ ଚାନ୍ଦିନୀଚୌକ ଅଞ୍ଚଳର ଭାବଗ୍ରାହୀ ଏହି କାରବାର କରୁଥିବା ସ୍ପଷ୍ଟ ହୋଇଥିଲା। ତାକୁ ଧରିବା ପାଇଁ ଅବକାରୀ ଟିମ ଉଦ୍ୟମ ଜାରି ରଖିଥିଲା ବେଳେ ଆଜି ମଧ୍ୟାହ୍ନରେ ସୂଚନା ମିଳିଥିଲା ଯେ, ଭାବଗ୍ରାହୀ ବ୍ରାଉନସୁଗର ଧରି ସେଲଟର ଛକ ନିକଟରେ ଛିଡା ହୋଇଛି। କୌଣସି ଗ୍ରାହକଙ୍କୁ ନିଶାଦ୍ରବ୍ୟ ଯୋଗାଣ ଉଦ୍ଦେଶ୍ୟରେ ଆସିଥିଲା। ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଡଉ କରି ଅଭିଯୁକ୍ତ ଭାବଗ୍ରାହୀକୁ ମାଡି ବସିଥିଲା। ତଲାସି ନେବା ପରେ ତା' ପାଖରୁ ୧୪୭ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା। ଆଜି କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ, ଚାନ୍ଦିନୀଚୌକ ଅଞ୍ଚଳରେ ଭାବଗ୍ରାହୀ ଏକ ଦୋକାନ କରିଥିଲା। ପରବର୍ତ୍ତୀ ସମୟରେ ଅର୍ଥ ଲୋଭରେ ପଡ଼ି ସେ ନିଶା ମାଫିଆଙ୍କ ସଂସ୍ପର୍ଶରେ ଆସି ବ୍ରାଉନସୁଗର ବେପାର ଆରମ୍ଭ କରିଥିଲା। ସେ ବାଲେଶ୍ୱରରୁ ନିଶାଦ୍ରବ୍ୟ ଆଣି ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲା ବେଳେ ପୂର୍ବରୁ ଥରେ ଧରାପଡ଼ି ଜେଲ ମଧ୍ୟ ଯାଇଥିବା ଜଣାପଡ଼ିଛି।

## କଳିଙ୍ଗ ବୀର ସୈନ୍ୟଙ୍କ ସ୍ମୃତିରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ ପ୍ରସ୍ତାବ

ଭୁବନେଶ୍ୱର, ୨୭।୪(ସମିସ): କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା। କଳିଙ୍ଗର ଯେଉଁ ବୀର ସୈନିକମାନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରି ଇତିହାସରେ ବୀରତ୍ୱ ଓ ପରିବର୍ତ୍ତନର ମହାନଗାଥା ଲେଖି ଯାଇଥିଲେ, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନର ପ୍ରସ୍ତାବ ଉପରେ ବିଚାର କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସାହିତ୍ୟିକ ଡ଼. ପ୍ରତିଭା ରାୟ, ଐତିହାସିକ ଡ଼. ନିହାର ରଞ୍ଜନ ପଟ୍ଟନାୟକ, ଡ଼. ବେଣୁଧର ପାତ୍ର, ଡ଼.ଅନାମ ବେହେରା, ବିଶିଷ୍ଟ ଇତିହାସ ଗବେଷକ ଅନିଲ ଧୀର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳଙ୍କ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଏବଂ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ପ୍ରତିନିଧି ପ୍ରମୁଖ କମିଟିରେ ସଦସ୍ୟ ରହିଛନ୍ତି। ଧଉଳି ଠାରେ ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧଉଳିର ପାଦଦେଶରେ ଦୟା ନଦୀକୂଳରେ କଳିଙ୍ଗ ଯୁଦ୍ଧରେ ମୃତ୍ୟୁ ବରଣ କରିଥିବା କଳିଙ୍ଗର ବୀର ସୈନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ କରିବା ସହ ଏକ ସଂଗ୍ରହାଳୟ, କାରୁବାକୀ ମନ୍ଦିର, ଆମ୍ଫି-ଥିଏଟର ସ୍ଥାପନ କରିବା ପାଇଁ କମିଟିର ସଦସ୍ୟମାନେ ପ୍ରସ୍ତାବ ଦେଇଛନ୍ତି।

## ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ 'ମନ୍ତେଇ ସମ୍ମାନ'



ଭୁବନେଶ୍ୱର, ୨୭।୪ (ସମିସ): ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ହୋଇଛି 'ମନ୍ତେଇ ମହୋତ୍ସବ'। ଏଥିରେ ମୁଖ୍ୟ ଅତିଥି ଭାବେ ଆଇନ ଓ ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ। ଏହି ଅବସରରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ 'ମନ୍ତେଇ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟାନ୍ୟ ସମ୍ମାନ ମଧ୍ୟରେ 'ଜୀବନବ୍ୟାପୀ ସାଧନା ସମ୍ମାନ' ଡ. ଅଚ୍ୟୁତ ସାମନ୍ତ, 'ଅତଏବ ଅ ସମ୍ମାନ' ଅଭୟ ଦ୍ୱିବେଦୀ, 'ବିଷ୍ଣୁ ସେଠୀ ସ୍ମୃତି ସମ୍ମାନ' ଭଦ୍ରକର ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ 'ପଦ୍ମଲୋଚନ ନାୟକ ସ୍ମୃତି ସମ୍ମାନ' ପବିତ୍ର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଦେବେନ୍ଦ୍ର ମାଝୀ, ସାହିତ୍ୟ ଏକାଡ଼େମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମଣିଷକୁ ସଭ୍ୟ ଓ ଶିକ୍ଷିତ କରିବା ପଛରେ ନଦୀ ସଂସ୍କୃତିର ଅବଦାନ ରହିଥିବା କଥା ଉଲ୍ଲେଖ କରିଥିଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେହିଭଳି ମନ୍ତେଇ କେବଳ ନଦୀ ନୁହେଁ, ଏହା ଏକ ଆତ୍ମୀୟତାର ଅବଲୋକନ। ମାଆ ପରି ଲାଳନପାଳନ କରିବାରେ ମନ୍ତେଇ ଅନେକ ଭୂମିକା ନେଇଛି ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ମା' ସନ୍ତୋଷୀ ଦେବୀଙ୍କ ବାର୍ଷିକୋତ୍ସବ



ଭୁବନେଶ୍ୱର, ୨୭।୪(ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ପାଳିତ ହୋଇଛି। ପିପିଲିରୁ ଏକ ଘୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୩ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ।

ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାର୍ଡର କର୍ପ?ାରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥୀ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। ବିଶ୍ୱ ରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। -ସମ୍ପୂର୍ଣ୍ଣା

## ଐତିହ୍ୟ ପଦଯାତ୍ରାର ଅଷ୍ଟମ ବାର୍ଷିକ ସମ୍ମିଳନୀ



କଟକ, ୨୭।୪(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ, ଓଡ଼ିଶା କ୍ରିକେଟ୍ ଆସୋସିଏସନ ଇନ୍‌ଟାକ, ଉଦୟଗିରି ଫାଉଣ୍ଡେସନ ଏବଂ ଏସ୍‌ଏନ୍‌ଏସ୍‌ଏମ୍‌ଟିର ସହଯୋଗରେ କଟକ ଐତିହ୍ୟ ପଦଯାତ୍ରାର ଅଷ୍ଟମ ବାର୍ଷିକ ସମ୍ମିଳନୀ ଓ.ସି.ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ଡକ୍ଟର ଦୀପକ ସାମନ୍ତରାୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଉତ୍ସବର ଉଦଘାଟନ କରି କଟକକୁ ଏକ ଐତିହ୍ୟ ସମୃଦ୍ଧ ସହର ଭାବରେ ବର୍ଣ୍ଣନା କରିଥିଲେ। ବିଚାରପତି ଶ୍ରୀ ମହାପାତ୍ର କଟକର ହୃତ ଗୌରବ ତଥା ବର୍ତ୍ତମାନର ଧ୍ୱଂସାଭିମୁଖୀ ଐତିହ୍ୟର ସୁରକ୍ଷା ନେଇ ଚିନ୍ତାପ୍ରକଟ କରିଥିଲେ। ପ୍ରଥମ ବାରବାଟୀ ମେମୋରିଆଲ ଭାଷଣ ପ୍ରଦାନ କରି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକ୍ଷକ ଡକ୍ଟର ଦିବସଦା ବ୍ରଜସୁନ୍ଦର ଗଡ଼ନାୟକ ବାରବାଟି ଖନନ ଉପରେ ବିଶଦ ଆଲୋଚନା କରିଥିଲେ। ପ୍ରଫେସର ଡ. ଖାରବେଳ ମହାନ୍ତି, ଶ୍ରୀ ଅନିଲ ଧୀର୍, ଭାସ୍କର ପରିଚ୍ଛା ଓ ଜେ ପି ଜଗଦ୍ଦେବ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କଟକର ଗୌରବମୟ ଐତିହ୍ୟ ଓ ଏହାର ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ସୁନୀଲ ବିଶ୍ୱାଳ, ଡ.ରବିନାରାୟଣ ମହାରଣା ଓ ସୁଶ୍ରୀ ନନ୍ଦୁ ହଲଦାର ଆଦି ଐତିହ୍ୟପ୍ରେମୀ ଓ ଭାସ୍କର ପରିଚ୍ଛା ଡ.ଖାରବେଳ ମହାନ୍ତି, ଡ. ଦିବସଦ ବ୍ରଜସୁନ୍ଦର ଗଡ଼ନାୟକ, ଅନିଲ ଧୀର, ବିଶ୍ୱନାଥ ଦେ, ପର୍ଶୁରାମ ମହାରଣା ପ୍ରଭୃତି ଐତିହ୍ୟଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୁରୀ, ଢେଙ୍କନାଳ ଓ ଜଗତସିଂପୁରର ଐତିହ୍ୟ ପଦଯାତ୍ରାର ଆବାହକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତିନିଜଣ ଯୁବ ଐତିହ୍ୟପ୍ରେମୀଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ରାଜା ପରିଜା, ଡ. ଉମାକାନ୍ତ ମିଶ୍ର, ଡ.ହେମନ୍ତ କୁମାର ପରିଡ଼ା, ମନୋଜ କୁମାର ମହାପାତ୍ର, , ହିତେଶ ସେଠ୍, ଜୟନ୍ତ ସିଂ, କିଶୋର ବିଟ୍, କବିତା ପଟ୍ଟନାୟକ, ପ୍ରସନ୍ନଜିତ ସାହୁ, ନିଶାନ୍ତ ସିଂ, ମନିଷା ପରିଜା, ବିଶ୍ୱଜିତ ସାହୁ ପ୍ରଭୃତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅରୁଣିତା ପାଢ଼ୀ ଏବଂ ଶ୍ରୀକାନ୍ତ ସିଂ ସଂଯୋଜନା ଏବଂ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। କୁମାର ସ୍ୱପ୍ନଜିତ ସାହୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

## କଂସା ପିତ୍ତଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲିଅନ୍ତା, ୨୭।୪(ସମିସ): କଂସାବାସନର ଚାହିଦା ବଢ଼ିଥିବା ବେଳେ ରଥିଜେମା କଂସାବାସନ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିଶ୍ୱ ବଜାରରେ ଉଚ୍ଚ ପ୍ରଶଂସିତ ହେବ। ରଥିଜେମା କଂସାରୀ ପରିବାର କାର୍ଯ୍ୟାଳୟରେ ୨ ମାସ ଧରି ଚାଲିଥିବା କାରିଗରମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ରଥିଜେମା ଓ ହୀରାପୁର ଅଞ୍ଚଳର ୩୦ ଜଣ କାରିଗର ଅତ୍ୟାଧୁନିକ ନିର୍ମାଣ କୌଶଳ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ହସ୍ତଶିଳ୍ପ ସମବାୟ ନିଗମ ଲିଃ (ଉତ୍କଳିକା) ପକ୍ଷରୁ ତାଲିମ ପ୍ରଦାନ କରାଯାଉଥିଲା। ଏନେଇ ସୋମବାର କାର୍ଯ୍ୟାଳୟରେ କଂସାରୀ ପରିବାର ମୁଖ୍ୟ ବୈଷ୍ଣବ ମହାରଣା ସଭାପତିତ୍ୱ କରି ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କାରିଗରମାନଙ୍କ ଲାଗି କି ପ୍ରକାର ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ମିଳିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ହସ୍ତଶିଳ୍ପ ବିକାଶ ଅଧିକାରୀ ବୀର ଭାରତ, ପରାମର୍ଶଦାତା ରାଧାକାନ୍ତ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ଗୌରବ ସେନାପତି ଡିଜାଇନର ଅଶୋକ ଲେଙ୍କା, ମାଷ୍ଟର କ୍ରାଫ୍ଟ ଦିଲ୍ଲୀପ କୁମାର ମହାରଣା ଓ ମହମ କାରିଗର ପଞ୍ଚାନନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ସତ୍ୟଭାମାପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା, ୨୭।୪(ସମିସ): ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ସରପଞ୍ଚ ରଶ୍ମିତା ଭୋଇ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୩ଟି, ଭତ୍ତା ସମ୍ବନ୍ଧୀୟ ଗୋଟିଏ, ପାନୀୟ ଜଳ ସମ୍ବନ୍ଧୀୟ ଗୋଟିଏ ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ଗୋଟିଏ ଅଭିଯୋଗ ଗ୍ରହଣ କରାଯାଇଥିଲା।

## ଭାରତୀୟ ସେନା ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା

# ସେନା କର୍ମଚାରୀଙ୍କ ପିଲାଙ୍କୁ କିଟ୍‌ରେ ମିଳିବ ଉଚ୍ଚଶିକ୍ଷା ସୁଯୋଗ




ଭୁବନେଶ୍ୱର, ୨୭।୪ (ସମିସ): ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର୍ ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର୍ କଲ୍ୟାଣ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ। ଏହା ବୁଝାମଣାପତ୍ର ଅନୁସାରେ, କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇଦେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସ୍‌ରେ ୫୦% ରିହାତି, ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ। ଏହା ସହିତ ବୀରଗତି ହାସଲ କରିଥିବା/ ଯୁଦ୍ଧ ସମୟରେ ମୃତ୍ୟୁବରଣ କରିଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ। ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ ଏବଂ ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ, ଅଧିକାରୀ/ ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟି) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଛନ୍ତି, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା। ବ୍ରିଗେଡିୟର୍ ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ଦ୍ୱାରା ପ୍ରଦାନ କରାଯାଉଥିବା ଭିତ୍ତିଭୂମି ଓ ସୁବିଧାଗୁଡ଼ିକୁ ପ୍ରଶଂସା କରିଥିଲେ। ରାଷ୍ଟ୍ର ନିର୍ମାଣରେ ଭାରତୀୟ ସେନାର କର୍ମଚାରୀଙ୍କ ଭୂମିକାକୁ ସ୍ୱୀକୃତି ଦେବା ଏବଂ ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ବ୍ରିଗେଡିୟର୍ ସିଂହ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା।

# ବାୟୁ ପ୍ରଦୂଷଣ ଯୋଗୁଁ ତାଳଚେର ତାପମାତ୍ରା ବୃଦ୍ଧି

ତାଳଚେର,୨୭ ।୪(ସମିସ):



ଗ୍ରୀଷ୍ମଋତୁରେ ରାଜ୍ୟର ଅନେକ ସ୍ଥାନରେ ବାୟୁ ପ୍ରଦୂଷଣ ଉତ୍କଟ ହେଉଥିବାରୁ ଏହାକୁ ନେଇ ପରିବେଶବିତ ବିଭିନ୍ନ ମତପୋଷଣ କରୁଥିବା ବେଳେ ବାୟୁ ପ୍ରଦୂଷଣ ବଢ଼ିବା ଚିନ୍ତାର କାରଣ ପାଲଟିଛି। ତାଳଚେର ଅଞ୍ଚଳରେ ଥିବା ଖଣିଖାଦାନ ଓ ବିଭିନ୍ନ କଳକାରଖାନା ଯୋଗୁଁ ବାୟୁ ପ୍ରଦୂଷଣ ମାତ୍ରାଧିକ ବୃଦ୍ଧି ପାଇବାରେ ଲାଗିଛି। ରବିବାର ଅନୁଗୋଳରେ ବାୟୁ ପଦୂଷଣ ସୂଚକାଙ୍କ ୨୦୮ ଛୁଇଁଛି। ଶୁକ୍ରବାର ଏଠାରେ ଏହି ସୂଚକାଙ୍କ ୩୦୪ ଥିଲା। ସାମ୍ପ୍ରତିକ ସ୍ଥିତିରେ ବାୟୁ ପ୍ରଦୂଷଣ ତାପମାତ୍ରା ବୃଦ୍ଧି କରୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଟ୍ରକ ହାଇୱାଗୁଡ଼ିକରେ ଖଣି ମଧ୍ୟରେ ଓ ଖଣି ବାହେରେ ଅହରହ ପରିବହନ ଓ ଲୋଡିଂ ଅନଲୋଡିଂ ଯୋଗୁଁ ନିର୍ଗତ ଧୂଳିକଣା ବାୟୁମଣ୍ଡଳକୁ ଆସିଥାଏ। ଗାଡ଼ିମଟର ପ୍ରଚୁର ପରିମାଣରେ ଚଳାଚଳ କରିବା ଦ୍ୱାରା ଧୂଳିକଣା ଉଡ଼ି ବାୟୁମଣ୍ଡଳରେ ମିଶିଥାଏ। ନିୟମିତ ରାସ୍ତାରେ ପାଣି ସିଞ୍ଚନ ନ ହେବା ବାୟୁ ପ୍ରଦୂଷଣ ବୃଦ୍ଧିର କାରଣ। ଶିଳ୍ପାଞ୍ଚଳରେ ରାସ୍ତାରେ ଦିନକୁ ୪ରୁ ୫ଥର ପାଣି ସିଞ୍ଚନ କରିବା ଆବଶ୍ୟକ ଥିଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରୁଛି। କିଛିଦିନ ପୂର୍ବରୁ ତାଳଚେରରେ ବାୟୁ ପ୍ରଦୂଷଣ ସୂଚକାଙ୍କ ମାତ୍ରାଧିକ ଥିବାରୁ ଏହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ୭ଦିନ ପାଇଁ ଜାତୀୟ ରାଜପଥ ସହ ଅନ୍ୟ ରାସ୍ତାରେ ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏବେ ଏହାକୁ ବନ୍ଦକରି ଦିଆଯାଇଥିବାରୁ ବାୟୁ ପ୍ରଦୂଷଣ ଯୋଗୁଁ ତାଳଚେରରେ ତାପମାତ୍ରା ବୃଦ୍ଧି ପାଉଛି ବୋଲି ପରିବେଶବିତ ମତପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ପଦକ୍ଷେପ ନେବା ଆବଶ୍ୟକତା ବୋଲି ସାଧାରଣରେ ଦାବି ହୋଇଛି।

## ଜିଲ୍ଲା କାର୍ଯ୍ୟାଳୟରେ ଜନଶୁଣାଣି

ଅନୁଗୋଳ,୨୭ ।୪(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବଆଁରପାଳ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀଙ୍କ କୃତିତ୍ୱ



ବଆଁରପାଳ,୨୭ ।୪(ସମିସ): ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ଓ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାର ଫଳ ପ୍ରକାଶ ପାଇଛି। ପ୍ରାଦେଶିକ ମେଧା ପରୀକ୍ଷାରେ ବଆଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରିୟାଂଶୀ ଚିନ୍ନରା ସମଗ୍ର ରାଜ୍ୟରେ ନବମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେ ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ସୁନାମ ଆଣିଥିଲେ। ଏଥିପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ପ୍ରଧାନ ଆଚାର୍ଯ୍ୟ ତଥା ଗୁରୁଜୀ ଗୁରୁମା ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଶନିଶ୍ଚରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଅନୁଗୋଳ,୨୭ ।୪(ସମିସ): ଅନୁଗୋଳ ସହର ଉପକଣ୍ଠ ତୁରଙ୍ଗ ଉମାଶଙ୍କର ବଜାରସ୍ଥିତ ଶ୍ରୀ ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ ଗ୍ରହରାଜ ଶ୍ରୀଶନିଶ୍ଚର ଦେବଙ୍କ ମହାଯଜ୍ଞ, ଜଳାଭିଷେକ ଏବଂ ନବଗ୍ରହ ପ୍ରତିଷ୍ଠା ସହିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ଭୋରରୁ କଳସଯାତ୍ରା କରାଯାଇ ଶନିଶ୍ଚରଙ୍କ ଜଳାଭିଷେକ କରାଯାଇଥିଲା। ଶୁକ୍ରବାର ପ୍ରାତଃରୁ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦି ପୂଜା ଅନୁଷ୍ଠିତ ହୋଇଥିଲା। ଶନିବାର ବିଭିନ୍ନ ନୀତିକାନ୍ତି ସହ ନ୍ୟାସ, ପ୍ରାଣ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମୁଖ୍ୟ ପୁରୋହିତ ତପନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାକର୍ମ ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

କଣିହାଁ,୨୭ ।୪(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କଣିହାଁ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏନଟିପିସି ବାଇପାସ ଛକରେ ବିଏମସ ଶ୍ରମିକ ସଂଗଠନ ସଭାପତି ବୀରେନ୍ଦ୍ର ନାଏକ, ପ୍ରାକ୍ତନ ସରପଞ୍ଚ ଲୋକନାଥ ସାହୁ, ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ଉପ-ସଭାପତି



କାନନୁଗୋ, ସମ୍ପାଦକ ଶୁଭେନ୍ଦୁ ସାହୁ, କଣିହାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ରଞ୍ଜିତା ବେହେରା, ପ୍ରାକ୍ତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ଦୟାନିଧି ଅଲେଖ ଭୂତିଆ, କୋଷାଧ୍ୟକ୍ଷ ମହେଶ୍ୱର ନାଏକଙ୍କ ସମେତ ବହୁ ସଂଗଠନର କର୍ମକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସେ ପଦଯାତ୍ରାରେ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟକୁ ଯାଇ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନାଳମସ୍ଥିତ ପୈତୃକ ଗ୍ରାମରେ ପହଞ୍ଚି ଇଷ୍ଟ ଠାକୁର ନୃସିଂହ ଦେବତାଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମର ଅନେକ ବରିଷ୍ଠ ନାଗରିକ ଓ ସମ୍ପର୍କୀୟଙ୍କ ସହ ସେ ଆଲୋଚନା କରିଥିଲେ। ପରେ ସେ ନୃସିଂହନାଥମନ୍ଦିରରେପୂଜାର୍ଚ୍ଚନାକରିଥିଲେ। ନାଳମରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ "ମନ କି ବାତ' କାର୍ଯ୍ୟକ୍ରମରେ ସେ ସାମିଲ ହୋଇଥିଲେ। ଏହି ଅବସରରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉପସ୍ଥିତ ଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପିଏମଆଇଟିରେ କିଛି ସମୟ ବିଶ୍ରାମ ନେଇ ଭୁବନେଶ୍ୱର ଗସ୍ତ କରିଥିଲେ।

## ରେକି ପଦ୍ଧତିର ପ୍ରୟୋଗ ଓ ଉପାଦେୟତା ସମ୍ପର୍କିତ କର୍ମଶାଳା



ଅନୁଗୋଳ,୨୭ ।୪(ସମିସ): ଦୈନନ୍ଦିନ ଜୀବନରେ ରେକି ପଦ୍ଧତିର ପ୍ରୟୋଗ ଓ ଏହାର ଉପାଦେୟତା ସମ୍ପର୍କିତ କର୍ମଶାଳା ଅନୁଗୋଳ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଛି। ଅର୍ନ୍ତଜାତୀୟ ରେକି ଗ୍ରାଣ୍ଡମାଷ୍ଟର ଡ. ରାଜୀବ ଲୋଚନ ପଣ୍ଡା ଏହାକୁ ଉଦଘାଟନ କରିଥିଲେ। ଅନେକ ପୁରୁଷ ଓ ମହିଳା ବୁଦ୍ଧିଜିବୀ କର୍ମଶାଳାରେ ଯୋଗଦେଇଥିଲେ। ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟା ଯେପରିକି ମାନସିକ ଚାପ, ନିଦ୍ରାହୀନତା, ରୋଗ, ଶରୀରପୀଡ଼ା, ସମ୍ପର୍କରେ ତିକ୍ତତା ଆଦିର ସମାଧାନ ରେକି ମାଧ୍ୟମରେ କିପରି ହୋଇପାରିବ ସେ ସମ୍ବନ୍ଧରେ ଡ. ରାଜୀବ ଲୋଚନ ପଣ୍ଡା ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ରେକି ପଦ୍ଧତି ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ ଏବଂ ଏହି ଶୈଳୀ ପ୍ରୟୋଗରେ ଆମେ କିପରି ଶୃଙ୍ଖଳିତ ଜୀବନଯାପନ କରି ନିଜ ଜୀବନକୁ ସମୃଦ୍ଧ କରିପାରିବା, ତାହା ବୁଝାଇଥିଲେ। ଭବିଷ୍ୟତରେ ଓଡ଼ିଶାରେ ରେକିର ବିଭିନ୍ନ କାର୍ଯ୍ୟକ୍ରମକୁ କିପରି ଆଗେଇ ନେବେ ସେ ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରିଥିଲେ। ଦୁଇ ଜଣ ବ୍ୟକ୍ତି ରେକିକୁ ଆପଣେଇ ଜୀବନରେ ହୋଇଥିବା ପରିବର୍ତ୍ତନର ନିଜସ୍ୱ ଅନୁଭୂତି ପ୍ରଦାନ କରିଥିଲେ।

## ହିମିତିରା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୭ ।୪(ସମିସ): କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ ନାୟକ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ ବେହେରା, ବିଏସଏସଓ ଝସକେତନ ସାହୁ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୨୭ ।୪(ସମିସ): ଅନୁଗୋଳ ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ସମୁଦାୟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା।



୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଅଂଶୁମାନ ଦାଶ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲ୍‌ଫା ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## ସେଲଟାକ୍ସ ଟ୍ରିବ୍ୟୁନାଲ ଜୁଡିସିଆଲ ସଭ୍ୟଙ୍କ ପରଲୋକ



ତାଳଚେର,୨୭ ।୪(ସମିସ): ତାଳଚେର ଟାଉନ ବ୍ରାହ୍ମଣଶାସନ ୨ନଂ ୱାର୍ଡର ଆଇନଜୀବୀ ସ୍ୱର୍ଗତ ଦିବାକର ମିଶ୍ରଙ୍କ ପୁଅ ସତ୍ୟପ୍ରିୟ ମିଶ୍ର (୫୮)ଙ୍କ ପରଲୋକ ହୋଇଛି। ତାଳଚେରର ପ୍ରଥମ ଓଜେଏସ୍ ସତ୍ୟପ୍ରିୟ ଜିଲ୍ଲା ଜଜ୍ ଭାବେ ଅନେକ ଜିଲ୍ଲାରେ କାର୍ଯ୍ୟକରି ପ୍ରଶଂସିତ ହୋଇଥିବା ବେଳେ ଏବେ ସେ ସେଲଟାକ୍ସ ଟ୍ରିବ୍ୟୁନାଲ ଜୁଡିସିଆଲ ସଭ୍ୟ ଭାବେ କଟକରେ ଅବସ୍ଥାପିତ ଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ରବିବାର ତାଙ୍କୁ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାତିରେ ତାଙ୍କ ଦେହାନ୍ତ ହୋଇଛି। ତାଙ୍କ ମୃତଦେହ ତାଳଚେର ଅଣାଯାଇଥିଲା। ସୋମବାର ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ମରଶରୀରକୁ ବିରାଟ ପଟୁଆରରେ ବ୍ରାହ୍ମଣଶାସନ ନିଆଯାଇ ଶାନ୍ତିଧାମ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## କିଶୋରନଗରରେ ଗୋ-ସମ୍ପଦ ସୁରକ୍ଷା ଅଭିଯାନ




କିଶୋରନଗର,୨୭ ।୪(ସମିସ): କିଶୋରନଗରରେ ସୋମବାର ଗୋ-ସମ୍ପଦ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଛି। ସାଧୁପାଳ ଶୈବପୀଠଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ ଗୋ-ସମ୍ପଦ ସୁରକ୍ଷା ଅଭିଯାନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ତହସିଲଦାର ଅନୁପସ୍ଥିତ ଥିବାବେଳେ ଅତିରିକ୍ତ ତହସିଲଦାର ଅଧଘଣ୍ଟା ପରେ ଖରାରେ ଠିଆ ହୋଇଥିବା ଗୋ-ସମ୍ପଦ ସୁରକ୍ଷା କର୍ମକର୍ତ୍ତାଙ୍କ ପାଖକୁ ଆସି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏଥିରେ ବିଜେପି ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ରତ୍ନାକର ପ୍ରଧାନ, ମୋତିଲାଲ ପ୍ରଧାନ, ସୁଧାସାଗର ପ୍ରଧାନ, ସୁଧାକର ରାଉଳ, ଚିକୁନ ବିଶ୍ୱାଳ, ଜିତେନ୍ଦ୍ର ସାହୁ, ଉଦୟ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପୁରୁଣାଗଡ଼ରୁ ଚୋରା ଶାଗୁଆନ କାଠ ଜବତ

ଅନୁଗୋଳ,୨୭ ।୪(ସମିସ): ୨୬ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ଅନୁଗୋଳ ରେଞ୍ଜ ଅଫିସରଙ୍କ ତତ୍ତ୍ୱାବଧାନରେ ପୁରୁଣାଗଡ଼ ମଦନମୋହନ ପାଟଣା ସାହିରେ ଚଢ଼ଉ କରାଯାଇ ଚୋରା ଶାଗୁଆନ କାଠ ଜବତ କରାଯାଇଛି। ବିଲରେ ରଖାଯାଇଥିବା ୬ଟି ଶାଗୁଆନ ପଟା ଏବଂ ୭ଟି ଶାଗୁଆନ ଗଣ୍ଡି ଜବତ କରାଯାଇଛି। ଜବତ କାଠର ପରିମାଣ ୧୦.୪୩୭ ସିଏଫ୍‌ଟି ହେବ। ଏ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଚଢ଼ଉରେ ଫରେଷ୍ଟର ସରୋଜ କୁମାର ସିଂହ, ଅଭିମନ୍ୟୁ ମାଝୀ, ଫରେଷ୍ଟ ଗାର୍ଡ ରତୁପର୍ଣ୍ଣା ବିଶ୍ୱାଳ, ଗୌରହରି ସେଠୀ, ଜୟସ୍ମିତା ସାହୁ, ଲିଜାରାଣୀ ମାଝୀ, ବିକାଶ କୁମାର ଓଝାଙ୍କ ସମେତ ଗଜମିତ୍ରମାନେ ସାମିଲ ଥିଲେ।



## ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପୁରୁଶୁମାଳକୁ ହରାଇ ସାନହୁଲା ଚାମ୍ପିଅନ

କିଶୋରନଗର,୨୭ ।୪(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ୫ଦିନ ଧରି ଚାଲିଥିଲା। ପୁରୁଶୁମାଳ ଓ ସାନହୁଲା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଫାଇନାଲ ଅନୁଷ୍ଠିତ ହୋଇଥିଲା। ସାନହୁଲା ଦୁଇଟି ମ୍ୟାଚ୍ ଜିତି ଚାମ୍ପିଅନ ହୋଇଛି। ୮ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ପୁରୁଶୁମାଳ ଟସ ଜିତି ବ୍ୟାଟିଂ କରି ୧୧୮ରନ କରିଥିଲା। ଜବାବରେ ସାନହୁଲା ୧୨୦ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୬ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପୁରୁଶୁମାଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ୬ ଓଭର ବିଶିଷ୍ଟ ହୋଇଥିଲା। ସାନହୁଲା ଟସ ଜିତି ନିର୍ଦ୍ଧାରିତ ଓଭରରେ ୧୦୮ରନ କରିଥିଲା ପୁରୁଶୁମାଳ ୧୦୪ରନ କରି ପରାସ୍ତ ହୋଇଥିଲା। ଚିକୁ ମ୍ୟାନ ଅଫ ଦି ମ୍ୟାଚ ଓ ଅମିତ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟର ଦିପୁନ ଏବଂ ସାନୁ ମ୍ୟାଚ୍ ପରିଚାଳନା କରିଥିଲେ। ମାନସ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବାର ଆସୋସିଏସନ ସଭାପତି ସୁଶାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ହ୍ୟୁମାନ ରାଇଟର ଚେୟାରମ୍ୟାନ ଶତ୍ରୁଘ୍ନ ସାହୁ, ଶିକ୍ଷାବିତ ପ୍ରମୋଦ ନାୟକ, ନବ ନାୟକ, ସାମ୍ବାଦିକ କରୁଣାକର ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



## ନାଗପୁରରେ ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ନୃତ୍ୟଗୁରୁ ଏବଂ ଛାତ୍ରୀ ସମ୍ବର୍ଦ୍ଧିତ



ଅନୁଗୋଳ,୨୭ ।୪(ସମିସ): ନାଗପୁର ସାଇନଗର ସଭାଗୃହରେ କଲ୍‌ଚରାଲ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ଅବସରରେ ଭାରତର ସମସ୍ତ ରାଜ୍ୟରୁ ୩୫୬ଜଣ ନୃତ୍ୟଶିଳ୍ପୀଙ୍କୁ ଅନଲାଇନ୍ ମାଧ୍ୟମରେ ଚୟନ କରାଯାଇଥିଲା। ସେଥିରେ ଅନୁଗୋଳର ନ୍ୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀର ୩ ଛାତ୍ରୀ ଶର୍ମିଷ୍ଠା ନାଥ, ଆହାନା ରଥ, ଶ୍ରୀୟାଂଶୀ ମହାରଣା ଯୋଗ୍ୟ ବିବେଚିତ ହୋଇଥିଲେ। ୨୬ ତାରିଖ ଏହି ଛାତ୍ରୀମାନଙ୍କୁ ମାନପତ୍ର, ମେଡାଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ପ୍ରଶିକ୍ଷିକା ଅନୀତା ରାଜଗୁରୁଙ୍କୁ ନୃତ୍ୟକଳା ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବନ୍ଦେ ଭାରତ ନୃତ୍ୟ ପ୍ରତିଯୋଗିତା ସର୍ବକନିଷ୍ଠ ଏକକ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଆହାନା ରଥ ପ୍ରଥମ, ଶ୍ରୀୟାଂଶୀ ମହାରଣା ତୃତୀୟ ଏବଂ ଲୋକନୃତ୍ୟ ପ୍ରତିଯୋଗିତାରେ ଶ୍ରୀୟାଂଶୀ ପ୍ରଥମ, ଆହାନା ରଥ ଦ୍ୱିତୀୟ ଏବଂ କନିଷ୍ଠ ବିଭାଗରେ ଶର୍ମିଷ୍ଠା ନାଥ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ତଥା ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ସଭାପତି, ସମ୍ପାଦକ ପଙ୍କଜ ସାମଲ, ସମସ୍ତ ଅଭିଭାବକ, ଅଭିଭାବିକା ଛାତ୍ରୀ ଓ ନୃତ୍ୟ ପ୍ରଶିକ୍ଷିକା ରାଜଗୁରୁଙ୍କୁ ଶୁଭକାମନା ଜଣାଇଛନ୍ତି। ଆସନ୍ତା ମାସରେ ଭିଏତନାମରେ ଥିବା ନୃତ୍ୟ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଜ୍ଞାପନ କରାଯାଇଛି।

# ବିଜେପିର ଜନ ଆକ୍ରୋସ ସମାବେଶ

ଅନୁଗୋଳ,୨୭ ।୪(ସମିସ): ନାରୀଶକ୍ତି ବନ୍ଦନ ବିଲ୍‌କୁ ବିରୋଧୀ ପାର୍ଲାମେଣ୍ଟରେ ପାସ୍ କରାଇ ଦେଇ ନ ଥିବା ଅଭିଯୋଗ କରି ବିଜେପି ପକ୍ଷରୁ ଜନ ଆକ୍ରୋସ ସମାବେଶ ଅନୁଷ୍ଠିତ ହୋଇଛି। ରବିବାର ଅନୁଗୋଳ ଜିଲ୍ଲା ମହିଳା ମୋର୍ଚ୍ଚା ତରଫରୁ ଏହି ସମାବେଶ ଅନୁଷ୍ଠିତ ହୋଇଛି। ଅନୁଗୋଳ ସଭାଗୃହରେ ଅନୁଷ୍ଠିତ ସଭାରେ ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ପ୍ରତିମା ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲ୍ଲା ଉପାଧ୍ୟକ୍ଷା ସୁରମାନୀ ଚଟରଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇ କଂଗ୍ରେସ ଉପରେ ବର୍ଷିଥିଲେ। ହଜାର ହଜାର ସଂଖ୍ୟାରେ ମହିଳା ଜଗନ୍ନାଥ ମନ୍ଦିରଠାରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ସଭାଗୃହରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲ୍ଲା ଉପ ସଭାନେତ୍ରୀ ନମିତା ଦଳବେହେରା, କାଉନସିଲର ସରିତା ମିଶ୍ର, ସୁଜାତା ସାହୁ, ରାଜ୍ୟ ସମ୍ପାଦିକା ଶୁଚିସ୍ମିତା ତ୍ରିପାଠୀ, ଅଞ୍ଜଳି ପ୍ରଧାନ, ଶୋଭାଗିନୀ ପ୍ରଧାନ, ଯୋଗମାୟା ପ୍ରିୟଦର୍ଶନୀ ମହାପାତ୍ର, ଜସ୍ମିନ ପ୍ରଧାନ, ମିତାରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ମହାନ୍ତି, ଅପର୍ଣ୍ଣା ସାହୁ, ଜ୍ୟୋତିର୍ମୟୀ ଦେହୁରୀ ଶୁଭସ୍ମିତା ଜେନା, ସ୍ମିତାରାଣୀ ନାଥଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ମହିଳା ଉପସ୍ଥିତ ଥିଲେ।

## ବାଜି ରାଉତ ଛାତ୍ରାବାସର ପୁରାତନ ଛାତ୍ର ସଂସଦ ନିର୍ବାଚନ

# ଶ୍ରୀକାନ୍ତ ସଭାପତି, ଛୋଟରାୟ ସମ୍ପାଦକ

ଅନୁଗୋଳ,୨୭ ।୪(ସମିସ):



ବାଜି ରାଉତ ଛାତ୍ରାବାସ ପୁରାତନ ଛାତ୍ରସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ ଶାନ୍ତି ମନ୍ଦିର ପରିସରରେ ଏହାର ପ୍ରଥମ ବର୍ଷ ଛାତ୍ରୀ କୃଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଛାତ୍ରାବାସ ସଭାପତି ଅନ୍ତର୍ଯ୍ୟାମୀ ବରାଳ ଯୋଗଦେଇ କହିଲେ ଯେ ପୁରାତନ ଛାତ୍ରସଂସଦ ଯେକୌଣସି ଶିକ୍ଷାନୁଷ୍ଠାନ ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ଆଧାରସ୍ତମ୍ଭ। ଆମ ଛାତ୍ରାବାସର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଆମେ ଗର୍ବିତ। ଆଗାମୀ ଦିନରେ ଛାତ୍ରାବାସର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ପୁରାତନ ଛାତ୍ରସଂସଦର ସହଯୋଗ କାମନା କରିଥିଲେ।

ଏହି ଅବସରରେ ସଂସଦର ନୂତନ ସଭାପତି ଭାବେ ଶ୍ରୀକାନ୍ତ ନାୟକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସେହିପରି ଛୋଟରାୟ ମାଝୀଙ୍କୁ ସମ୍ପାଦକ ଓ ଯୁବ ଆଇନଜୀବୀ ଅରବିନ୍ଦ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଛାତ୍ରସଂସଦର ପରାମର୍ଶଦାତା ମଣ୍ଡଳୀରେ କୃଷ୍ଣା ମହାନ୍ତି, ଆନନ୍ଦ ଚନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ବରାଳ, ରାଜଲକ୍ଷ୍ମୀ ମହାନ୍ତି ଓ ସୁକାନ୍ତି ମଞ୍ଜରୀ ଚାତମ୍ବାଙ୍କୁ ଗ୍ରହଣ କରାଯାଇଛି। ଶେଷରେ ଇଂ ସାଗର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।



# ବିବାହ ଆଳରେ ମହିଳାଙ୍କୁ ଦୁଷ୍କର୍ମ

■ ଶିଶୁକନ୍ୟା ଜନ୍ମ ଦେବାପରେ ଛାଡ଼ିଦେଲା
■ ଗେଷ୍ଟ ହାଉସ୍ ମାଲିକ ଗିରଫ
■ ନିଜକୁ ଅବିବାହିତ ବୋଲି କହିଥିଲା

ଭୁବନେଶ୍ୱର, ୨୭।୪ (ସମିସ): ନିଜକୁ ଅବିବାହିତ ବୋଲି ପରିଚୟ ଦେଇ ବିବାହିତା ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଲା। ଖାଲି ପ୍ରତିଶ୍ରୁତି ନୁହେଁ, ମନ୍ଦିରକୁ ନେଇ ବିବାହ କରିଲା। ବିବାହ ପରେ ନେଇ ଗେଷ୍ଟ ହାଉସରେ ରଖି ଶାରୀରିକ ସମ୍ପର୍କ ରଖିଲା। ଆଉ ମହିଳା ଜଣକ ଶିଶୁକନ୍ୟା ଜନ୍ମ ଦେବାରୁ ଛାଡ଼ି ପଳାଇଗଲା। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଗେଷ୍ଟ ହାଉସ ମାଲିକକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶ୍ରୀ ବିହାରରେ ରହୁଥିବା ଭଞ୍ଜନଗରର ଦେବରାଜ ବିଶୋୟୀ (୪୭)।

ପୁଲିସ ସୂଚନାନୁସାରେ, ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ୩୦ ବର୍ଷୀୟା ମହିଳା ୯ ବର୍ଷ ପୂର୍ବେ କଟକ ରୋଡରେ ଦେବରାଜ ଦେଖା ହେବାପରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ସେହି ସମୟରେ ଦେବରାଜ ତାଙ୍କ ସହ ଘନିଷ୍ଠତା ବଢ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ୨୦୨୪ ମସିହା ବେଳକୁ ମହିଳା ଜଣକ ନାଲକୋ ଛକରେ ଥିବା ଏକ ଇଣ୍ଟେରିଅର ଦୋକାନକୁ ଯାଇଥିବା ବେଳେ ସେଠାରେ ଦେବରାଜ ସହ ଭେଟ ହୋଇଥିଲା ଓ ସେବେଠାରୁ ପରସ୍ପର ଯୋଗାଯୋଗରେ ରହିଥିଲେ। ଦେବରାଜ ତାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସେହିବର୍ଷ ଅଗଷ୍ଟ ମାସରେ ଏକ ମନ୍ଦିରକୁ ନେଇ ମିଛିମିଛିକା ବିବାହ କରିଥିଲା।

ଏହାପରେ ମହିଳାଙ୍କୁ ସାଙ୍ଗରେ ଧରି କେଶୁରାସ୍ଥିତ ଏକ ଗେଷ୍ଟ ହାଉସକୁ ନେଇ ଯାଇଥିଲା। ସେଠାରେ ଉଭୟ ଏକାଠି ରହିଥିଲେ। ଗେଷ୍ଟ ହାଉସରେ ରହିବା ମଧ୍ୟରେ ମହିଳାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲା। ଫଳରେ ମହିଳା ଜଣକ ଗର୍ଭବତୀ ହୋଇ ଯାଇଥିଲେ ଓ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଦେବରାଜ ପୂର୍ବରୁ ମଧ୍ୟ ବିବାହ କରିଥିବା ଶିଶୁ ଜନ୍ମ ଦେବାପରେ ହିଁ ମହିଳା ଜଣକ ଜାଣିବାକୁ ପାଇଥିଲେ। ଗେଷ୍ଟ ହାଉସରେ ୮ ମାସ ଧରି ରହୁଥିବା ଦେବରାଜ ଶିଶୁକନ୍ୟା ଜନ୍ମ ହେବାପରେ ମାଆ ଓ ଝିଅକୁ ହଠାତ୍ ଛାଡ଼ି ପଳାଇଥିଲା। ପରବର୍ତ୍ତୀ ସମୟରେ ମହିଳାଙ୍କୁ ଚିହ୍ନି ନାହିଁ ବୋଲି କହିଥିଲା। ଏନେଇ ମହିଳା ଜଣକ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୁଲିସ ଦେବରାଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୧୩ ବର୍ଷୀୟା ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ



**୫ ମାସ ପରେ ଉଦ୍ଧାର; ରଙ୍ଗମିସ୍ତ୍ରୀ ଗିରଫ**

ଭୁବନେଶ୍ୱର, ୨୭।୪ (ସମିସ): ମାତ୍ର ୧୩ ବର୍ଷୀୟା ନାବାଳିକାକୁ ଭରତପୁରରୁ ଅପହରଣ ହୋଇଛି। କେବଳ ଅପହରଣ ନୁହେଁ, ନାବାଳିକାକୁ ଦୁଷ୍କର୍ମ ମଧ୍ୟ କରିଛି। ଅଭିଯୋଗର ୫ ମାସ ପରେ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ରଙ୍ଗମିସ୍ତ୍ରୀକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ମହାଦେଇପୁରର ଦିପ ଦଳେଇ (୨୩)।

ପୁଲିସ ସୂଚନା ଅନୁଯାୟୀ, ନାବାଳିକା ଜଣକ ପରିବାର ସହ ଭରତପୁର ଥାନା ଅଞ୍ଚଳରେ ରହି ପାଠ ପଢୁଥିଲେ। ସେହି ନିକଟରେ ରହି ରଙ୍ଗମିସ୍ତ୍ରୀ ଭାବରେ କାମ କରୁଥିବା ଦିପ ସହ ତାଙ୍କର ପରିଚୟ ହୋଇଥିଲା। ଗତବର୍ଷ ନଭେମ୍ବର ୨ ତାରିଖ ରାତିରେ ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ସେହି ରାତିରେ ଦିପ ଏହାର ସୁଯୋଗ ନେଇ ନାବାଳିକାକୁ ଅପହରଣ କରି ନେଇଥିଲା। ଭରତପୁରରୁ ଅପହରଣ କରି ପ୍ରଥମେ କଟକ ନେଇ ଯାଇଥିଲା। ପରବର୍ତ୍ତୀ ସମୟରେ ନାବାଳିକାକୁ ଧରି ନିଜ ପୈତୃକ ଗାଁ ମହାଦେଇପୁରକୁ ଯାଇଥିଲା।

ସେଠାରେ ରଖି ନାବାଳିକାକୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ବିରୋଧ କରୁଥିଲେ ମଧ୍ୟ ଦିପ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲା। ଗତ ଶନିବାର ଦିନ ଭରତପୁର ଥାନା ପୁଲିସ ମହାଦେଇପୁରରେ ଚଢ଼ଉ କରିଥିଲା। ସେଠାରୁ ନାବାଳିକାକୁ ଉଦ୍ଧାର କରିବା ସହ ଦିପକୁ ଗିରଫ କରିଥିଲା। ଉଦ୍ଧାର କରି ଉଭୟଙ୍କୁ ଥାନାକୁ ଆଣିବା ପରେ ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। ଦିପ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ନାବାଳିକା ଜଣକ ବୟାନ ଦେଇଥିଲେ। ନାବାଳିକାର ମାଆଙ୍କ ଅଭିଯୋଗ ଆଧାରରେ ପୁଲିସ ପୂର୍ବରୁ କେବଳ ନାବାଳିକା ଅପହରଣ ମାମଲା ରୁଜୁ କରିଥିଲା। ହେଲେ ନାବାଳିକା ଚାଞ୍ଚଲ୍ୟକର ବୟାନ ଦେବାପରେ ପୁଲିସ ଦୁଷ୍କର୍ମ ଓ ପୋକ୍ସୋ ଆଇନ ଧାରା - ୬ ଯୋଡ଼ିଛି। ତଦନ୍ତ ପରେ ଅଭିଯୁକ୍ତ ଦିପକୁ କୋର୍ଟ ଚାଲାଣ କରିଛି।

# ଏଲ୍‌ପିଜି ସିଲିଣ୍ଡର ଭର୍ତ୍ତି ଅଟୋ ଜବତ

**ସମ୍ପର୍କୀୟଙ୍କ ଖାତାରେ ବୁକିଂ କରି ଅଧିକ ଦାମରେ ବିକ୍ରି କରୁଥିଲା**



ଭୁବନେଶ୍ୱର, ୨୭।୪(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏଲ୍‌ପିଜି ସଙ୍କଟ ସୃଷ୍ଟି ହୋଇଥିବା ବେଳେ ଏହାର ଫାଇଦା ନେଉଛନ୍ତି କିଛି ଲୋକ। ବିଭିନ୍ନ ସ୍ଥାନରେ ଗ୍ୟାସ୍ କଳା ବଜାରୀ ହେଉଥିବା ବେଳେ ଯୋଗାଣ ବିଭାଗ ଓ ପୁଲିସ ମଧ୍ୟ ଚଢ଼ାଉ କରୁଛି। ସୋମବାର ଭୁବନେଶ୍ୱରରେ ପୁଣି ଗ୍ୟାସ୍ କଳା ବଜାରୀ ଦେଖିବାକୁ ମିଳିଛି। ଚନ୍ଦ୍ରଶେଖରପୁର ଥାନା ପୁଲିସ ଚୁନୁକୋଳି ବସ୍ତିରେ ଚଢ଼ାଉ କରି ଏକ ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି ଅଟୋ ଜବତ କରିଛି। ଅଟୋରୁ ମୋଟ୍ ୧୯ଟି ଖଚଏ ସିଲିଣ୍ଡର ଜବତ କରାଯାଇଛି। ଏହାମଧ୍ୟରୁ ୧୧ଟି ଗ୍ୟାସ୍ ଭର୍ତ୍ତି ସିଲଣ୍ଡର ଓ ୭ଟି ଖାଲି ସିଲିଣ୍ଡର ରହିଛି। ଏହାକୁ ଚାଲାଣ କରୁଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ସେ ହେଲା ଶିଖରଚଣ୍ଡି ବସ୍ତିରେ ରହୁଥିବା କଟକ ଜିଲ୍ଲା ସାଲେପୁରର ମନୋଜ କୁମାର। ତା ଠାରୁ କିଛି ଗ୍ୟାସ୍ ବୁକିଂ ଖାତା ଓ ରସିଦ୍ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ମନୋଜକୁ କୋର୍ଟଚାଲାଣ କରିବାକୁ ପୁଲିସ ପ୍ରକ୍ରିୟା ଆରମ୍ଭ କରିଛି। ଜୋନ୍-୬ ଏସିପି ମାନସ ରଞ୍ଜନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ତା ସମ୍ପର୍କୀୟମାନଙ୍କ ଆକାଉଣ୍ଟରେ ଏସବୁ ଗ୍ୟାସକୁ ବୁକିଂ କରିଥିଲା। ଏହାପରେ ତାଲା ଅଟୋରେ ଚାଲାଣ କରି ବିକ୍ରି କରୁଥିଲା। ୧୮୦୦ ଟଙ୍କାରେ ଆଣି ୩୫୦୦ ରୁ ୪୦୦୦ ଟଙ୍କାରେ ବିକ୍ରି କରୁଥିଲା। ଏନେଇ ଖବର ପାଇ ଆମେ ଚଢ଼ାଉ କରିଥିଲୁ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ୟାସ୍ କଳା ବଜାରୀ ହେଉଥିବାରୁ ଚିନ୍ତା ସୃଷ୍ଟି କରୁଛି। ଏପ୍ରିଲ ୧୬ ଶନିବାରରେ ଇନଫୋସିଟି ଥାନା ଅନ୍ତର୍ଗତ ପଥରଗାଡିଆ ଅଞ୍ଚଳରେ ଥିବା ଏକ ଗ୍ୟାସ୍ ଦୋକାନରେ ଯୋଗାଣ ବିଭାଗ ଚଢ଼ାଉ କରିଥିଲା।




ସେଠାରୁ ୭୦ଟି ସିଲଣ୍ଡର ଜବତ ହୋଇଥିଲା। ଅଭିଯୁକ୍ତ ଜଣକ କମର୍ସିଆଲ ସିଲିଣ୍ଡରରୁ ଡୋମେଷ୍ଟିକ୍ ସିଲିଣ୍ଡରକୁ ବଦଳାଉଥିଲା। ଯାହା ସରକାରୀ ନିୟମକୁ ଉଲଙ୍ଘନ ହେବା ସହ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଥିଲା।

# ଜନ୍ମଦିନ ପାଳିବାକୁ ଡାକି ଓୟୋରେ ଦୁଷ୍କର୍ମ



ଭୁବନେଶ୍ୱର, ୨୭।୪ (ସମିସ): ଜନ୍ମ ଦିନ ପାଳିବାକୁ ଆସି ଦୁଷ୍କର୍ମର ଶିକାର ହୋଇଛନ୍ତି ଯୁବତୀ। ଅଭିଯୋଗ ପାଇବା ପରେ ପୁରୁଷ ବନ୍ଧୁକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଥାନା ନୂଆଗାଁର ଶୁଭଜିତ୍ ପ୍ରଧାନ (୨୬)।

ପୁଲିସ ସୂଚନାନୁସାରେ, ରାଜଧାନୀରେ ରହୁଥିବା ଜଣେ ୨୩ ବର୍ଷୀୟା ଯୁବତୀ ତାଙ୍କର ଜଣେ ପରିଚିତ ବ୍ୟକ୍ତିଙ୍କ ମାଧ୍ୟମରେ ଶୁଭଜିତ ସହ ଯୋଗାଯୋଗରେ ଆସିଥିଲେ। ଶୁଭଜିତ ତାଙ୍କ ସହିତ ନିୟମିତ ଯୋଗାଯୋଗ ସ୍ଥାପନ କରି ବିବାହ କରିବାକୁ ପ୍ରସ୍ତାବ ରଖିଥିଲା। ଆରମ୍ଭରେ ଯୁବତୀ ଜଣକ ମନା କରିଥିଲେ ମଧ୍ୟ ଶୁଭଜିତ ବାରମ୍ବାର ପ୍ରବର୍ତ୍ତାଇବା ଫଳରେ ସେ ସମ୍ପର୍କ ରଖିଥିଲେ। ଶୁଭଜିତ ୨୦୨୩ ମସିହା ମେ ମାସ ୧୯ ତାରିଖ ଦିନ ଯୁବତୀଙ୍କ ଜନ୍ମଦିନ ପାଳିବା ବାହାନାରେ ଡକାଇଥିଲେ। ଯୁବତୀ ଜଣକ ଆସିବା ପରେ ଶୁଭଜିତ ତାଙ୍କୁ ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଓୟୋକୁ ନେଇ ଯାଇଥିଲା। ସେଠାରେ ରହିବା ମଧ୍ୟରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା।

ଓୟୋରୁ ଫେରିବା ପରେ ପରେ ଶୁଭଜିତ ତାଙ୍କୁ ଏଡ଼ାଇବା ଆରମ୍ଭ କରିଥିଲା। ଏମିତିକି ତାଙ୍କୁ ଚିହ୍ନି ନାହିଁ ବୋଲି କହିଥିଲା। ମଝିରେ ମଝିରେ ଯୋଗାଯୋଗ ରଖି ବିବାହର ପ୍ରତିଶ୍ରୁତି ଦେଉଥିଲା। ହେଲେ ପରବର୍ତ୍ତୀ ସମୟରେ ଫୋନ୍ ଯୋଗେ ଯୁବତୀଙ୍କୁ ଗାଳିଗୁଲଜ କରିଥିଲା। ଯୁବତୀ ଜଣକ ବିବାହ କରିବା କଥା କହିବାରୁ, ଶୁଭଜିତ ଆଉ ଯୋଗାଯୋଗ ରଖୁନଥିଲା। ବାରମ୍ବାର ଯୋଗାଯୋଗ କରି ବିଫଳ ହେବାପରେ ଯୁବତୀ ଜଣକ ଇନଫୋସିଟି ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ଶୁଭଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏମ୍ସ କର୍ମଚାରୀଙ୍କୁ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୨୭।୪(ସମିସ): ଏମ୍ସ ହସ୍ପିଟାଲରେ ସିନିୟର ନର୍ସିଂ ଅଫିସରଙ୍କୁ ଆକ୍ରମଣ ଅଭିଯୋଗରେ ଖଣ୍ଡଗିରି ଥାନ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ତମାଣ୍ଡ ରଣସିଂହପୁର ଗ୍ରାମରେ ଥିବା ଭୂବନ ପ୍ରାଇଡ୍ ଆପାର୍ଟମେଣ୍ଟର ବିଶ୍ୱମ୍ବର ବିଶ୍ୱଜିତ ସାହୁ। ଗତ ୧୦ ଅପରାହ୍ନ ୪.୩୫ ସମୟରେ ସେ ଏମ୍ସରୁ ପାତ୍ରପଡ଼ାସ୍ଥିତ ଘରକୁ ନିଜ ମୋଟରସାଇକେଲ ଯୋଗେ ଫେରୁଥିବା ବେଳେ, ପାତ୍ରପଡ଼ା ଠାରେ ଥିବା ମୋ-ବସ ଷ୍ଟାଣ୍ଡ ନିକଟରେ ଛଅ ଜଣ ଅଜଣା ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇବା ସହ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରୀ ମୋଟରସାଇକେଲରୁ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ମାନେ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅଭିଯୋଗକାରୀଙ୍କୁ ଚିକିତ୍ସା ଲାଗି ତାଙ୍କ ବନ୍ଧୁ ମାନେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ତଦନ୍ତ ସମୟରେ ପୁଲିସ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଭିନ୍ନ ସୂତ୍ରରୁ ଅଭିଯୁକ୍ତ ମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ମାମଲାର ତଦନ୍ତ କାଳରେ ପୁଲିସ ପୂର୍ବରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗତ ୧୩ ତାରିଖରେ କୋର୍ଟ ଚାଲାଣ କରିଥିବା ବେଳେ ଆଜି ଏହି ମାମଲାରେ ବିଶ୍ୱମ୍ବର ବିଶ୍ୱଜିତ ସାହୁ ନାମକ ଅନ୍ୟ ଜଣେ ତଥା ମୁଖ୍ୟ ଅଭିଯୁକ୍ତଙ୍କୁ ମାଠକରଗୋଲା ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲେ।

## ଗାଡ଼ି ମାଲିକଙ୍କୁ ଡ୍ରାଇଭରଙ୍କ ଖଣ୍ଡା ଚୋଟ

ଭୁବନେଶ୍ୱର, ୨୭।୪(ସମିସ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ଗାଡି ମାଲିକଙ୍କୁ ଡ୍ରାଇଭରଙ୍କ ଖଣ୍ଡାରେ ଆକ୍ରମଣ କରାଯାଇଛି। ତାଙ୍କ ହାତରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗାଡ଼ି ବ୍ୟବସାୟରେ ଟଙ୍କା କାରବାରକୁ କେନ୍ଦ୍ର କରି ଆକ୍ରମଣ କରାଯାଇଥିଲା ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଗାଡ଼ି ମାଲିକ ତାଙ୍କ ଗାଡ଼ି ପାଇଁ ଏକ ଡ୍ରାଇଭର ଖୋଜୁଥିଲେ। ଆକ୍ରମଣ କରିଥିବା ଡ୍ରାଇଭର ଏହି କାମ ପାଇଁ ରାଜି ହୋଇଥିଲେ। ଏଥିପାଇଁ ୧୫ ହଜାର ଟଙ୍କା ମାଲିକଙ୍କ ଠାରୁ ଅଗ୍ରୀମ ନେଇଥିଲେ। ଟଙ୍କା ନେବା ପରେ ସେ ଆଉ ଗାଡ଼ି ଚଳାଇବାକୁ ଯାଇ ନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟଙ୍କା ମାଗିବାକୁ ଯିବା ବେଳକୁ ସେ ଖଣ୍ଡା ଭଳି ଏକ ଧାରୁଆ ଅସ୍ତ୍ରରେ ଗାଡ଼ି ମାଲିକଙ୍କୁ ଆକ୍ରମଣ କରିଥିଲେ। ଏଭଳି ଏକ ଘଟଣା ଘଟିଥିଲା ବେଳେ ଏନେଇ ଥାନାରେ କୌଣସି ରିପୋର୍ଟ କରାଯାଇ ନାହିଁ।

## ଦୁଇ ନେପାଳୀ ନାବାଳିକା ଉଦ୍ଧାର

ଭୁବନେଶ୍ୱର, ୨୭।୪(ସମିସ): ରାଜଧାନୀରୁ ଦୁଇ ନେପାଳୀ ନାବାଳିକାଙ୍କୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଉଦ୍ଧାର କରିଛି। ଏକ ହୋଟେଲରୁ ତାଙ୍କୁ ଗତ ୨୨ ତାରିଖରେ ଉଦ୍ଧାର କରିବା ପରେ ଏକ ସଟ୍ ଷ୍ଟେ ହୋମ୍‌ରେ ରଖାଯାଇଛି। ସେମାନଙ୍କୁ ଦେହ ବ୍ୟବସାୟ ଉଦ୍ଦେଶ୍ୟରେ ପ୍ରଥମେ କୋଲକତା ଏବଂ ପରେ ଭୁବନେଶ୍ୱର ଅଣାଯାଇଥିଲା ବୋଲି ପୁଲିସ ଅନୁମାନ କରୁଛି। ଉଭୟଙ୍କୁ ନେପାଳ ପ୍ରତ୍ୟାବର୍ତ୍ତନ ପାଇଁ ଭାରତରେ ଥିବା ନେପାଳ ରାଷ୍ଟ୍ରଦୂତଙ୍କ ସହ ଚନ୍ଦ୍ରଶେଖରପୁର ପୁଲିସ ଯୋଗାଯୋଗ କରିଥିବା ସୂଚନା ମିଳିଛି।

## ସ୍ପା ସେଣ୍ଟରର ଟଙ୍କା ଚଲୁ; ମ୍ୟାନେଜର ଗିରଫ



ଭୁବନେଶ୍ୱର, ୨୭।୪ (ସମିସ): ସ୍ପା ସେଣ୍ଟରରୁ ଟଙ୍କା ଚଲୁ କରିଥିବା ଅଭିଯୋଗରେ ମ୍ୟାନେଜରକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗୋସାଗରେଶ୍ୱର ଛକର ଶିବ ଚରଣ ଦାସ (୪୨)। ପୁଲିସ ସୂଚନାନୁସାରେ, କୁଶ ଗୋସ୍ୱାମୀଙ୍କର ବିଜୁ ପଟ୍ଟନାୟକ ଏୟାରପୋର୍ଟ ନିକଟରେ ସ୍ପା ସେଣ୍ଟର ଥିବାବେଳେ ଶିବ ସେଠାରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲା। ଶିବ ଗତମାସ ୨୦ ତାରିଖ ଦିନ ସ୍ପା ସେଣ୍ଟରର ୩୫ ହଜାର ୯୯ ଟଙ୍କା ଡିପୋଜିଟ କରିବାକୁ ଯାଇ ଫେରାର ହୋଇଯାଇଥିଲା। ଏନେଇ କୁଶ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଚାଉଳିଆଗଞ୍ଜରେ ଚଢ଼ଉ କରି ଶିବକୁ ଗିରଫ କରିଥିଲା। ସେ ଉକ୍ତ ସ୍ପା ସେଣ୍ଟର ଟଙ୍କାକୁ ନିଜ ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଦେଇଥିବା ସ୍ୱୀକାର କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ଶିବକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଜମି ବିକ୍ରି ଆଳରେ ୪ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୨୭।୪ (ସମିସ): ଜମି ବିକ୍ରି ଆଳରେ ୪ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଆଡ଼ଖଣ୍ଡିଆ ଗାଁର ପ୍ରତାପ ଚନ୍ଦ୍ର ମହାପାତ୍ର (୪୬)।

ପୁଲିସ ସୂଚନାନୁସାରେ, ବସନ୍ତ କୁମାର ପ୍ରଧାନ ୨୦୧୨ ମସିହାରେ ପ୍ରତାପ ସହ ଯୋଗାଯୋଗରେ ଆସିଥିଲେ। ପ୍ରତାପ ତାଙ୍କୁ ପାତ୍ରପଡ଼ା ଭି-୨ ଅଞ୍ଚଳରେ ଜମି କିଣିବାକୁ ପ୍ରବର୍ତ୍ତାଇଥିଲେ। ବସନ୍ତ ତାଙ୍କ କଥାରେ ରାଜି ହୋଇ ପ୍ରତାପକୁ ଜମି ବାବଦରେ ୪ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ସେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବସନ୍ତଙ୍କୁ ଜମି ଯୋଗାଇ ପାରି ନ ଥିଲେ। ଟଙ୍କା ଫେରସ୍ତ ମାଗିବାରୁ ପ୍ରତାପ ମାତ୍ର ୫ ହଜାର ଟଙ୍କା ଦେଇ ବାକି ଟଙ୍କା ଫେରାଇବା ଲାଗି ୩ଟି ବ୍ୟାଙ୍କ୍ ଚେକ୍ ପ୍ରଦାନ କରିଥିଲେ। କିନ୍ତୁ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନଥିବାରୁ ଉକ୍ତ ଚେକ ଗୁଡ଼ିକ ବାଉନ୍ସ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଟଙ୍କା ଫେରସ୍ତ ଲାଗି କହିବାରୁ ପ୍ରତାପ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକ ଦେଇଥିଲେ। ବସନ୍ତଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସୋମବାର ବରମୁଣ୍ଡା ବସଷ୍ଟାଣ୍ଡରୁ ପ୍ରତାପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଧରାପଡ଼ିଲେ ସ୍ପିଡ୍ ବାଇକ୍ ଚୋରି ଗ୍ୟାଙ୍ଗ୍

ଭୁବନେଶ୍ୱର, ୨୭।୪(ସମିସ): ରାଜଧାନୀରେ ମାତିଛନ୍ତି ସ୍ପୋର୍ଟସ୍ ଏବଂ ସ୍ପିଡ୍ ବାଇକ୍ ଲୁଟେରା ଗ୍ୟାଙ୍ଗ୍। ବାଛି ବାଛି ଏଭଳି ବାଇକ୍‌କୁ ଟାର୍ଗେଟ କରି ଚୋରି କରୁଛନ୍ତି। ଏହି ଗ୍ୟାଙ୍ଗ୍‌କୁ ଠାବ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗ୍ୟାଙ୍ଗ୍‌ର ୫ଜଣ ସଦସ୍ୟ ରହିଥିଲା। ସେମାନଙ୍କ ମଧ୍ୟରେ ଥିଲେ ପ୍ରକାଶ ପ୍ରଧନ, ଅଭିଷେକ୍ ଦିଗଲ ଓ ସୁଭ୍ରଜିତ୍ ଦିଗଲ୍‌କୁ ଗିରଫ କରାଯାଇଥିଲା ବେଳେ ଅନ୍ୟ ଦୁଇ ନାବଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ପୁଲିସ ସେମାନଙ୍କ ଠାରୁ ଦୁଇଟି ବାଇକ୍ ଜବତ କରିଛି।

ଏମାନେ ରେକି କରି ରାଜଧାନୀରେ ସ୍ପୋର୍ଟସ୍ ଏବଂ ସ୍ପିଡ୍ ବାଇକ୍ ଠାବ କରୁଥିଲେ। ପରେ ଏହାକୁ ଚୋରି କରିବାକୁ ଉଦ୍ୟମ କରୁଥିଲେ। ପରେ ଏହି ଗ୍ୟାଙ୍ଗ୍ ଚୋରି ବାଇକ ଗୁଡ଼ିକୁ ସେମାନେ ନେଇ କନ୍ଧମାଳରେ ବିକ୍ରି କରୁଥିଲେ। ଏଭଳି ଅଭିଯୋଗ ବୃଦ୍ଧି ପାଇବା ପରେ ଏହି ଚୋରମାନଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପ୍ରଥମେ ବାଇକ୍‌ଗୁଡ଼ିକ କନ୍ଧମାଳରୁ ସିଜ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

**ଆମ ରାଜଧାନୀ ଆମ ଐତିହ୍ୟ**

# ଗଙ୍ଗବଂଶ ସମୟର ଚମ୍ପକେଶ୍ୱର ମନ୍ଦିର



ଭୁବନେଶ୍ୱର, ୨୭।୪(ସମିସ): ଓଡ଼ିଶାର ଐତିହ୍ୟ ଓ ଗୌରବର ଗାଥା ଇତିହାସ ପୃଷ୍ଠାରେ ହିଁ ସାଇତି ହୋଇ ରହିଥାଏ। ଯାହାକୁ ଦେଖି ମନେ ପଡ଼ିଯାଏ ଓଡ଼ିଶାର ପୁରାତନ କିର୍ତ୍ତିରାଜି। ଏପରି ଅନେକ ଐତିହ୍ୟ ମନ୍ଦିର ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ତ୍ରୟଦଶ ଶତାବ୍ଦୀର ଚମ୍ପକେଶ୍ୱର ମନ୍ଦିର।

ଏହି ଚମ୍ପକେଶ୍ୱର ମନ୍ଦିରଟି କୋଟିତୀର୍ଥେଶ୍ୱର ମନ୍ଦିର ନିକଟବର୍ତ୍ତୀ ଏବଂ ଗୌରୀନଗରରେ ରହିଛି। ଏହା ଗଙ୍ଗବଂଶ ସମୟରେ ନିର୍ମାଣ ହୋଇଥିବା ଇତିହାସରୁ ଜଣାଯାଏ। ଏହି ମନ୍ଦିରର ନିର୍ମାଣଶୈଳୀ ଦେଖିଲେ ଅନ୍ୟ ମନ୍ଦିରଠୁ ଭିନ୍ନ ଓ ସ୍ୱତନ୍ତ୍ର ମନେହୁଏ। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏଠାରେ ସ୍ଥାପିତ ଶିବଲିଙ୍ଗ ହେଉଛନ୍ତି ପାତାଳଫୁଟ ଏବଂ ଏହି ପରିସରରେ ଚମ୍ପା ନାଗଙ୍କ ବାସ ରହିଥିବାରୁ ମନ୍ଦିରର ନାମକରଣ ଚମ୍ପକେଶ୍ୱର ମନ୍ଦିର ରଖାଯାଇଛି ବୋଲି ମାନ୍ୟତା ରହିଛି। କେବଳ ସେତିକି ନୁହେଁ ଆଉ ମଧ୍ୟ ବିଶ୍ୱାସ ରହିଛି କି ଏହି ପରିସରରେ ନାଗଙ୍କ ବାସ ରହିଛି ସତ କିନ୍ତୁ ଲୋକଙ୍କ କ୍ଷତି ପହଁଚାଇବାକୁ ନୁହଁ ବରଂ ସେମାନେ ମନ୍ଦିରର ସୁରକ୍ଷା କରିଥାନ୍ତି। କେବଳ ଗଙ୍ଗବଂଶ ସମୟ ନୁହଁ ଏବେବି ଏହି ମନ୍ଦିରର ଅନେକ ମାହାତ୍ମ୍ୟ ରହିଛି। ଏଠାରେ ଶିବରାତ୍ରି, ରୁଦ୍ରଭିଷେକ, ସଂକ୍ରାନ୍ତି ଆଦି ପାଳନ କରାଯାଇଥାଏ। ମନ୍ଦିରର ଗୋଟେ ବିମାନ ଏବଂ ଗୋଟିଏ ଜଗମୋହନ ରହିଛି। ମନ୍ଦିରର ଦ୍ୱାର ବନ୍ଧ ପରବର୍ତ୍ତୀ ସମୟରେ ଯୋଡା ଯାଇଛି। ସେଥିପାଇଁ ଦ୍ୱାର ବନ୍ଧରେ ନବଗ୍ରହଙ୍କ କୌଣସି ସ୍ଥାପନା ରହିନାହିଁ। ମନ୍ଦିର ପରିସର ମଧ୍ୟରେ ଚାରି କୋଣରେ ଛୋଟ ଛୋଟ ଚାରୋଟି ମନ୍ଦିର ଅଛି। ସେଥିମଧ୍ୟରୁ ଗୋଟିଏରେ କାର୍ତ୍ତିକଙ୍କର ଭଗ୍ନ ଅବସ୍ଥାରେ ଚାରିଭୂଜା ମୂର୍ତ୍ତି ପ୍ରତିମା ଏବଂ ମନ୍ଦିର ପରିସରରେ ଏକ ପ୍ରାଚୀନ କୂଅ ରହିଛି। ସେହି ପାଣି ପୂଜା କାମରେ ଲଗାଯାଇଥାଏ ବୋଲି ପୂଜାରୀଙ୍କଠୁ ଶୁଣିବାକୁ ମିଳିଥିଲା।

### ଏବେ କେମିତି ରହିଛି



ମନ୍ଦିର ଚାରିପାଖକୁ ବଡ ବଡ କୋଠାବାଡି ଘେରି ଜନବସତି ସ୍ଥାପନ ହୋଇଗଲାଣି। ଫଳରେ ମନ୍ଦିରର ସ୍ଥାପତ୍ୟ ଲୁଚି ଯାଉଛି। ଏହା ସହିତ ଲୋକଙ୍କୁ ମନ୍ଦିରର ରାସ୍ତା ଖୋଜିବାରେ ଅସୁବିଧା ହେଉଛି। କେବଳ ସେତିକି ନୁହଁ ମନ୍ଦିର ପାଖରେ ମଧ୍ୟ ତାର ନାମଫଳକ ନଥିବା ଯୋଗୁଁ କେଉଁ ମନ୍ଦିର ଏବଂ ମନ୍ଦିରର ଇତିହାସ ସମ୍ପର୍କରେ ମଧ୍ୟ ଜାଣିହେଉ ନାହିଁ। ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଏହି ଐତିହ୍ୟ ମନ୍ଦିର ତାର ସୌନ୍ଦର୍ଯ୍ୟତା ହରାଇବାକୁ ବସିଲାଣି। ମନ୍ଦିରର ବାହାର ପାର୍ଶ୍ୱ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷୟ ହେବାକୁ ଲାଗିଲାଣି। ଶିଉଳୀ ମାଡି ଯାଇଥିବା ଯୋଗୁଁ କାରୁକାର୍ଯ୍ୟ ଲୁଚିଯାଉଥିବାର ପରିଲକ୍ଷିତ ହେଉଛି। ବର୍ତ୍ତମାନ ସମୟରେ ଏହି ମନ୍ଦିରଟି ମରାମତି ଆବଶ୍ୟକ କରୁଥିବା ବେଳେ ଏଥିପ୍ରତି କାହାରି ନଜର ଯାଉନାହିଁ।



# ଭୁବନେଶ୍ୱର ସିଟି

# ଆଧୁନିକ ଜୀବନଶୈଳୀରେ ହଜିଯାଉଛି କାଠ ଖେଳନା



ଭୁବନେଶ୍ୱର, ୨୭।୪(ସମିସ): ଛୁଆମାନଙ୍କୁ ଚାଲି ଶିଖାଇବା ପାଇଁ ଆଉ ଦରକାର ପଡୁନାହିଁ କାଠ ଶଗଡ଼ କିମ୍ବା ହାତ ଚକଡ଼ା। ଏହିପରି ଛୁଆଙ୍କୁ ତୁନି କରିବାକୁ ଆଉ ଖୋଜା ପଡୁନାହିଁ ହାତ କାଠି ଝୁମୁକା। ଏହିପରି ବୋହୂବୋହୂକା ଖେଳିବାକୁ ଲୋଡ଼ା ହେଉନାହିଁ ମାଟି ଚୁଲି, କଡ଼େଇ, ଚଟୁ, କାଗଜ କଣ୍ଢେଇ, କାଗଜ ଖେଳନା। ଏବେ ଏହି ସବୁ ଖେଳନା ଦେଖିବାକୁ ସାତ ସପନ ହୋଇଗଲାଣି। ଏହି ପାରମ୍ପରିକ ଖେଳନା ଉପରେ ପତିଆରା ଜମେଇଛି ପ୍ଲାଷ୍ଟିକ୍ ଖେଳନା। ଦିନ ଥିଲା ମେଳା ମହୋତ୍ସବ ଠାରୁ ନେଇ ହାଟ ବଜାର ସବୁଠି କାଠ ଖେଳନା ହେଉ ଅବା କାଗଜ ଖେଳନା, ମାଟି କଣ୍ଢେଇର ପସରା ମେଲୁଥିଲା। ହେଲେ ଏବେ କିଛି ବୟସ୍କ ବ୍ୟବସାୟୀ ଏହି ପାରମ୍ପରିକ ଖେଳନା ତିଆରି କରି ବିକ୍ରି କରୁଛନ୍ତି। ଧୀରେ ଧୀରେ ଏହି ସବୁର ଚାହିଦା କମୁଥିବାରୁ ଆଗପରି ଆଉ ବିକ୍ରି ମଧ୍ୟ ହେଉନାହିଁ। ସମୟ ସୁଅରେ ଏହି କାଠ ଖେଳନା ଏହାର ମହତ୍ୱ ହରାଇବା ସହ ବିଲୁପ୍ତ ହେବାକୁ ବସିଛି।

ରାଜଧାନୀ ରାସ୍ତା କଡ଼ରେ ଏବେ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ଖେଳନା ସହ ତୁଳା କଣ୍ଢେଇ ବିକ୍ରି ହେଉଥିବାର ଦେଖିବାକୁ ମିଳୁଛି। ନା କେଉଁଠି ହେଲେ କାଠ ଖେଳନା କିମ୍ବା କାଗଜ ଖେଳନା, ମାଟି କଣ୍ଢେଇ ଦେଖିବାକୁ ମିଳୁନାହିଁ। ହେଲେ ସହର ଉପକଣ୍ଠର ଗାଁ ମାନଙ୍କରୁ ଏବେବି କିଛି ବ୍ୟବସାୟୀ ଆସି ରାସ୍ତା କାଠ ଖେଳନା ଆଦି ବିକ୍ରି କରୁଛନ୍ତି। ପୁରୁଣା ଭୁବନେଶ୍ୱରରେ ଜଣେ ବ୍ୟବସାୟୀ ଏହି କାଠ ଖେଳନା ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା। ବ୍ୟବସାୟୀ ଜଣକ କାଠ ଶଗଡ଼, ହାତ ଚକଡ଼ା, କାଠ ଡ଼ଙ୍କି, ପିଢ଼ା, କାନ୍ଥ ହ୍ୟାଙ୍ଗର ଆଦି ବିକ୍ରି କରୁଥିଲେ। କାଠ ଶଗଡ଼ ଗୋଟାକୁ ଦର ୧୫୦ ଟଙ୍କା ରହିଥିବା ବେଳେ ହାତ ଚକଡ଼ା ଗୋଟାକ ୧୦୦ ଟଙ୍କା ରହିଥିଲା। ଏହିପରି ପିଢ଼ା ଗୋଟାକୁ ୧୨୦ ଟଙ୍କା, କାନ୍ଥ ହ୍ୟାଙ୍ଗର ୧୦୦ ଟଙ୍କା ଆଦି ରହିଛି। ହେଲେ ଖେଳନା ଏବଂ ଏହି କାଠ ସାମଗ୍ରୀ ଆଗରୁ ବହୁତ ବିକ୍ରି ହଉଥିଲା। ପୂର୍ବରୁ ସବୁଦିନ ଆସି ଲିଙ୍ଗରାଜ ମନ୍ଦିର ପାଖରେ ବସି ଏ ସବୁ ସାମଗ୍ରୀ ବିକ୍ରି କରୁଥିଲେ। ହେଲେ ଏବେ ସପ୍ତାହରେ କେବେ କେମିତି ଆସି ଏ ସାମଗ୍ରୀ ବିକ୍ରି କରୁଛି ବୋଲି ବ୍ୟବସାୟୀ କୁହନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ପୂର୍ବରୁ ବାପା, ମା ମାନେ ପିଲା ଚାଲି ଶିଖିବା ପାଇଁ କାଠ ଶଗଡ଼ କିଣି ନଉଥିଲେ। ହେଲେ ଏବେ ନୂଆ ନୂଆ ପ୍ଲାଷ୍ଟିକ୍ ସାଇକେଲ ଆସିବାରୁ ହଜାର ହଜାର ଟଙ୍କା ଦେଇ ପ୍ଲାଷ୍ଟିକ୍ ସାଇକେଲ କିଣୁଛନ୍ତି ହେଲେ ୧୫୦ ଟଙ୍କା ଦେଇ ଏ କାଠ ଶଗଡ଼ କିମ୍ବା ହାତ ଚକଡ଼ା ଆଉ କେହି କିଣୁନାହାନ୍ତି ବୋଲି ସେ କହିଛନ୍ତି।

## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୭।୪(ସମିସ): ଭୁବନେଶ୍ୱର କେବଳ ମନ୍ଦିରମାଳିନୀ ସହରର ପରିଚୟ ପାଇନି ବରଂ ଏଠାରେ ଥିବା ଐତିହ୍ୟ କିର୍ତ୍ତିରାଜିର ପ୍ରତିଛବି ପାଲଟିଛି। ସମୟ ବଦଳିଛି ହେଲେ ସହରର କୋଣ ଅନୁକୋଣରେ ଥିବା ସମସ୍ତ ଐତିହ୍ୟ ମନ୍ଦିର ଆଜି ବି ଇତିହାସର ମୂକସାକ୍ଷୀ ପାଲଟି ସେମିତି ଠିଆ ହୋଇଛନ୍ତି। ବର୍ତ୍ତମାନ ଏହି ସହର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସହରର ପ୍ରତି ଗଳିରେ ଛୋଟରୁ ବଡ ଅନେକ ମନ୍ଦିର ପରିଲକ୍ଷିତ ହୋଇଥାଏ। ସେହିଭଳି ଏକ ପୁରାତନ ମନ୍ଦିରର ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ଏହି ଅନେକ ବର୍ଷ ପୁରୁଣା ଫଟୋଟି ଭୁବନେଶ୍ୱରର କପିଳତୀର୍ଥ ବା ବର୍ତ୍ତମାନର କପିଳେଶ୍ୱର ଗ୍ରାମର ଅଧିଷ୍ଠାତା ଶ୍ରୀ କପିଳେଶ୍ୱର ମନ୍ଦିର ସମ୍ମୁଖ ଦୃଶ୍ୟ ଅଟେ। ଯାହା ୧୧୫ ବର୍ଷ ପୁରୁଣା ଅର୍ଥାତ ୧୯୧୦ ମସିହାର ଫଟୋ ବୋଲି ଜଣାପଡ଼ିଛି। କପିଳେଶ୍ୱର ମନ୍ଦିର ଶିବଙ୍କୁ ସମର୍ପିତ ମନ୍ଦିର, ଯାହା କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଛି। ଏହା ଏକ ଜୀବନ୍ତ ମନ୍ଦିର ବୋଲି କୁହାଯାଏ, ଯାହାର ମୁହଁ ପୂର୍ବ ଦିଗକୁ ରହିଛି। ମନ୍ଦିର ପରିସରରେ ଅନ୍ୟ ୩୩ଟି ସ୍ମାରକ ରହିଛି। ସ୍ଥାନୀୟ କିମ୍ବଦନ୍ତୀ ଅନୁଯାୟୀ ଏହା ପ୍ରଭୁ ଶିବଙ୍କ ଜନ୍ମ ସ୍ଥାନ ଅଟେ। ଏହି ମନ୍ଦିରକୁ ଲିଙ୍ଗରାଜ ମନ୍ଦିରର ଉପଗ୍ରହ ବୋଲି ମଧ୍ୟ କୁହାଯାଏ ଏବଂ କପିଳେନ୍ଦ୍ର ଦେବଙ୍କ ଗଜପତି ଶାସନ ସମୟରେ ଚତୁର୍ଦ୍ଦଶ ଶତାବ୍ଦୀରେ ଏହା ନିର୍ମାଣ ହୋଇଛି।

## ୧ରେ ଓଏଫ୍‌ଟିଡିଏ ୨ୟ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୭।୪(ସମିସ): ଆସନ୍ତା ମଇ ମାସ ୧ ତାରିଖରେ ଓଡ଼ିଆ ଫିଲ୍ମ ଏବଂ ଟେଲିଭିଜନ ଡାଇରେକ୍ଟର୍ସ ଆସୋସିଏସନ୍ (ଓଏଫ୍‌ଟିଡିଏ)ର ୨ୟ ବାର୍ଷିକ ଉତ୍ସବ ପାଳିତ ହେବ। କଟକର ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ନିରଦ ମହାପାତ୍ର ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ଫିଲ୍ମ ଓ ଟିଭି ଜଗତର ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସମ୍ମାନୀତ କରାଯିବ। ଏହାସହ ଦୁଇ ଜଣ ପ୍ରବୀଣ ନିର୍ଦ୍ଦେଶକ ରଜନୀକାନ୍ତ ସାମନ୍ତରାୟ ଓ ପ୍ରଣବ ଦାସଙ୍କୁ ଆର୍ଥିକ ସହାୟତା ସହ ଆଜୀବନ ମାସିକ ୫୦୦୦ ଟଙ୍କା ବିଶେଷ ସମ୍ମାନ ଦିଆଯିବ ବୋଲି ଆସେିଏସନ୍ ର କର୍ମକର୍ତ୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ

ଭୁବନେଶ୍ୱର, ୨୭।୪(ସମିସ): ଭାରତୀୟ ଖାଦ୍ୟ ସୁରକ୍ଷାର ଜାଗ୍ରତ ପ୍ରହରୀ ହେଉଛନ୍ତି ପ୍ରାଣୀ ଚିକିତ୍ସକ ବୋଲି ଆଇସିଏଆର-ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ଫ୍ରେସ୍‌ୱାଟର ଆକ୍ୱାକଲଚର (ସିଫା)ର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ କହିଛନ୍ତି। ସୋଆ ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଂଡ୍ରି (ଆଭିଏସଏଏଚ), ଓଡ଼ିଶା ଲାଇଭଷ୍ଟକ ଡେଭେଲପମେଣ୍ଟ ସୋସାଇଟି ଏବଂ ଓଡ଼ିଶା ଭେଟେରିନାରି କାଉନସିଲ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଡ. ସାହୁ ପ୍ରାଣୀ ଚିକିତ୍ସକମାନଙ୍କର ସଫଳତାକୁ ପ୍ରଶଂସା କରି କହିଥିଲେ ଯେ ଭାରତ ବର୍ତ୍ତମାନ ଦୁଗ୍ଧ ଉତ୍ପାଦନରେ ୧ ନମ୍ବର ଏବଂ ଅଣ୍ଡା ଉତ୍ପାଦନରେ ୨ନମ୍ବର ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ ପ୍ରାଣୀ ଚିକିତ୍ସକ ମାନଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଆଇଭିଏସଏଏଚର ଡିନ୍ ତଥା ଓଡ଼ିଶା ଲାଇଭଷ୍ଟକ ଡେଭେଲପମେଣ୍ଟ ସୋସାଇଟି (ଓଏଲଡିଏସ) ର ସଭାପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଭେଟେରେନାରୀ କ୍ଲିନିକର ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ଓ ଓଏଲଡିଏସର ଅଧ୍ୟକ୍ଷ ଡ. ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମ୍ୟାଲେରିଆ ଦିବସ ଅବସରରେ ସଚେତନତା

ଭୁବନେଶ୍ୱର, ୨୭।୪(ସମିସ): ବିଶ୍ୱ ମ୍ୟାଲୋରିଆ ଦିବସ ଅବସରରେ କ୍ରାନ୍ତିକାରୀ ଫାଉଣ୍ଡେସନ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ନନ୍ଦିନୀପଲ୍ଲୀ, ମୁଣ୍ଡାସାହି ବସ୍ତିଠାରେ ଅନୁଷ୍ଠିତ ହୋଇଛି। ମ୍ୟାଲେରିଆ ରୋଗ ସମ୍ବନ୍ଧରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ସଚେତନ କରିବା ଓ ଏହାର ପ୍ରତିରୋଧ ଉପାୟ ସମ୍ବନ୍ଧରେ ସଚେତନତା ଆୟୋଜିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଭଲ୍ୟୁଣ୍ଟିରମାନେ



ସମ୍ପୂର୍ଣ୍ଣ ବସ୍ତି ଭ୍ରମଣ କରି ବସ୍ତିବାସିନ୍ଦାଙ୍କୁ ନିଜ ଆଖପାଖ ଅଞ୍ଚଳକୁ ପରିଷ୍କାର ଓ ପରିଛନ୍ନ ରଖିବା, ମଶାରି ଟାଣି ଶୋଇବା, ଏକ ସ୍ଥାନରେ ପାଣି ଜମା ନରଖିବା ଆଦି ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ। ମ୍ୟାଲେରିଆ ରୋଗର ଲକ୍ଷଣ, କାରଣ ଓ ପ୍ରତିରୋଧର ଉପାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନୋଜ ସାହୁ, ପ୍ରଜ୍ଞାପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ଜଗନ୍ନାଥ ସାହୁ, ମାନସ ପ୍ରଧାନ, ବିଶ୍ୱମୋହନ ନାୟକ ସମେତ ଅନ୍ୟାନ୍ୟ ଭଲ୍ୟୁଣ୍ଟିରମାନେ ଉପସ୍ଥିତ ଥିଲେ।

### ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପାଇଁ ଆସିବ ସ୍ୱତନ୍ତ୍ର ଆଇନ

## ମନ୍ତ୍ରୀଙ୍କୁ ସତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ

ଭୁବନେଶ୍ୱର, ୨୭।୪(ସମିସ): ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିର ପାଇଁ ଆସିବ ସ୍ୱତନ୍ତ୍ର ଆଇନ। ଆଇନରେ ଶ୍ରୀମନ୍ଦିର ଭଳି ରହିବ ବ୍ୟବସ୍ଥା। ଆଜି ଲୋକସେବା ଭବନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଲିଙ୍ଗରାଜଙ୍କ ସତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି କମିଟି ଅଧ୍ୟକ୍ଷ ଜଷ୍ଟିସ ଦୁର୍ଗା ପ୍ରସନ୍ନ ଚୌଧୁରୀ।



ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ରିପୋର୍ଟରେ ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ରହିଛି। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସମ୍ପୂର୍ଣ୍ଣ ଅନୁଶୀଳନ କରି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରେଣୁବାଳା ସାହୁଙ୍କୁ ଶ୍ରେଷ୍ଠ ଓଡ଼ିଆଣୀ ସମ୍ମାନ



ଭୁବନେଶ୍ୱର, ୨୭।୪(ସମିସ): ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ୧୨ଗୋଟି ପର୍ଯ୍ୟାୟରେ ଉତ୍କଳ ଦିବସଠାରୁ ଓଡ଼ିଆ ନୂଆବର୍ଷ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୀତା ଶଙ୍ଖୁଆ ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀ ସ୍ଥାନ ହାସଲ କରିଥିବା ବେଳେ ସହ-ଶ୍ରେଷ୍ଠ ଓଡ଼ିଆଣୀ ଭାବେ ମୀନାକ୍ଷୀ ପଟ୍ଟନାୟକଙ୍କ ନାମ ଘୋଷଣା ହୋଇଛି। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଓ ଓଡ଼ିଆ ସ୍ୱାଭିମାନ ସମାରୋହରେ ଉଦ୍‌ଘାଟକ ଭାବେ ଚଳଚ୍ଚିତ୍ର ଜଗତର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦ, ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାହିତ୍ୟିକ ଓ ମଧୁ ଗବେଷକ ଦାଶ ବେନହୁର, ସମାଜସେବୀ କସ୍ତୁରିକା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ଭାବନାର ପରିଚାଳନା ଟ୍ରଷ୍ଟି ତଥା ସମ୍ପାଦକ ଦେବ ପ୍ରସାଦ ପରିଜା ଏଥିରେ ଉପସ୍ଥିତ ଥିଲେ। ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଏହି ପ୍ରତିଯୋଗିତାରେ ପ୍ରଥମ ଶ୍ରେଷ୍ଠ ୧୦ଟି ସ୍ଥାନ ଅଧିକାର କରିଥିବା ଓଡ଼ିଆଣୀଙ୍କ ନାମ ଘୋଷଣା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ୩ ସ୍ଥାନରେ ଥିବା ୨୩ ଜଣ କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀ ଭାବେ ରେଣୁବାଳା ସାହୁଙ୍କୁ ରୁପା ତାରକସିର ବୋଇତ, ପୁଷ୍ପଗୁଚ୍ଛ ଓ ଖଣ୍ଡୁଆ ଶାଢ଼ି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିବା ବେଳେ ସହ-ଶ୍ରେଷ୍ଠ ଓଡ଼ିଆଣୀ ସୌଦାମିନୀ ମହାନ୍ତି ମଧ୍ୟ ରୁପା ତାରକସିର କୋଣାର୍କ ଚକ୍ର ଓ ଖଣ୍ଡୁଆ ଶାଢ଼ି ସହ ସମ୍ବର୍ଦ୍ଧିତ ହୋଇଥିଲେ।

## ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର, ୨୭।୪(ସମିସ): ରସୁଲଗଡ଼ ଜିଜିପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ରବୀନ୍ଦ୍ରମଣ୍ଡପଠାରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଜଗନ୍ନାଥ ପ୍ରଧାନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ମନୋରଞ୍ଜନ ମହାପାତ୍ର ଯୋଗଦେଇ ବିଶ୍ୱର ବଡ଼ ବଡ଼ ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରଦ୍ୟୁମ୍ନ କୁମାର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅତିଥିମାନେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପକ୍ଷରୁ 'ନୁର ସାରଥୀ', 'ହୁରି ରତ୍ନ' ଓ 'ଗଙ୍ଗା ମିତ୍ର' ଉପାଧି ପ୍ରଦାନ କରାଯିବା ସହିତ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସୁଜାତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ। ଗୁରୁମା ପ୍ରୀତିପଦ୍ମା ସାହୁ, ବୈଜୟନ୍ତୀ ପଟ୍ଟନାୟକ, ପ୍ରମିଳା ପଣ୍ଡା, ପାୟଲ ଜେନା, ସବିତା ମଞ୍ଜରୀ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ।

## ଆଇଆଇଏମଟିରେ ସରିଲା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୭।୪(ସମିସ): ଆଇଆଇଏମଟି ଭୁବନେଶ୍ୱର ସାର୍ବଜନୀନ ମାନବ ମୂଲ୍ୟବୋଧ ପାଇଁ ସମ୍ଭାବ୍ୟ ନୋଡାଲ ସେଣ୍ଟର ସାର୍ଟିଫିକେଟ୍ ହାସଲ କରିଛି। ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏବଂ ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କରଙ୍କ ମାର୍ଗଦର୍ଶନରେ ଏହି ମାନ୍ୟତା ଶିକ୍ଷାଗତ ଢାଞ୍ଚା ମଧ୍ୟରେ ନୀତିଶାସ୍ତ୍ର, ମାନବ ମୂଲ୍ୟବୋଧ ଏବଂ ସାମଗ୍ରିକ ଶିକ୍ଷାକୁ ସମନ୍ୱିତ କରିବା ପାଇଁ ପ୍ରତିଷ୍ଠାନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ଆଇଆଇଏମଟିରେ ଏପ୍ରିଲ ୨୪ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଏଆଇସିଟିଇ -ଅନୁମୋଦିତ ତିନି ଦିନିଆ ୟୁନିଭରସାଲ୍ ହ୍ୟୁମାନ୍ ମୂଲ୍ୟ ଉପରେ ଏକ ତିନି ଦିନିଆ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ ଆୟୋଜିତ ହୋଇଛି। ଉଦଘାଟନୀ ଅଧିବେଶନ ପରେ ସାମଗ୍ରିକ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ଦିନ ଜୀବନର ବ୍ୟବହାରିକ ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଶେଷ ଦିନରେ ସମାଜରେ ସମନ୍ୱୟ ଏବଂ ପ୍ରକୃତିରେ ସମନ୍ୱୟ ଉପରେ ଅଧିବେଶନ, ସାମାଜିକ ଦାୟିତ୍ୱ ଓ ସ୍ଥାୟୀ ସହାବସ୍ଥାନ ପ୍ରତି ଦୃଷ୍ଟିକୋଣକୁ ବ୍ୟାପକ କରିଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ ଦେବନାଥ, ରବୀନ୍ଦ୍ର କୃଷ୍ଣଙ୍କ ଦ୍ୱାରା ଅନ୍ତଃଦୃଷ୍ଟିପୂର୍ଣ୍ଣ ଅଧିବେଶନ ପ୍ରଦର୍ଶିତ ହୋଇଥିଲା।

## ୧ରେ ପରଦାକୁ ଆସିବ 'ମନ୍ତ୍ରମୁଗ୍ଧ'

ଭୁବନେଶ୍ୱର, ୨୭।୪(ସମିସ): ଆସନ୍ତା ମଇ ମାସ ୧ତାରିଖରେ ପରଦାକୁ ଆସିବ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ 'ମନ୍ତ୍ରମୁଗଧ'। ସିନେମା ରିଲିଜ୍ ପୂର୍ବରୁ ଏହାର ବହୁ ଚର୍ଚ୍ଚିତ ଗୀତ 'ଡବା ଭିତରେ ପସ୍' ମୁକ୍ତିଲାଭ କରିଛି। ଏହି ଅବସରରେ ସ୍ଥାନୀୟ ମହାରାଜା ସିନେମା ହଲ୍ ପରିସରରେ ମ୍ୟୁଜିକ୍ ଲଞ୍ଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଚଳଚ୍ଚିତ୍ରର କଳାକାର, କ୍ରିଉ ସଦସ୍ୟଙ୍କ ସମେତ ପ୍ରଶଂସକମାନଙ୍କ ଗହଣରେ ଏହି ମଜାଦାର ଟ୍ରାକ୍ ଏବଂ ଏହାର ମ୍ୟୁଜିକ୍ ଭିଡିଓ ଉନ୍ମୋଚିତ ହୋଇଥିଲା। ଓଲିଉଡର ଲୋକପ୍ରିୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ସ୍ୱରରେ ସଜ୍ଜିତ ଏହି ଗୀତଟି ପ୍ରଥମ ଦିନରେ ଦର୍ଶକୀୟ ଆଦୃତି ଲାଭ କରିଛି। ଏହି ଗୀତର ସଙ୍ଗୀତ ନିର୍ଦ୍ଦେଶନା ଅନୁରାଗ ପଟ୍ଟନାୟକ ଦେଇଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଦିବ୍ୟ ସାମଲ।

## ମଦନପୁରରେ ବାଦିପାଲା

ବଡ଼ରଘୁନାଥପୁର, ୨୭।୪(ସମିସ): ରବିବାରଠାରୁ ଭୁବନେଶ୍ୱର ଉପକଣ୍ଠସ୍ଥ ମଦନପୁର ଗ୍ରାମରେ ୫ ଦିନିଆ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହେଉଛି। ବାଲି କପିଳନାଥଙ୍କ ପୀଠରେ ଅନୁଷ୍ଠିତ ହେବାକୁ ଥିବା ଏହି ପାଲା ମହୋତ୍ସବରେ ଦୁଇ ଦଳ ପାଲା ପ୍ରତ୍ୟେକ ସନ୍ଧ୍ୟାରେ ପର୍ଯ୍ୟାୟକ୍ରମେ ପରିବେଷଣ କରିବେ। ଏଥିରେ ଡ. ଭାରତଭୂଷଣ ଦାଶ ଏବଂ ପ୍ରଦୀପ୍ତ କୁମାର ନାୟକ ପରିବେଷଣ କରୁଛନ୍ତି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବଶମ୍ବଦ ପାଲା କମିଟି ଏବଂ ମଦନପୁର ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

## ଭାପୁର ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲିପାଟଣା, ୨୭।୪(ସମିସ) : ସୋମବାର ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମପଞ୍ଚାୟତରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜନ ଶୁଣାଣି କରିଛନ୍ତି। ମୋଟ ୫୮ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିବା ବେଳେ ଏଥିମଧ୍ୟରୁ ୪୪ ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ସମସ୍ୟା ସମ୍ପର୍କରେ ଦରଖାସ୍ତ ଥିଲା। ଗୃହ ନିର୍ମାଣ, ଜମି ବାଡ଼ି, ଭିନ୍ନ କ୍ଷମ, ସ୍ୱାସ୍ଥ୍ୟ, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସାହାଯ୍ୟ ଇତ୍ୟାଦି ସମସ୍ୟା ସମ୍ପର୍କରେ ଅଭିଯୋଗ ଆସିଥିଲା। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ, ପିଡ଼ି ଡି ଆର୍ ଡି ଏ ଜ୍ୟୋତିଶଙ୍କର ସାହୁ, ତହସିଲଦାର କଳ୍ପନା ଦାସ, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ଡିଇଓ ସୋନାମିକା ରାୟ, ଏପିଡି



କସ୍ତୁରିବାଳା ଜେନା, ଡିପିଓ ଶ୍ୟାମଳେନ୍ଦୁ ନାୟକ, ବ୍ୟାଙ୍କ୍ ନୋଡାଲ ଅଧିକାରୀ ଅଜୟ ବେହେରା, ଏଇ ଅର୍ଚ୍ଚନା ଦାସ, ସିଡ଼ିପିଓ ରୁନୁବାଳା ସାହୁ, ମେଡିକାଲ ଅଫିସର ଡ୍ ଶ୍ରୀକାନ୍ତ ବେହେରା, ବିଇଓ ଡ. ପ୍ରଭାତ କୁମାର ରଥ, ପୂର୍ବତନ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ ଓ ସରପଞ୍ଚ ଲିଲିପ୍ରୀୟା ସାହୁ ପ୍ରମୁଖ ଙ୍କ ସହିତ ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗାରେଡ଼ି ପଞ୍ଚାଣ ଗ୍ରାମ ପଞ୍ଚାୟତ ରେ ଏକ ଗୋଶାଳା ପାଇଁ ଜମି ଯୋଗାଇ ଦିଆଯାଇଥିବାରୁ ସେବା ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ, ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଜିଲ୍ଲାପାଳଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। କିଆଯୋଡ଼ି ବାଲିପାଟଣା ରାସ୍ତାରେ ଅବରୋଧ କରୁଥିବା ବିଦ୍ୟୁତ୍ ଖୁଣ୍ଟ ତୁରନ୍ତ ସ୍ଥାନାନ୍ତର ପାଇଁ ଗ୍ରାମ ଉନ୍ନୟନ ବିଭାଗକୁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ସେହିପରି ଅଟକି ରହିଥିବା ମୁଖ୍ୟରାସ୍ତାରେ ବ୍ରିଜ୍ କାମ ପାଇଁ ତୁରନ୍ତ ଡ୍ରେନେଜ୍ ବିଭାଗ ପଦକ୍ଷେପ ନେବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ସଂଗଠନମାନଙ୍କ ତରଫରୁ ଏକ ଉତ୍ପାଦନ ଦ୍ରବ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

### କର୍ପୋରେଟ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

## 'ଅଲ୍ଟିମେଟ୍ କର୍ପୋରେଟ୍' ଚାମ୍ପିଅନ

ଭୁବନେଶ୍ୱର, ୨୭।୪(ସମିସ): ଓଡ଼ିଶାର କର୍ପୋରେଟ୍ ଜଗତର କର୍ମଜୀବୀମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡ଼ା ମନୋଭାବ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ଦୁଇ ଦିନିଆ ପ୍ରମୁଖ ଇଭେଣ୍ଟ 'ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସିଡ୍ରିମ୍ସ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନ୍ସିପ୍ ରାଜ୍ୟର ଅନ୍ୟତମ ବୃହତ୍ କର୍ପୋରେଟ୍ କ୍ରୀଡ଼ା ମହୋତ୍ସବ ଭାବେ ପରିଚିତ ହୋଇଛି। ଏହି ପ୍ରତିଯୋଗିତାରେ ୧୨୮ ଟି ପୁରୁଷ ଡବଲ୍ସ ଏବଂ ୩୨ଟି ମିକ୍ସଡ୍ ଡବଲ୍ସ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳ ଗୁଡିକ 'ବେଷ୍ଟ-ଅଫ୍-୩ ସେଟ୍' ଫର୍ମାଟ୍‌ରେ ଅତ୍ୟନ୍ତ ରୋମାଞ୍ଚକର ଭାବେ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ପ୍ରମୁଖ ଆଇଟି ଏବଂ କର୍ପୋରେଟ୍ ସଂସ୍ଥା ଯଥା ୱିପ୍ରୋ, ଟିସିଏସ୍, ଇନଫୋସିସ୍, ଆକ୍ସେଞ୍ଚର୍, ଆଇବିଏମ୍, କଗ୍ନିଜାଣ୍ଟ, ଇଏସଏସଏଲ୍‌ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ବେସରକାରି ବ୍ୟାଙ୍କ, ରେଳବାଇ ଓ ନାଲକୋ ଭଳି ପିଏସୟୁର ବରିଷ୍ଠ ଅଧିକାରୀମାନେ ମଧ୍ୟ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସିଡ୍ରିମ୍ସର ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ସ୍ମୃତି ଦେବତା କହିଛନ୍ତି, ଆମେ ବୋର୍ଡରୁ ବାହାରେ ଏକ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଚାହୁଁଥିଲୁ। ଏହି ଟୁର୍ଣ୍ଣାମେଣ୍ଟ କେବଳ ଟ୍ରଫି ଜିତିବା ପାଇଁ ନୁହେଁ, ବରଂ ଏକ ସୁସ୍ଥ କର୍ପୋରେଟ୍ ପରିବେଶ ସୃଷ୍ଟି କରିବା ଏବଂ ବିଭିନ୍ନ ଶିଳ୍ପ ନେତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ମାଧ୍ୟମ। ଦେବେଶ ଓ ପ୍ରତାପ ପୁରୁଷ ଡବଲ୍ସରେ



ବିଜେତା ହୋଇଥିଲା ବେଳେ ରନର୍ସ-ଅପ୍ ହୋଇଥିଲେ ପ୍ରଦ୍ୟୁମ୍ନ ଓ ସ୍ମୃତି। ମହିଳା ମିକ୍ସଡ୍ ଡବଲ୍ସ ବିଜେତା ହୋଇଛନ୍ତି ଜନ୍ମେଜୟ ଓ ଶାଳିନୀ ମିକ୍ସଡ୍ ଡବଲ୍ସ ରନର୍ସ-ଅପ୍ ହୋଇଥିଲେ ଆଶାକିରଣ ଓ ବାଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ନାଲକୋରୁ ଆଶୁତୋଷ ରଥ, ଇନଫୋସିସରୁ ସତ୍ୟଜିତ ମହାନ୍ତି, ସନ୍‌ସାଇନ୍ ହସ୍ପିଟାଲ୍ସରୁ ଆୟସକାନ୍ତ ମହାନ୍ତି, ୱିପ୍ରୋରୁ ମନୀଷ ୱାଘେଲା, ଦୂରଦୃଷ୍ଟି ମ୍ୟାଗାଜିନରୁ ଦୁର୍ଗା ପ୍ରସାଦ ସାମନ୍ତରାୟ, ଜୟ ଓଡ଼ିଶାରୁ ରୁଦ୍ର ସାମନ୍ତରାୟ, ଡିବି ନେକ୍ସଟ୍ର ସିଇଓ ସଙ୍ଗ୍ରାମ ରାଉତରାୟ, କୋଟକରୁ ଅନୁପମ ପଟ୍ଟନାୟକ ଏବଂ କଳ୍ପତରୁ ଫାଉଣ୍ଡେସନରୁ ସୁବେନ୍ଦୁ ପଣ୍ଡା, ଅଭିନେତା ପାର୍ଥସାରଥୀ ରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଦେବତା ଖେଳାଳି ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲ ପାଣି ଅବଧି ବୃଦ୍ଧି ପାଇଁ ଚାଷୀ ପ୍ରଶାସନର ଦ୍ୱାରସ୍ଥ

ବରଗଡ଼,୨୭ ।୪(ସମିସ): ସଂଯୁକ୍ତ କୃଷକ ସଂଗଠନ ତରଫରୁ କେନାଲ ବିଭାଜନ ବିଭାଗ ଏବଂ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ପ୍ରଶାସନ ଜାରି କରିଥିବା ବିଜ୍ଞାପନ ଅନୁସାରେ ଏପ୍ରିଲ ୩୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ହୀରାକୁଦ ସେଚାଞ୍ଚଳ କେନାଲ ମରାମତି ପାଇଁ ପାଣି ବନ୍ଦ କରାଯିବ । କେନାଲ ମରାମତି ହେଲେ ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ଯାଇପାରିବ ଏବଂ କୃଷକମାନେ ଆହୁରି ଉପକୃତ ହେବେ; ହେଲେ ଚଳିତ ବର୍ଷ ଖରଫ ଚାଷର ଧାନ ବିକ୍ରି ବିଳମ୍ବ



ଏବଂ ରବି ଋତୁରେ ଅନେକ ଚାଷୀ ବୁଣା ଧାନ କରିଛନ୍ତି । ଯେଉଁମାନେ ମେସିନ ଜରିଆରେ ଧାନ ରୋଇଛନ୍ତି ସେମାନଙ୍କ ସମାନ ଧାନ ମଧ୍ୟ ୧୫/୨୦ ଦିନ ବିଳମ୍ବରେ ଅମଳ ହେବ । ବର୍ତ୍ତମାନ କେନାଲ ପାଣି ବନ୍ଦ ହେଲେ ଜିଲ୍ଲାର ପ୍ରାୟ ଅଞ୍ଚଳ ପ୍ରଭାବିତ ହେବ । ବିଶେଷ ଭାବେ ବରପାଲି ବ୍ଲକ କାଇଁଶିର, ପାଟକୁଲୁଣ୍ଡା, ତୁଳଣ୍ଡି, ରେମତା, କୁମ୍ଭାରୀ, ସତଲମା, ଭେଡେନ ବ୍ଲକର କୁବେଡେଗା, ତାଲମେଣ୍ଡା, ଭେଡେନ, ଅଇଁଳାପାଲି, ରେଶମ, ଅରେଇଗୁଡ଼ି, ଲୁହାଖଣ୍ଡି, ମାନପୁର, ଅର୍ଜୁଣ୍ଡା, ରକ୍ସୁଡ଼ା, ସିଅଲେଖଣ୍ଡାହେତା, ପପଙ୍ଗା, ଦେଶଭଟଲି, ସଂକ୍ରିଡ଼ା ଆଦି ପଞ୍ଚାୟତର ଚାଷଜମି ବହୁ ମାତ୍ରାରେ ପ୍ରଭାବିତ ହେବ । ଏହି ଅଞ୍ଚଳରେ ମାତ୍ର ୨୦/୫୦ ପ୍ରତିଶତ ଧାନ ଅମଳ ଅବସ୍ଥାରେ ଥିବାବେଳେ ପ୍ରାୟ ସ୍ଥାନରେ ଧାନ ଗର୍ଭଣୀ ଅବସ୍ଥାରେ ଅଛି; ଯାହା ଆହୁରି ୧୫/୨୦ ଦିନ କେନାଲ ପାଣି ଦରକାର ପଡିବ । ଏଣୁ ଆହୁରୀ ୨୦ ଦିନ ଜଳ ଯୋଗାଣ ନିମନ୍ତେ ଦାବି କରାଯାଇଛି ।

# ମେ' ୧୫ ପର୍ଯ୍ୟନ୍ତ କେନାଲ ପାଣି ଦେବାକୁ ଦାବି

ଅତାବିରା,୨୭ ।୪(ସମିସ): ଚଳିତ ରବି ଫସଲରେ ଶ୍ରମିକ ସମସ୍ୟା ଯୋଗୁଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ପହ୍ଲା ରୁଆ ବିଳମ୍ବ ହୋଇଛି । ଇତି ମଧ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ମେ' ୧ ତାରିଖରୁ କେନାଲ ପାଣି ବନ୍ଦ ହେବାକୁ ସୂଚନା ଦିଆଯାଇଛି । ମେ' ୧ ତାରିଖରୁ କେନାଲ ପାଣି ବନ୍ଦ କରାଗଲେ କେନାଲର ଟେଲ ଅଞ୍ଚଳ ସହ ପଛୁଆ ଚାଷୀ



ପାଖାପାଖି ୩୦ ପ୍ରତିଶତ ଚାଷୀ ସିଧାସଳଖ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏଣୁ ୧୫ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଇବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ରୋଶନୀ ରାଣୀ ଖମାରୀଙ୍କୁ ଦାବିପତ୍ର ପ୍ରଦାନ କରିଛି । ସ୍ମାରକପତ୍ର ପ୍ରଦାନ ସମୟରେ ସଂଗଠନର ସଭାପତି ଭୁବନ ପ୍ରଧାନ, ସଂପାଦକ ନରେନ୍ଦ୍ର ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ବୃନ୍ଦଦେବ ନନ୍ଦ, ସୁଜିତ ପ୍ରଧାନ, ସୁରେଶ କର୍ଣ୍ଣ, ଲିଙ୍ଗରାଜ ନାଏକ, ରବିନ୍ଦ୍ର ନାୟକ, ଗୋବର୍ଦ୍ଧ ଭୋଇ, କ୍ଷିରୋଦ୍ର ବାରିକ, ସୁବାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି



ପଦ୍ମପୁର,୨୭ ।୪(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ସହରରେ ପଞ୍ଚମ ବର୍ଷ ଶୀତଳଷଷ୍ଠୀ ୨୦୨୬ ପାଳନ କରାଯିବ । ଏଥିପାଇଁ ରାମେଶ୍ୱର ବାବା ଶୀତଳଷଷ୍ଠୀ ପୂଜା ପାଳନ କମିଟି ତରଫରୁ ଘୋଷଣା ହୋଇଛି । ଏ ନେଇ ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି । ସଭାପତି ଭାବେ ଅଚ୍ୟୁତାନନ୍ଦ ସେଠ, କାର୍ଯ୍ୟକାରୀ ସଭାପତି ଭାବେ ସୁରଜପ୍ରସାଦ ସାହୁ, ଉପ ସଭାପତି ଭାବେ ଚୁଡାମଣୀ ମାଝୀ, ସମ୍ପାଦକ ଭାବେ ସୁଦାମ ଚରଣ ଦାନୀ, ସହ ସଂପାଦକ ଭାବେ କମଳ ସାହୁ, କୋଷାଧ୍ୟକ୍ଷ ଭାବେ ହରିଶଙ୍କର ଅଗ୍ରୱାଲ (ନବୁ) ଏବଂ ଉପଦେଷ୍ଟା ଭାବେ ବେଣୁମାଧବ ଦୋରା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ଅଜିତ ପାତ୍ର ଓ ରଜନୀ ପାତ୍ର, ପବିତ୍ର ମେହେର ଓ ସୀତା ମେହେର ଦେବଦମ୍ପତିଭିକ୍ ପିତାମାତା ସାଜିବେ । ସେହିପରି ଏଥର ତାଡକାସୁର ଭାବେ ଶୁଭମ ଘିବେଲା ଅଭିନୟ କରିବେ । ଜୁନ ୧୮ ତାରିଖରେ ବରଯାତ୍ରା ଓ ୧୯ ତାରିଖରେ ଯୁଗଳ ମୂର୍ତ୍ତିଙ୍କ ନଗର ଶୋଭାଯାତ୍ରା ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସୂଚନା ଦେଇଛନ୍ତି ।

## ଗୁରୁ ଭଗବାନ ସାହୁଙ୍କୁ ବାଦ ଦେଇ ପଶ୍ଚିମ ଓଡିଶା କଳାସଂସ୍କୃତିର ଆଲୋଚନା ଅସମ୍ପୂର୍ଣ୍ଣ



ପଦ୍ମପୁର,୨୭ ।୪(ସମିସ): ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ "ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତି ଏବଂ ଗୁରୁ ଭଗବାନ ସାହୁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଗୁରୁ ଭଗବାନ ସାହୁଙ୍କୁ ବାଦ ଦେଇ ପଶ୍ଚିମ ଓଡିଶା କଳାସଂସ୍କୃତିର ଆଲୋଚନା ଅସମ୍ପୂର୍ଣ୍ଣ ବୋଲି ଏଥିରେ ମତ ପ୍ରକାଶ ପାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ କଳାକାର ଗୁରୁ ଆନନ୍ଦ ବାଗ, ମୁଖ୍ୟବକ୍ତା ଭାବେ ନାଟ୍ୟକାର ନିର୍ଦ୍ଦେଶକ ରାଜକୁମାର ସାହୁ ଏବଂ କଳାକାର ରସିକ ବରିହା ଯୋଗ ଦେଇଥିଲେ । ମହେନ୍ଦ୍ର ସାହୁ, ଜୟନ୍ତ ସାହୁ, କଳ୍ପ ସାହୁ, ଘନଶ୍ୟାମ ଭୋଇ, ଆରାଧ ସାହୁ, ବାସୁଦେବ ବରିହା, ରାଜକୁମାର ବରିହା, ଲାଦୁ ମହାନନ୍ଦ, ମାନସୀ ସାହୁ, ଆଦର୍ଶ ସାହୁ, ଆଦିତ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ଜମଲା ଡିଗ୍ରୀ କଲେଜରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



ପଦ୍ମପୁର,୨୭ ।୪(ସମିସ): ଜମଲା ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ତରଫରୁ ଏକ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଥମେ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ । କଲେଜର ସଭାପତି କଳାକହ୍ନେଇ ପଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା ଯୋଗଦେଇ ଉପଯୁକ୍ତ ସତର୍କତା ଅଂଶୁଘାତରୁ ରକ୍ଷା କରିପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆଶାକର୍ମୀମାନେ ଯୋଗ ଦେଇଥିଲେ । ଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ସୁରେଖା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅଞ୍ଚଳ ମହା ବିଦ୍ୟାଳୟ ଓଡ଼ିଆ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା**

## ବିଦାୟ ଏକ ନୂତନ ସମ୍ଭାବନାର ଆରମ୍ଭ

ପଦ୍ମପୁର,୨୭ ।୪(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ସଭା 'ସ୍ମୃତିର ଝଙ୍କାର' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ




ସଭାପତିତ୍ୱ କରିଥିଲେ । ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଜୟ କୁମାର ଭୁଏ, ନିର୍ମଳ କୁମ୍ଭାର, ଅଧ୍ୟାପିକା ରୀନା ଧର୍ମବିନାୟକ ଓ ସୁରେଶ୍ୱରୀ ପାଣ୍ଡେ ଯୋଗ ଦେଇଥିଲେ । ବିଦାୟ ଏକ ନୂତନ ସମ୍ଭାବନାର ଆରମ୍ଭ ବୋଲି ଅତିଥିମାନେ ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ।

## ରାଜବୋଡାସମ୍ବର ଇନପୁଟ ଡିଲର ୟୁନିୟନ ତରଫରୁ ଦାବିପତ୍ର

ପଦ୍ମପୁର,୨୭ ।୪(ସମିସ): ରାଜବୋଡାସମ୍ବର ଇନପୁଟ ଡିଲର ୟୁନିୟନ ତରଫରୁ ସୋମବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ ଭେଉଁରିଆ ଛକରୁ ୟୁନିୟନର କର୍ମକର୍ତ୍ତା ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରାରେ ବାହାରି ଥିଲେ । ବରିକେଲସ୍ଥିତ କୃଷି ଜିଲ୍ଲା ଅଧିକାରୀ ପ୍ରଭାସଚନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ଦେଇ ଆଲୋଚନା କରିଥିଲେ । ସେଠାରୁ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି ସହକାରୀ ଜିଲ୍ଲାପାଳ ନେପାଳଚନ୍ଦ୍ର ମୁଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସାର କମ୍ପାନୀ ଡିଲର ଗୋଦାମ ପର୍ଯ୍ୟନ୍ତ ପହଞ୍ଚାଇବା କମ୍ପାନୀର ଦାୟିତ୍ୱ ରହୁ; ଯାହାକି ଡିଲର କୁଇଣ୍ଟାଲ ପିଛା ୪୦/୫୦ଟଙ୍କା ଖର୍ଚ୍ଚ ବହନ କରୁଛି । ତାହା ଚାଷୀ ଉପରେ ପଡୁଛି । କୌଣସି ପ୍ୟାକିଂର ସାମ୍ପୁଲ




ଫେଲ ହେଲେ ନିର୍ମାଣ କରିଥିବା କମ୍ପାନୀ ଦାୟୀ ରୁହନ୍ତୁ । ଡିଲରକୁ ସାକ୍ଷୀ ରଖାଯାଉ । ସରକାର ଯେଉଁ ସାଥି ପୋର୍ଟାଲ୍ ଖୋଲିଛନ୍ତି ତାହା ଅନେକ ଗ୍ରାମାଞ୍ଚଳରେ ନେଟୱାର୍କ ନ ଥିବାରୁ ତାହା ଡିଲର ଓ କମ୍ପାନୀ ପର୍ଯ୍ୟନ୍ତ ସୀମିତ ରହୁ । ସେହିପରି ସାର ଔଷଧ ବିକ୍ରିରେ ହୋଲସେଲର ମାରଜିନ ୩ପ୍ରତିଶତ ଓ ଡିଲର ମାରଜିନ ୫ପ୍ରତିଶତ ରଖାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ରାଜବୋଡାସମ୍ବର ଇନପୁଟ ଡିଲର ସଂଘର ସଭାପତି ସପ୍ତସିନ୍ଧୁ ବଗର୍ତ୍ତିଙ୍କ ନେତୃତ୍ୱରେ ପଦ୍ମପୁର, ପାଇକମାଲ ଓ ଝାରବନ୍ଧ ବ୍ଲକ୍ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ନବନିଯୁକ୍ତ ଏଲ୍‌ଟିଆର ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ପାଇକମାଲ,୨୭ ।୪(ସମିସ):ପାଇକମାଲ ବ୍ଲକ ଚେତଗାଁ ପଞ୍ଚାୟତ ଅଧୀନ ଘୁଚାପାଲୀ ଗ୍ରାମର ଦୁଇଭାଇ ଜୟନ୍ତ ଲୁହାର ଓ ଅଶ୍ୱିନୀ ଲୁହାର ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଏଲଟିଆର ଶିକ୍ଷକଭାବେ ନିଯୁକ୍ତି ପାଇଛନ୍ତି । ସେମାନଙ୍କ ବାପା ଭାସ୍କର ଲୁହାର ଘୁଚାପାଲୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ମାଆ କୁନ୍ତି ବାଗ ନିକଟସ୍ଥ ଯୋଗେନ୍ଦ୍ରନାଥପୁର ଗ୍ରାମରେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟରତ । ଦୁଇ ଭାଇଙ୍କୁ ସାନ ବାପା ଚମ୍ପୁଲାଲ ଲୁହାର ଓ ସାନ ମାଆ ସଂଯୁକ୍ତା ଲୁହାର ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସଚ୍ଚିଦାନନ୍ଦ ସ୍ୱାଇଁ, ବିଦ୍ୟାଳୟ ଚେୟାରମ୍ୟାନ ପୁସ୍ତମ ପଟେଲ, ନାଏବ ସରପଞ୍ଚ ଗୁପ୍ତେଶ୍ୱର ପଟେଲ, ଶିକ୍ଷୟିତ୍ରୀ ସନ୍ତୋଷିନୀ ପଟେଲ, କିଶୋର ପଟେଲ, ପ୍ରେମାନନ୍ଦ ମାଝୀ, ଟିକେଲାଲ କଲାରୀ, ହେମନ୍ତ କଲାରୀ, କୁଳମଣି କଲାରୀ, ଆଶାରାମ ଗହୀର ତଥ ଏସ୍ଏଚ୍‌ଜି ସଭ୍ୟାମାନେ ଉପସ୍ଥିତ ଥିଲେ ।



## ସପ୍ତାହେ ପରେ ଖୋଲିଲା ଅତାବିରା ଆରଏମ୍‌ସି ଅଫିସ ତାଲା



ଅତାବିରା,୨୭ ।୪(ସମିସ): ଅତାବିରା ଆର୍‌ଏମ୍‌ସିରେ ବିଭିନ୍ନ ସମସ୍ୟା ନେଇ ଗତ ୨୧ ତାରିଖରୁ କିଛି ଚାଷୀ ଅତାବିରା ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ କାର୍ଯ୍ୟାଳୟ ତାଲା ଦେଇଥିଲେ । ଫଳରେ ଅଫିସ କାର୍ଯ୍ୟ ଠପ ପଡ଼ିଥିବା ବେଳେ ସୋମବାର ସନ୍ଧ୍ୟାରେ ସବ୍‌ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା ଆସି ତାଲା ଖୋଲିଛନ୍ତି । ତାଲା ଖୋଲିବା ସମୟରେ ଅଫିସ କର୍ମଚାରୀ, ଚାଷୀ ନେତା ବୀରେନ୍ଦ୍ର କର, ଦଶରଥ ଭୋଇ, ଅଶ୍ୱିନୀ ତ୍ରିପାଠୀ, କେ ସତିଶ, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ୭ ଦିନ ହେଲା ଅଫିସ ବନ୍ଦ ଥିବାବେଳେ ମଝିରେ କିଛି ସମୟ ପରେ ତାଲା ଖୋଲିଥିଲେ । ଅଫିସ ଖୋଲିବା ଜାଣିବା ପରେ ଚାଷୀମାନେ ପୁଣି ତାଲା ମାରିଥିଲେ । ଇତି ମଧ୍ୟରେ ସ୍ଥାୟୀ ଅଧ୍ୟକ୍ଷ ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ନିଯୁକ୍ତ କରାଯାଇଛି ।

**ବୈଶାଖ ମେଳା ବିଶ୍ୱଶାନ୍ତି ମହାଯଜ୍ଞ**

## ପ୍ରଥମ ଦିବସରେ ୩୪,୬୦୦ ବୀଜ ମନ୍ତ୍ର ଜପ

ପାଇକମାଲ,୨୭ ।୪(ସମିସ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ପୀଠରେ ବୈଶାଖ ମେଳା ଆରମ୍ଭ ହୋଇଛି । ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରଥମ ଦିବସରେ ୩୪ହଜାର ୬୦୦ ନୃସିଂହ ବୀଜ ମନ୍ତ୍ର ଜପ କରାଯାଇଛି । ପଣ୍ଡିତ ଡିଗ୍ରୀଧର ଦେବତାଙ୍କ ସହ ଲିଙ୍ଗରାଜ ଦେବତା, ରାମଚନ୍ଦ୍ର ତ୍ରିପାଠୀ, ଫକିର ଶତପଥୀ, ବିକାଶ ଦେବତା, ମିତ୍ରଭାନୁ ଦେବତା, ଜୟନ୍ତ ପଣ୍ଡା, ମୁନା ଦେବତା, ସିଦ୍ଧେଶ୍ୱର ସାବତ, ଦେବରାଜ ପଣ୍ଡା, ରଙ୍କମଣୀ ଦେବତା, ହିମାଂଶୁ ପଣ୍ଡା, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ୧୩ଜଣ ପଣ୍ଡିତ ପୂଜାପାଠ ସହ ବିଶ୍ୱଶାନ୍ତି ମହାଯଜ୍ଞରେ ନୃସିଂହ ବୀଜ ମନ୍ତ୍ର ଜପ କରି ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି । ଯଜ୍ଞ ପରିଚାଳନାରେ ମେଳା



କମିଟିର ସଦସ୍ୟ ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ଡିଗ୍ରୀଧର ସାହୁ ଦାୟିତ୍ୱ ତୁଲାଇ ଥିବାବେଳେ ଅନିଲ ସାହୁ, ଅଲେଖ ସାହୁ ପ୍ରମୁଖ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ । ବୈଶାଖ ମେଳାର ପ୍ରଥମ ଦିନରେ ଯଜ୍ଞ ପୀଠରେ ରୀତି ନୀତି ସହ ପୂଜା ପାଠ ହୋମ, ଆଳତୀ କରାଯାଇ ବିଶ୍ୱର ଶାନ୍ତି ଓ ମଙ୍ଗଳ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ପୀଠରେ ପାର୍ଶ୍ୱ ଦେବାଦେବୀଙ୍କୁ ଆବାହନ କରାଯାଇଛି । ସୋମବାର ଭୋର୍‌ରୁ ମନ୍ଦିର ବାଳ ବ୍ରହ୍ମଚାରୀ ପଣ୍ଡିତମାନେ ନୃସିଂହନାଥ ମହାପ୍ରଭୁଙ୍କୁ ଯଥା ରୀତି ପୂଜାର୍ଚ୍ଚନା କରିଥିଲେ ।

## ମେଳାରେ ମୋବାଇଲ ନେଟୱର୍କ ସମସ୍ୟା

ପାଇକମାଲ,୨୭ ।୪(ସମିସ): ବୈଶାଖ ମେଳାରେ ସମୟରେ ନୃସିଂହନାଥ ପୀଠରେ ମୋବାଇଲ ନେଟୱର୍କ ସମସ୍ୟା ଦେଖାଯାଇଛି । ଜରୁରୀ ସମୟରେ ଫୋନ ଲାଗୁନାହିଁକି କୌଣସି ଗୁଗୁଲ ପେ', ଫୋନ୍ ପେ' ମଧ୍ୟରେ ଚଳାଇବାରେ ସମସ୍ୟା ଦେଖାଦେଉଛି । ଆଗକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆଗମନ ହେବାର ସମ୍ଭାବନା ରହିଛି. ଯାହା ନେଟୱର୍କ ସମସ୍ୟା ଦେଖାଦେବାର ସ୍ୱାଭାବିକ । ଏଥିପ୍ରତି ଦୃଷ୍ଟି ଦେଇ ନେଟୱର୍କ ସମସ୍ୟା ସମାଧାନ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୪ ଛାତ୍ରଛାତ୍ରୀ କୃତିତ୍ୱ



ବରଗଡ଼,୨୭ । ୪(ସମିସ): ନିକଟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏନେଇ ଭଟଲି ବ୍ଲକ ଜାମପାଲି ପ୍ରାଥମିକ ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହୋଇ ନାମ ଲେଖା ପାଇଁ ବିବେଚନା ହୋଇଛନ୍ତି । ସେମାନେ ହେଲେ ସମ୍ରାଟ ସୁନା, ସୌମ୍ୟରଞ୍ଜନ ମାଝୀ, ବିଦୁସ୍ମିତା ବାରିକ ଓ ପୁନମ ଭୂଏ । ଏନେଇ ପ୍ରଧାନ ଶିକ୍ଷକ କ୍ଷୀରେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟରେ ଏ ପର୍ଯ୍ୟନ୍ତ ୧୫ ଜଣରୁ ଉର୍ଦ୍ଧ ଛାତ୍ରଛାତ୍ରୀ କୃତିତ୍ୱ କରାସାରିଛନ୍ତି । ଜଣେ ଛାତ୍ର ବୃତ୍ତି ପରୀକ୍ଷାରେ ମଧ କୃତିତ୍ୱ ଲାଭ କରିଛନ୍ତି ।

## ଡ. ସଂଗୀତା ମିଶ୍ର ରାଜ୍ୟସ୍ତରରେ ସମ୍ମାନିତ




ବରଗଡ଼,୨୭ । ୪(ସମିସ): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ରାଜ୍ୟସ୍ତରୀୟ ପ୍ରତିଭା ପୂଜା, ପ୍ରତିଭା ପ୍ରୋତ୍ସାହନ ଓ ସମ୍ବର୍ଦ୍ଧନା ଉତ୍ସବ - ୨୦୨୬ କଟକ କଳାବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଜିଲ୍ଲାର ଝିଅ ଡ. ସଂଗୀତା ମିଶ୍ରଙ୍କୁ କବିୟିତ୍ରୀ ଭାବେ ସ୍ମାର୍ଟ ଓଡ଼ିଶା ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ରେ ସମ୍ମାନିତ କରାଯାଇଅଛି । ସେ ପୂର୍ବରୁ ରାଜ୍ୟସ୍ତରୀୟ ମାଟିଲଗ୍ନା ସାହିତ୍ୟ ସଂସଦରୁ ମାଟିଲଗ୍ନାଶ୍ରୀ ସମ୍ମାନ ଓ ସେବାରତ୍ନ ସମ୍ମାନ ପାଇଥିବାବେଳେ ଓଡ଼ିଶା ସାହିତ୍ୟ ସଂସଦ ଓ ଓଡ଼ିଶା ସାହିତ୍ୟିକ ସଂଗଠନ ତରଫରୁ ଜାତୀୟ ଉତ୍କଳ କାବ୍ୟ ରୌପ୍ୟ ସମ୍ମାନ ଓ 'ଅପରାହ୍ନ'ନ ଖବର କାଗଜ ତରଫରୁ ରାଜ୍ୟସ୍ତରୀୟ ସମ୍ମାନରେ ସମ୍ବର୍ଦ୍ଧିତ ହୋଇ ବରଗଡ଼ ମାଟି ପାଇଁ ଗୌରବ ଆଣିଛନ୍ତି ।

# ନୃସିଂହନାଥ ପୀଠରେ ଆୟୁର୍ବେଦିକ ଓପିଡି ଓ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ

ପାଇକମାଲ,୨୭ ।୪(ସମିସ):

ନୃସିଂହନାଥ ପୀଠରେ ଅନୁଷ୍ଠିତ ହେଉଥିବା ବୈଶାଖ ମେଳା ଅବସରରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ଦିର ପରିସରରେ ଏକ "ଆୟୁର୍ବେଦିକ ଓପିଡି' ଏବଂ ଔଷଧୀୟ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଅବସ୍ଥିତ ଏହି ଐତିହାସିକ ପୀଠରେ ଆୟୋଜିତ ଏହି ପ୍ରଦର୍ଶନୀ ମାଧ୍ୟମରେ ଆୟୁର୍ବେଦିକ ଚିକିତ୍ସା ଓ ଔଷଧ ରୋଗୀଙ୍କୁ ବିନା



ମୂଲ୍ୟରେ ଡାକ୍ତରଙ୍କ ଦ୍ୱାରା ପ୍ରଦାନ କରାଯିବ । ଏହା ଛଡା ଔଷଧୀୟ ଚାରା ବିତରଣ କେନ୍ଦ୍ରରେ ଶୁଳ୍କ ବିରଳ ଔଷଧୀୟ ଗୁଳ୍ମ ଓ ଚେରମୂଳିର ଚିହ୍ନଟ ତଥା ଏହାର ଉପକାରିତା ବିଷୟରେ ସାଧାରଣ ଜନତାଙ୍କୁ ଅବଗତ କରାଯାଉଛି । ଜିଲ୍ଲା ଆୟୁର୍ବେଦିକ ସ୍ୱାସ୍ଥ୍ୟ ଅଧିକାରୀ ଡ. ଲକ୍ଷ୍ମୀ ଶ୍ରୀୟା ବେହେରା, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାତ୍ରୀ ଏବଂ ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ୍ ସିହ୍ନା, ଡା. ସରତ ବେହେରା ଏବଂ ଅନ୍ୟାନ୍ୟ ଡାକ୍ତର ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ବୈଶାଖ ମେଳା ମେ' ୦୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ରାସ୍ତା ଉପର କାଠଗଣ୍ଡି

**ବଣାଇଁ, ୨୭।୪(ସମିସ):** ବଣାଇଁ ପୁରୁଣା କଚେରୀ ରାସ୍ତା ଦେଇ ମେଡିକାଲ କୁ ସଂଯୋଗ କରୁଥିବା ରାସ୍ତାର ଫରେଷ୍ଟ କଲୋନୀ ଛକ ନିକଟରେ ରାସ୍ତା କଡ଼ରେ ଦୀର୍ଘ ଦିନ ଧରି କାଠ ଗଣ୍ଡି ସବୁ ପଡ଼ିରହିଛି। ଯାହା ଏବେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବିଗତ ବର୍ଷ କାଳବୈଶାଖୀରେ ଛକ ଉପରେ ଥିବା ଏକ ବଡ ନିମ୍ବ ବୃକ୍ଷ ସନ୍ଧ୍ୟା ସମୟରେ ରାସ୍ତା ଉପରେ ପଡ଼ିଯାଇଥିଲା। ଗଛଟି ପଡ଼ି ଯିବାପରେ ମେଡିକାଲ ଦେଇ ଜଗନ୍ନାଥପୁର, ଜେଲ କଲୋନୀ ଏବଂ ସିଂ ଟୋଲା ଯିବା ଆସିବା କରିବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଖବର ପାଇ ବଣାଇଁ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ଗଛକୁ କାଟି ରାସ୍ତା ଅବରୋଧ ହଟାଇବା ପରେ ଲୋକଙ୍କ ଯିବା ଆସିବା ସ୍ୱାଭାବିକ ହୋଇଥିଲା। ସେହି ଦିନଠାରୁ ଗଛର ଗଣ୍ଡି ଗୁଡ଼ିକ ଦୀର୍ଘ ଦିନ ଧରି ରାସ୍ତା ଉପରେ ପଡ଼ି ରହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସେ ସବୁକୁ ଉଠାଯାଇନାହିଁ। ସେହିପରି ଭାବେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ମଧ୍ୟ କାଠଗଣ୍ଡି ସବୁ ପଡ଼ି ରହିଛି। କାଠ ଗଣ୍ଡି ଗୁଡ଼ିକ ରାସ୍ତା କଡ଼ରେ ଥିବାରୁ ରାସ୍ତାଟି ଅନେକ ପରିମାଣରେ ସଙ୍କୁଚିତ ହୋଇ ରହିଛି। ରାସ୍ତା ସାରା ଖାଲଢିପ ରହିଥିବା ବେଳେ ଉଭୟ ପାର୍ଶ୍ୱରେ ମୁକୁଳା ଡ୍ରେନ୍ ରହିଛି। ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ମେଡିକାଲ ସହ ସ୍ଥାନୀୟ ବଜାରକୁ ଯିବା ଆସିବା କରୁଛନ୍ତି। ସଂକୁଚିତ ରାସ୍ତା ଯୋଗୁଁ ଏବଂ ଏହି କାଠଗଣ୍ଡି ଗୁଡିକ ପାଇଁ କେତେ ବେଳେ ଯେ ଦୁର୍ଘଟଣା ନ ଘଟିବ କହି ହେଉନାହିଁ। ତେଣୁ ଲୋକଙ୍କ ସୁରକ୍ଷିତ ଯାତାୟତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ରାସ୍ତା କଡ଼ରେ ଥିବା କାଠଗଣ୍ଡି ଗୁଡିକୁ ଅପସାରିତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## କଷଡା ବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ବିନା ସୂଚନାଫଳକରେ ଚାଲିଛି କାର୍ଯ୍ୟ; ନିମ୍ନମାନର ଅଭିଯୋଗ

**ବଣାଇଁ, ୨୭।୪(ସମିସ)**

ବଣାଇଁ ବ୍ଲକ ଅନ୍ତର୍ଗତ କଷଡା ପଞ୍ଚାୟତସଦର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିନା ସୂଚନାଫଳକରେ ଉନ୍ନୟନ କାର୍ଯ୍ୟ କରାଯାଇ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। କୋଠା ଏବଂ ନିର୍ମାଣ ଧିନ ପାଚେରୀ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି କାର୍ଯ୍ୟ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। କାର୍ଯ୍ୟ ସ୍ଥଳକୁ ଠିକାଦାର କି ବିଭାଗିୟ ଯନ୍ତ୍ରୀ ଆସୁ ନଥିବା ବେଳେ ଶ୍ରମିକ, ମିସ୍ତ୍ରୀ ତାଙ୍କ ହିସାବରେ କାମ ସାରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ପ୍ରାଥମିକ ବିଦ୍ୟାଳୟ କୋଠା ଦୟନୀୟ ଅବସ୍ଥା ତଥା ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଅନୁପଯୋଗୀ ଥିବାରୁ ୨୦୨୧-୨୨ ମସିହାରେ ପୂର୍ବ ସରକାର ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା। ଏହାପରେ ଏକ ନୂଆ ବିଦ୍ୟାଳୟ କୋଠା ନିର୍ମାଣ କରାଯାଇଥିଲା। ଗୋଟିଏ କୋଠା ଓ ସ୍କୁଲର ପାଚେରୀ କାମ ସରି ଥିବାବେଳେ ଗେଟ୍ ନିର୍ମାଣ କାମ ଜାରି ରହିଛି। ଏହି କାମ ଆଇଟିଡିଏ ଦ୍ୱାରା ସମ୍ପାଦନ ହେଉଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ସ୍କୁଲ କୋଠାର ତଳ ଫ୍ଲୋରିଙ୍ଗ ଫାଟି ଯାଇଥିବା ବେଳେ ପାଚେରୀ ନିର୍ମାଣ ମଧ୍ୟ ପୁରୁଣା ସିମେଣ୍ଟ ଉଠାଇ କେବଳ ସିମେଣ୍ଟ ଛିଟା ମାରି ସାରିଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ନୀତିକୁ ଚପାଇ ଦେବା ପାଇଁ ସୂଚନା ଫଳକ କରାଯାଇନାହିଁ। ଆବଶ୍ୟକ ବିବରଣୀ ଲୁଚାଇ ବିଭାଗୀୟ ଅଧିକାରୀ, ଠିକାଦାର ମିଶି ଟଙ୍କା ଆତ୍ମସାତ କରୁଥିବା ସାଧାରଣରେ ଆଲୋଚନା ହେଉଛି। ବିଦ୍ୟାଳୟର କୋଠା, ପାଚେରୀ ଏବଂ ଗେଟ୍ କେତେ ଟଙ୍କାର ବ୍ୟୟ ଅଟକଳ ତାହା ସନ୍ଦେହ ପ୍ରକଟ କରୁଛି। ବିଗତ ଦିନରେ ଗଜପତି ଜିଲ୍ଲା ରୁବୁଡିସିଂ ପ୍ରାଥମିକ ବିଦ୍ୟାଳୟରେ



## ଭିଜିଲାନ୍ସ ତଦନ୍ତ ଦାବି

ପାଚେରୀ ଧସି ୨ଛାତ୍ରୀଙ୍କର ଜୀବନ ଯାଇଥିଲା। ଏବେ ଏହି ସ୍କୁଲର ଦୁର୍ବଳ କାନ୍ଥ ଆଗାମୀ ଦିନରେ ସେହି ଘଟଣାକୁ ଦୋହରାଇବା ନେଇ ଆଶଙ୍କା ପ୍ରକାଶ ପାଉଛି। ଏହି ପ୍ରକାରର କାର୍ଯ୍ୟ ସରକାରୀ ଅର୍ଥର ଅପବ୍ୟବହାର ସହ ପିଲାଙ୍କ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ଏହାର ଏକ ଭିଜିଲାନ୍ସସ୍ତରୀୟ ତଦନ୍ତ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

# ସେଲ୍‌ର ସିଭିଓ ଭାବେ ଦିଲୀପ କୁମାରଙ୍କ ଦାୟିତ୍ୱ ଗ୍ରହଣ

**ରାଉରକେଲା, ୨୭।୪ (ସମିସ):** ଭାରତୀୟ ରେଳବାଇ ମେକାନିକାଲ୍ ଇଞ୍ଜିନିୟର୍ସ ସେବା (ଆଇଆରଏସଏମଇ)ର ବରିଷ୍ଠ ଅଧିକାରୀ ଦିଲୀପ କୁମାର ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ)ରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀ(ସିଭିଓ)ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଟ୍ରେନ୍ ପରିଚାଳନା, ରୋଲିଂ ଷ୍ଟକ୍ ରକ୍ଷଣାବେକ୍ଷଣ ଏବଂ ମାନବ ସମ୍ବଳ ପରିଚାଳନାରେ ତାଙ୍କ ଅଭିଜ୍ଞତା ଦୁଇ ଦଶନ୍ଧିରୁ ଅଧିକ ରହିଥିବା ଜଣାପଡ଼ିଛି। ଶ୍ରୀ କୁମାର ଏହା ପୂର୍ବରୁ ଭାରତୀୟ ରେଳବାଇର ପୂର୍ବ କେନ୍ଦ୍ରୀୟ ରେଳବାଇ (ଇସିଆର)ର ଅତିରିକ୍ତ ଡିଭିଜନାଲ୍ ରେଳ ମ୍ୟାନେଜର ଏବଂ ବିହାରର ନାଳନ୍ଦାର ହରନୌତରେ ମୁଖ୍ୟ ୱାର୍କସପ ମ୍ୟାନେଜର ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଇସିଆରରେ ତାଙ୍କ ଅବଧି କାଳରେ ପ୍ରଥମ ଆଇଏସଓ ୯୦୦୧ ପ୍ରମାଣିତ ଟ୍ରେନ୍, ୱାଗନ୍‌ରେ ଇନ୍ ସିଟୁ ଚକ ବଦଳ କୌଶଳ ଓ ଏଥି ସହିତ ମଧୁବଣୀ ରେଳ ଷ୍ଟେସନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଭଳି ଅନେକ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ କାର୍ଯ୍ୟରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରିଛନ୍ତି। ଆଇଆଇଟି, ବିଏଚୟୁରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବିଟେକ କରିଥିବା ଶ୍ରୀ କୁମାର ଉତ୍କୃଷ୍ଟ ସେବା ପାଇଁ ୨୦୧୬ରେ ଜାତୀୟ ପୁରସ୍କାର ଏବଂ ୨୦୧୮-୧୯ରେ ଶ୍ରେଷ୍ଠ ନବସୃଜନ ପାଇଁ ରେଳ ବୋର୍ଡର ଉତ୍କର୍ଷତା ପ୍ରମାଣପତ୍ରରେ ସମ୍ମାନିତ ହୋଇଛନ୍ତି। ଆଇଏନଏସଇଏଡି ସିଙ୍ଗାପୁର ଏବଂ ଆଇସିଏଲଆଇଏଫ କୁଆଲାଲମ୍ପୁର, ମାଲେସିଆରେ ଉନ୍ନତ ପରିଚାଳନା କାର୍ଯ୍ୟକ୍ରମ ଏବଂ ଏଆରଆଇ ଚିକାଗୋ, ଯୁକ୍ତରାଷ୍ଟ୍ର ଆମେରିକାରେ ୱାଗନ୍ ବଗି ଡିଜାଇନ୍‌ରେ ସ୍ୱତନ୍ତ୍ର ତାଲିମ ପରି ତାଙ୍କର ଆନ୍ତର୍ଜାତୀୟ ଅଭିଜ୍ଞତାରେ ରହିଛି।



# ଆର୍‌ଏସ୍‌ପି ଫାଟକ ଆଗରେ ରାଉରକେଲା ଶ୍ରମିକ ସଂଘର ବିକ୍ଷୋଭ

**ରାଉରକେଲା, ୨୭।୪ (ସମିସ):** କେନ୍ଦ୍ର ଇସ୍ପାତ ସଚିବଙ୍କ ଶ୍ରମିକ ବିରୋଧୀ କାର୍ଯ୍ୟ ବିରୋଧରେ ରାଉରକେଲା ଶ୍ରମିକ ସଂଘ (ଆଇଏନଟିୟୁସି)ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ରାଉରକେଲା ଶ୍ରମିକ ସଂଘର ଶତାଧିକ କର୍ମୀ ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ମେନ୍ ଗେଟ୍‌ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ କର୍ମଚାରୀମାନେ ରାସ୍ତା ଉପରେ ଶୋଇ ରହି ପ୍ରତିବାଦ କରିବା ସହ ଇସ୍ପାତ ସଚିବଙ୍କ କୁଶପୁତଳିକାକୁ ଦାହ କରିଥିଲେ। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଶ୍ରୀ ବେହେରା କେନ୍ଦ୍ର ଇସ୍ପାତ ସଚିବଙ୍କ ବିରୋଧରେ ନିଜର ଅସନ୍ତୋଷ ପ୍ରକାଶ କରିବା ସହ ବିଗତ ଦୁଇ ଦଶନ୍ଧି ଧରି ଇସ୍ପାତ କର୍ମଚାରୀଙ୍କ ଇନସେଟିଭ୍, ରିୱାର୍ଡ ସ୍କିମ୍ ପରିବର୍ତ୍ତନ କରାଯାଉନି ବୋଲି ସେ ଅଭିଯୋଗ ଆଣିଥିଲେ। ଇତି ମଧ୍ୟରେ ରାଉରକେଲା ଶ୍ରମିକ ସଂଘ ସ୍ଥାନୀୟ ଆରଏସପି ମ୍ୟାନେଜମେଣ୍ଟ ସହ ବହୁବାର ଆଲୋଚନା କରି ଇନସେଟିଭ ରିୱାର୍ଡ ପରିବର୍ତ୍ତନ କରିଥିଲେ ମଧ୍ୟ ଆପ୍ରୁଭାଲ ନାଁରେ ଦୀର୍ଘ ସମୟ ଧରି କର୍ପୋରେଟ ଅଫିସରେ ପଡ଼ିରହିଛି ବୋଲି କହିଥିଲେ। ହେଲେ ଇସ୍ପାତ ସଚିବଙ୍କ ପକ୍ଷରୁ ୪୦ ପ୍ରତିଶତ ମାନବସମ୍ବଳ ହ୍ରାସ କରିବା ପାଇଁ ସମସ୍ତ ୟୁନିଟକୁ ନିର୍ଦ୍ଦେଶ ଦେବା ଏକ ଅତ୍ୟନ୍ତ ଚିନ୍ତାଜନକ ଶ୍ରମିକ ବିରୋଧୀ ପଦକ୍ଷେପ ବୋଲି ସେ କହିଥିଲେ। ଏଥିସହିତ ଆଇଜିଏର୍‌କୁ ଘରୋଇକରଣ କରିବା, ଟାଉନସିପର ଇଲେକ୍ଟ୍ରିକାଲ, ସିଭିଲ, ହର୍ଟିକଲଚର ବିଭାଗକୁ ବନ୍ଦ କରିବା ଓ ସ୍ଥାନୀୟସ୍ତରର ନିଷ୍ପତ୍ତିଗୁଡ଼ିକୁ କର୍ପୋରେଟସ୍ତରକୁ ସ୍ଥାନାନ୍ତର କରିବା ଭଳି ପଦକ୍ଷେପଗୁଡ଼ିକ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ଓ ଅନିଶ୍ଚିତତା ସୃଷ୍ଟି କରୁଛି। ଏଭଳି ଏକ ପରିସ୍ଥିତିରେ କର୍ମଚାରୀଙ୍କ ମନୋବଳ ବଢ଼ାଇବା ପରିବର୍ତ୍ତେ ରାଉରକେଲା ଇସ୍ପାତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗେଟ୍‌ରେ ବାୟୋମେଟ୍ରିକ ମେସିନ ଲଗାଯାଇ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରାଯାଉଛି। ଅନୁପସ୍ଥିତ ଆଳରେ ସ୍ଥାନୀୟ ନୀରିହ କର୍ମଚାରୀମାନଙ୍କୁ ଚାକିରିରୁ ବାହାର କରିବାର ଚେଷ୍ଟା କରାଯାଉଛି, ଯାହାକୁ ରାଉରକେଲା ଶ୍ରମିକ ସଂଘ ଦୃଢ଼ ଭାବେ ନିନ୍ଦା କରୁଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏଭଳି ଶ୍ରମିକ ବିରୋଧୀ ନୀତି ଓ ନିଷ୍ପତ୍ତିକୁ କେବେ ବି ବରଦାସ୍ତ କରାଯିବ ନାହିଁ। ଦରକାର ପଡ଼ିଲେ ସଂଘ ତୀବ୍ର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ଏବଂ ଏଥିପାଇଁ ଯେକୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ଇସ୍ପାତ ସଚିବ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଥିଲେ।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



**ରାଉରକେଲା/କୁତ୍ରା, ୨୭।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି କୁତ୍ରା କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣି ସେଗୁଡ଼ିକର ସମାଧାନ କରିବା ଉଦ୍ଦେଶ୍ୟରେ ଏହି ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୩୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ସମ୍ପର୍କିତ ବିଭାଗକୁ ପ୍ରେରଣ କରାଯାଇ ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଉପଜିଲ୍ଲାପାଳ ତେଜସ୍ୱୀନି ବେହେରା, ସିଡିଓ ସୁରଞ୍ଜନ ସାହୁ, ବିଡିଓ ଗୋପିନାଥ ଖାଖାଙ୍କ ସମେତ ରାଜଗାଙ୍ଗପୁର ବିଧାୟକ ଡ଼. ରାଜେନ ଏକ୍କା ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଅଧିକାରୀମାନେ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ସହକାରେ ଶୁଣି ତାହାର ଶୀଘ୍ର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ।

# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ସିଲେଇ ଶିକ୍ଷା

**ରାଉରକେଲା, ୨୭।୪ (ସମିସ):** ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବିଭାଗ ଦ୍ୱାରା ସିଲେଇ ଶିକ୍ଷା ନିକଟବର୍ତ୍ତୀ ପାର୍ଶ୍ୱାଞ୍ଚଳ ଗ୍ରାମରେ ବାସ କରୁଥିବା ଗ୍ରାମୀଣ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏଲାନି କାଣ୍ଡୁଲନା। ସେ ସୀମିତ ଆୟ ଯୋଗୁଁ ଆର୍ଥିକ ଅନାଟନ ମଧ୍ୟରେ ଜୀବନ ଅତିବାହିତ କରୁଥିଲେ। ଆରଏସପି ପକ୍ଷରୁ ସିଲେଇ ଶିକ୍ଷା ତାଲିମ ପାଇବା ପରେ ସେ ନିଜ ପରିବାର ପ୍ରତିପୋଷଣର ନୂତନ ରାହା ପାଇଛନ୍ତି। ପୁରୁଣା ପରିସ୍ଥିତି ବଦଳି ଯାଇଛି। ସିଲେଇ ତାଲିମ ମୋତେ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିଛି। ମୋର ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ମୋତେ ଆଉ ମୋ ପରିବାର ଉପରେ ନିର୍ଭର କରିବାକୁ ପଡୁ ନାହିଁ ବୋଲି ଏଲାନି କାଣ୍ଡୁଲନା କହିଛନ୍ତି। ସେହିପରି ସେହି ଗ୍ରାମର ଦେବତୀ ମାହାତୋଙ୍କ ପାଇଁ ଆରଏସପିର ଏହି ପଦକ୍ଷେପ କେବଳ ଏକ ଛୁଞ୍ଚି ଏବଂ ସୂତା ନୁହଁ ଏକ ଆତ୍ମନିର୍ଭରଶୀଳତାର ପରିଚୟ ପାଲଟିଛି। ଏହି ପ୍ରଶିକ୍ଷଣରେ ପୋଷାକ ତିଆରିର ପ୍ରତ୍ୟେକ ଦିଗ ଶିଖିଥିବା ସୁଶ୍ରୀ ଦେବାତୀ କହିଛନ୍ତି। ଏଠାରେ ପ୍ରଦାନ କରାଯାଇଥିବା ମେସିନ୍ ସହିତ, ଆମେ ବର୍ତ୍ତମାନ ବିଭିନ୍ନ ପ୍ରକାରର ପୋଷାକ ସିଲାଇ କରୁଛୁ ଏବଂ ବଜାରରେ ବିକ୍ରି କରୁଛୁ। ଆମେ ଆଉ କେବଳ ପ୍ରଶିକ୍ଷାର୍ଥୀ ନୁହଁ; ଆମେ ଏବେ ଉତ୍ପାଦକ ଅଟୁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଉଷା ସିଲାଇଙ୍କ ସହାୟତାରେ ଆୟୋଜିତ ଇନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରୀ ଡେଭଲପମେଣ୍ଟରେ ୧୫ ଦିନିଆ ସିଲେଇ ତାଲିମ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଆତ୍ମନିର୍ଭରଶୀଳ ପାଇଁ କ୍ଷେତ୍ର ପ୍ରସ୍ତୁତିର ଏକ ମାର୍ଗ। ଏହି ପ୍ରୟାସରେ ମହିଳାମାନେ କପଡ଼ା ମାପ ଏବଂ ଜଟିଳ କଟିଂ ଭଳି ସଠିକ୍ କୌଶଳ, ମେସିନ୍ ପରିଚାଳନା, ମରାମତି ଏବଂ ସର୍ଭିସିଂ ଭଳି ବୈଷୟିକ ଦକ୍ଷତା ହାସଲ ସହ ବଜାରର ଧାରା, ଫିନିସିଂ, ପ୍ୟାକେଜିଂ, ଗୁଣବତ୍ତା ନିୟନ୍ତ୍ରଣ ଏବଂ ଉତ୍ପାଦ ମାର୍କେଟିଂ ବିଷୟରେ ମଧ୍ୟ ଅବଗତ ହେଉଛନ୍ତି। ସିଲେଇ ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ଦକ୍ଷତାକୁ ଜାରି ରଖିବା ପାଇଁ ଆରଏସପି ଚାରୋଟି ପଡ଼ୋଶୀ ବ୍ଲକରେ ତାଲିମ ସହ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିଛି। ଏହି କେନ୍ଦ୍ରଗୁଡ଼ିକରେ ଅତ୍ୟାଧୁନିକ ଉପକରଣ ଏବଂ ଉଷା ସିଲାଇର ଅନ-ସାଇଟ୍ ପ୍ରଶିକ୍ଷକ ପ୍ରଦାନ କରାଯାଇଛି। ଯେଉଁମାନେ ଶିକ୍ଷା ଏବଂ ରୋଜଗାର ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବା ପାଇଁ ସକ୍ଷମ ହୋଇଛନ୍ତି। ଅଧିକନ୍ତୁ ଏକ ସହଯୋଗୀ ସ୍ଥାନ ମଧ୍ୟ ସୃଷ୍ଟି କରାଯାଇ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମାଧ୍ୟମରେ ସାମୂହିକ ଉତ୍ପାଦନରେ ନିୟୋଜନ ଏବଂ ସ୍ଥାନୀୟ ବଜାରରେ ବିକ୍ରି ବ୍ୟବସ୍ଥା ମଧ୍ୟ ସୃଷ୍ଟି କରାଯାଇଛି।



## ■ ବେଦାନ୍ତ ଆଲୁମିନିୟମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

# ୧୮ ଦୁର୍ଗମ ଗ୍ରାମର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ

**ରାଉରକେଲା, ୨୭।୪(ସମିସ)**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିଜର ପ୍ରମୁଖ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମଏଚୟୁ) ସେବା ଜରିଆରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୮ଟି ଦୁର୍ଗମ ଗ୍ରାମର ୫୦ ହଜାରରୁ ଅଧିକ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସଫଳ ହୋଇଛି। ଗତ ତିନି ବର୍ଷ ମଧ୍ୟରେ କମ୍ପାନୀ ୩୦୦୦ ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରି ଦୁର୍ଗମ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିପାରିଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଜରିଆରେ ବେଦାନ୍ତ ଆଲୁମିନିୟମ୍ ମାଗଣା ଚିକିତ୍ସା ପରାମର୍ଶ, ଋତୁକାଳୀନ ରୋଗ ନୀରିକ୍ଷଣ, ଡାଇବେଟିସ୍ ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଛି ଏବଂ ରକ୍ତହୀନତା, ସ୍ତନ୍ୟପାନ, ଋତୁସ୍ରାବ ସ୍ୱଚ୍ଛତା, କୃମି ଦୂରୀକରଣ, ତମାଖୁ ବନ୍ଦ କରିବା, ଅଂଶୁଘାତ ମୁକାବିଲା, ମ୍ୟାଲେରିଆ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୦୦୦ ରୁ ଅଧିକ ସଂରଚିତ ସ୍ୱାସ୍ଥ୍ୟ ସଚେତନ ଶିବିର ଆୟୋଜନ କରିଛି। ସେହିପରି ରକ୍ତହୀନତା, ପାକସ୍ଥଳୀ ସମ୍ବନ୍ଧୀୟ ରୋଗ, ଗଣ୍ଠି ଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ଫଙ୍ଗସ୍ ସଂକ୍ରମଣ ଏବଂ ଚର୍ମ ରୋଗ ଭଳି ସାଧାରଣ ରୋଗର ଚିକିତ୍ସା ସହିତ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଭଳି ଦୀର୍ଘସ୍ଥାୟୀ ରୋଗ ପାଇଁ ନିୟମିତ ଅନୁଧ୍ୟାନ ସହିତ ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ନିୟମିତ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ବର୍ଷଗୁଡିକରେ ପ୍ରାରମ୍ଭିକ ଚିକିତ୍ସା, ପୁଷ୍ଟିକର ନୀରିକ୍ଷଣ ଏବଂ ଉନ୍ନତ ସ୍ୱାସ୍ଥ୍ୟ ଫଳାଫଳକୁ ସମର୍ଥନ କରି ଏହି ପଦକ୍ଷେପ ୪୦୦୦ରୁ ଅଧିକ ପିଲାମାନଙ୍କ ନିକଟରେ ପହଞ୍ଚିଛି। ସୂଚନା ମୁତାବକ ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକରେ ଏମ୍‌ଏଚୟୁ ଗୁଡ଼ିକ ଜାମଖାନୀ, ଝାରପାଲମ୍, ଗିରିସିମା, ଗର୍ଜନଜୋର, ଆର୍‌ଆଣ୍ଡଆର୍ କଲୋନୀ, ଘୋଘରପଲ୍ଲୀ, ମୁଣ୍ଡେରଖେତ୍, ଲତାପାଣି, ଭୋଗ୍ରାକାଚର ଏବଂ ବିଲେଇମୁଣ୍ଡା ଗ୍ରାମ ଏବଂ ଆଖପାଖର ଜନବସତିଗୁଡ଼ିକୁ ସେବା ଯୋଗାଇଥାନ୍ତି।ସେହିଭଳି, ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକରେ କୁରାଲୋଇ, ବଞ୍ଜାରୀ, ବାରତାପ୍, ପିପିଲିମାଲ, ୱାର୍ଡ ନଂ. ୧୭ ଏବଂ କାଟୁଜୋର ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ ହୋଇପାରିଛି। କୁତାଲୋଇ ଗାଁର ବାସିନ୍ଦା ସୋରୋଜିନୀ ଠାକୁର କହିଛନ୍ତି, ଏହି ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇବା ମୋ ପାଇଁ ସର୍ବଦା ଏକ ଚ୍ୟାଲେଞ୍ଜ ହୋଇ ରହିଥିଲା। କିନ୍ତୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ସହାୟତାରେ ମୁଁ ଠିକ୍ ସମୟରେ ଚିକିତ୍ସା ଏବଂ ମାର୍ଗଦର୍ଶନ ପାଇପାରିଲି। ଆଜି ମୋର ରକ୍ତଚାପ ନିୟନ୍ତ୍ରଣରେ ଅଛି, ଏବଂ ସେମାନଙ୍କ ସମର୍ଥନ ପାଇଁ ମୁଁ ପ୍ରକୃତରେ କୃତଜ୍ଞ। ସେହିପରି ମୁନ୍ଦରଖେତର ଜଣେ ୬୦ ବର୍ଷ ବୟସ୍କା ବାସିନ୍ଦା ରମା ପଶାୟତ କହିଛନ୍ତି, ଦୀର୍ଘ ସମୟ ଧରି ସେ ଉଚ୍ଚ ରକ୍ତଚାପ ସହ ସଂଘର୍ଷ କରୁଥିଲେ, କିନ୍ତୁ ଡାକ୍ତରଖାନାର ଦୂରତା କାରଣରୁ ସହଜରେ ଚିକିତ୍ସା ସୁବିଧା ପାଇପାରୁନଥିଲେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ତାଙ୍କ ଗାଁକୁ ଆସିବା ପରେ ସେ ଉପଯୁକ୍ତ ଯାଞ୍ଚ ଏବଂ ଔଷଧ ସେବନ, ନିୟମିତ ଚିକିତ୍ସା ଏବଂ ମାର୍ଗଦର୍ଶନ ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ବୋଲି କହିଛନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ଡା. ଇନ୍ଦ୍ରପ୍ରକାଶ ପ୍ରଜାପତି କହିଛନ୍ତି, ଏହି ଗାଁ ଗୁଡ଼ିକ ମଧ୍ୟରୁ ଅନେକରେ ରୋଗୀମାନେ ଚିକିତ୍ସା ନପାଇ ଏଠାକୁ ଆସନ୍ତି ଯାହା ଦୀର୍ଘ ଦିନ ଧରି ଦୃଷ୍ଟିକୁ ଆସିପାରି ନଥିଲା। ନିୟମିତ ଯାଞ୍ଚ ଏବଂ ଫଲୋ-ଅପ୍ ସହିତ ଆମେ ଉଚ୍ଚ ରକ୍ତଚାପ ଏବଂ ମଧୁମେହକୁ ସ୍ଥିର କରିବାରେ, ଋତୁକାଳୀନ ଅସୁସ୍ଥତାକୁ ଶୀଘ୍ର ପରିଚାଳନା କରିବାରେ ଏବଂ ଜଟିଳତାକୁ ହ୍ରାସ କରିବାରେ ସକ୍ଷମ ହୋଇଛୁ। ଘର ନିକଟରେ ମୌଳିକ ସ୍ୱାସ୍ଥ୍ୟସେବାର ନିରନ୍ତର ଉପଲବ୍ଧତା ଏହି ସମ୍ପ୍ରଦାୟଗୁଡ଼ିକର ସାମଗ୍ରିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଆଲୋଡ଼ନ ସୃଷ୍ଟି କରୁଛି ବୋଲି ଡାକ୍ତର କହିଛନ୍ତି।



# ଗୋମାତାକୁ ରାଷ୍ଟ୍ରମାତାର ମାନ୍ୟତା ଦାବି




**ରାଉରକେଲା, ୨୭।୪(ସମିସ):** ଗୋ ସମ୍ମାନ ଆହ୍ୱାନ ଦିବସ ଉପଲକ୍ଷେ ବେଦବ୍ୟାସ ଗୋଶାଳା ସମିତି ପକ୍ଷରୁ ଜନଜାଗରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଉଦିତନଗର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ପଦଯାତ୍ରା ବାହାରିଥିଲା। ପରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ତଥା ଗୋମାତାଙ୍କ ସେବା, ସୁରକ୍ଷା, ସଂରକ୍ଷଣ ଓ ସମ୍ମାନକୁ ମୌଳିକ ଅଧିକାର ଦେବା, ଗୋ ହତ୍ୟା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ଏବଂ ସାମ୍ବିଧାନିକ ଭାବେ ରାଷ୍ଟ୍ରମାତା ଘୋଷଣା କରିବା ଦାବିକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚା ଯାଇଥିଲା। ପଦଯାତ୍ରା ସମୟରେ ଜନସମ୍ପର୍କ, ସ୍ୱାକ୍ଷର ଅଭିଯାନ ଏବଂ ଭଜନ କୀର୍ତ୍ତନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ବେଦବ୍ୟାସ କଲ୍ୟାଣ ଆଶ୍ରମର ଅଗ୍ନି ବାବାଙ୍କ ସାନିଧ୍ୟରେ ବାହାରିଥିବା ଯାତ୍ରାରେ ସମିତି ସଭାପତି ଅଶୋକ ଅଗ୍ରୱାଲ, ସୁରେଶ ମିତ୍ତଲ, କୈଳାଶ ମାରୋଠିଆ, ପୂରନମଲ ଅଗ୍ରୱାଲ, ସୁରେଶ କେଜ୍ରିୱାଲ, ରାଧେଶ୍ୟାମ ବେରଲିଆ, ରାଜୁ ସିଂହ, ବିନୋଦ ବାଲ୍ଟିୱାଲା, ପ୍ରଦୀପ ମୋଦୀ, କେଦାର ମହାନ୍ତି, ଉଦୟ ରାଜଗଡ଼ିଆ, ଡାକ୍ତର ସମନ୍ତ ସାହୁ, ଗୋଲ୍ଡି ସିଂହ, ବିନୟ ପାଣ୍ଡେ, ସୁରେଶ ଜିନ୍ଦଲ, ବିଜୟ ପାଣ୍ଡେ, ପବନ ଅଗ୍ରୱାଲ, ରମେଶ ଗୋପାଳବାସିଆ, ହରିଓମ ବଂଶଲ, ରାମୁ ବଂଶଲ, ରାଜକୁମାର ଯାଦବ, ବୀରେନ ପତି, ପ୍ରଭୁ ପାତ୍ର, ପ୍ରମୋଦ ଶର୍ମା, ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜୁ ସିଂହ, ଇନ୍ଦ୍ରଜିତ୍ ଠାକୁରଙ୍କ ସମେତ ଅନେକ ଗୋପ୍ରେମୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ସକାଳ THE SAKALA



# ଦିନରେ ପ୍ରବଳ ତାତି; ରାତିରେ କଳବଲ

**ସମ୍ବଲପୁର, ୨୭।୪ (ସମିସ)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସମ୍ବଲପୁରବାସୀ ହନ୍ତସନ୍ତ ହେଉଛନ୍ତି। ଦିନବେଳା ତାପମାତ୍ରା ୪୩ରୁ ଖସୁନି। ଦିନବେଳା ପ୍ରବଳ ଖରା ତାତି, ତେବେ ସନ୍ଧ୍ୟା ନଇଁଲେ ବି ନିସ୍ତାର ନାହିଁ। ଉଷ୍ମ ରାତି ପ୍ରଭାବ ଯୋଗୁଁ ରାତିରେ ବି ଘରେ ରହିପାରୁନାହାନ୍ତି ଲୋକେ। ଆଜି ସୋମବାର ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୯ ଡିଗ୍ରୀ ରହିଛି। ସକାଳ ୮ଟା ପରେ ଖରା ଓ ଗୁଳୁଗୁଳି ପାଇଁ ଲୋକେ ବାହାରକୁ ବାହାରି ପାରୁନଥିବାବେଳେ ରାତିରେ ବି ନିସ୍ତାର ନାହିଁ। ଉଷ୍ମ ରାତି ପ୍ରଭାବ ଯୋଗୁଁ ସର୍ବନିମ୍ନ ତାପମାତ୍ରା ୨୫ ତାରିଖ ୨୬.୨ ଡିଗ୍ରୀ ଥିବାବେଳେ ଗତକାଲି ୨୮ ଡିଗ୍ରୀ ଏବଂ ଆଜି ସର୍ବାଧିକ ୨୯ ଡିଗ୍ରୀ ରହିଛି। ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁରର ତାପମାତ୍ରା ୨୯ ଡିଗ୍ରୀ ଏବଂ ୪୩.୨ ଡିଗ୍ରୀ ମଧ୍ୟରେ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମଦାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି।

ଖରା ତାତି ସାଙ୍ଗକୁ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରେ ପାଣିର ଅଭାବ ଦେଖାଦେବା ଆରମ୍ଭ କଲାଣି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ଭାବେ ଜଳଯୋଗାଣ ହେଉନାହିଁ। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗ ପାଖରେ ପର୍ଯ୍ୟାପ୍ତ ଜଳଯୋଗାଣ ଟ୍ୟାଙ୍କର ନାହିଁ। ବିଭାଗ ପାଖରେ ରହିଥିବା ମାତ୍ର ୧୬ଟି ଟ୍ୟାଙ୍କର୍ ବର୍ଷତମାମ ଜଳଯୋଗାଣ ହୋଇ ପାରୁ ନଥିବା ଅଞ୍ଚଳରେ ନିୟୋଜିତ ହୋଇଥିବାବେଳ ପାଇପ୍

**ସର୍ବୋଚ୍ଚ ୪୩.୨ ଡିଗ୍ରୀ, ସର୍ବନିମ୍ନ ୨୯ ଡିଗ୍ରୀ**

ଜଳଯୋଗାଣ ନ ପହଞ୍ଚିଲେ ତୁରନ୍ତ ଟ୍ୟାଙ୍କର ପଠାଇବାକୁ ବିକଳ୍ପ ନାହିଁ। ହୀରାକୁଦ ନଦୀବନ୍ଧ ତଳେ ଥାଇ ସୁଦ୍ଧା ସମ୍ବଲପୁରରେ ଜଳକଷ୍ଟ ଲାଗି ରହୁଛି। ସରକାରୀ ଭାବେ କେତେବେଳେ ଦୁଇବେଳା ପାଇପ୍ ଜଳଯୋଗାଣ ପାଇଁ କହୁଥିବାବେଳେ ଆଉ କେତେବେଳେ ୨୪-ଘଣ୍ଟିଆ ଜଳଯୋଗାଣ କଥା କୁହାଯାଉଛି। କିନ୍ତୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା ପରେ ବି ଏପର୍ଯ୍ୟନ୍ତ ମହାନଗର ନିଗମର ସମସ୍ତ ଅଞ୍ଚଳରେ ପାଇପ୍ ଜଳ ପହଞ୍ଚି ପାରିନାହିଁ। ଜଳକଷ୍ଟ ସହିତ ଟାଟା ପାୱାର୍‌ର ଅଘୋଷିତ ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲ୍ଟେଜ୍ ସମସ୍ୟା ସାଧାରଣ ମଣିଷକୁ କଳବଳ କରିପକାଉଛି।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଉଷ୍ମ ରାତି ପ୍ରଭାବକୁ ନେଇ ପରିବେଶବିତ୍ ରଞ୍ଜନ ପଣ୍ଡା କହିଛନ୍ତି, ଏହା ଏକ ବିପଜ୍ଜନକ ସମୟ। ଦିନବେଳା ଗ୍ରୀଷ୍ମପ୍ରବାହ ସହ ରାତିରେ ବି ତାତି ରହୁଛି। ମୁଖ୍ୟତଃ ସହରାଞ୍ଚଳରେ ବଡ଼ ବଡ଼ ଗଛ ଗୁଡ଼ିକ କାଟିଦିଆଯାଉଛି, ଜଳସମ୍ପଦ (ୱାଟର୍‌ବଡିଜ୍) ଗୁଡ଼ିକ ଆସ୍ତେ ଆସ୍ତେ ହଜିଗଲାଣି। ଏ ଦିଗରେ କେବଳ ସରକାର ନୁହେଁ, ସାଧାରଣ ଜନତା ମଧ୍ୟ ସତର୍କ ହେବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଯାହା ବି ଗଛ ବା ଜଙ୍ଗଲ ରହିଯାଇଛି ତାହାକୁ ସଂରକ୍ଷଣ କରିବାସହ ଜଳସମ୍ପଦ ଗୁଡ଼ିକ ପୁନଃଜୀବିତ କରାଗଲେ ଭଲ ହୁଅନ୍ତା।



**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୨୧ | ୪୨.୫ | ୨୭.୮ |
| ଏପ୍ରିଲ ୨୨ | ୪୩.୩ | ୨୫.୦ |
| ଏପ୍ରିଲ ୨୩ | ୪୩.୦ | ୨୫.୪ |
| ଏପ୍ରିଲ ୨୪ | ୪୩.୬ | ୨୪.୯ |
| ଏପ୍ରିଲ ୨୫ | ୪୨.୬ | ୨୬.୨ |
| ଏପ୍ରିଲ ୨୬ | ୪୩.୦ | ୨୮.୦ |
| ଏପ୍ରିଲ ୨୭ | ୪୩.୨ | ୨୯.୦ |

### ପଥରରେ ଛେଚି ଭିକାରିକୁ ହତ୍ୟା ମାମଲା

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର, ୨୭।୪ (ସମିସ) :** ପଥରରେ ଛେଚି ଭିକାରିକୁ ହତ୍ୟା ମାମଲାରେ ଆଜି ଅଦାଲତ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଜିଲ୍ଲା ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ସମ୍ବଲପୁରରେ ଏକ ଅଜଣା ଭିକାରି ହତ୍ୟା ମାମଲାରେ ଅଭିଯୁକ୍ତ ଆୟୁଷ ମୁଣ୍ଡାକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଘଟଣାଟି ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଥିଲା। ୨୦୨୪ ଏପ୍ରିଲ ୨୦ ତାରିଖ ରାତି ୧୦ଟା ସମୟରେ ଅଭିଯୁକ୍ତ ଆୟୁଷ ମୁଣ୍ଡା ଅଇଁଠାପାଲି ଉପରଛକରେ ଥିବା ଦୁର୍ଗାମଣ୍ଡପ ପାଖରେ କେହି ଅଜଣା ଭିକାରି ଶୋଇଥିବା ବେଳେ ତାର ମୁଣ୍ଡରେ ପଥର କଚାଡ଼ି ଦେବାରୁ ସେହି ଭିକାରିର ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ପଡ଼ି ଯାଇଥିଲା। ଚିତ୍କାର ଶୁଣି କିଛି ଯୁବକ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ, ସେତେବେଳେ ଅଭିଯୁକ୍ତ ସେହି ସ୍ଥାନରୁ ଫେରାର ହୋଇଯାଇଥିଲା। ସେମାନେ ତୁରନ୍ତ ଏକ ଅଟୋରେ ଭିକାରିକୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଭିକାରିକୁ ମୃତ ଘୋଷଣା କରିଥିଲେ। ଏନେଇ ପ୍ରତ୍ୟକ୍ଷଦର୍ଶୀ ଥାନାରେ ଏକ ରିପୋର୍ଟ କରିଥିଲେ। ଏହି ରିପୋର୍ଟକୁ ଆଧାରକରି, ଅଇଁଠାପାଲି ଥାନାଧିକାରୀ ମାମଲା ରୁଜୁ କରିଥିଲେ। ଥାନାଧିକାରୀ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଆଜି ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୧୪ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବ। ସ୍ୱତନ୍ତ୍ର ପିପି ସୁବାସ ଚନ୍ଦ୍ର ମହାନ୍ତ ଏହି ମୋକଦ୍ଦମା ପରିଚାଳନା କରିଥିଲେ।

# ସମ୍ବଲପୁର ରେଳମଣ୍ଡଳର ୩ ପ୍ରମୁଖ ଷ୍ଟେସନକୁ 'ଇଟ୍ ରାଇଟ୍ ଷ୍ଟେସନ' ମାନ୍ୟତା

**ସମ୍ବଲପୁର, ୨୭।୪(ସମିସ):** ସମ୍ବଲପୁର ମଣ୍ଡଳ ଅଧୀନ ସମ୍ବଲପୁର, ଟିଟଲାଗଡ଼ ଏବଂ ବରଗଡ଼ ରୋଡ୍ ରେଳଷ୍ଟେସନକୁ ନିରାପଦ ଏବଂ ପରିଷ୍କାର ଖାଦ୍ୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ, 'ଇଟ୍ ରାଇଟ୍ ଷ୍ଟେସନ' ଭାବରେ ମାନ୍ୟତା ମିଳିଛି। ୩୦ ମାର୍ଚ୍ଚ ୨୦୨୬ ରୁ ୨୯ ମାର୍ଚ୍ଚ ୨୦୨୮ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଅଧୀନ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଦ୍ୱାରା ପ୍ରତିଷ୍ଠିତ ମାର୍ଗଦର୍ଶିକା ଅନୁଯାୟୀ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ମାନ୍ୟତା ରେଳଷ୍ଟେସନରେ ଯାତ୍ରୀମାନଙ୍କୁ ନିରାପଦ, ପରିଷ୍କାର ଏବଂ ପୁଷ୍ଟିକର ଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ମଣ୍ଡଳର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମ୍ବଲପୁର, ଟିଟଲାଗଡ଼ ଏବଂ ବରଗଡ଼ ରୋଡ୍ ଷ୍ଟେସନର ଷ୍ଟେସନ ପ୍ରବନ୍ଧକମାନଙ୍କୁ ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ। କ୍ୟାଟରିଂ ୟୁନିଟ୍ ଏବଂ ଷ୍ଟେସନ ପରିସରରେ ଖାଦ୍ୟ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତାର ଉଚ୍ଚ ମାନ ବଜାୟ ରଖିବାରେ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଖାଦ୍ୟ ସୁରକ୍ଷା ମାନଦଣ୍ଡ, ପରିଷ୍କାର ପରିଶ୍ରମ ଏବଂ ଖାଦ୍ୟ ସେବାର ସାମଗ୍ରିକ ଗୁଣବତ୍ତାର କଠୋର ଅନୁପାଳନ ଉପରେ ଆଧାର କରି 'ଇଟ୍ ରାଇଟ୍ ଷ୍ଟେସନ୍' ପ୍ରମାଣପତ୍ର ପ୍ରଦାନ କରାଯାଏ। ଖାଦ୍ୟ ପରିଚାଳନା, ସଂରକ୍ଷଣ, ଖାଦ୍ୟ ପରିଚାଳନାକାରୀଙ୍କ ବ୍ୟକ୍ତିଗତ ପରିଚ୍ଛନ୍ନତା ଏବଂ ସୁରକ୍ଷା ମାନଦଣ୍ଡ ପାଳନ ଭଳି ପାରାମିଟର୍ ଉପରେ ଷ୍ଟେସନଗୁଡ଼ିକର ମୂଲ୍ୟାଙ୍କନ କରାଯାଏ। ଏହି ସଫଳତା ଯାତ୍ରୀ ସୁବିଧା ବୃଦ୍ଧି କରିବା ଏବଂ ଏକ ସୁସ୍ଥ ଯାତ୍ରା ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ବଲପୁର ମଣ୍ଡଳର ପଦକ୍ଷେପଗୁଡ଼ିକୁ ଆହୁରି ମଜବୁତ କରୁଛି।






# ଅଭିଯୋଗ ଶୁଣାଣିରେ ୬୦ ଅଭିଯୋଗ



**ସମ୍ବଲପୁର, ୨୭।୪ (ସମିସ) :** ରେଙ୍ଗାଲି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଭିଯୋଗ ଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୬୦ଟି ଆବେଦନ ମଧ୍ୟରୁ ୪୨ଟି ବ୍ୟକ୍ତିଗତ ଏବଂ ୧୮ ଟି ଗୋଷ୍ଠୀଗତ ସମସ୍ୟା ଥିଲା। ଏହି ଶିବିରରେ ୨ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରମୁଖ ଅଭିଯୋଗ ଥିଲା ରେଙ୍ଗାଲି ମହାବୀର ଛକରୁ ସପ୍‌ନେ ସେତୁ ପର୍ଯ୍ୟନ୍ତ ରାସ୍ତାର ନବୀକରଣ। ଏହି ରାସ୍ତା ବହୁଦିନ ହେଲା ଅଧାପନ୍ତରିଆ ଭାବେ ପଡ଼ି ରହିଥିବାରୁ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏଥିପାଇଁ ରାସ୍ତାରୋକ ମଧ୍ୟ କରାଯାଇଥିଲା। ଅଞ୍ଚଳବାସୀ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାନଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ରେଙ୍ଗାଲି ସପ୍ନେ ରାସ୍ତାରେ ରେଳଫାଟକରେ ଅଣ୍ଡରପାସ୍ ନିର୍ମାଣ ଦାବି ବାରମ୍ବାର କରାଗଲେ ମଧ୍ୟ ପ୍ରଶାସନ ତାହାକୁ ଅଣଦେଖା କରୁଥିବା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହାବ୍ୟତୀତ୍ ରେଳ ଲାଇନ ଉପରେ ବ୍ରିଜ୍ (ଆର୍‌ଓବି) ନିର୍ମାଣ, ରେଙ୍ଗାଲି ଡାକ୍ତରଖାନାରେ ଇନ୍‌ଡୋର ଶଯ୍ୟା ବ୍ୟବସ୍ଥା ଆଦି ବିଭିନ୍ନ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ପରିଷଦ ସିଡିଓ ପ୍ରସନ୍ନ କୁମାର ପାତ୍ର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବିଡିଓ ପ୍ରୀତମ କୁମାର ତନ୍ତୀ, ତହସିଲଦାର ତକ୍ଷରାଜ ଭିତିରିଆ ତଥା ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାହାର ଠିକାଦାରଙ୍କ ପ୍ରବେଶକୁ ବିରୋଧ କରିବ ଜିଲ୍ଲା ଠିକାଦାର ସଂଘ

**ସମ୍ବଲପୁର, ୨୭।୪ (ସମିସ) :** ୧୦ କୋଟି ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟପାଇଁ ଶୂନ ପ୍ରତିଶତ ଲେସ୍ (୦% ଲେସ୍) ରେ ଟେଣ୍ଡର ପକାଯିବ। ଅଧିକ ପ୍ରତିଶତ କମ୍‌ରେ ଟେଣ୍ଡର ପକାଇ ସଂଘକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବାରୁ ଏହାକୁ ରୋକିବା ପାଇଁ କୋର୍ କମିଟି ଗଠିତ ହେବ। ୧୦ କୋଟି ଟଙ୍କା ପର୍ଯ୍ୟନ୍ତ କାମରେ ବାହାର ଜିଲ୍ଲାର ଠିକାଦାରମାନଙ୍କୁ ସମ୍ବଲପୁରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। କେବଳ ସ୍ଥାନୀୟ ଠିକାଦାରମାନେ ହିଁ ଏହି କାମରେ ଭାଗ ନେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଆଜି ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଣି କାମର ଗୁଣବତ୍ତାକୁ ବଜାୟ ରଖିବା ପାଇଁ ସୋସିଆଲ ଅଡିଟ୍ କରାଯିବ ଏବଂ କୌଣସି ପ୍ରକାରର ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




ସମ୍ବଲପୁର ଜିଲ୍ଲା ଠିକାଦାର ସଂଘର ବାର୍ଷିକ ଅଧିବେଶନରେ ସଂଘ ସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ତୁଷାରକାନ୍ତି ପ୍ରଧାନ, ରେଢ଼ାଖୋଲ ଉପଖଣ୍ଡ ସଭାପତି ରାଜୀବ ଲୋଚନ ପ୍ରଧାନ, ସମ୍ପାଦକ ବିକାଶ ଦାସ, ଶିବଶମ୍ଭୁ ନନ୍ଦ ଏବଂ କୁଚିଣ୍ଡା ଉପଖଣ୍ଡ ସଭାପତି ସୁଶିଲ କୁମାର ନାୟକ, ସୁଧାଂଶୁ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବିଶିଷ୍ଟ ନାଟ୍ୟକାର ଦିଲୀପ କୁମାର ଦେବ ସଭା ସଂଯୋଜନା କରିଥିଲେ। ସଭା ପ୍ରାରମ୍ଭରେ ଗତ ବର୍ଷକ ମଧ୍ୟରେ ମୃତ୍ୟୁବରଣ କରିଥିବା ଦିବଂଗତ ସଭ୍ୟଙ୍କ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ପ୍ରଦୀପ ପଣ୍ଡା, ଉପସଭାପତି ଶିବଶମ୍ଭୁ ନନ୍ଦ, ସୁଧାଂଶୁ ମହାନ୍ତି, ସତ୍ୟସ୍ୱରୂପ ସିଥ୍, ସମ୍ପାଦକ ତୁଷାରକାନ୍ତି ପ୍ରଧାନ, ସହସମ୍ପାଦକ ସମ୍ବିତ ମହାପାତ୍ର, ପରାଗ ଅଗ୍ରୱାଲ, ଜ୍ୟୋତି ମହାରଣା, କୋଷାଧ୍ୟକ୍ଷ ସୁବିନ ବେହେରା, ସହକୋଷାଧ୍ୟକ୍ଷ କୃପାସିନ୍ଧୁ ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା। ଜିଲ୍ଲାର ସମସ୍ତ ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରପରିଷଦ ମଧ୍ୟରୁ ୨୦ ଜଣଙ୍କୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଚୟନ କରାଗଲା। ବାହାର ଜିଲ୍ଲାର ଠିକାଦାରଙ୍କୁ ସମ୍ବଲପୁର ଜିଲ୍ଲାରେ କାମ ନ କରାଇ ଦେବାପାଇଁ ନିଷ୍ପତ୍ତି ନିଆଗଲା। ସମସ୍ତେ ଜିରୋ ପାର୍‌ସେଣ୍ଟ ଲେସ୍‌ରେ କାମ ପକାଇବା ପାଇଁ ନିଷ୍ପତ୍ତି ନିଆଗଲା। ରାଜ୍ୟ ବାହାର ଠିକାଦାର ଓ ବାହାର ଜିଲ୍ଲାର ଠିକାଦାରମାନଙ୍କୁ ସେମାନେ ସମ୍ବଲପୁର ଜିଲ୍ଲାରେ ଦଶକୋଟି ପର୍ଯ୍ୟନ୍ତ ଟେଣ୍ଡର ପକାଇବେ ନାହିଁ ବୋଲି ଅନୁରୋଧ କରାଯାଇଛି। ଏହାସହ ସମ୍ବଲପୁର ଜିଲ୍ଲାର ଠିକାଦାରମାନେ ମଧ୍ୟ ଅନ୍ୟ ଜିଲ୍ଲାରେ ନ ପକାଇବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ଅରୁଣ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡେବ୍ରିଗଡ଼ରେ ମୟୂର ଶିକାର; ୨ ଗିରଫ

**ସମ୍ବଲପୁର, ୨୭।୪(ସମିସ):** ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଟ୍ରୋଲିଂ ସ୍କ୍ୱାଡ୍ ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶରେ ଥିବା ଲାବନ୍‌ଟିକ୍ରା ଗ୍ରାମରେ ଚଢ଼ଉ କରି ଦୁଇଜଣ ଶିକାରୀଙ୍କୁ ଗିରଫ କରିଛି। ମୟୂର ଶିକାର କରିଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରେନ୍ଦ୍ର ଖଡ଼ିଆ (୪୦) ଏବଂ ରଶ୍ମୀ ଖଡ଼ିଆ (୩୦)। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ମୟୂର ମାଂସ, ଅନେକ ଫାଶ, ଶିକାର ପାଇଁ ବ୍ୟବହୃତ ମାଟି ବଲ, ଫାଶ, କୁରାଢ଼ି, ଲୁହା ଛୁରୀ ଆଦି ସେମାନଙ୍କ ଘରୁ ଚଢ଼ଉ ସମୟରେ ଜବତ କରାଯାଇଛି। ସୂଚନା ଅନୁସାରେ, ଶିକାର ପାଇଁ ଏକ ମୟୂର ବସା ଚାରିପାଖରେ ଏକ ସିନ୍ଥେଟିକ୍ ସୂତା ଫାଶ ରଖାଯାଇଥିଲା। ଏହି ଭୂମିରେ ବସା କରୁଥିବା ପକ୍ଷୀ, ଗ୍ରୀଷ୍ମ ଋତୁରେ ଅଣ୍ଡା ଦିଏ, ପ୍ରତି କ୍ଲଚ୍‌ରେ ୩ ରୁ ୪ଟି ଅଣ୍ଡା ଥାଏ। ପଚରାଉଚୁରା ସମୟରେ ସେମାନେ ପ୍ରକାଶ କରିଥିଲେ ଯେ, କାଠ ସଂଗ୍ରହ କରିବା ସମୟରେ ସେମାନେ ମୟୂର ବସା ପାଇଥିଲେ ଓ ମାଂସ ପାଇଁ ମୟୂରକୁ ଶିକାର କରିବା ଏବଂ ପର ବିକ୍ରି କରିବାପାଇଁ ଯୋଜନା କରିଥିଲେ।



# ରାଜ୍ୟ ପୁଲିସ ସନ୍ତରଣ ଓ କ୍ରସ୍‌କଣ୍ଟ୍ରି ଚାମ୍ପିଅନସିପ୍ ଉଦ୍‌ଘାଟିତ



**ସମ୍ବଲପୁର, ୨୭।୪ (ସମିସ):** ସମ୍ବଲପୁର ପୁଲିସ ଆନୁକୂଲ୍ୟରେ ତୃତୀୟ ରାଜ୍ୟ ପୁଲିସ ସନ୍ତରଣ ଓ କ୍ରସ୍‌କଣ୍ଟ୍ରି ଚାମ୍ପିଅନସିପ୍ ୨୦୨୬-୨୭ ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପୁଲିସ ଡିଜିଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରୀଡ଼ା ଆୟୋଜନ କରାଯାଉଥିବା କ୍ରମରେ ସମ୍ବଲପୁରରେ ଆଜି ଏହି ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୨୦ଟି ଦଳର ମୋଟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଜଣ କ୍ରସକଣ୍ଟ୍ରି ଏବଂ ୫୯ ଜଣ ସନ୍ତରଣ ପ୍ରତିଯୋଗିତାରେ ରହିଛନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରପ୍ରାପ୍ତ ଡିଆଇଜି ବ୍ରିଜେଶ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି, ରାଜ୍ୟ ତଥା ଜାତୀୟସ୍ତରରେ ପୁଲିସ କ୍ରୀଡ଼ାବିତମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ଏକ ଉପଯୁକ୍ତ ମଞ୍ଚ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବଲାଙ୍ଗୀରର ଏସ୍‌ପିଙ୍କ ସମେତ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

**ସମ୍ବଲପୁର, ୨୭।୪ (ସମିସ) :** ନନ୍ଦପଡ଼ାସ୍ଥିତ ବାବା ବାଲୁଙ୍କେଶ୍ୱରଙ୍କ ମନ୍ଦିର ପରିସରରେ ଅମୂଲ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା ୨୦୨୬ ପାଇଁ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଫଣୀଭୂଷଣ ମିଶ୍ର, ଉପସଭାପତି ଆଶିଷ ବାବୁ, ରାଜୀବ ମାଝୀ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା, ସହସମ୍ପାଦକ ବାଲଗୋପାଳ ନନ୍ଦ ଓ ଭବାନୀ ମିଶ୍ର, କୋଷାଧ୍ୟକ୍ଷ ଭୁବନ ମୋହନ ମିଶ୍ର, ସହକୋଷାଧ୍ୟକ୍ଷ ଅଭାଶିଷ ମିଶ୍ର ଓ ସ୍ୱରୂପ ପାଢ଼ୀ, ସାଂସ୍କୃତିକ ସମ୍ପାଦକ ସୁମନ ସାଗର ମିଶ୍ର, ସହସାଂସ୍କୃତିକ ସମ୍ପାଦକ ନିହାର ମିଶ୍ର, ଗଣମାଧ୍ୟମ ସଂଯୋଜକ ବିରାଜ କୁମାର ମିଶ୍ର, ସହଗଣମାଧ୍ୟମ ସଂଯୋଜକ ସନତ ନନ୍ଦ ରହିଛନ୍ତି। ମୁଖ୍ୟ ସଂଯୋଜକ ଭାବେ ଦିଲୀପ ମିଶ୍ର ଏବଂ ସଂଯୋଜକ ରୂପେ ସନ୍ତୋଷ ମିଶ୍ର ରହିଛନ୍ତି। ସେହିଭଳି ପରାମର୍ଶଦାତା କମିଟିରେ ବିଧାୟକ ଜୟନାରାୟଣ ମିଶ୍ର, ଗୋପାଳ ପୃଷେଠ, ନିଗମାନନ୍ଦ ମିଶ୍ର, ଚକ୍ରଧର ମିଶ୍ର, ଅମୂଲ୍ୟ ମିଶ୍ର, ପ୍ରଶାନ୍ତ ବରାଇ, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ରଞ୍ଜିତ ମିଶ୍ର, ଶିବ ମିଶ୍ର, ସୁନୀଲ ତ୍ରିପାଠୀ, ବିବେକା ମିଶ୍ର, ସୁରେଶ୍ୱର ମିଶ୍ର, ଆଶିଷ ବରାଇ ଓ ସଞ୍ଜୀବ ମାଝୀ ରହିଛନ୍ତି। ନୂତନ କମିଟି ଗଠନ ପରେ ଆଗାମୀ ଶୀତଳଷଷ୍ଠୀ ଉତ୍ସବ ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ଏସ୍‌ଟି ହଷ୍ଟେଲ ପାଇଁ ଚିଠି ଲେଖିଲେ ବିଧାୟକ

**ସମ୍ବଲପୁର, ୨୭।୪ (ସମିସ) :** ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅଧୀନ ଯୁଯୋମୁରା ବ୍ଲକ ଅନ୍ଧାରୀ ହାଇସ୍କୁଲରେ ଏକ ଏସ୍‌ଟି ହଷ୍ଟେଲ ନିର୍ମାଣ ପାଇଁ ଏସ୍‌ସି ଓ ଏସ୍‌ଟି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖିଛନ୍ତି ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ଏହି ବିଦ୍ୟାଳୟରେ ଏସ୍‌ଟି ଛାତ୍ରସଂଖ୍ୟା ଅଧିକ ଥିବାବେଳେ ଛାତ୍ରାବାସ ସକାଶେ ଜମି ରହିଛି ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରାବାସ ନିର୍ମାଣ ପାଇଁ ଆବେଦନ କରିଛନ୍ତି। ଜିଲ୍ଲା କଲ୍ୟାଣ ଅଧିକାରୀ ଏହି ହଷ୍ଟେଲ ସକାଶେ ସୁପାରିଶ କରିଛନ୍ତି। ଏହି ପ୍ରସ୍ତାବ ସକାଶେ ଶୀଘ୍ର ପାଣ୍ଠି ଅନୁମୋଦନ ପାଇଁ ପଦକ୍ଷେପ ନେବାକୁ ବିଧାୟକ ସଚିବଙ୍କୁ ଅନୁରୋଧ କରିଛନ୍ତି।

### ବାମରା ଫାୟାର କ୍ଲବ୍ ରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ପିଣ୍ଡାପଥରକୁ ହରାଇ ଲମତିବାହାଲ ବିଜେତା

**କୁଚିଣ୍ଡା, ୨୭। ୪(ସମିସ):** ବାମରାରେ ଚାଲିଥିବା ପଞ୍ଚଦିବସୀୟ ଫାୟାର କ୍ଲବ୍ ଆୟୋଜିତ ରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବ୍ରଜରାଜନଗରର ଲମତିବାହାଲ ଦଳ ପିଣ୍ଡାପଥର ଦଳକୁ ପରାସ୍ତ କରି ବିଜେତା ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରୁ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଅବସରରେ ଅଗ୍ନିକ ବିଜୟ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖେଳାଳି ବସନ୍ତ ଦାସ, ବିଜୟ ନାୟକ, ଦିନେଶ ଚୌଧରୀ, ରାଜେନ୍ଦ୍ର ଆଚାର୍ଯ୍ୟ, ସେକ୍ ଇସାକ ଓ ସାମ୍ବାଦିକ ରାଜା ଖାନ୍ ସମ୍ମାନିତ କରିଥିଲେ। ପୁରସ୍କାର ବିଭାଗରେ ଲମତିବାହାଲ ଦଳର ଦେବାଶିଷ ମ୍ୟାନ୍ ଅଫ୍ ଦ ସିରିଜ୍ ଓ ବେଷ୍ଟ ବୋଲର ଭାବେ ସମ୍ମାନିତ ହୋଇଥିଲେ। ସଞ୍ଜୀବ ବେଷ୍ଟ ବ୍ୟାଟସ୍ମ୍ୟାନ୍ ଏବଂ ବୁବୁନ ମ୍ୟାନ୍ ଅଫ ଦ୍ ମ୍ୟାଚ୍ ଭାବେ ସମ୍ମାନ ପାଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସୁଧାଂଶୁ ସିଙ୍ଘ, ବୁଲୁ ମହାପାତ୍ର, ଶ୍ରବଣ ନାଏକ, ଏମ୍.ଡି. ଫାରୁକ୍, ଏମ୍.ଡି. କୈଫ, ସୁଶାନ୍ତ ଭଇଁସାଲ, ଏମ୍.ଡି. ଆଦିଲ, ଗଣେଶ ମିଶ୍ର, ଭାବିକ ଅଗ୍ରୱାଲ, ଏମ୍.ଡି. ସୈଫ, ଏମ୍.ଡି. ସଲୁ ଓ ଏମ୍.ଡି. ଅକ୍ତର ସହ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ।



### ସମ୍ବଲପୁର କବାଡି ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ସମଲେଶ୍ୱରୀ ଷ୍ଟ୍ରାଇକର୍ ଚାମ୍ପିଅନ

**ସମ୍ବଲପୁର, ୨୭।୪(ସମିସ)**

କବାଡ଼ି ମହାସଂଗ୍ରାମ 'ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍'ର ତୃତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଛି। ଏଥିରେ ୧୨ଟି ଦଳ ଭାଗ ନେଇଥିଲେ। ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ସମଲେଶ୍ୱରୀ ଷ୍ଟ୍ରାଇକର୍ ଏବଂ ପଶ୍ଚିମାଞ୍ଚଳ ପେନ୍ଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମଲେଶ୍ୱରୀ ଷ୍ଟ୍ରାଇକର୍ ୩୬ ପଏଣ୍ଟ ହାସଲ କରିଥିବାବେଳେ ପଶ୍ଚିମାଞ୍ଚଳ ପେନ୍ଥର ମାତ୍ର ୧୮ ପଏଣ୍ଟ ପାଇଥିଲା। ସମଲେଶ୍ୱରୀ ଷ୍ଟ୍ରାଇକର ୧୮ ପଏଣ୍ଟରେ ବିଜୟୀ ହୋଇ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ୍‌ର ତୃତୀୟ ସଂସ୍କରଣ ଟାଇଟିଲ ହାସଲ କରିଥିଲା। ଖେଳ ପରିଚାଳନା କରିଥିଲେ ରେଫରି ମୁକେଶ ସାହୁ, ଅମ୍ପାୟାର ପିଲୁ ପାର୍କର, ହେମନ୍ତ ବାରିକ, ସ୍କୋରର୍ ଆନନ୍ଦ ଚନ୍ଦ୍ର ପତି। ସହକାରୀ ସ୍କୋରର୍ ଗୀତା କଂସାରୀ, ରମେଶ ବେରିହା, ଭାରତ ପ୍ରଧାନ, ଲୀଳାବତୀ ମୁଣ୍ଡା, ମଣ୍ଡନଲାଲ ତନସନା ଓ ସରୋଜ ପ୍ରଧାନ। ମ୍ୟାଚ୍ ପରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତାବିରା ବିଧାୟକ ନିହାର ମହାନନ୍ଦ ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଦୁଲାଲ ଚନ୍ଦ୍ର ପ୍ରଧାନ, ବିପିନ ନନ୍ଦ, ଶତ୍ରୁଘନଲାଲ୍ ଶାହା ଯୋଗ ଦେଇଥିଲେ। ସମ୍ବଲପୁର କବାଡ଼ି ବ୍ଲକର ସଭାପତି ସିଦ୍ଧାର୍ଥ ସାହା, ପ୍ରିମିୟର ଲିଗ୍‌ର ସମ୍ପାଦକ ସୁଧୀର ରଞ୍ଜନ ବହିଦାର ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳ ତଥା ଉପବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ।



# ଯେଉଁମାନେ ତ୍ୟାଗକଲେ ସେମାନେ ପାଣି ପାଉ ନାହାନ୍ତି



**ବଲାଙ୍ଗିର, ୨୭ ।୪(ସମିସ)**

ଯେଉଁ ଲୋକଙ୍କ ଜମିରେ ଜଳସେଚନ ପ୍ରକଳ୍ପ ହେଲା, ଯେଉଁ ବ୍ଲକବାସୀଙ୍କ ତ୍ୟାଗରେ ଦୁଇ ଜିଲ୍ଲାର ଅଧିକାଂଶ ଜମିକୁ ପାଣି ମାଡିଲା ସେହି ବ୍ଲକର ଚାଷୀଙ୍କ ଜମିକୁ ପାଣି ଦେବାରେ ଅମଙ୍ଗ ଜଳସେଚନ ବିଭାଗ। ସେହି ବ୍ଲକ ଦେଇ ଅନ୍ୟ ଜିଲ୍ଲାକୁ ପାଇପ ଯାଉଛି; ହେଲେ ଦୁଃଖ ଯେ ଚାଷୀମାନେ ପାଣି ବୁନ୍ଦାଏ ପାଇଁ ଦୀର୍ଘ ବର୍ଷ ହେଲା ସଂଘର୍ଷ କରିଆସୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ମଧ ଏକାଧିକ ଥର ଜଣାଇ ସାରିଥିବା ସତ୍ତ୍ୱେ ନା ଲୋୟର ସୁକତେଲ ଜମିରୁ ପାଣି ଦେବାର ବ୍ୟବସ୍ଥା ହେଉଛି ନା ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। କେବଳ ଲୋୟର ସୁକତେଲ କାହିଁକି ଲୋଇସିଂହା ଓ ଆଗଲପୁର ବ୍ଲକରେ ହୋଇଥିବା ପଟି ଜଳସେଚନ ପ୍ରକଳ୍ପରେ ଚାଷୀମାନେ ସମାନ ଦୁଃଖ ଭୋଗୁଥିବା ଅଭିଯୋଗ ହୋଇଛି।

**ଲୋଇସିଂହାର ୬, ଆଗଲପୁର ବ୍ଲକର ୫ ପଞ୍ଚାୟତ ଜଳସେଚନରୁ ବଞ୍ଚିତ**

**ଅଭିଯୋଗ, ଦାବିପତ୍ର, ଆନ୍ଦୋଳନ ପରେ ବି ସାମାଧାନ ନାହିଁ**

ବଲାଙ୍ଗିର ଜିଲ୍ଲାର ଶୁଷ୍କ ଅଞ୍ଚଳ କୁହାଯାଉଥିବା ଲୋଇସିଂହା, ବଲାଙ୍ଗିର ଓ ଆଗଲପୁର ବ୍ଲକର ଜଳସେଚନ ବ୍ୟବସ୍ଥା ସୁଦୃଢ କରିବା ପାଇଁ ଲୋୟର ସୁକତେଲ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା; କିନ୍ତୁ ଆଜିର ଦିନରେ ଲୋଇସିଂହା ଓ ଆଗଲପୁର ବ୍ଲକର ୧୧ ପଞ୍ଚାୟତର ଚାଷୀ ସୁକତେଲ ପାଣି ପାଇଁ ବାରଦୁଆର ହେଉଛନ୍ତି। ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କିଛି ଚାଷୀ ଭେଟି ଲୋୟର ସୁକତେଲ ପ୍ରକଳ୍ପରୁ ପାଣି ଦେବା ପାଇଁ ଅନୁରୋଧ କରିଥିଲେ। ଚାଷୀଙ୍କ ଅଭିଯୋଗ କ୍ରମେ ଉକ୍ତ ପ୍ରକଳ୍ପଟି ଲୋଇସିଂହା ତହସିଲର ଅଧିକ ଜମିରେ କରାଯାଇଛି। ବ୍ଲକର ଶତାଧିକ ବିସ୍ଥାପିତ ଭିଟାମାଟି ଛାଡି ତ୍ୟାଗ ଦେଇଛନ୍ତି; କିନ୍ତୁ ଆଜି ବି ବ୍ଲକର ୬ଟି ପଞ୍ଚାୟତର ଚାଷୀ ଏହି ପାଣି ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ବ୍ଲକର ଲୋଇସିଂହା, ବୁର୍ଡା, ବୁଢୀପଦର, ବାଦିବାହାଲ, ଯୋଗୀସର୍ଡା, ହିରାପୁର ଏହି ଜଳସେଚନ ବ୍ୟବସ୍ଥାରୁ ବାଦ ପଡ଼ିଛନ୍ତି। ସେହିପରି ଆଗଲପୁର ବ୍ଲକର ଝରନୀପାଲି, ବେନ୍ଦ୍ରା, ନଅଗାଁ(ଖ), ନୁନିଆପାଲି ପ୍ରମୁଖ ଜଳସେଚନ ବ୍ୟବସ୍ଥାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଏହି ପ୍ରକଳ୍ପର ପୂର୍ବ ଡିପିଆର ଓପନ କେନାଲ ବ୍ୟବସ୍ଥା ଥିବା ବେଳେ ପ୍ରକଳ୍ପର ବାମ କେନାଲ ଯାହାକି ଲୋଇସିଂହା ଅଞ୍ଚଳକୁ ଆସିବାର ଥିଲା ତାହା ୫୫ ପ୍ରତିଶତ ଜମିକୁ ଜଳସେଚିତ କରିଥାନ୍ତା। ସେହିପରି ଡାହାଣ କେନାଲ ୪୫ ପ୍ରତିଶତକୁ ଜଳସେଚିତ କରିଥାନ୍ତା; କିନ୍ତୁ ଭୂତଳ ଜଳସେଚନ ବ୍ୟବସ୍ଥା ହେବା ପରେ ୫୫ ପ୍ରତିଶତକୁ କମାଇ ୨୭ ପ୍ରତିଶତ କରିଦିଆଯାଇଥିବା ବେଳେ ୪୫ ପ୍ରତିଶତକୁ ବଢ଼ାଇ ୭୩ ପ୍ରତିଶତ କରାଯାଇଛି। ଏହାଫଳରେ ଲୋଇସିଂହା ଓ ଆଗଲପୁର ବ୍ଲକ ୧୧ ପଞ୍ଚାୟତ ବଞ୍ଚିତ ହୋଇଥିବା ବେଳେ ଅଧିକ ପାଣି ସୋନପୁର ଜିଲ୍ଲାକୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ଏହି ୧୧ ପଞ୍ଚାୟତର ଚାଷୀ ୩ ବର୍ଷ ହେଲା ଆନ୍ଦୋଳନ କରିଆସୁଛନ୍ତି। ରାସ୍ତାରୋକ କରି ଗତ ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକୁ ପ୍ରଶ୍ନ କରିବା ସହ ଏହାର ସମାଧାନ ପାଇଁ ଦାବି କରିଥିଲେ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବାରମ୍ବାର ଅନୁରୋଧ ସହ ମୁଖ୍ୟମନ୍ତ୍ରୀଙ୍କ ମଧ ଏକାଧିକ ଥର ଦୃଷ୍ଟି ଆକର୍ଷଣ କରାଯାଇଛି। ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେହିପରି ଆଗଲପୁର ବ୍ଲକ ଗାଇଖାଇଠାରେ ଥିବା ଜଳସେଚନ ପ୍ରକଳ୍ପରେ ମଧ ସମାନ ଭାବେ ଅବହେଳା କରାଯାଇଥିଲା। ବ୍ଲକର ହାତଗଣତି କିଛି ଗାଁର ଜମିକୁ ପାଣି ଦେଇ ସୋନପୁର ଜିଲ୍ଲାର ଏକ ବଡ ଅଞ୍ଚଳକୁ ଜଳସେଚିତ କରାଯାଉଥିବା ଅଭିଯୋଗ ହୋଇଆସୁଛି। ତେବେ ଏହି ଦୁଇ ବ୍ଲକରେ ଗୋଟିଏ ବୃହତ ଓ ଆଉ ଗୋଟିଏ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ରହିଥିଲେ ମଧ ଦୀପ ତଳ ଅନ୍ଧାର ଭଳି ସ୍ଥିତି ଦେଖିବାକୁ ମିଳିଛି। ଯିଏ ପାଣି ଦେଉଛି ତା ଜମିକୁ ପାଣି ନ ମିଳିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ଅବହେଳିତ ହୋଇଥିବା ୧୧ ପଞ୍ଚାୟତର ଜମି କୁ ଲୋୟର ସୁକତେଲ ଜଳସେଚନ ବ୍ୟବସ୍ଥା ସହ ସଂଯୋଗ କରିବା ନଚେତ ବିକଳ୍ପ ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି।



ବଲାଙ୍ଗିର ପୁରୁଣା ବସଷ୍ଟାଣ୍ଡରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ପକ୍ଷରୁ ଜଳଛତ୍ର

## ନଷ୍ଟ ହେଉଛି ଦୋକାନ ଗୃହ



**ସଇଁତଲା, ୨୭ ।୪(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ସରକାରୀ ବସଷ୍ଟାଣ୍ଡ ଅବ୍ୟବସ୍ଥା ମଧ୍ୟରେ ଗତି କରଛି। ରାଜସ୍ୱ ଆଦାୟ ଉଦ୍ଦେଶ୍ୟରେ ଏଠାରେ ସରକାରୀ ତହବିଲରୁ ଟଙ୍କା ବ୍ୟୟ କରାଯାଇ ଦୋକାନ ଗୃହ ନିର୍ମାଣ କରାଯାଇଛି; ହେଲେ ଏହା ଏବେ ନଷ୍ଟ ହେଉଛି। ପ୍ରଶାସନ ସବୁ ଦେଖି ଚୁପ୍। ସଇଁତଲା ଓ ଆଖପାଖ ଅଞ୍ଚଳର ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସ୍ଥାନୀୟ ଡାକ ବଙ୍ଗଳାଠାରେ ସାଢ଼େ ୪କୋଟି ଟଙ୍କା ବ୍ୟୟରେ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ଯାତ୍ରୀଙ୍କ ସୁବିଧା ଓ ଅଞ୍ଚଳର ବିସ୍ଥାପିତ ତଥା କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ଦୋକାନ ଗୃହ ନିର୍ମାଣ କରାଯାଇଛି; ହେଲେ ଦୀର୍ଘ ସମୟ ବିତିଯାଇଥିଲେ ମଧ ଏଥିପ୍ରତି ନା ସ୍ଥାନୀୟ ପ୍ରଶାସନ ନା ରାଜନେତା କାହାରି ନିଘା ରହୁଛି। ଏ ନେଇ ଆଶାୟୀ ଛୋଟ ବ୍ୟବସାୟୀ ପ୍ରଶାସନକୁ ବାରମ୍ବାର ଗୁହାରି କରିଆସୁଥିଲେ ମଧ କେହି ଶୁଣୁ ନାହାନ୍ତି। ସେହିପରିବସଷ୍ଟାଣ୍ଡରେ କର୍ମଚାରୀ ଭାବେ ନିୟୋଜିତ ଯୁବକ ଦୀର୍ଘ ମାସ ଧରି ଦରମା ପାଉ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି।

## ବଲାଙ୍ଗିର କରାଟେ ସ୍କୁଲର ସଫଳତା

**ବଲାଙ୍ଗିର, ୨୭ ।୪(ସମିସ):** ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ୩୭ତମ କ୍ୟାଡେଟ, ଜୁନିୟର ଏବଂ ୩୮ତମ ସବ-ଜୁନିୟର ରାଜ୍ୟ କରାଟେ ପ୍ରତିଯୋଗିତା-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଜିଲ୍ଲା ଗାନ୍ଧୀ ଷ୍ଟାଡିୟମସ୍ଥିତ ବଲାଙ୍ଗିର କରାଟେ ସ୍କୁଲର ୧୩ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଅନନ୍ଦିତା ସାହୁ ଓ ଅଭିପଶା ହୋତା କୁମିତିରେ ରୌପ୍ୟ, ଅଂଶୁମାନ ଧରୁଆ ଓ ଜସମିନ ସାହୁ କୁମିତିରେ କାଂସ୍ୟ ପଦକ, ଲୋକେଶ ବାଗ କାତାରେ କାଂସ୍ୟ ପଦକ ଜିତିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲା କରାଟେ ସଂଘ ତଥା ବଲାଙ୍ଗିର କରାଟେ ସ୍କୁଲର ସମ୍ପାଦକ ହୃଦୟ ଶବର ଓ କରାଟେ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ବିଚାରକ ଓ ରେଫରୀ କାର୍ଯ୍ୟ ତୁଲାଇଛନ୍ତି। କରାଟେ ସଂଘର ସଭାପତି ଦେବଦତ୍ତ ବେହେରା, ସ୍କୁଲର ସଭାପତି ସଚିଦାନନ୍ଦ ବାଗ ଏହି କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣ

**ତୁରେକେଲା, ୨୭ ।୪ (ସମିସ):** ତୁରେକେଲା ଥାନା ଅଧୀନ ନୂଆପଡ଼ା ଗାଁର ଟିକେମଣି କେତକି ନାମକ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଭୋରରୁ ସେ ଗାଁ ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ହାବୁଡରେ ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଉଦ୍ଧାର କରି କଣ୍ଟାବାଞ୍ଜି ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ତହଁକ୍ କୁଟୁମ୍‌କୁ ସାଂଗଠନିକ ସମ୍ମାନ୍

**ବଲାଙ୍ଗିର, ୨୭ ।୪(ସମିସ:** ଟିଟିଲାଗଡ଼ କୋଶଲି ଭାଷା ସୁରକ୍ଷା ସମିତି ପକ୍ଷରୁ ରାଜ୍ୟସ୍ତରୀୟ କୋଶଲି ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭସରରେ କୋଶଲି ଭାଷା ସାହିତ୍ୟ ଉପରେ ବିଭିନ୍ନ ଆଲୋଚନା ହୋଇଥିଲା। ବହୁ ଜିଲ୍ଲାରୁ କବି, ଗବେଷକ, ଆଲୋଚକ, ଭାଷାବିତ୍ ଯୋଗ ଦେଇଥିଲେ। ସେମାନେ କୋଶଲି ଭାଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ 'ସାଂଗଠନିକ ସମ୍ମାନ୍ - ୨୦୨୬' ପ୍ରଦାନ କରାଯାଇଥିଲା। ସମ୍ପାଦକ ରାଜେଶ ଦଣ୍ଡସେନା ଏବଂ ମୁଖ୍ୟ ସମ୍ପାଦକ ଅର୍ଜୁନ ସାହୁ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ଏହି ଅନୁଷ୍ଠାନ ଗତ ୧୨ ବର୍ଷ ଧରି କୋଶଲି ଭାଷା ସାହିତ୍ୟକୁ ବଞ୍ଚାଇ ରଖିଛି। ତାହାର ପ୍ରଚାର ପ୍ରସାର କରିବା ପାଇଁ ଅନବରତ ସାହିତ୍ୟ କାର୍ଯ୍ୟକ୍ରମ ଏବଂ ସମ୍ମିଳନୀ କରୁଛି।

**ଦାବ୍ରି ଗାଁଠାରୁ ବେହେରେନସିଲେଟ ନାଏକପଡ଼ା ରାସ୍ତା କାମ ପ୍ରସଙ୍ଗ**

## ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ

**କଣ୍ଟାବାଞ୍ଜି, ୨୭ ।୪(ସମିସ):** ତୁରେକେଲା ବ୍ଲକୟ ହିଆଁଳ ପଞ୍ଚାୟତର ଦାବ୍ରି ଗାଁଠାରୁ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ନାଏକ ପଡ଼ା ପର୍ଯ୍ୟନ୍ତ ରାସ୍ତା କାମ କରିବାକୁ ୮ଲକ୍ଷ ଟଙ୍କା ମଞ୍ଜୁର ହୋଇଛି; କିନ୍ତୁ ମାଟି ମୁଠେ ମଧ ପଡ଼ିନାହିଁ। ୮ଲକ୍ଷ ଟଙ୍କା କାମ ହୋଇଛି ବୋଲି ଦର୍ଶାଇ ଟଙ୍କା ଉଠିଛି। ଏନେଇ ସୋମବାର ତୁରେକେଲା ବ୍ଲକ କାର୍ଯ୍ୟାଳୟଠାରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଚଟୁଅନକା ପଞ୍ଚାୟତର ସାମାଜିକ କର୍ମୀ ଅରୁଣ ତାଣ୍ଡି ଲିଖିତ ଭାବେ ବଲାଙ୍ଗୀର ଜିଲ୍ଲା ପ୍ରଶାସନକୁ ଏହା ଜଣାଇଛନ୍ତି। ଯେଉଁ ରାସ୍ତାରେ ମାଟି ମୁଠେ ମଧ ପଡ଼ିନାହିଁ ସେହି ରାସ୍ତା ନାଁରେ କନିଷ୍ଠ ଯନ୍ତ୍ରୀ କେମିତି ବିଲ୍ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଭାଗୀୟ ନିୟମ ଉଲ୍ଲଂଘନ କରିବାକୁ ତାଙ୍କୁ କିଏ ଅନୁମତି ଦେଲା ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଏହାର ତଦନ୍ତ କରାଯାଉ। ରାସ୍ତା ନିର୍ମାଣ ନ କରି ବିଲ୍ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାସହ ୮ ଲକ୍ଷ ଟଙ୍କା ତାଙ୍କଠାରୁ ଆଦାୟ କରାଯାଉ ବୋଲି ସେ ଦାବି କରିଛନ୍ତି। ଯଦି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ ତେବେ ବଲାଙ୍ଗୀର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିବାକୁ ସେ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ଏହି ଅଭିଯୋଗ ପାଇବା ପରେ ତୁରେକେଲା ବିଡ଼ିଓ ପୂର୍ଣ୍ଣନନ୍ଦ ପୁଟେଲଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବେହେରେନସିଲେଟ ଗାଁର ଆମ୍ବେଦକର ଯୁବକ ସଂଘ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହେବା ବୋଲି ଜଣାପଡ଼ିଛି।




**ରାସ୍ତା ନିର୍ମାଣ ନ କରି ଟଙ୍କା ହଡ଼ପ ହୋଇଛି**

**ସ୍ୱେଚ୍ଛାସେବୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ**

## ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲ୍ଲାପାଳ, ଏସ୍‌ପି

**ତୁରେକେଲା, ୨୭ ।୪(ସମିସ):** ସୋମବାର ତୁରେକେଲା ବ୍ଲକରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅନେକ ଲୋକ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ସେମାନଙ୍କ ଅଭିଯୋଗ ଜଣାଇବା ପାଇଁ ୪୦ ଡିଗ୍ରୀ ତାପମାତ୍ରା ସ୍ୱତ୍ତ୍ୱେ ଅପେକ୍ଷା କରିଥିଲେ; ହେଲେ ଜିଲ୍ଲାର ଏହି ଦୁଇ ମୁଖିଆ ଆସି ନ ଥିଲେ। ଏଣୁ ଲୋକେ ଲୋକେ ନିରାଶ ହୋଇଥିଲେ। ଅନ୍ୟପକ୍ଷେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ମଧ ଏମାନେ ନିଜର ଅଭିଯୋଗ ପତ୍ର ଦେଇ ନ ଥିଲେ। କାରଣ ବିଭାଗୀୟ ଅଧିକାରୀମାନେ କେବଳ ଅଭିଯୋଗ ପତ୍ର ରଖୁଛନ୍ତି ସିନା କୌଣସି ସମାଧାନ କରୁ ନାହାନ୍ତି। ଏଣୁ ଲୋକେ ଜିଲ୍ଲାପାଳ ଏବଂ ଏସପିଙ୍କ ଉପରେ ଭରସା କରି ଡହ ଡହ ଖରାରେ ଘରୁ କାଢିଥିଲେ; ହେଲେ ଦୁଇ ବଡ଼ ବାବୁ ନ ଆସି ଏମାନଙ୍କୁ ହତାଶ କରିଛନ୍ତି। ତେବେ କେବଳ ଯେ ଜିଲ୍ଲାପାଳ ଓ ଏସ୍‌ପି ଆସି ନ ଥିଲେ ତାହା ନୁହେଁ ଟିଟିଲାଗଡ଼ ଉପ ଜିଲ୍ଲାପାଳଙ୍କ ସହ ବହୁ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମଧ ଏହି ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତ ରହିଥିଲେ। ବଲାଙ୍ଗୀର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ବିଭାଗୀୟ ଅଧିକାରୀଙ୍କୁ ସମସ୍ୟା ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

**ଘୁନେଶ ପଞ୍ଚାୟତରେ ମନରେଗା କାମରେ ମନମାନି**

## ମୂଲ ଲାଗିଛନ୍ତି; ହେଲେ ଟଙ୍କା ମିଳୁନି

**ତୁରେକେଲା, ୨୭ ।୪(ସମିସ):** ଘୁନେଶ ପଞ୍ଚାୟତରେ ମନରେଗାରେ ସବୁ ବେଳେ ମନମୁଖୀ କାର୍ଯ୍ୟ ଚାଲି ଆସିଛି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ଏଡିଓ ସରକାରୀ ନିୟମ ଉଲ୍ଲଂଘନ କରି କାମ କରୁଛନ୍ତି। ଏହି ବାବୁ ଦୁଇ ଜଣ ଏମିତି ତାଙ୍କ କାୟାବିସ୍ତାର କରିଛନ୍ତି ଯେ ତାଙ୍କ ବିରୋଧରେ ଯେତେ ଅଭିଯୋଗ ଆସିଲେ ମଧ ଫରକ୍ ପଡୁନାହିଁ।

ବରଲା ଗାଁରେ ୨୦୨୪-୨୫ ଆର୍ଥିକ ବର୍ଷରେ ଜମି ମରାମତି କାମ ହୋଇଛି। ୫୫ଜଣ ଚାଷୀ ନିଜ ଜମି ମରାମତି କରିବା ପାଇଁ କାର୍ଯ୍ୟାଦେଶ ପାଇଥିଲେ। ଏହାଫଳରେ ଏହି ଚାଷୀମାନେ ତାଙ୍କ ଜମି ମରାମତି କାର୍ଯ୍ୟ କରିଥିଲେ; କିନ୍ତୁ ଏହି ଚାଷୀଙ୍କୁ ଅଳ୍ପ କିଛି ପାଉଣା ମିଳିଛି। ବକେୟା ଟଙ୍କା ଏ ପର୍ଯ୍ୟନ୍ତ ମିଳୁନି। ଏଥିପାଇଁ ସେମାନେ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ପାଖକୁ ହତାଶ ହୋଇଛନ୍ତି। କେହି ସେମାନଙ୍କ ଅଭିଯୋଗ ଶୁଣୁ ନାହାନ୍ତି ବୋଲି କହିଛନ୍ତି। ଏନେଇ ସୋମବାର ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଏମାନେ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଜନତା କଂଗ୍ରେସ ଦଳର ବଲାଙ୍ଗୀର ଜିଲ୍ଲା ସଂଯୋଜକ ରୂପେଶ ବେହେରାଙ୍କ ନେତୃତ୍ୱରେ ଏକାଧିକ ଚାଷୀ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବଲାଙ୍ଗୀର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତୁରନ୍ତ ଏହି ସମସ୍ୟାର ଉପଯୁକ୍ତ ସମାଧାନ କରିବାକୁ ତୁରେକେଲା ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମେସିନ୍ ଜରିଆରେ କାମ ହେଉଛି; ହେଲେ ଶ୍ରମିକ କାମ କରୁଥିବା ଦର୍ଶାଇ ଅନେକ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଡୁଛି। ଅସଲି ହିତାଧିକାରୀ କାମ କରିବା ସତ୍ତ୍ୱେ ପାଉଣା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ ଓ ଏଡିଓ ବୁଲୁ ପ୍ରଧାନୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।



**୫୫ ହିତାଧିକାରୀ ଜିଲ୍ଲା ପ୍ରଶାସର ଦ୍ୱାରସ୍ଥ**

## ଚୁଲିଫୁଙ୍କାରେ ନାମଯଜ୍ଞ ପାଇଁ କଳସ ଯାତ୍ରା

**କଣ୍ଟାବାଞ୍ଜି, ୨୭ ।୪(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ କପିଳ ବେହେରା ଓ ତାଙ୍କ ସହଧର୍ମିଣୀ ରଙ୍ଗବତୀ ବେହେରା ଦାୟିତ୍ୱ ନେଇଥିଲେ। ଡ. ନାରାୟଣ ମିଶ୍ର, ହୃଷିକେଶ ଦାସ, ଆର୍ତ୍ତତ୍ରାଣ ଦାସ, ରୋହିତ ଦାସ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ଦେବାଧରୁ କଳସ ଆଣି ନାମଯଜ୍ଞ ସ୍ଥାନରେ ସ୍ଥାପନ କରାଯାଇଥିଲା। ସଂକୀର୍ତ୍ତନ ଗୁରୁ ଟଙ୍କଧର ଜାନୀ, ବରିଷ୍ଠ ସଂକୀର୍ତ୍ତନ ଗାୟକ ଦୁର୍ଦ୍ଧକ୍ଷ ହଂସଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ କମିଟିର ସଭାପତି ଗୁରୁଚରଣ ବେହେରା, ସମ୍ପାଦକ ଶ୍ରୀବତ୍ସ ଦାସ, କୋଷାଧ୍ୟକ୍ଷ ଡୋଳାମଣି ବେହେରା, ଆବାହକ ସୁଶାନ୍ତ ବେହେରା, ଉପ ସଭାପତି ଶମ୍ଭୁଶଙ୍କର ବେହେରା, ସନ୍ତୋଷ ବେହେରା, ସତ୍ୟ ପୁଟେଲ, ବନ ପୁଟେଲ, ମହେନ୍ଦ୍ର ଭୋଇ, ସହ ସମ୍ପାଦକ ଶରତ ବେହେରା, ଆର୍ତ୍ତତ୍ରାଣ ଦାସ, ରତ୍ନାମଣୀ ବେହେରା, ନୃପତି ବେହେରା, ଗୌରାଙ୍ଗ ବେହେରା, ପ୍ରଭୁଲାଲ ବେହେର. ସୁନୀଲ ବେହେରା, କୁଶ ବେହେରା, କିଶୋର ପୁଟେଲ, ପ୍ରମୋଦ ବେହେରା, ଚିତ୍ତ ବେହେରା, ଧନିରାମ ପୁଟେଲ, ରୁପେଶ ବେହେରା, ହିତେଶ ବେହେରା, ଛନ୍ଦା ବେହେରା, ଲୋକ ନାଥ ପୁଟେଲ, ରତ୍ନାକର ନାଗ, କନ୍ଦର୍ପ ପୁଟେଲ, ନୃପତି ବେହେରା, ସୁଶୀଲ ବେହେରା, ନରୋତ୍ତମ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ମାଫିଆ ବିକିଦେଲେ ସରକାରୀ ଜମି

**କଣ୍ଟାବାଞ୍ଜି, ୨୬ ।୪(ସମିସ):** କଣ୍ଟାବାଞ୍ଜି ସହର କେଭି କଲେଜ ନିକଟସ୍ଥ କାଦୋଭଶା ଛକ ନିକଟରେ କୁକୁଡାହାଡ ଗାଁର ଅନେକ ଗୋଚର ଜମି ରହିଛି। ଏଥିରୁ ପ୍ରାୟ ୩୦ ଡେସିମିଲରୁ ଅଧିକ ଜମିକୁ ଅନେକ ମାଫିଆ ଜବର ଦଖଲ କରି ରଖିଛନ୍ତି। କାଦୋଭଶା ଗାଁର ଜଣେ ବ୍ୟକ୍ତି ଏଠାରେ ପ୍ରଥମେ ସରକାରୀ ଜମି ଜବରଦଖଲ କରି ରଖିଥିଲେ। ପରେ ସେହି ଜବରଦଖଲ ଜମିକୁ କଣ୍ଟାବାଞ୍ଜି ସହରର ଜଣେ ବ୍ୟବସାୟୀଙ୍କୁ ବିକ୍ରି କରି ଦେଇଛନ୍ତି। ସେହି ଜମିରେ ବ୍ୟବସାୟୀ ଜଣକ ଏବେ ଏକ କାରଖାନା ସ୍ଥାପନ କରିଛନ୍ତି। ଜଣେ ବ୍ୟକ୍ତି ଗୋଚର ଜମି ଜବରଦଖଲ କରି ପୁଣି ଅନ୍ୟ ଜଣକୁ ବିକ୍ରି କରିଦେବାରେ ପ୍ରଶାସନ ନିରବ ରହିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ବ୍ୟବସାୟୀ ଜଣକ ନିଜକୁ ରାଜସ୍ୱ ମନ୍ତ୍ରୀଙ୍କ ପାଖ ଲୋକ କହୁଛନ୍ତି। ଯେତେ ସରକାରୀ ଜମି ଜବରଦଖଲ କଲେ ମଧ ପ୍ରଶାସନ ତାଙ୍କର କିଛି କରି ପାରିବ ନାହିଁ ବୋଲି ସର୍ବସାଧାରଣରେ କହୁଛନ୍ତି।



# ଗୋ ସମ୍ମାନ, ସୁରକ୍ଷା ଆହ୍ୱାନ ଅଭିଯାନ






**ବଲାଙ୍ଗିର, ୨୭ ।୪(ସମିସ)**

ବଲାଙ୍ଗିର ସହରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଓ ଗୋ ସମ୍ମାନ ଦିବସ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଛକଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ତହସିଲଦାରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ତହସିଲଦାରଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ହଜାର ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୋମାତାଙ୍କୁ ରାଷ୍ଟ୍ରମାତା ମାନ୍ୟତା ଦେବା, ଗୋମାତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ବେଆଇନ ଗୋଚାଲାଣ ରୋକିବା, ଗୋଚର ଜମିକୁ ଠିକ ଉପଯୋଗ କରିବା ଓ ନୂତନ ଗୋ ସୁରକ୍ଷା ଆଇନ୍ ଲାଗୁ କରିବା ପାଇଁ ଦାବି କରାଯାଇଛି। ତ୍ରିଲୋଚନ ମେହେରଙ୍କ ନେତୃତ୍ୱରେ ସନ୍ତୋଷ ଭୋଳ, ପ୍ରଦୀପ ଦାଶ, ଶଙ୍କର୍ଷଣ ଆଚାର୍ଯ୍ୟ, ଦେବାନନ୍ଦ ନାୟକ, କାଂହା ଶତପଥୀ, ବୁଲୁ ପଡ଼ିଆ, ସନତ୍ ପାତ୍ର, ସୁନଜ୍ ତ୍ରିପାଠୀ, କଳାକାହ୍ନୁ, ଶ୍ରୀକର ପ୍ରଧାନ, ସାଇ ସୁନ୍ଦର ନାଏକ, ପ୍ରଦୀପ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ଦେଓଗାଁ:** ଦେଓଗାଁରେ ମଧ ଗୋ- ସୁରକ୍ଷା କମିଟି ତରଫରୁ ଏହି ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡା. ଶଶି ଭୂଷଣ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଦୁର୍ଗାମଣ୍ଡପ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସୁବଳ ରଣା, ତନ୍ମୟ ମିଶ୍ର, ବେଣୁଧର ନାଏକ, ଚିନ୍ତାମଣି ମାହାକୁର, ରାଜାରାମ ନାଏକ, ରମେଶ ଚନ୍ଦ୍ର ସାହୁ, ଦିନବନ୍ଧୁ ସାହୁ, ସୁଶୀଳ ବଗର୍ତ୍ତି, ଠାକୁର ସିଂ ଭୋଇ, ଦେବରାଜ ଥନାପତି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




**ସଇଁତଲା:** ସଇଁତଲା ବ୍ଲକରେ ଗୋ ରକ୍ଷକ ସଭାପତି ରାକେଶ ସାହୁଙ୍କ ନେତୃତ୍ୱରେ ବହୁ ସାଧୁ-ସନ୍ଥ ଓ ଗୋ ଭକ୍ତମାନେ ଏକତ୍ରିତ ହୋଇଥିଲେ। ସେମାନେ ଗୋମାତାଙ୍କ ସୁରକ୍ଷା ନିଶ୍ଚିତ କରିବା ସହିତ ତାଙ୍କୁ ରାଷ୍ଟ୍ର ମାତା ଭାବେ ସମ୍ମାନ ଦେବାକୁ ଦାବି କରିଥିଲେ। ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀମହନ୍ତ ବଳରାମ୍ ଦାସ ଜି ମହାରାଜ, ତ୍ରିଲକ୍ଷ ସାହୁ, କାହ୍ନୁ ଚରଣ ଦାସ, ବଳରାମ ଦାସ୍, ଲେିଂଶ୍ୱର୍ ସାହୁ, ପ୍ରଶାନ୍ତ ମେହେର, ବାବା ବାଲକ୍ ଦାସ୍ ମହାରାଜ, ଲିଙ୍ଗରାଜ ସାହୁ, ହାଡୁ ସାହୁ, ମୋହନ୍ ସାହୁ, ନେପାଳ ସାହୁ, ବବଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାର ଗ୍ରାମାଞ୍ଚଳରେ ଉପଲବ୍ଧ ହେଉନି 'ଏକ୍ସ-ରେ' ସେବା, ସହରମୁହାଁ ରୋଗୀ

# ୨୦ ପିଏଚ୍‌ସିରେ ନାହିଁ ମେସିନ, ୨୬ ରେଡିଓଗ୍ରାଫର ପଦବୀ ଖାଲି

ବ୍ରହ୍ମପୁର,୨୭ ।୪(ସମିସ): ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବାର ଅଭାବ ସାମ୍ନାକୁ ଆସିଛି। ଖାସ କରି 'ଏକ୍ସ-ରେ' ସେବା ଉପଲବ୍ଧ ହେଉ ନଥିବାରୁ ଗ୍ରାମାଞ୍ଚଳର ରୋଗୀମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। 'ଏକ୍ସ-ରେ'ର ଆବଶ୍ୟକ ଥିବା ଛୋଟିଆ ଚିକିତ୍ସା ପାଇଁ ମଧ୍ୟ ଅନ୍ୟ ଉପାୟ ନପାଇ ସହରକୁ ଆସିବାକୁ ବାଧ ହେଉଛନ୍ତି ରୋଗୀ। ଏହାଦ୍ୱାରା ସମୟ ନଷ୍ଟ ସହ ରୋଗୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ପ୍ରକାରେ ଜିଲ୍ଲାର ମୋଟ ୨୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ମଧ୍ୟରୁ ୨୦ଟି କେନ୍ଦ୍ରରେ 'ଏକ୍ସ-ରେ' ମେସିନ ନାହିଁ। ଯେଉଁଠାରେ ମେସିନ ଅଛି ସେଠାରେ ବୈଷୟିକ କର୍ମଚାରୀଙ୍କ ଅଭାବ କାରଣରୁ ଏକ୍ସ-ରେ ସେବା ଉପଲବ୍ଧ ହେଉନାହିଁ।

**ଡିଏଚ୍‌ଏଏଚ୍ ଏବଂ ଏମ୍‌କେସିଜି ମେଡିକାଲ ଉପରେ ବଢୁଛି ଚାପ**

ସେହିଭଳି ଜିଲ୍ଲାରେ ମୋଟ ୩୩ଟି କନିଷ୍ଠ ରେଡିଓଗ୍ରାଫର ପଦବୀ ଥିବା ବେଳେ ସେଥିମଧ୍ୟରୁ ୨୬ଟି ପଦବୀ ଖାଲି ପଡ଼ିଛି। ଯାହାର ସିଧାସଳଖ ପ୍ରଭାବ ପଡିଛି ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ଉପରେ। କୌଣସି ବ୍ୟକ୍ତିଙ୍କ ଗୋଡ଼ କିମ୍ବା ହାତ ସାମାନ୍ୟ ମକଚି ଗଲେ ଡାକ୍ତର ଏକ୍ସ-ରେ ପାଇଁ ପରାମର୍ଶ ଦେଇଥାନ୍ତି। ତେବେ ଜିଲ୍ଲାର ଗ୍ରାମାଞ୍ଚଳରେ ଏକ୍ସ-ରେ ସୁବିଧାଆଦୌନଥିବାକହିଲେଅତ୍ୟୁକ୍ତିହେବ ନାହିଁ। ଫଳରେ ରୋଗୀ ନିଜ ଅଞ୍ଚଳରେ ଏହି ସେବାରୁ ବଞ୍ଚିତ ହେଉଛନ୍ତି। ଏବଂ ରୋଗୀ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ବ୍ରହ୍ମପୁର ଅଥବା ବିଭିନ୍ନ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆସୁଛନ୍ତି। ଏହାଦ୍ୱାରା ବିଭିନ୍ନ ଉପଖଣ୍ଡ ଚିକିତ୍ସାଳୟ ଓ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲରେ ରୋଗୀଙ୍କ ଭିଡ଼ ବଢିବାରୁ ସେବା ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ପ୍ରାଥମିକ ସ୍ତରରେ ଏକ୍ସ-ରେ ସୁବିଧା ନଥିଲେ ଦୁର୍ଘଟଣା, ହାଡ଼ ଭାଙ୍ଗିବା ଓ ଫୁସଫୁସ ସମସ୍ୟା ଭଳି ରୋଗର ସମୟୋଚିତ ଚିକିତ୍ସାରେ ବିଳମ୍ବ ହୋଇଥାଏ। ଏହା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଆହୁରି ଅଧିକ ଗୁରୁତର କରିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥାଶୀଘ୍ର 'ଏକ୍ସ-ରେ' ମେସିନ ସ୍ଥାପନ କରିବା ସହ ଖାଲି ପଡ଼ିଥିବା ରେଡିଓଗ୍ରାଫର ପଦବୀ ପୂରଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏଥିପ୍ରତି ସ୍ୱାସ୍ଥ୍ୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବୋମାମାଡ଼ ଘଟଣାରେ ୨ଗିରଫ



ବ୍ରହ୍ମପୁର,୨୭ ।୪(ସମିସ): ସ୍ଥାନୀୟ ହରିଡ଼ାଖଣ୍ଡି ଧର୍ମନଗର ମୁଖ୍ୟ ରାସ୍ତାରେ ରହୁଥିବା ଇନ୍ଦିରା ସାହୁଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ବଡବଜାର ଥାନା ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ଲକ୍ଷ୍ମୀନୃସିଂହ ସାହି ୬ଷ୍ଠ ଲାଇନର ମଙ୍ଗଳା ବେହେରା(୨୬) ଓ ଆନନ୍ଦନଗରର ଜିନୁ ମହାରଣା(୨୫) ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୫ତାରିଖ ରାତି ପ୍ରାୟ ୧୧ଟା ବେଳେ ଏକ ମୋଟର ସାଇକେଲରେ ଦୁଇଜଣ ଦୁର୍ବୃତ୍ତ ଆସି ଘର ଉପରକୁ ଗୋଟିଏ ବୋମା ମାଡ କରିଥିଲେ। ସେତେବେଳେ ଇନ୍ଦିରାଙ୍କ ପରିବାର ଲୋକେ ଅନ୍ୟଏକ ପ୍ରକୋଷ୍ଠରେ ଶୋଇଥିବାରୁ ଘଟଣାରେ କେହି ମୃତାହତ ହୋଇନଥିଲେ। ଘଟଣାକୁ ନେଇ ଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ତେବେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୁଲିସ ସନ୍ଦେହ କରୁଛି।

## ଆଇନଜୀବୀ ଦିବସରେ ୧୦ ଆଇନଜୀବୀଙ୍କୁ ଦିଆଯିବ ସମ୍ବର୍ଦ୍ଧନା



ବ୍ରହ୍ମପୁର,୨୭ ।୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୂଣ୍ୟ ଜନ୍ମ ତିଥିକୁ ରାଜ୍ୟବ୍ୟାପୀ ଆଇନଜୀବୀ ଦିବସ ବା 'ଲୟର୍ସ ଡେ' ଭାବେ ପାଳନ କରାଯାଉଛି। ଏହି ଅବସରରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସଂଘ ପକ୍ଷରୁ ସଭାପତି ଶୀତାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ସମ୍ପାଦକ ଜଗନ୍ନାଥ ମିଶ୍ର, ଉପ ସଭାପତି ସତ୍ୟନାରାୟଣ ବସନ୍ତିଆ ଓ ସହ ସମ୍ପାଦକ ରଂଜନ କୁମାର ସାମନ୍ତରାୟଙ୍କ ସମେତ ନବ ମନୋନିତ ଅଧିକାଂଶ କାର୍ଯ୍ୟନିର୍ବାହୀ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଲୟର୍ସ ଡେ ପାଳନ ଅବସରରେ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ସଭାରେ ସଂଘର ବରିଷ୍ଠ ୧୦ଜଣ ସଦସ୍ୟ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଚୂଡାନ୍ତି ନିଷ୍ପତ୍ତି ନିଆଯାଇଛି। ସମ୍ବର୍ଦ୍ଧିତ ହେବାକୁ ଥିବା ବରିଷଠ ଆଇନଜୀବୀଙ୍କ ମଧ୍ୟରେ ବିଷ୍ଣୁ ପ୍ରସାଦ ମୋହନ, ଆଶିଷ କୁମାର ଘୋଷ, ଅରୁଣ କୁମାର ପାତ୍ର, କୁମୁଦ ପ୍ରସାଦ ଆଚାର୍ଯ୍ୟ, ବୀରେନ କୁମାର ଚୌଧୁରୀ, କୈଳାଶ ଚନ୍ଦ୍ର ଦାଶ, ଭବାନୀ ଶଙ୍କର ମିଶ୍ର, ବି. ରବୀନ୍ଦ୍ରନାଥ ପାତ୍ର, ଉମାକାନ୍ତ ମହାପାତ୍ର ଓ ବିରୁପାକ୍ଷ ପାତ୍ର ସାମିଲ ଥିବା ଜଣାପଡିଛି। ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ସଭାରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଦକ୍ଷିଣାଞ୍ଚଳ ଦ୍ୱିତୀୟ ଏମଏସିଟି କୋର୍ଟର ସଦସ୍ୟ ବିଚାରପତି ବିଶ୍ୱଜିତ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସଂଘର ସମ୍ପାଦକ ଜଗନ୍ନାଥ ମିଶ୍ର ସୂଚନା ଦେଇଛନ୍ତି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନର ବଡ଼ ଘୋଷଣା

# ବୈଷୟିକ ଶିକ୍ଷାର୍ଥୀଙ୍କୁ ୧.୨ଲକ୍ଷର ସବ୍‌ସିଡି

ବ୍ରହ୍ମପୁର,୨୭ ।୪(ସମିସ)

ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଜର ବୈଷୟିକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକରେ କୋର୍ ଡିପ୍ଲୋମା କରୁଥିବା ପିଲାଙ୍କ ପାଇଁ ସଂସ୍ଥା ପକ୍ଷରୁ ୧ଲକ୍ଷ ୨୦ ହଜାର ଟଙ୍କାର ସବ୍‌ସିଡି ଘୋଷଣା କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ଡିପ୍ଲୋମା ପାଠ୍ୟକ୍ରମ ଅବଧି ମଧ୍ୟରେ ସେମିଷ୍ଟର ପିଛା ୨୦ ହଜାର ଟଙ୍କା ହିସାବରେ ୧ଲକ୍ଷ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ସବସିଡି ଦ୍ୱାରା ଓଡ଼ିଶାର ଗଞ୍ଜାମ ଜିଲ୍ଲା ଗୋପାଳପୁର ସ୍ଥିତ ଜେ ଏନ୍ ଟାଟା ବୈଷୟିକ ଶିକ୍ଷା କେନ୍ଦ୍ର (ଜେଏନ୍‌ଟିଟିଇସି)ର ଛାତ୍ରଛାତ୍ରୀମାନେ ଉପକୃତ ହେବେ। ଜାମସେଦପୁର ଗୋଲମୁରୀ ସ୍ଥିତ ଆରଡି ଟାଟା ବୈଷୟିକ ଶିକ୍ଷା କେନ୍ଦ୍ର (ଆରଡିଟିଟିଇସି) ଏବଂ ବର୍ମାମାଇନ୍ସ ସ୍ଥିତ ଟାଟା ଷ୍ଟିଲ୍ ବୈଷୟିକ ପ୍ରତିଷ୍ଠାନ (ଟିଏସ୍‌ଟିଆଇ)ର ଛାତ୍ରଛାତ୍ରୀ ମଧ୍ୟ ଏହି ସବ୍‌ସିଡି ଦ୍ୱାରା ଉପକୃତ ହେବେ। ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ଅତ୍ୟାଧୁନିକ ପ୍ରଶିକ୍ଷଣ ସୁବିଧା, ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଶିଳ୍ପ-ଭିତ୍ତିକ ବୈଷୟିକ ଶିକ୍ଷା ପ୍ରଦାନରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ନୂତନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଦକ୍ଷତା ବିକାଶ ବିଭାଗ ମୁଖ୍ୟ କ୍ୟାପଟେନ ଅମିତାଭ କହିଛନ୍ତି, ଯୁବପିଢ଼ିଙ୍କୁ ଗୁଣାତ୍ମକ ବୈଷୟିକ ତଥା ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସବୁବେଳେ ପ୍ରତିଶ୍ରୁତିବଦ୍ଧ।

ଛାତ୍ରଛାତ୍ରୀଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ସହ ଉନ୍ନତ ବୈଷୟିକ ଶିକ୍ଷାର ପ୍ରସାର କରିବା ଉଦ୍ଦେଶ୍ୟରେ ଏହି ସବ୍‌ସିଡି ଆରମ୍ଭ କରାଯାଇଛି। ନେଟ୍ଟର ଟେକ୍ନିକାଲ ଟ୍ରେନିଂ ଫାଉଣ୍ଡେସନ (ଏନ୍‌ଟିଟିଏଫ୍) ସହଭାଗିତାରେ ଏହା କାର୍ଯ୍ୟକାରୀ କରାଯାଇଛି, ଯାହାଫଳରେ ଶିକ୍ଷାର୍ଥୀଙ୍କୁ ଶିଳ୍ପାନୁଷ୍ଠାନର ଆବଶ୍ୟକତା ଅନୁଯାୟୀ ଉଚ୍ଚମାନର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଗୋପାଳପୁର ସ୍ଥିତ ଜେ ଏନ୍ ଟାଟା ବୈଷୟିକ ଶିକ୍ଷାକେନ୍ଦ୍ରରେ "ଡିପ୍ଲୋମା ଇନ୍ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂ ଆଣ୍ଡ ସ୍ମାର୍ଟ ଫ୍ୟାକ୍ଟ୍ରି-ସିପିଏଚ' ପାଠ୍ୟକ୍ରମ ଉପଲବ୍ଧ ଅଛି। ଏହା ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ, ଅଟୋମେସନ ଏବଂ ଡିଜିଟାଲ ମ୍ୟାନୁଫ୍ୟାକ୍‌ଚରିଂ ଟେକ୍ନୋଲୋଜିର ଏକ ସମନ୍ୱିତ ପାଠ୍ୟକ୍ରମ। ଏଠାରେ ପ୍ରାକ୍ଟିକାଲ ଶିକ୍ଷା, ପ୍ରୋଜେକ୍ଟ-ଭିତ୍ତିକ ପ୍ରଶିକ୍ଷଣ ଏବଂ ଶିଳ୍ପ କ୍ଷେତ୍ରର ପ୍ରତ୍ୟକ୍ଷ ଅଭିଜ୍ଞତା ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଶିକ୍ଷାର୍ଥୀମାନଙ୍କୁ ଆଧୁନିକ ମ୍ୟାନୁଫ୍ୟାକ୍‌ଚରିଂ ଏବଂ ଅଟୋମେସନ କ୍ଷେତ୍ର ପାଇଁ ପ୍ରସ୍ତୁତ କରୁଛି। ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ପରୀକ୍ଷାଗାର, କର୍ମଶାଳା ଏବଂ ଡିଜିଟାଲ ଶିକ୍ଷା ସମ୍ବଳ ମାଧ୍ୟମରେ ଏହି ଅନୁଷ୍ଠାନ ଅନେକ ଶିକ୍ଷାର୍ଥୀଙ୍କୁ ଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକରେ ନିଯୁକ୍ତି ଦେବାରେ ସଫଳ ହୋଇଛି। ଏହି ସବ୍‌ସିଡି ଘୋଷଣା ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଜର ପ୍ରୟାସକୁ ଆହୁରି ସଶକ୍ତ କରିବା ସହ ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି।

## ନାବାଳିକା ଅସଦାଚରଣ ମାମଲା: ଟ୍ୟୁସନ ମାଷ୍ଟରକୁ ୩ ବର୍ଷ ଜେଲ

- ପୀଡ଼ିତାଙ୍କୁ ୩ଲକ୍ଷ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ

ବ୍ରହ୍ମପୁର,୨୭ ।୪(ସମିସ): ନାବାଳିକା ଛତ୍ରୀଙ୍କୁ ଅସଦାଚାରଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପକସୋ କୋର୍ଟ ବିଚାରପତି ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣକ କେ.ନୂଆଗାଁ ଥାନା ଅଞ୍ଚଳର ମହେନ୍ଦ୍ର ସାହୁ(୨୬)। ଅଭିଯୁକ୍ତଙ୍କୁ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୫ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ସେହିପରି ପିଡ଼ିତା ନାବାଳିକାଙ୍କୁ ୩ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୧ମସିହା ଅଗଷ୍ଟ ୭ତାରିଖରେ ଉକ୍ତ ଥାନା ଅଞ୍ଚଳର ଏକ ଗ୍ରାମର ୧୩ବର୍ଷୀୟ ନାବାଳିକା ନିଜ ଘରେ ଟିଭି ଦେଖୁଥିଲେ। ମହେନ୍ଦ୍ର ସାହୁ ଘର ଭିତରକୁ ଯାଇ ବଳପୂର୍ବକ ନାବାଳିକାଙ୍କ ପୋଷାକ ବାହାର କରି ଅସଦାଚାରଣ କରିଥିଲେ। ନାବାଳିକା ଜଣକ ଏହାର ପ୍ରତିବାଦ କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ନକହିବାକୁ ନାବାଳିକାଙ୍କୁ ମହେନ୍ଦ୍ର ଧମକଚମକ ଦେଇଥିଲେ। ପରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପରିବାର ଲୋକେ ଗାଁ'ର ଭଦ୍ର ଲୋକଙ୍କୁ ଡାକି ବୈଠକ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବପର ହୋଇନଥିଲା।

ଶେଷରେ ପିଡ଼ିତାଙ୍କ ମା' ନ୍ୟାୟ ଓ ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘରେ ପଶି ଟ୍ୟୁସନ ଶିକ୍ଷକ ଝିଅକୁ ଅସଦାଚାରଣ କରିବା ସହ ସମାଜରେ ଝିଅର ମର୍ଯ୍ୟାଦା ହାନି ଘଟିଥିବା ନେଇ ସେ ଏତଲା ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ୧୫୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଟ୍ୟୁସନ ଶିକ୍ଷକ ମହେନ୍ଦ୍ରକୁ ଗିରଫ ପରେ ଜେଲ ପଠାଇ ଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ବିଚାରପତି ସୋମବାର ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମହେନ୍ଦ୍ର କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ୨ ଗିରଫ

ବ୍ରହ୍ମପୁର,୨୭। (ସମିସ): ଜଣେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଦୁଇ ମହିଳାଙ୍କୁ୨ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୁଆଁ ବାଲ୍ମୀକିପେଟା କଲୋନୀର କସ୍ତୁରୀ ସାହୁ (୬୪) ଓ ଅଞ୍ଜଳି ସାହୁ (୩୪)। ସୂଚନାଯୋଗ୍ୟ ଯେ, ନୁଆଁ ବାଲ୍ମୀକିପେଟା କଲୋନୀର ଇନ୍ଦିରା ପାତ୍ରଙ୍କୁ ଗତ ୨୬ ତାରିଖରେ ଉପରୋକ୍ତ ଦୁଇ ମହିଳା ଅଭିଯୁକ୍ତ ଗାଳି ଗୁଳଜ କରିବା ସହ ତଣ୍ଟି ଚିପି ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିଲେ। ଇନ୍ଦିରା ସେମାନଙ୍କ କବଳରୁ ମୁକ୍ତି ପାଇଁ ଆସି ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ବାରମ୍ବାର ଉପରୋକ୍ତ ଦୁଇ ମହିଳା ଅଭିଯୁକ୍ତ ଇନ୍ଦିରାଙ୍କୁ ଗାଳି ଗୁଳଜ କରିବା ସହ ବିଭିନ୍ନ ଧମକ ଦେଇ ଆସୁଥିଲେ ବୋଲି ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## କୁଟ୍ରୁମାଳିରେ ଖଣି ଖନନକୁ ବିରୋଧ; ପ୍ରସ୍ତାବିତ ଜନଶୁଣାଣି ବାତିଲ ଦାବି

ବ୍ରହ୍ମପୁର,୨୭ ।୪(ସମିସ): ସିଜିମାଳିରେ ଖଣିଖାଦାନକୁ ନେଇ ଆଦିବାସୀଙ୍କ ଉପରେ ଅତ୍ୟାଚାର ଘଟଣା ଜାରି ରହିଥିବା ବେଳେ ବର୍ତ୍ତମାନ ପୁଣି ସିଜିମାଳି ସନ୍ନିକଟ କୁଟ୍ରୁମାଳି ଠାରେ ଖଣି ଖନନ ପାଇଁ ପ୍ରସ୍ତୁତ ହୋଇଛି ଯୋଜନା। ରାୟଗଡ଼ା ଜିଲା ପ୍ରଶାସନର ପରାମର୍ଶ କ୍ରମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ପକ୍ଷରୁ କୁଟ୍ରୁମାଳିରେ ଖଣି ଖନନ ପାଇଁ ପ୍ରସ୍ତାବିତ ପରିବେଶ ମଞ୍ଜୁରୀ ଜନଶୁଣାଣୀର ସ୍ଥାନ ଓ ସମୟ ଅଗଣତାନ୍ତ୍ରିକ ବୋଲି ଲୋକ ଶକ୍ତି ଅଭିଯାନର ରାଷ୍ଟ୍ରୀୟ ଆବାହକ ଓ ସେଣ୍ଟର୍ ଫର କ୍ଲାଇମେଟ ଜଷ୍ଟିସର ସଂସ୍ଥାପକ ପ୍ରଫୁଲ୍ଲ ସାମନ୍ତରା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ରାୟଗଡ଼ା ଏବଂ କଳାହାଣ୍ଡି ଉଭୟ ଜିଲ୍ଲାର ସୀମାନ୍ତରେ ଅବସ୍ଥିତ କୁଟ୍ରୁମାଳି ବକ୍ସାଇଟ୍ ଖଣି ପାଇଁ ପରିବେଶ ମଞ୍ଜୁରୀ ପାଇଁ ଆସନ୍ତା ମେ ୧୩ତାରିଖରେ କାଶୀପୁର ବ୍ଲକ କାର୍ଯ୍ୟାଳୟ ଠାରେ ଜନଶୁଣାଣି କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଜିମାଳିରେ ଖଣି ଖନନକୁ ବିରୋଧକରି ତୀବ୍ର ଜନଆନ୍ଦୋଳନ ଚାଲିଥିବାବେଳେ ପୋଲିସର ଅମାନୁଷିକ ଦମନଲୀଳା ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳରେ ପୁଣି ଆଉ ଏକ ବକ୍ସାଇଟ୍ ଖଣି ପାଇଁ ଜନଶୁଣାଣି କରିବା କେତେଦୂର ଯଥାର୍ଥ ବୋଲି ଶ୍ରୀ ସାମନ୍ତରା ପ୍ରଶ୍ନ ଉଠାଇଛନ୍ତି। ସିଜିମାଳି ଏବଂ କୁଟ୍ରୁମାଳି ଅଞ୍ଚଳର ଗ୍ରାମବାସୀମାନେ ନିଜର ପ୍ରଥମ ଜୀବିକା ଏବଂ ସାମାଜିକ-ସାଂସ୍କୃତିକ ପରିଚୟକୁ ରକ୍ଷା କରିବା ପାଇଁ ଖଣି ଖନନ ବିରୋଧରେ ନିୟମିତ ପ୍ରତିବାଦ କରିଆସୁଛନ୍ତି। ଉଭୟ ମାଳି ସହ ବହୁଗ୍ରାମ ନିର୍ଭରଶୀଳ। ସିଜିମାଳି ଘଟଣାରେ ବହୁ ଆହତ ହୋଇଥିବା ବେଳେ ଅନେକଙ୍କ ନାମରେ ୱାରେଣ୍ଟ ଜାରି ହୋଇଛି। ଏଭଳି ସ୍ଥିତିରେ ରାଜ୍ୟର ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀ ଓ ଦେଶର ବହୁ ଗଣମାଧ୍ୟମ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସମବେଦନା ଜଣାଉଛନ୍ତି। ଏହି ସମୟରେ ଜନଶୁଣାଣି କରିବା ପାଇଁ ନିଷ୍ପତ୍ତି, ଘରୋଇ ତଥା କର୍ପୋରେଟ କମ୍ପାନୀର ସ୍ୱାର୍ଥ ରକ୍ଷା କରି ପ୍ରଭାବିତ ଲୋକଙ୍କୁ ଜନଶୁଣାଣିରୁ ଦୂରେଇ ରଖିବାର ଏକ ଜନ ବିରୋଧୀ ପ୍ରୟାସ ମାତ୍ର। ଜନଶୁଣାଣିର ସ୍ଥାନ କାଶିପୁର ବ୍ଲକ୍ ଅଫିସ ପ୍ରଭାବିତ ଗ୍ରାମଗୁଡ଼ିକ ଠାରୁ ବହୁ ଦୂରରେ ଅବସ୍ଥିତ। ଏହା ଜନଶୁଣାଣି ପରିଚାଳନା ନିୟମାବଳୀର ଉଲ୍ଲଂଘନ। ଏହା କେବଳ "ଜଳୁଥିବା ନିଆଁରେ ଘିଅ ଢାଳିବା' ସଦୃଶ। ବର୍ତ୍ତମାନ କୁଟ୍ରୁମାଳି ଅନ୍ତର୍ଭୁକ୍ତ କେରପାଇ ଓ ସିଲେଟ ଦୁଇ ଗ୍ରାମ ପଞ୍ଚାୟତର ଦୁଇ ସରପଞ୍ଚ ଗ୍ରାମସଭାର ବିନା ସମ୍ମତିରେ ଖଣି ଖନନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଲେଖିଛନ୍ତି। ଏଣୁ ପ୍ରସ୍ତାବିତ ଜନଶୁଣାଣିକୁ ବନ୍ଦ କରିବାକୁ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ଦାବି କରିଛନ୍ତି। ଗତ ୨୩ତାରିଖରେ ଶ୍ରୀ ସାମନ୍ତରାଙ୍କ ସମେତ ରାଜ୍ୟର ୧୫ଜଣ ମାନବିକ ଅଧିକାର ଓ ସାମାଜିକ କର୍ମୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେଇ ଏହି ଦାବି ରଖିଥିବା ସେ କହିଛନ୍ତି। ତେଣୁ, ଗ୍ରାମସଭାର ଅନୁମୋଦନ ମିଳିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଏହି ଜନଶୁଣାଣିକୁ ବାତିଲ କରିବାକୁ ଦାବି ହୋଇଛି। ଏଥି ସହିତ ଜନଶୁଣାଣି ଏଭଳି ଏକ ସ୍ଥାନରେ ହେବା ଉଚିତ, ଯେଉଁଠିକୁ ପ୍ରଭାବିତ ଅଞ୍ଚଳବାସୀ ଯୋଗଦେଇପାରିବେ। ଏହାସତ୍ତ୍ୱେ ଯଦି ଜନଶୁଣାଣି ବାତିଲ ନହୁଏ ତେବେ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନାଲିଆଖି ଦେଖାଇ ପ୍ରଶାସନ ଅଗଣତାନ୍ତ୍ରିକ ପଦ୍ଧତିରେ ଜନଶୁଣାଣୀ କରି କଂପାନୀ ସ୍ୱାର୍ଥରେ ବଳପୂର୍ବକ ପରିବେଶ ମଞ୍ଜୁରୀ କରାଇବାକୁ ଚାହିଁଛି। ଏହାଦ୍ୱାରା ଆଗକୁ ତୀବ୍ର ଜନଆନ୍ଦୋଳନ ଗଢି ତୋଳିବା ସହ ଖଣି ଖନନକୁ ବିରୋଧ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

- ଗୋ ସମ୍ମାନ ଆହ୍ୱାନ ଅଭିଯାନ

## ଗୋ-ସୁରକ୍ଷା ଦାବିରେ ଦେଶବ୍ୟାପୀ ବିକ୍ଷୋଭ



ବ୍ରହ୍ମପୁର,୨୭ ।୪(ସମିସ): ଦିନକୁ ଦିନ ବୃଦ୍ଧି ପାଉଥିବା ଗୋଚାଲାଣ ଓ ଗୋହତ୍ୟାର ପ୍ରତିବାଦରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଦେଶବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏପ୍ରିଲ ୨୭ ଓ ଜୁଲାଇ ୨୭ତାରିଖକୁ ଗୋ ସମ୍ମାନ ଦିବସ ପାଳନ ଅବସରରେ ଏହି ଅଭିଯାନ ହାତକୁ ନିଆଯାଇଛି। ଦେଶବ୍ୟାପୀ ଗୋପ୍ରେମୀ ଓ ଗୋସୁରକ୍ଷାକାରୀଙ୍କ ପକ୍ଷରୁ ସମସ୍ତ ବ୍ଲକ, ତହସିଲ, ସବଡିଭିଜନ ଓ ଜିଲ୍ଲାସ୍ତରୀୟ ଶୋଭାଯାତ୍ରା, ବିକ୍ଷୋଭ ପ୍ରଦର୍ଶନ ସହିତ ସ୍ମାରକପତ୍ର ପ୍ରଦାନ ଜରିଆରେ ଗୋସୁରକ୍ଷା ଭଳି ଏକମାତ୍ର ଦାବି କରାଯାଇଛି। ଏହି କ୍ରମରେ ବ୍ରହ୍ମପୁର ଠାରେ ଗୋରକ୍ଷକ ଓ ଗୋପ୍ରେମୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିଥିଲେ। ପରେ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀଙ୍କ ପକ୍ଷରୁ ମହାମାନ୍ୟ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାକେଶ କୁମାର ପରିଡାଙ୍କ ଜରିଆରେ ୧୧ହଜାରରୁ ଉର୍ଦ୍ଧ୍ୱ ସହରବାସୀଙ୍କ ସ୍ୱାକ୍ଷର ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗୋରକ୍ଷକ ଓ ଗୋପ୍ରେମୀ ସାମିଲ ହୋଇଥିଲେ।

- ବ୍ରହ୍ମପୁର ବୁଲ୍ସ ଟ୍ରଫି

## ୨ୟ ସେମି ଫାଇନାଲରେ ଅକ୍ସଫୋର୍ଡ କ୍ରିକେଟ କ୍ଲବ୍

ବ୍ରହ୍ମପୁର,୨୭ ।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନରେ ୨ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ ଖଲ୍ଲିକୋଟ କ୍ରିକେଟ କ୍ଲବ ବନାମ ଖାଲେକ୍ସୀ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖଲ୍ଲିକୋଟ କ୍ରିକେଟ କ୍ଲବ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତି ନେଇଥିଲା। ୧୮ ଓଭରରେ ୫ଟି ୱିକେଟ ବିନିମୟରେ ୧୫୦ରନ୍ ସଂଗ୍ରହ କରିଥିବା ବେଳେ ଖାଲେକ୍ସୀ କ୍ରିକେଟ କ୍ଲବ ୧୭ଓଭର ୩ଟି ବଲରେ ୬ଟି ୱିକେଟ ବିନିମୟରେ ଆବଶ୍ୟକ ୧୫୧ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଅତିଥିଭାବେ ବିଶାଲ ଅଗ୍ରୱାଲ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ ସାହିଲ କୁମାର ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅକ୍ସଫୋର୍ଡ କ୍ରିକେଟ କ୍ଲବ ବନାମ ଜେସିସି କ୍ରିକେଟ କ୍ଲବ ମ୍ୟାଚ୍ ହୋଇଥିଲା। ଜେସିସି ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୦ଓଭରେ ୧୨୮ ରନ୍ ସଂଗ୍ରହ କରିଥିଲା। ଅକ୍ସଫୋର୍ଡ ଦଳ ୧୩୦ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଅକ୍ସଫୋର୍ଡ କ୍ଲବର ରୋହିତ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ୨ୟ ସେମି ଫାଇନାଲରେ ଅକ୍ସଫୋର୍ଡ କ୍ରିକେଟ କ୍ଲବ ପ୍ରବେଶ କରିଛି। ଏହି ମ୍ୟାଚକୁ ଧୀରେନ ମିଶ୍ର, ଶ୍ୟାମ ସୁନ୍ଦର ନାୟକ ଓ ରଞ୍ଜିନୀକାନ୍ତ ରେଡ୍ଡୀ ଅମ୍ପାୟର ରୂପେ ପରିଚାଳନା କରିଥିଲେ।




## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ ଫୁ କରି ଉଡ଼ାଇଲେ ଘରୋଇ ଶିକ୍ଷାନୁଷ୍ଠାନ

# ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜାରି ବିଜ୍ଞପ୍ତିକୁ ଖୋଲାଖୋଲି ଅବମାନନା

ବ୍ରହ୍ମପୁର,୨୭ ।୪(ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣାକୁ ପାଳନ କରିବା ଦୂରର କଥା ଏହାକୁ ବେଖାତିର କରିଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ। ସେପଟେ ଏହି ସରକାରୀ ନିର୍ଦ୍ଦେଶନାମାକୁ କଡାକଡି ପାଳନ କରିବାରେ ଉଭୟ ଜିଲ୍ଲା ଓ ଶିକ୍ଷା ପ୍ରଶାସନ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ଏଭଳି ମନୋଭାବ ଯେତିକି ଚିନ୍ତା ଓ ପରିତାପର ବିଷୟ ନୁହେଁ ଏକ୍ଷେତ୍ରରେ ପ୍ରଶାସନ ଚୁପ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସବୁଜାଣି ଉଭୟ ଜିଲ୍ଲା ଓ ଶିକ୍ଷା ପ୍ରଶାସନ ନିରବଦ୍ରଷ୍ଟା ସାଜିବା ବୁଦ୍ଧିଜୀବୀଙ୍କ ମହଲରେ ସହଜରେ ଗ୍ରହଣୀୟ ହୋଇପାରି ନାହିଁ। ସମ୍ପ୍ରତି ରାଜ୍ୟର ଅଧିକାଂଶ ଜିଲ୍ଲାରେ ଅନୁଭୂତ ହେଉଥିବା ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଅଂଶୁଘାତ ଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଯଦ୍ୱାରା କୌଣସି ଅଘଟଣକୁ ରୋକିବା ପାଇଁ ରାଜ୍ୟ ସରକାର ପ୍ରତିକାରାତ୍ମକ ପଦକ୍ଷେପ ସ୍ୱରୁପ ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ଏନେଇ ଗତ ୨୪ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏସମ୍ପର୍କିତ ଏକ ପ୍ରସ୍ତାବ ଉପରେ ଆଲୋଚନା କରି ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ଏପ୍ରିଲ ୨୭ତାରିଖ ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ।

ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ସମେତ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ପୂର୍ବଭଳି ଜାରି ରହିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯାହାକୁ ବେଖାତିର କରି ଖାସ କରି ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ କ୍ରାସ କୋର୍ସ ଓ କୋଚିଂ କ୍ଲାସ ଆଳରେ ଶିକ୍ଷାନୁଷ୍ଠାନ ଖୋଲାରଖି ରିତିମତ ପାଠପଢା ଜାରି ରଖିଥିବା ଦେଖିବାକୁ ମିଳିଛି। ଆବାସିକ ବିଦ୍ୟାଳୟ ଗୁଡିକରେ ସରକାରଙ୍କ ଏହି ନିର୍ଦ୍ଦେଶନାମାର ଖୋ।ଲା।ଖୋ।ଲି ଉଲଂଘନ ହେଉଥିବା ଦେଖିବାକୁ ମିଳୁଛି।

**● କ୍ରାସ କୋର୍ସ ଓ କୋଚିଂ ନାମରେ ରିତିମତ ଖୋଲାରହୁଛି ସ୍କୁଲ, ସବୁଜାଣି ପ୍ରଶାସନ ଚୁପ୍**

**● କାର୍ଯ୍ୟାନୁଷ୍ଠାନ ଅଭାବରୁ ନିର୍ଦ୍ଦେଶନାମାକୁ ଘରୋଇ ଶିକ୍ଷାନୁଷ୍ଠାନର ବେଖାତିର**

ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ନିଜସ୍ୱ କୋଠା ନଥିବା ବେଳେ ସେମାନେ ଭଡା ସୂତ୍ରରେ କଲେଜ ତଥା ଶିକ୍ଷାନୁଷ୍ଠାନ ଗୁଡିକୁ ଚଳାଇଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବେ ବେନିୟମ।

ସେପଟେ ନିଜସ୍ୱ କୋଠା ନଥିବା ବେଳେ ସେମାନଙ୍କର ଛାତ୍ରାବାସ ବା ଛାତ୍ରୀନିବାସ ମଧ୍ୟ ନଥିବାରୁ ନିଜ ଶିକ୍ଷାନୁଷ୍ଠାନ ଠାରୁ ଦୂରରେ ଭଡା ସୂତ୍ରରେ ଆପାର୍ଟମେଣ୍ଟ ଅଥବା ଭଡା ଘରଗୁଡିକୁ ନେଇ ହଷ୍ଟେଲ ଚଳାଉଛନ୍ତି। ହଷ୍ଟେଲରୁ ଛାତ୍ରଛାତ୍ରୀ ତଥା ଅନ୍ତେବାସୀମାନେ ପୂର୍ବଭଳି ଖରାଦିନରେ ଅର୍ଥାତ୍ ଛୁଟି ଘୋଷଣା ସତ୍ତ୍ୱେ ଶିକ୍ଷାନୁଷ୍ଠାନକୁ ଖୋଲାଆକାଶ ତଳେ ପ୍ରଚଣ୍ଡ ଖରାରେ ମଧ୍ୟାହ୍ନ ସମୟରେ କ୍ଲାସକୁ ଓ ମଧ୍ୟାହ୍ନ ଭୋଜନ ଏପରିକି ଜଳଖିଆ କରିବାକୁ ବାରମ୍ବାର ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ଯାହା ସରକାରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଘୋଷଣାନାମାର ଖୋଲାଖୋଲି ଉଲଂଘନ ନୁହେଁ ବରଂ ସମ୍ପୂର୍ଣ୍ଣ ବେଖାତିର କରୁଛନ୍ତି ଘରୋଇ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ। ତେବେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ଏଭଳି ମନୋଭାବ କେବଳ ଯେ ଚଳିତ ବର୍ଷ ଦେଖିବାକୁ ମିଳୁଛି ଏହା ନୁହେଁ ପ୍ରତିବର୍ଷ ଖରାଦିନରେ ଉଭୟ ମାଟ୍ରିକ ଓ ଯୁକ୍ତ ଦୁଇ ଶ୍ରେଣୀର ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ଉଲଂଘନ ଦେଖିବାକୁ ମିଳିଥାଏ। ଏନେଇ ଶିକ୍ଷାବିଭାଗ ଓ ଜିଲ୍ଲା ପ୍ରଶାସନ ଅବଗତ ଥିବା ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହା ସ୍ପଷ୍ଟ ହେଉନାହିଁ। ସବୁଜାଣି ଉଭୟ ଜିଲ୍ଲା ଓ ଶିକ୍ଷାବିଭାଗ ପ୍ରଶାସନ ଚୁପ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭ ଅଭିଯୋଗର ତ୍ୱରିତ ସମାଧାନ

କେନ୍ଦ୍ରାପଡ଼ା,୨୭।୪(ସମିସ): ଆଳି ବ୍ଲକ୍‌ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୪୮ଟି ବ୍ୟକ୍ତଗତ ଓ ୧୫ଟି ସାମୂହିକ ଅଭିଯୋଗ ଥିଲା। ଏଥିରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗତ ଫେବୃଆରୀ ୨ ତାରିଖରେ ଆଳିରେ ଅନୁଷ୍ଠିତ ଶୁଣାଣି ଶିବିରରେ ୯୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ ଟି ଅଭିଯୋଗର ସମାଧାନ ହୋଇଥିବା ଜଣାପଡ଼ିଛି।



# ଗଡ଼୍‌ମେକର ଶିଳ୍ପୀ ସରୋଜ ପଣ୍ଡାଙ୍କ ସିସିଆରଟି ବୃତ୍ତି ଲାଭ

ପଟ୍ଟାମୁଣ୍ଡାଇ,୨୭।୪(ସମିସ): ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର) ଶିଳ୍ପୀ ସରୋଜ ପଣ୍ଡା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ତବଲା ବାଦନରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ସମଗ୍ର ଓଡ଼ିଶାରୁ ଏକମାତ୍ର ତବଲା ଶିଳ୍ପୀ ଭାବେ ଚଳିତ ବର୍ଷ ସିସିଆରଟି ବୃତ୍ତି ପାଇଥିବା ସରୋଜ ଅନୁଷ୍ଠାନର ତବଲା ଗୁରୁ ପଣ୍ଡିତ ସମୀରଞ୍ଜନ ଦାସଙ୍କ ଶିକ୍ଷାଦାନ ଓ ଗଡମେକର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କ ମାର୍ଗଦର୍ଶନରେ ଏଭଳି ବିରଳ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସରୋଜ ବଡ଼ମୂଳବସନ୍ତ ପଞ୍ଚାୟତ ନପଙ୍ଗ ଗ୍ରାମର ଅଚ୍ୟୁତାନନ୍ଦ ପଣ୍ଡା ଓ ପ୍ରେମଲତା ପଣ୍ଡାଙ୍କ ପୁତ୍ର। ପିଲା ଦିନରୁ ଚମତ୍କାର ତବଲା ପରିବେଷଣ ଦକ୍ଷତା ରଖି ଆସିଥିବା ସରୋଜ ଶାସ୍ତ୍ରୀୟ ତବଲା ବାଦନ କ୍ଷେତ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ତବଲାଶ୍ରୀ ଓ ପ୍ରାଚୀନ କଳା କେନ୍ଦ୍ର (ଚଣ୍ଡିଗଡ) ରୁ ତବଲା ଭୂଷଣ ଉପାଧି ପ୍ରାପ୍ତ ହୋଇଛନ୍ତି।



# ବଡ଼ମୂଳବସନ୍ତ ପଞ୍ଚାୟତ ପୁରସ୍କୃତ



ପଟ୍ଟାମୁଣ୍ଡାଇ,୨୭।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ବଡ଼ମୂଳବସନ୍ତ ପଞ୍ଚାୟତ ପୁରସ୍କୃତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡିଓ ଶୀତଳ ଅଗ୍ରୱାଲ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ ଓ ପ୍ରସନ୍ନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚମ ଅର୍ଥ କମିଶନ ଅନୁଦାନ ରାଶି ସଫଳ ବିନିଯୋଗ ପାଇଁ ବଡ଼ମୂଳବସନ୍ତ ପଞ୍ଚାୟତକୁ ପୁରସ୍କୃତ କରିଛନ୍ତି। ବଡ଼ମୂଳବସନ୍ତ ପଞ୍ଚାୟତ ସରପଞ୍ଚ ସନ୍ତୋଷ ସେଠୀ, ସମିତିସଭ୍ୟା ସ୍ମୃତିମୟୀ ମଲିକ, କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ଓ ଏଡିଇଓ ଅଶୋକ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା।

# ବୁଢ଼ା ଭାଗବତଙ୍କ ବାର୍ଷିକ ଉତ୍ସବ

ରାଜକନିକା,୨୭।୪(ସମିସ): ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଅନ୍ତର୍ଗତ ମଦନମୋହନ ପାଟଣା ଗ୍ରାମର ବୁଢ଼ା ଭାଗବତ ମନ୍ଦିର ପ୍ରତିଷ୍ଠାର ୨୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଗତ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ସୋମବାର ଯାଏ ୯ ଦିନ ଚାଲିଥିବା ଏହି ଭାଗବତ ପାରାୟଣ, ପ୍ରବଚକ ଅସିତ ଜେନାଙ୍କ ପ୍ରବଚନ, ସୁରଭାରତୀ ସସ୍ମିତା ପ୍ରଧାନଙ୍କ ପାଲା ପରିବେଷଣ, କୁନି ପ୍ରତିଭାଙ୍କ ଦେବଦାସୀ ଘୁଙ୍ଗୁର, କଟକର ସାଇ ସାର୍ଥକ ଭଜନ ଟିମର ଭଜନ, ଅଷ୍ଟପ୍ରହରୀ ନାମଯଜ୍ଞ, ନଗର ଭ୍ରମଣ ଓ ଦଧିହାଣ୍ଡି ଭଗ୍ନ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଜାରି ରହିଥିଲା। ଏହି କାର୍ଯ୍ୟକ୍ରମରେ ମଦନମୋହନ ସାଂସ୍କୃତିକ ପରିଷଦ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଧ୍ୟାପିକାଙ୍କ ମାତୃ ବିୟୋଗ

ପଟ୍ଟାମୁଣ୍ଡାଇ,୨୭।୪(ସମିସ): ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟାପିକା ସରୋଜିନୀ ମିଶ୍ରଙ୍କ ମାତା ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ରାଧାଶ୍ୟାମ ମିଶ୍ରଙ୍କ ପତ୍ନୀ ସଚି ମିଶ୍ରଙ୍କ ଚଉଦକୁଲାଟ ତମାଳଶାସନ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଗୌରୀ ମିଶ୍ର, ସରୋଜିନୀ ମିଶ୍ର, ମମତା ମିଶ୍ର, ଅରବିନ୍ଦ ରଥ, ସ୍ମୃତିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି, ଅଲେଖ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



ବାଲି ଚାଲାଣକାରୀ ହାଇୱା କବ୍‌ଜାରେ ଗ୍ରାମାଞ୍ଚଳ ରାସ୍ତା

# ଅପରାହ୍ନ ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଆତଙ୍କିତ ଅଞ୍ଚଳବାସୀ

ଡେରାବିଶ, ୨୭।୪(ସମିସ)



ଡେରାବିଶ ବ୍ଲକ୍ ଅନ୍ତର୍ଗତ ଯଅଁରାବାରିମୂଳ ପଞ୍ଚାୟତର ଲୁଣାନଦୀର ଅର୍ତାମୂଳ ଘାଟ ସମେତ ଏହି ନଦୀର ଅନ୍ୟ ବ୍ଲକ୍ ଅଞ୍ଚଳରୁ ବାଲି ପରିବହନ କରୁଥିବା ହାଇୱା କବ୍‌ଜାରେ ଏବେ ସମ୍ପୂର୍ଣ୍ଣ ଗ୍ରାମାଞ୍ଚଳ ରାସ୍ତା ରହିଛି। ଅପରାହ୍ନ ୪ଟାରୁ ପରଦିନ ସକାଳ ୮ଟା ପର୍ଯ୍ୟନ୍ତ ବାଲି ବୋଝେଇ ହାଇୱା ଗ୍ରାମାଞ୍ଚଳ ରାସ୍ତାକୁ ଅବୈଧ ଭାବେ କବ୍‌ଜା କରି ନେଉଛନ୍ତି। ଅପରାହ୍ନ ୪ଟାରୁ ଆରମ୍ଭ ହେଉଛି ହାଇୱାଗୁଡ଼ିକର ଦୌରାତ୍ମ୍ୟ। ଏକାବେଳେ ୮ ରୁ ୧୦ଟି ହାଇୱା ବାଲି ବୋଝେଇ କରିବା ପାଇଁ ଘାଟକୁ ଯାଉଥିବାବେଳେ ବିପରୀତ ଦିଗରୁ ସମପରିମାଣରେ ହାଇୱା ବାଲି ବୋଝେଇ କରି ଫେରୁଛନ୍ତି। ଫଳରେ ରାସ୍ତାରେ ଅଞ୍ଚଳବାସୀ ଯିବାକୁ ଭୟ କରୁଛନ୍ତି। ଟିକେ ଅସାବଧାନ ହେଲେ ଜୀବନ ଚାଲିଯିବାର ଭୟ ରହୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଖରିଦାସାହି-ଦାନପୁର ରାସ୍ତା, ଚାନ୍ଦୋଳ-ଅର୍ତାମୂଳ-ଦାନପୁର ରାସ୍ତା, କେନ୍ଦ୍ରାପଡ଼ା କେନାଲ୍ ବନ୍ଧର ଉଭୟ ପଟ ରାସ୍ତା ଏହି ବାଲି ଚାଲାଣକାରୀ ହାଇୱା ନିଜ କବ୍‌ଜାକୁ ନେଇଯାଉଛନ୍ତି। ଅପରାହ୍ନ ଓ ସକାଳ ସମୟରେ ଏହି ରାସ୍ତା ଦେଇ ହାଜର ହାଜର ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ପଢ଼ାସାରି ଘରକୁ ନ ଫେରିବା ପର୍ଯ୍ୟନ୍ତ ସେମାନଙ୍କ ବାପାମାଆ ଅଜଣା ଆତଙ୍କରେ ରହୁଛନ୍ତି। ଏହି ୧୬ ଘଣ୍ଟା ସମୟରେ ସ୍ଥାନୀୟ ଅଞ୍ଚଳରେ ଯଦି ଦୁର୍ଘଟଣା ଘଟେ, ତେବେ ଅତ୍ୟାବଶ୍ୟକୀୟ ଅଗ୍ନିଶମ ଓ ଆମ୍ବୁଲାନ୍ସ ଭଳି ଗାଡ଼ି ପହଞ୍ଚିଲା ବେଳକୁ ସବୁ ସରିଯାଇଥିବ। ଦୀର୍ଘମାସ ଧରି ବାଲି ଚାଲାଣ ହେଉଥିବା ସମୟରେ ରାସ୍ତା କଡ଼ରେ ୧ ଫୁଟରୁ ଅଧିକ ବହଳର ବାଲି ଜମା ହୋଇଗଲାଣି। ବାଲି ବୋଝେଇ ହାଇୱା ଯାତାୟାତ ସମୟରେ ବିପରୀତ ଦିଗରୁ ଆସୁଥିବା ବାଇକ୍ ଭଳି ଛୋଟ ଯାନ ରାସ୍ତା କଡ଼ା ବାଲି ଭିତରେ ପଶିଗଲେ ପୁନର୍ବାର ରାସ୍ତା ଉପରକୁ ଉଠିବା କଷ୍ଟକର ହୋଇପଡ଼ୁଛି। ଏପରିକି ରାସ୍ତା ଉପରେ ପଡ଼ିଯିବା ଭଳି ଅବସ୍ଥା ସୃଷ୍ଟି ହେଉଛି। ବାଲି ପରିବହନ ସମୟରେ କ୍ଷମତାଠାରୁ ଅଧିକ ବାଲି ନେବା ଓ ତା' ଉପରେ କୌଣସି ଆବରଣ ନ ପକାଇବା ଯୋଗୁଁ ବାଲି ଉଡ଼ି ପଥଚାରୀଙ୍କ ଆଖିରେ ପଡ଼ିବା ସହ ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରୁଛି। ଏଥିସହିତ ପାଣିମିଶା ହାଇୱା ଦ୍ୱାରା ପରିବହନ ହେବା ଦ୍ୱାରା ରାସ୍ତାରେ ବାଲିମିଶା ପାଣି ପଡ଼ି ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଉଛି। ପିଚୁ ଉପରେ ଏପରି କାଦୁଅ ହେବା ଦ୍ୱାରା ବହୁ ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଏ ସମ୍ପର୍କରେ ବହୁବାର ଖବର ପ୍ରକାଶ ହେଲେ ବି ଘାଟ ନିଲାମଧାରୀ କିମ୍ବା ଖଣି ବିଭାଗ, ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁନାହାଁନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

● ଭାଙ୍ଗିଗଲାଣି ନଳକୂପ, ନାହିଁ ପାଣି ନିଷ୍କାସନ ବ୍ୟବସ୍ଥା

# ଦଳିତ ସାହିର ୧୫ ପରିବାର ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୭।୪(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦଳିତ ସାହିର ନଳକୂପ ଟି ଭାଙ୍ଗି ରୁଜି ଯାଇଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଗ୍ରାମର ଦଳିତ ସାହିର ପ୍ରାୟ ୧୫ ଘର ପରିବାର ଏହି ସରକାରୀ ନଳକୂପ ରୁ ପିଇବା ପାଣି ବ୍ୟବହାର କରନ୍ତି। ଏହି ନଳକୂପଟି ର ଲୁହା ପାଇପ୍ ଭାଙ୍ଗି ଯାଇ ଥିବା ବେଳେ ପାଣି ନିଷ୍କାସନ ପାଇଁ ବାଟ ନ ଥିବା ଅଭିଯୋଗ ହେଉଛି। ଏ ବିଷୟରେ ବ୍ଲକ ପ୍ରଶାସନ ଅଧିକାରୀ ମାନଙ୍କ ଠାରୁ ସ୍ଥାନୀୟ ସରପଞ୍ଚ ଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା



କେହି ଏହାର ସମାଧାନ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏମିତିକି ସଦାନନ୍ଦ ପୁର ଠାରେ ହୋଇଥିବା ବସୁଧା ପାଣି ର ମାନ ଭଲ ନଥିବା ବେଳେ ହାଟ ପଡ଼ିଆରେ ହୋଇଥିବା ଓଭର ହେଡ୍ ପାଣି ଟାଙ୍କିରୁ ପାଣି ଆସୁ ନ ଥିବା ଅଭିଯୋଗ ହେଉଛି। ବେଣୀପୁର ପଞ୍ଚାୟତର ଏହି ବଜାର ଗ୍ରାମ ଶେଷ ମୁଣ୍ଡ ଏବଂ ଟାଙ୍କିରୁ ଅଧିକ ଦୂରତା ଥିବାରୁ ପାଣିର ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ସରକାରୀ ନଳକୂପ କୁ ମରାମତି କରିବା ସହ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ପରୀକ୍ଷିତ ମଲିକ, ନରହରି ମଲିକ, ହୃଷୀକେଶ ମଲିକ, ବିଶ୍ୱନାଥ ମଲିକ, ରାକେଶ ମଲିକ, ଶତ୍ରୁଘନ ମଲିକ, ଅରକ୍ଷିତ ମଲିକ ପ୍ରମୁଖ ଦାବି କରିଛନ୍ତି।

■ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ପାଇଁ ଉଚ୍ଛେଦ ନୋଟିସ୍

# ଜିଲ୍ଲାପାଳଙ୍କ ଗାଡ଼ି ଆଗରେ ବସି କାନ୍ଦି କାନ୍ଦି ଦୁଃଖ ଜଣାଇଲେ

କେନ୍ଦ୍ରାପଡ଼ା,୨୭।୪(ସମିସ): ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ଗୃହ ଉଚ୍ଛେଦ ନୋଟିସ୍ ଜାରି ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲ ଅଧୀନ ଗୋପାଳପୁର ଗ୍ରାମର ୮ଟି ପରିବାର ଗଭୀର ଆତଙ୍କରେ ରହିଛନ୍ତି। ପ୍ରାୟ ୫୦ ବର୍ଷ ଧରି ବସବାସ କରୁଥିବା ଏହି ପରିବାର ହଠାତ୍ ଉଚ୍ଛେଦ ନୋଟିସ୍ ପାଇବା ପରେ ନିଜ ଭବିଷ୍ୟତକୁ ନେଇ ଅନିଶ୍ଚିତତାରେ ପଡ଼ିଛନ୍ତି। ସୋମବାର ଦିନ ଏହି ପରିବାରର ସଦସ୍ୟ ଜିଲ୍ଲାପାଳଙ୍କ ଗାଡ଼ି ଆଗରେ ବସି କାନ୍ଦି କାନ୍ଦି ନିଜ ଦୁଃଖ ଜଣାଇଥିଲେ। ଆମକୁ ବାସହରା କରନ୍ତୁ ନାହିଁ, ପ୍ରଥମେ ଥଇଥାନ ବ୍ୟବସ୍ଥା କରନ୍ତୁ ବୋଲି ଗୁହାରି କରିଥିବାରୁ ସେଠାରେ କିଛି ସମୟ ପର୍ଯ୍ୟନ୍ତ ଭାବୁକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ପରିବାରଙ୍କ କହିବା ଅନୁଯାୟୀ, ସେମାନେ ଦୀର୍ଘ ବର୍ଷ ଧରି ସେଠାରେ ବସବାସ କରୁଛନ୍ତି। ଏହି



ଅଞ୍ଚଳ ସହିତ ସେମାନଙ୍କର ଜୀବିକା ଓ ଜୀବନ ଜଡ଼ିତ। ହଠାତ୍ ଉଚ୍ଛେଦ ନିଷ୍ପତ୍ତି ନେଲେ ସେମାନେ କେଉଁଠିକୁ ଯିବେ ଓ କିପରି ଜୀବନ ଚଳାଇବେ। ସେଥିପାଇଁ ଚିନ୍ତା ପ୍ରକାଶ କରିଛନ୍ତି। ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ପ୍ରକଳ୍ପ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଥିପାଇଁ ଜମି ଅଧିଗ୍ରହଣ ଓ ଗୃହ ଉଚ୍ଛେଦ ଯୋଗୁଁ କିଛି ପରିବାର ଚାପରେ ପଡ଼ୁଛନ୍ତି।

**ଥଇଥାନ ପାଇଁ ଗୋପାଳପୁରର ୮ ପରିବାରର ଗୁହାରି**

ସ୍ଥାନୀୟ ଲୋକଙ୍କ ମତ ଅନୁଯାୟୀ, ପ୍ରଭାବିତ ପରିବାରଙ୍କ ପାଇଁ ପ୍ରଥମେ ଥଇଥାନ ଓ ପୁନର୍ବାସ ବ୍ୟବସ୍ଥା କରାଯିବା ଉଚିତ। ନଚେତ ଏହି ପରିବାର ବାସହରା ହୋଇ ଦୁର୍ଦ୍ଦଶାରେ ପଡ଼ିପାରନ୍ତି। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ କିପରି ପଦକ୍ଷେପ ନିଆଯିବ, ସେଥିପାଇଁ ନଜର ରହିଛି। ପ୍ରଭାବିତ ପରିବାର ଶୀଘ୍ର ଥଇଥାନ ଓ ଯଥୋଚିତ ପୁନର୍ବାସ ଦାବି କରିଛନ୍ତି।

# ଗୋ-ସମ୍ମାନ ଆହ୍ୱାନ ଅଭିଯାନ

କେନ୍ଦ୍ରାପଡ଼ା,୨୭।୪(ସମିସ): ଗୋ-ସମ୍ମାନ ଆହ୍ୱାନ ଅଭିଯାନ ନେଇ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ତହସିଲ ଅଫିସରେ ଆଜି ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ପାଖାପାଖି ୧୧ ହଜାର ଦସ୍ତଖତ କରାଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସାରା ଭାରତବର୍ଷର ୭୦୮୯ ଓ ଓଡ଼ିଶାର ୩୧୭ ତହସିଲରେ ଦାବି ପ୍ରଦାନ କରାଯାଇଛି। କିଭଳି ଗୋ ସୁରକ୍ଷା ବିଲ୍ ଆଶୁ ଓ ଗୋମାତାକୁ ରାଷ୍ଟ୍ର ମାତା ରୂପେ ଘୋଷଣା କରାଯାଉ। ଗୋମାତାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା




ଆଇନ ପ୍ରଣୟନ ହେଉ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଶ୍ୱସୁରୁପା ନନ୍ଦ ମହାରାଜ ଓ ଶଶାଙ୍କ ଜେନାଙ୍କ ତତ୍ତ୍ୱାବଧାନରେ ମାଧବ ପ୍ରଧାନ, ପ୍ରକାଶ ରାଉତ, ଲକ୍ଷ୍ମୀସାଗର ମହାନ୍ତି, ଦେବାଶିଷ ନାୟକ, ଜୟଦେବ ପରିଡ଼ା, ଜ୍ୟୋତିରଞ୍ଜନ ନାୟକ, ମନୋଜ ସ୍ୱାଇଁ, ସୁଶୀଲ ଦାସ, ଅଭିଜିତ୍ ଦାସ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ।

# ଗାଁରେ ଲୁଟେରାଙ୍କ ଆତଙ୍କ

ଡେରାବିଶ, ୨୭।୪(ସମିସ): ରାଜରାସ୍ତାରେ ଲୁଟେରା ଲୁଟ କରିବା ଖବର ସମସ୍ତେ ଜାଣନ୍ତି। ତେବେ ଗାଁ ରାସ୍ତାରେ ଛିନତାଇ ଘଟଣା ଏବେ ଆତଙ୍କ ସୃଷ୍ଟି କରିଛି। ଏଭଳି ଏକ ଘଟଣା ଘଟିଛି କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ-ଦାନପୁର ଗ୍ରାମ୍ୟ ରାସ୍ତାରେ। ଆଜି ଭୋରୁ ଏହି ରାସ୍ତା କଡ଼ରେ ଥିବା ମହାବୀର କଲୋନୀର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପତ୍ନୀ ଘର ସମ୍ମୁଖରେ ଝାଡୁ କରୁଥିବାବେଳେ ଏକ ବାଇକ୍‌ରେ ଦୁଇଜଣ ଆସି ଗେଟ୍ ସମ୍ମୁଖରେ ଅଟକିଥିଲେ। ମହିଳା ଜଣକ ଉକ୍ତ ବ୍ୟକ୍ତି ତାଙ୍କ ପୁଅ ନିକଟକୁ କୌଣସି କାମରେ ଆସିଥିବା ଭାବି ଗେଟ୍ ପାଖକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତ ଦୁଇଜଣ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ ଚେନ୍‌କୁ ଦୁଇହାତରେ ଜାବୁଡ଼ି ଧରି ଚିତ୍କାର କରି ପରିବାର ଲୋକଙ୍କୁ ଡାକ ପକାଇଥିଲେ। ଫଳରେ ଲୁଟେରାଙ୍କ ହାତରେ ରହିଥିବା ଚେନ୍‌ର ଅଂଶକୁ ଛିଣ୍ଡାଇ ନେଇ ଦାନପୁର ଆଡ଼କୁ ପଳାଇଥିଲେ। ମହିଳାଙ୍କ ପରିବାର ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରି ନ ଥିବା ଜଣାଯାଇଛି। ଏହି ଘଟଣା ପ୍ରାତଃଭ୍ରମଣରେ ଯାଉଥିବା ଓ ରାସ୍ତା କଡ଼ରୁ ଫୁଲ ତୋଳୁଥିବା ମହିଳାଙ୍କ ପ୍ରତି ଏକ ସତର୍କ ଘଣ୍ଟି ସଦୃଶ ହୋଇଛି। ସାବଧାନ ନ ହେଲେ କେତେବେଳେ ଯେ ଅଘଟଣ ଘଟିବ, ତାହା କହିହେବନାହିଁ।

# ୧୪୮ ଲିଟର ଚୋରାମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା,୨୭।୪(ସମିସ): ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୪୮ ଲିଟର ଚୋରାମଦ ଜବତ ହୋଇଥିବାବେଳେ ୬ ଜଣ ଗିରଫ ହୋଇଛନ୍ତି। ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନଙ୍କଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ବାଇକ୍, ନରହରିପୁର ଗ୍ରାମର ରଜନୀକାନ୍ତ ଦାସଙ୍କଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ ପରିଡାଙ୍କଠାରୁ ୨୧ ଲିଟର ବିଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ସ୍ୱାଇଁଙ୍କଠାରୁ ୨୨ ଲିଟର ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ ନରେନ୍ଦ୍ରଙ୍କଠାରୁ ୨୯ ଲିଟର ବିଦେଶୀ ମଦ, ଡେରାବିଶ ଥାନା ଅନ୍ତର୍ଗତ କେଉଟଖଣ୍ଡିଆ ଗ୍ରାମର ସନ୍ତୋଷ ସେଠୀଙ୍କଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର

ପଟ୍ଟାମୁଣ୍ଡାଇ,୨୭।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ୭ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଆୟୋଜିତ ହୋଇଥିଲା। ଅନ୍ୱେଷଣ ସଂଗଠନ ତତ୍ତ୍ୱାବଧାନ ଓ ଓସଡମା ସହଯୋଗରେ ସ୍ଥାନୀୟ ମଙ୍ଗଳା ମଣ୍ଡପରେ ଆୟୋଜିତ ଶିବିରରେ ପେଣ୍ଠପାଳ, ସିଦ୍ଧବାଲି, ଶ୍ରୀରାମପୁର, ଉଦୟପୁର, ଅଣ୍ଡରା, ଡାମରପୁର, ଅମୃତମଣୋହି, ଅଳପୁଆ, ଦାମୋଦରପାଟଣା, କୃଷ୍ଣଦାସପୁର, ତରଡ଼ିପାଳ ଆଦି ବାତ୍ୟା ଆଶ୍ରୟସ୍ଥଳୀ ନ ଥିବା ଗ୍ରାମର ୧୮ ରୁ ୩୫ ବର୍ଷ ପର୍ଯ୍ୟନ୍ତ ୫୦ ଜଣ ସ୍ୱେଚ୍ଛାସେବୀ ଯୁବକ/ଯୁବତୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଅନ୍ୱେଷଣର ସମ୍ପାଦକ ଅନନ୍ତ କରଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରର ଉଦଘାଟନ ଉତ୍ସବରେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ ମୁଖ୍ୟଅତିଥି, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଅଜୟ ମହାନ୍ତି ସମ୍ମାନିତ ଅତିଥି ଓ ଓସଡମା ପ୍ରଶିକ୍ଷକ ଜଗବନ୍ଧୁ ରାଉତ ଓ ବଶିଷ୍ଠ କୁମାର ପରିଡା ଯୋଗଦେଇ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଶିବିରାର୍ଥୀଙ୍କୁ ବିପର୍ଯ୍ୟୟ ମୁକାବିଲାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡିଓ ମୁଖ୍ୟଅତିଥି ଓ ଜିଲ୍ଲା ପ୍ରୋଗ୍ରାମ ଅଫିସର ଅଜୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀଙ୍କୁ ସାର୍ଟିଫିକେଟ ଓ କିଟ୍ ପ୍ରଦାନ କରିଥିଲେ। ଅନ୍ୱେଷଣ ସମ୍ପାଦକ ଅନନ୍ତ କର ଧନ୍ୟବାଦ ଦେଇଥିଲେ।

# ଗାଁ ମୁରବୀଙ୍କ ପରଲୋକ

ମାର୍ଶାଘାଇ,୨୭।୪(ସମିସ): ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତର ହନ୍ତପଡ଼ା ଗାଁ ମୁରବୀ ତଥା ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁଙ୍କ ପିତା ମନୁ ସାହୁ (୯୧)ଙ୍କ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ପରଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ହୋଇଛି। ବଡ଼ପୁଅ ରମାକାନ୍ତ ସାହୁ ମୁଖାଗ୍ନି ଦେଇଥିଲେ।

ଗିରିମଠ ହରିଜନ ସାହିର ପାନୀୟଜଳ ସମସ୍ୟା

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା,୨୭।୪(ସମିସ)

ମୌଳିକ ସୁବିଧା ମଧ୍ୟରୁ ପାନୀୟଜଳର ଅଭାବ ଆଜି ବି କେତେକ ଗ୍ରାମୀଣ ଅଞ୍ଚଳରେ ରହିଛି। କେନ୍ଦ୍ରାପଡ଼ା ବ୍ଲକ ଅଧୀନ ବାରୋ ପଞ୍ଚାୟତର ଇଟିପୁର ଗିରିମଠ ହରିଜନସାହି ଏହାର ଜ୍ୱଳନ୍ତ ଉଦାହରଣ। ଏଠାରେ ଶତାଧିକ ପରିବାର ଗତ ୩ ମାସ ଧରି ପାନୀୟଜଳ ସଂକଟରେ ଜୀବନଯାପନ କରୁଛନ୍ତି। ଫଳରେ ଏହି ଗ୍ରାମର ଲୋକେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଗିରିମଠ ହରିଜନ ସାହିରେ ପ୍ରାୟ ଏକଶହରୁ ଅଧିକ ଘର ରହିଥିବାବେଳେ



ସରକାରଙ୍କ ହର ଘର ଜଳ ଯୋଜନା ଅନୁସାରେ ଜଳଯୋଗାଣ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ହରିଜନ ସାହିର ଲୋକ ଏହି ଲାଭରୁ ବଞ୍ଚିତ ହୋଇଛନ୍ତି। ପାଣି ମିଳୁ ନ ଥିବାରୁ ଦୈନିକ ଜୀବନ ଚାଲିବା ଦୁର୍ଲଭ ହୋଇପଡ଼ିଛି। ଦୂରରୁ ପାଣି ଆଣିବାକୁ ପଡ଼ୁଥିବାରୁ ବିଶେଷକରି ମହିଳା ଓ ଶିଶୁମାନେ ଅସୁବିଧାରେ ପଡ଼ୁଛନ୍ତି। ଗ୍ରାମବାସୀ ଏ ସମସ୍ୟା ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପ୍ରତିକାର ହୋଇନାହିଁ। ଏ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଶେଷରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଅବିଳମ୍ବେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯାଉ। ଯଦି ଆସନ୍ତା ୨୯ ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନ ହୁଏ, ତେବେ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବାରୋ ପଞ୍ଚାୟତର ସରପଞ୍ଚ ଗୋପୀନାଥ ମଲିକ, ବାବା ଧନେଶ୍ୱର ଦାସ, ଲତା ମଲିକ, ସୁଶାନ୍ତ ମଲିକଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ରାଜକନିକା,୨୭।୪(ସମିସ): ରାଜକନିକାରୁ ପ୍ରସିଦ୍ଧ ଶୈବପୀଠ ଆରଡିକୁ ଯିବା ପାଇଁ ସବୁଠୁ କମ ଦୂରତା ଥିବାରୁ ଯାତ୍ରୀ ଓ ଭକ୍ତ ମାନପୁର ଘାଟ ଉପରେ ବେଶୀ ନିର୍ଭର କରନ୍ତି। ବର୍ଷ ସାରା ଏହି ଘାଟରେ ବହୁ ଯାତ୍ରୀ ଯାତାୟତ କରୁଥିବା କାରଣରୁ ୨୦୧୫ରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହୋଇଥିଲା। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଡହ ଡହ ଖରା ହେଉ କି ବର୍ଷାରେ ଡ଼ଙ୍ଗାକୁ ଅପେକ୍ଷା କରି ରହୁଥିବା ଯାତ୍ରୀଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ କୌଣସି ବ୍ୟବସ୍ଥା ନାହିଁ। ଅପରନ୍ତୁ ସରକାରଙ୍କ ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ବିଭାଗ ପକ୍ଷରୁ କରାଯାଇଥିବା ବିଶ୍ରାମଗାର ମଧ୍ୟ ଅଳ୍ପ ଉଚ୍ଚତାରେ ଘାଟ କୂଳରେ କରାଯାଇଥିଲେ ବି ତାହା ପାଖକୁ କେବେ କୌଣସି ଯାତ୍ରୀ ଯାଉନାହାନ୍ତି। ସବୁଠୁ ବଡ଼ କଥା ହେଉଛି, ଏଠାରେ




ଅପେକ୍ଷାରତ ଯାତ୍ରୀଙ୍କ ପାଇଁ କୌଣସି ଶୌଚ ହେବାର ବ୍ୟବସ୍ଥା ନାହିଁ। ବିଶେଷକରି ମହିଳା ଯାତ୍ରୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୋଲବମ ସମୟର ଭକ୍ତ ହୁଅନ୍ତୁ ବା ପର୍ବପର୍ବାଣୀରେ ଦିନରାତି ଏହି ଘାଟରେ ଅସମ୍ଭବ ଭିଡ଼ ହେଉଥିଲେ ବି ଯାତ୍ରୀଙ୍କ ସୁବିଧା ପାଇଁ ଶୌଚାଳୟ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ଅଇନିପଡ଼ା କଲ୍ୟାଣ ମଣ୍ଡପ ପାଇଁ ୩୫ ଲକ୍ଷ ମଞ୍ଜୁର

ପଟ୍ଟାମୁଣ୍ଡାଇ,୨୭।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ନରସିଂହପୁର ପଞ୍ଚାୟତ ଅଇନିପଡ଼ା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରିଆସୁଥିଲେ। ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ସାଂସଦଙ୍କୁ ଭେଟି ଅନୁରୋଧ କରିଥିଲେ। ସେ ସାଂସଦ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ମଞ୍ଜୁର କରି କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନରସିଂହପୁର ସରପଞ୍ଚଙ୍କ ନିକଟକୁ ପଠାଇଥିବା ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ଯୁବନେତା ଅମୂଲ୍ୟ ପରିଡା, ଗିରିଜା ସାମଲ, ଚନ୍ଦନ ପାତ୍ର, ପରେଶ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

୨୭/୪/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୦୭,୨୬୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସାଂଘାତିକ ତଥ୍ୟ

# ତୀର୍ଥ ପୁଷ୍କରିଣୀ ଜଳ ଛୁଇଁବା ବିପଦ



ପୁରୀ,୨୭।୪(ସମିସ): କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥାର କେନ୍ଦ୍ର ପୁରୀର ପଞ୍ଚତୀର୍ଥ ପୁଷ୍କରିଣୀ ଜଳ ପାଲଟିଛି ଜହର। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନ୍ତର୍ଗତ ଜାତୀୟ ଜଳ ଗୁଣବତ୍ତା ନିରୀକ୍ଷଣ ସଂସ୍ଥାର ସଦ୍ୟ ରିପୋର୍ଟ ଏହି ସାଂଘାତିକ ତଥ୍ୟ ସାମ୍ନାକୁ ଆଣିଛି। ଶ୍ରୀକ୍ଷେତ୍ର ପୁରୀର ୫ଟି ତୀର୍ଥ ପୁଷ୍କରିଣୀକୁ ନେଇ ଚିନ୍ତାଜନକ ତଥ୍ୟ ଆସିଛି। ଏଥିମଧ୍ୟରେ ପଞ୍ଚତୀର୍ଥର ୩ଟି ପୁଷ୍କରିଣୀ (ଶ୍ୱେତଗଙ୍ଗା, ମାର୍କଣ୍ଡେୟ ଓ ଇନ୍ଦ୍ରଦ୍ୟୁମ୍ନ) ରହିଥିବା ବେଳେ ପବିତ୍ର ନରେନ୍ଦ୍ର ଏବଂ ପାର୍ବତୀ ସାଗରର ନାଁ ରହିଛି। ଏହିସବୁ ପୁଷ୍କରିଣୀର ପାଣି ବ୍ୟବହାର କଥା ଛାଡ଼ନ୍ତୁ ଛୁଇଁବା ବି ବିପଦ।

ରିପୋର୍ଟ ଅନୁଯାୟୀ, ଉକ୍ତ ପୁଷ୍କରିଣୀଗୁଡ଼ିକର ପାଣିରେ ଫେକାଲ କୋଲିଫର୍ମ (ମଳର ପରିମାଣ) ବହୁତ ଅଧିକ ରହୁଛି। ପ୍ରତି ୧୦୦ ମିଲିମିଟର ପାଣିରେ ମଳ ପ୍ରଦୂଷଣ ମାତ୍ରା ୧୩୦୦ରୁ ୨୪୦୦ ପର୍ଯ୍ୟନ୍ତ ରହୁଛି। ଏହାର ଅର୍ଥ ହେଉଛି ନର୍ଦ୍ଦମା କିମ୍ବା ପାଇଖାନା ପାଣି ପଶୁଛି ଏସବୁ ଜଳ ଉତ୍ସରେ। ବହୁଳ ଭାବେ ବ୍ୟବହୃତ ହେଉଥିବା ଏସବୁ ତୀର୍ଥ ପୁଷ୍କରିଣୀକୁ ନିୟମିତ ବିଶୋଧନ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ମଳ ମିଶ୍ରିତ ଜଳରେ ଇ-କୋଲାଇ ଭଳି ବିପଜ୍ଜନକ ବ୍ୟାକ୍ଟେରିଆ ଥାଏ, ଯାହା ମଣିଷ ବ୍ୟବହାର ପାଇଁ ବିପଜ୍ଜନକ। ପୁରୀର ନରେନ୍ଦ୍ର ପୁଷ୍କରିଣୀରେ ଏହି ପରିମାଣ ୪,୯୦୦ ପର୍ଯ୍ୟନ୍ତ ରହୁଛି। ଏଠି ଏବେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାଲିଛି। ମାର୍କଣ୍ଡ ପୋଖରୀରେ ଏହି ବ୍ୟାକ୍ଟେରିଆ ପରିମାଣ ୭,୯୦୦ ଛୁଇଁଛି। ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ବି ଏହା ୧୩,୦୦୦, ଶ୍ୱେତଗଙ୍ଗାରେ ୨୩୦୦, ପାର୍ବତୀ ସାଗରରେ ୨୨୦୦ ପହଞ୍ଚିଛି। ଜଳ ପ୍ରଦୂଷଣ ଆଧାର ଅନୁସାରେ ପାଣିରେ ମଳଜନତି ପ୍ରଦୂଷଣ ମାତ୍ରା ୫୦୦ ଟପିଲେ ଗାଧୋଇବା ଉଚିତ୍ ନୁହେଁ। କିନ୍ତୁ ପୁରୀର ଉକ୍ତ ୫ଟି ପୁଷ୍କରିଣୀରେ ଏହାର ମାତ୍ରା ଢେର୍ ଅଧିକ ରହିଛି। ସେହିପରି ସାଧାରଣତଃ ଗାଧୋଇବା ପାଇଁ ଜଳର ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ପରିମାଣ ଲିଟର ପିଛା ୩ ମିଲିଗ୍ରାମ୍‌ରୁ କମ୍ ରହିବା ନିରାପଦ ବୋଲି ଧରାଯାଏ। ହେଲେ ଶ୍ୱେତଗଙ୍ଗା, ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେୟ ଏବଂ ପାର୍ବତୀ ସାଗରର ବିଓଡି ମଧ୍ୟ ଚିନ୍ତାଜନକ। ରିପୋର୍ଟ ମୁତାବକ, ଶ୍ୱେତଗଙ୍ଗାର ବିଓଡି ୧୨ ମିଲିଗ୍ରାମ୍ ରହିଥିବାବେଳେ ଇନ୍ଦ୍ରଦ୍ୟୁମ୍ନର ୬.୬, ନରେନ୍ଦ୍ରର ୬, ମାର୍କଣ୍ଡେୟର ୫.୫ ଏବଂ ପାର୍ବତୀ ସାଗରର ୫.୩ ମିଲିଗ୍ରାମ୍ ରହିଛି। ଏହା କେବଳ ମଣିଷଙ୍କ ପାଇଁ ନୁହେଁ ଜଳଜୀବଙ୍କ ପ୍ରତି ମଧ୍ୟ ବିପଦର କାରଣ ପାଲଟିଛି। ଅମ୍ଳଜାନ ପରିମାଣ ହ୍ରାସ ପାଉଥିବାରୁ ଶ୍ୱେତଗଙ୍ଗା, ନରେନ୍ଦ୍ର ପୁଷ୍କରିଣୀରେ ବିଭିନ୍ନ ସମୟରେ ମାଛ ମରି ଭାସିଥା'ନ୍ତି।

ସବୁଠୁ ବଡ଼ କଥା ହେଉଛି ଏହିସବୁ ପୁଷ୍କରିଣୀର ପ୍ରଦୂଷଣର ସ୍ତର ଏଭଳି ସ୍ଥିତିରେ ପହଞ୍ଚିଛି ଯେ, ସେଠାରେ ଗାଧୋଇବା ପାଇଁ ଜଳ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଛି। ଯଦି କେହି ଏଠାରେ ସ୍ନାନ କରେ ତାଙ୍କୁ ବିଭିନ୍ନ ରୋଗ ହେବାର ଯଥେଷ୍ଟ ସମ୍ଭାବନା ମଧ୍ୟ ରହିଛି। ମଳ ମିଶ୍ରିତ ଜଳରେ ଇ-କୋଲାଇ ଭଳି ବିପଜ୍ଜନକ ବ୍ୟାକ୍ଟେରିଆ ରହୁଥିବାରୁ ଏହା ମଣିଷ ବ୍ୟବହାର ପାଇଁ ଅଧିକ ବିପଜ୍ଜନକ। ଏହି ପ୍ରଦୂଷିତ ଜଳକୁ ମଣିଷ ବ୍ୟବହାର କଲେ ଡାଇରିଆ, ଟାଇଫଏଡ୍ ସହିତ ବିଭିନ୍ନ ଚର୍ମ ରୋଗ ହେବାର ଆଶଙ୍କା ରହିଛି। ଜଳ ପ୍ରଦୂଷଣ ଆଧାର ଅନୁସାରେ, ପାଣିରେ ମଳ ଜନିତ ପ୍ରଦୂଷଣ ମାତ୍ରା ୫୦୦ ଟପିଲେ ଏଥିରେ ଗାଧୋଇବା ଉଚିତ୍ ନୁହେଁ। ଏପରିକି ଏଥିରେ ମାଛ ଚାଷ କରିବା ପାଇଁ ମଧ୍ୟ ମନା। ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସୁଥିବାବେଳେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ପାଇଁ ଶ୍ରଦ୍ଧାଳୁମାନେ ଏହି ପଞ୍ଚତୀର୍ଥ ପୁଷ୍କରିଣୀକୁ ଯାଇ ପିଣ୍ଡଦାନ କର୍ମ କରିବା ସହ ସ୍ନାନ ମଧ୍ୟ କରିଥା'ନ୍ତି। ଏଣୁ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଯଥାଶୀଘ୍ର ତୀର୍ଥ ପୁଷ୍କରିଣୀର ଜଳକୁ ସମ୍ପୂର୍ଣ୍ଣ ବିଶୋଧନ କରିବା ଦରକାର।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ତୀର୍ଥ ପୁଷ୍କରିଣୀ ମଧ୍ୟରୁ ନରେନ୍ଦ୍ର, ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଛି। ଏଥିପାଇଁ ୬୪ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। କେବଳ ଶ୍ୱେତଗଙ୍ଗାକୁ ଉପଯୁକ୍ତ ରାସ୍ତା ନ ଥିବାରୁ ଏହାର ଉନ୍ନତିକରଣ ହୋଇପାରିନି। କିନ୍ତୁ ନିକଟରେ ଏଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପିଣ୍ଡଦାନ କରିଥିବାବେଳେ ଏବେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଚାଲିଛି। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ସହିତ ମିଶି ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ଏହାରି ଭିତରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନ୍ତର୍ଗତ ଜାତୀୟ ଜଳ ଗୁଣବତ୍ତା ନିରୀକ୍ଷଣ ସଂସ୍ଥାର ରିପୋର୍ଟ ଏବେ ସମସ୍ତଙ୍କର ଚିନ୍ତା ବଢ଼ାଇ ଦେଇଛି।

## ରଥଖଳା ବୁଲିଲେ ଜିଲ୍ଲାପାଳ, କମିଶନର



ପୁରୀ,୨୭।୪(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପବିତ୍ର ଅକ୍ଷୟ ତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରଗୁଳା ରଥଖଳା ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସେବକମାନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ କ'ଣ କାମ ଚାଲିଛି ଏବଂ କାଠ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ପ୍ରମୁଖ ଜିଲ୍ଲାପାଳ ଏବଂ କମିଶନରଙ୍କୁ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝାଇଥିଲେ। ରଥଖଳାରେ ଆବଶ୍ୟକ ପାନୀୟ ଜଳ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ହେଉଛି କି ନାହିଁ ଜିଲ୍ଲାପାଳ ମଧ୍ୟ ବୁଝିଥିଲେ।



ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସେବା 'ବଡ଼ଦାଣ୍ଡ ସେବା' ପକ୍ଷରୁ ସରନ୍ତି ସୋମବାର ଉପଲକ୍ଷେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତଙ୍କୁ ଶୁଭେଚ୍ଛା ସହିତ ଦହି ସର୍ବତ ବଣ୍ଟନ ହୋଇଯାଇଛି। ଏଥିରେ ସତ୍ୟନାରାୟଣ ଚିନେରା, ଜଗନ୍ନାଥ ପାଢ଼ୀ, ସୁନୀଲ ମହାପାତ୍ର, ରେଣୁବାଳା ପଣ୍ଡା, ଦିବାକର ବେହେରା, ଦେବ ପ୍ରସାଦ ସାବତ ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥ ସୁବୁଦ୍ଧି ପରିଚାଳନା କରିଥିଲେ।

ଲୋକତନ୍ତ୍ର ସେନାନୀର ରାଜ୍ୟସ୍ତରୀୟ ବୈଠକ

## ଲୋକତନ୍ତ୍ର ସେନାନୀ ବିଲ୍ ପାସ୍ ପାଇଁ ଦାବି

ପୁରୀ,୨୭।୪(ସମିସ): ଜରୁରୀ ପରିସ୍ଥିତି ରାଜବନ୍ଦୀମାନଙ୍କର ସର୍ବଭାରତୀୟ ସଂଗଠନ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ପଥୁରିଆ ସାହିସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେନାନୀମାନଙ୍କ ଅସୁବିଧା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ ଜଣ ସେନାନୀ ଏଥିରେ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସଂଘର ରାଜ୍ୟ ସଭାପତି ବିମ୍ବାଧର କୁଅଁର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ ପରଲୋକଗତ ସେନାନୀମାନଙ୍କ ପତ୍ନୀମାନଙ୍କୁ ପେନ୍‌ସନ୍ ଯୋଗାଇଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଏବଂ ଦସ୍ତାବିଜ୍ ନ ଥିବା ସେନାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେ ରାଜ୍ୟ ସରକାରଙ୍କୁ ଏହି ପ୍ରକ୍ରିୟାକୁ ସରଳ କରିବାକୁ ଅନୁରୋଧ କରିଥିଲେ, ଯାହାଦ୍ୱାରା ସେନାନୀମାନେ ସରକାର ଘୋଷଣା କରିଥିବା ବିଭିନ୍ନ ସୁବିଧା ପାଇପାରିବେ। ଶ୍ରୀ ଦାଶ ଆହୁରି ମଧ୍ୟ କହିଥିଲେ ଯେ, ଚିକିତ୍ସା ସୁବିଧା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏ ପର୍ଯ୍ୟନ୍ତ ବିଚାରାଧୀନ ଅବସ୍ଥାରେ ଅଛି ଏବଂ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ବର୍ଷ ଓଡ଼ିଶାରେ ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରୀୟସ୍ତରର ସମାବେଶ କରିବାର ନିଷ୍ପତ୍ତି ଉପରେ ଶ୍ରୀ ଦାଶ ଏହି କାର୍ଯ୍ୟକ୍ରମ ପୁରୀରେ ଅନୁଷ୍ଠିତ ହେଉ ବୋଲି ପ୍ରସ୍ତାବ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ଓ ପରାମର୍ଶଦାତା ଜଗବନ୍ଧୁ ମିଶ୍ର ଏହି ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ କୃଷ୍ଣ ଜଗଦେବ ସେନାନୀମାନେ ସମାଜ ସହିତ ନିଜର ଅନୁଭୂତି ବାଣ୍ଟିବା ସହ ନିଶା ନିବାରଣ ଦିଗରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରୀୟ ଟିମ୍‌ର ସଦସ୍ୟ ରାଧୁ ମିଶ୍ର ସଦସ୍ୟମାନଙ୍କୁ ଗଠନମୂଳକ ଓ ଫଳପ୍ରଦ କାର୍ଯ୍ୟରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ନିଜ ଅଧ୍ୟକ୍ଷୀୟ ଅଭିଭାଷଣରେ ରାଜ୍ୟ ସଭାପତି ଶ୍ରୀ କୁଅଁର ସେନାନୀମାନଙ୍କ ବିଧବା ପତ୍ନୀମାନଙ୍କୁ ପେନ୍‌ସନ୍ ସୁବିଧା ଯୋଗାଇଥିବାରୁ ରାଜ୍ୟ ସରକାରଙ୍କ ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ। ମଧ୍ୟପ୍ରଦେଶ ସରକାରଙ୍କ ଢାଞ୍ଚାରେ ସେନାନୀମାଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉ ବୋଲି ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମରତନ ଶର୍ମା, ଶ୍ରୀପ୍ରକାଶ ମହାନ୍ତି, ଭାରତ ଭୂଷଣ ଠାକୁର, ହରିହର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ରାମେଶ୍ୱର ପୁରୋହିତ, ସତ୍ୟନାରାୟଣ ମହାପାତ୍ର ଏବଂ ନିର୍ମଳ କୁମାର ଜେନା ପ୍ରମୁଖ ସଂଗଠନର ସୁଦୃଢ଼ତା ପାଇଁ ସକାରାତ୍ମକ ମତାମତ ପ୍ରଦାନ କରିଥିଲେ। ବିଧାନସଭାରେ 'ଲୋକତନ୍ତ୍ର ସେନାନୀ ବିଲ୍' ଉପସ୍ଥାପନ ଓ ପାସ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଏକ ପ୍ରସ୍ତାବ ପାସ୍ କରାଯାଇଥିଲା। ଏହି ବୈଠକକୁ ରାଜକିଶୋର ସାହୁ ପରିଚାଳନା କରିଥିଲେ ଏବଂ ଗଦାଧର ସାହୁ ଧନ୍ୟବାଦ ଦେଇଥିଲେ।

## ହାପିନେସ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ



ପୁରୀ,୨୭।୪(ସମିସ): ପୁରୀର ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେସନର ଷଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର "ଆନନ୍ଦ ଉତ୍ସବ-୨୦୨୬' ଜିଲ୍ଲା ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ବିଶିଷ୍ଟ ଅତିଥି ଭାବେ ଇ-୨୪ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼. ରାଜେଶ କୁମାର ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ଭାରତ ବିକାଶ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଜିଲ୍ଲା ଓ ଜିଲ୍ଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ଓଡ଼ିଶାର କଳା ସଂସ୍କୃତିକୁ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାରପ୍ରସାର କରୁଥିବା ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନଙ୍କୁ ମଧ୍ୟ ସମ୍ମାନ ଦିଆଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କୁ ସେବା କାର୍ଯ୍ୟରେ ଜଡ଼ିତ କରିବା ପାଇଁ ଗଠନ କରାଯାଇଥିବା "ଇକୋ କ୍ଲବ୍ ଏବଂ ସୋସିଆଲ ୟୁଥ୍ କ୍ଲବ୍'ର ବିଶେଷ ଯୋଗଦାନ ପାଇଁ କଲେଜମାନଙ୍କୁ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସଭାପତି ଡ଼. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ପରିଚାଳନା କରିଥିଲେ। ଶୁଭୋଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସେବା ପାଇଁ ପ୍ରେରଣା ଦେବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଡ଼. ପ୍ରଧାନ କହିଛନ୍ତି।

## ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ସଟଲ୍ ସର୍ଭିସ୍

ପୁରୀ,୨୭।୪(ସମିସ): ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥ ନିର୍ମାଣ କାମ ଜାରି ରହିଥିବାବେଳେ ପ୍ରଶାସନିକ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଜିଲ୍ଲା ଏବଂ ସରକାରୀସ୍ତରରେ ବିଭିନ୍ନ ସମୟରେ ବୈଠକ ମଧ୍ୟ ବସୁଛି। ଗତବର୍ଷ ଦଳାଚକଟା ହୋଇ ୩ ଜଣଙ୍କ ଜୀବନ ଯାଇଥିଲା। ତେଣୁ ଏହାର ଯେମିତି ପୁନରାବୃତ୍ତି ନ ହୁଏ ଏବଂ ମହାପ୍ରଭୁଙ୍କ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେଣୁ ଶ୍ରଦ୍ଧାଳୁଙ୍କ ପାଇଁ ଏ ବର୍ଷ ହେବ ସଟଲ୍ ସର୍ଭିସ୍। ବିଶେଷକରି କୌଣସି ଜଟିଳ କିମ୍ବା ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସଟଲ୍ ସର୍ଭିସ୍ ମାଧ୍ୟମରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିପାରିବେ। ଏଥିସହ ଭକ୍ତଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ ହେବ ୧,୬୦୦ ଶୌଚାଳୟ। ଏହା ମଧ୍ୟରେ କିଛି ସ୍ଥାୟୀ ଶୌଚାଳୟ ରହିବ। ସେହିପରି ରଥଯାତ୍ରା ନୀତିକାନ୍ତି, ସୂଚନା, ଶ୍ରଦ୍ଧାଳୁଙ୍କ ଅବସ୍ଥିତି, କେଉଁ ବାଟ ଦେଇ ପ୍ରସ୍ଥାନ କରିବେ, କେଉଁ ଆଡ଼କୁ ଯିବେନାହିଁ ସେ ସମ୍ପର୍କରେ ସୂଚନା ପ୍ରଦାନ ଲାଗି ଲାଗିବ ୪୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଡିସ୍‌ପ୍ଲେ ସିଷ୍ଟମ୍।

ରବିବାର ରାଜ୍ୟ ମୁଖ୍ୟ ଶାସନ ସଚିବ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନେଇ ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାପାଳ ମଧ୍ୟ ପୂର୍ବରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ବୈଠକ କରି ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ୍ ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୬ ତାରିଖରେ ରଥଯାତ୍ରା। ସେହି ସମୟ ବେଳକୁ ମୌସୁମୀ ପ୍ରବେଶ କରିବା ସହ ବର୍ଷା ହେବାର ସମ୍ଭାବନା ରହିଥିବାରୁ କେଉଁ କେଉଁ ସ୍ଥାନରେ ବର୍ଷା ଜଳ ଜମି ରହିବାର ସମ୍ଭାବନା ରହିଛି, ତୁରନ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ପମ୍ପ ରଖାଯିବ। ସେହିପରି ପୁରୀ ମହାନଗର ନିଗମ ପକ୍ଷରୁ ସହରର ସମସ୍ତ ମୁଖ୍ୟ ଡ୍ରେନ୍ ଦୁଇଥର ସଫା ହେବ। ରଥଯାତ୍ରା ପାଇଁ ୩ କୋଟି ଟଙ୍କା ବ୍ୟୟରେ ଅସ୍ଥାୟୀ ପାର୍କିଂସ୍ଥଳ କରାଯିବ। ଗତ ରଥଯାତ୍ରାରେ ପ୍ରଥମଥର ଲାଗି ଗୁଣ୍ଡିଚା ମନ୍ଦିର ନିକଟରେ ଠେଲାପେଲା ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣାର ଯେଭଳି ପୁନରାବୃତ୍ତି ନ ହେବ ତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର ଆଗୁଆ ପଦକ୍ଷେପ ନେଉଛନ୍ତି। ରଥଯାତ୍ରା ସମୟରେ କେଉଁ କେଉଁ ତ୍ରୁଟି ବିଚ୍ୟୁତି ରହିଥାଏ ତାକୁ କିଭଳି ସମାଧାନ କରାଯାଇପାରିବ, ସବୁ ବିଭାଗ ନିଜ ନିଜ ଦାୟିତ୍ୱ ଠିକ୍ ସମୟରେ ସାରିବେ ସେ ନେଇ ସମୀକ୍ଷା କରାଯାଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

- ଲାଗିବ ୪୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଡିସ୍‌ପ୍ଲେ
- ୧୬୦୦ ଶୌଚାଳୟ ବ୍ୟବସ୍ଥା ହେବ

## ଶ୍ରୀଲୋକନାଥଙ୍କ ପୀଠରେ ସରନ୍ତି ସୋମବାର





ପୁରୀ,୨୭।୪(ସମିସ): ଶ୍ରୀଲୋକନାଥଙ୍କ ପୀଠରେ ବୈଶାଖ ମାସ ଶେଷ ସୋମବାର ବା ସରନ୍ତି ସୋମବାର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରୀକ୍ଷେତ୍ରର ପଞ୍ଚକୋଶୀ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ବାବା ଶ୍ରୀଲୋକନାଥଙ୍କୁ ଦର୍ଶନ କରିବା ସହ ଚୁଡ଼ାଘଷା ଲାଗି କରିଥିଲେ। ଏହାକୁ ମଧ୍ୟ ପଞ୍ଚକୋଶୀ ଯାତ୍ରା କୁହନ୍ତି। ଜାଗର ଚକଡ଼ାରେ ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ଚୁଡ଼ାଘଷା ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଥିଲା। ଏହି ଚୁଡ଼ାଘଷାରେ ଗୁଣ୍ଡଚୁଡ଼ା, ଶୁଦ୍ଧଘିଅ, ନଡ଼ିଆ, ଚୁଡ଼ାଘଷା ମସଲା, ଗୁଡ଼ ବା ଚିନି, ଗୋଲମରିଚ ଆଦି ଦ୍ରବ୍ୟ ମିଶ୍ରିତ କରି ବଡ଼ତାଟରେ ଚୁଡ଼ା ଘଷି ଭୋଗ ଅର୍ପଣ କରିଥିଲେ। ଓମ୍ ନମଃ ଶିବାୟ ଧ୍ୱନିରେ ଲୋକନାଥଙ୍କ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବାବା ଶ୍ରୀଲୋକନାଥଙ୍କ ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ସୂର୍ଯ୍ୟ ପୂଜା ସହ ସମସ୍ତ ନୀତିକାନ୍ତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପାର୍ବତୀ ସାଗରରେ ଭକ୍ତମାନେ ପାଦ ଧୋଇବା ପରେ ବେଲପତ୍ର, କଦଳୀ, ଚୁଡ଼ା, ନଡ଼ିଆ ଭୋଗଲାଗି କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ନିଜ ନିଜର ମନସ୍କାମନା ପୂରଣ ଲାଗି ଶ୍ରୀଲୋକନାଥଙ୍କୁ ପ୍ରାର୍ଥନା କରିଥିଲେ।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ପୁରୀବାସୀଙ୍କ ପ୍ରତିବାଦ ପଦଯାତ୍ରା ଜାରି



ପୁରୀ,୨୭।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ସୋମବାର ୨୭ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ସବିତା ବିଶ୍ୱାଳ, ବନିତା ଦିକ୍ଷୀତ୍, ମମତା ଦାସ, ପ୍ରଣତୀ ରାୟ, ସନ୍ଧ୍ୟାରାଣୀ ମିଶ୍ର, ମୀନାକ୍ଷୀ ରାୟ, ରାମକୃଷ୍ଣ ମହାନ୍ତି, ଅମୂଲ୍ୟ ଦାସ, ବିଶ୍ୱନାଥ ମିଶ୍ର, ପ୍ରକାଶ ନାୟକ, ସନ୍ତୋଷ ସେନାପତି, ବାସୁଦେବ ଲେଙ୍କା, ରାଜା ମହାନ୍ତି, ମନୋଜ ସାମଲ, ମନୋରଞ୍ଜନ ରଣସିଂହ, ପଙ୍କଜିନୀ ପ୍ରଧାନ, ପ୍ରାନ୍ତସେନୀ ଜେନା, ଅକ୍ଷୟ ବେହେରା, ଯାଦବାନନ୍ଦ ରାୟ, ରାଧେଶ୍ୟାମ ରଥ, ମନୋରଞ୍ଜନ ରଣସିଂହ, ଦେବାଶିଷ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## 'ଓସ୍ୱାଲି'ରେ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ

୨/୩ ବର୍ଷରେ ୨ ହଜାର ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ




ପୁରୀ,୨୭।୪(ସମିସ): ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି। ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟ୍ସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତ୍‌କାଳୀନ ସେବା ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନ୍‌ସିପ୍ ଆଣ୍ଡ ଲାଇଫ୍‌ଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍ (ଓସ୍ୱାଲି)ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫ୍‌ଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ରହିବ। ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫ୍‌ଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିରେ ଉଦ୍ଧାର କୌଶଳ, ସିପିଆର୍ ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟ୍ସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨/୩ ବର୍ଷ ମଧ୍ୟରେ ପ୍ରାୟ ୨ ହଜାର ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ସମାପ୍ତ ହୋଇଛି। ଏହି ତଥ୍ୟକୁ ଆଧାର କରି ଲାଇଫ୍‌ଗାର୍ଡ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବକମାନଙ୍କର ଜିଲ୍ଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ। ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳରେ ନିୟୋଜିତ କରାଯିବ। ବିଭିନ୍ନ ଜଳାଶୟରେ ବଢ଼ୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ଓସ୍ୱାଲି ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

## 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତାକୁ ବିରୋଧ

# ସରପଞ୍ଚ ସଂଘର ଆମରଣ ଅନଶନ

ବାସୁଦେବପୁର,୨୭।୪(ସମିସ)




'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପରେ ଅନିୟମିତତାକୁ ବିରୋଧ କରି ଲୋକ ପ୍ରତିନିଧିମାନେ ବ୍ଲକ୍ ପରିସରରେ ଆମରଣ ଅନଶନରେ ବସିଲେ। ବାସୁଦେବପୁର ବ୍ଲକ୍‌ର ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇ ପ୍ରଶାସନ ସରକାରୀ ଦଳକୁ ପ୍ରାଧାନ୍ୟ ଦେଉଛି। ବାସୁଦେବପୁର ବ୍ଲକ୍‌ର ତ୍ରିସ୍ତରୀୟ ପଞ୍ଚାୟତିରାଜର ସାମ୍ବିଧାନିକ ବ୍ୟବସ୍ଥା ଭୁଶୁଡ଼ି ପଡୁଛି। ସାମ୍ବିଧାନିକ ବ୍ୟବସ୍ଥାର ଲୋକ ପ୍ରତିନିଧିମାନଙ୍କୁ ଗୁରୁତ୍ୱଦେବାକୁ ବାସୁଦେବପୁର ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ଆମରଣ ଅନଶନରେ ବସିଛନ୍ତି। ଆଗରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ଓ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ଫଟୋଚିତ୍ର ରଖି ଶାନ୍ତିପୂର୍ଣ୍ଣ ଭାବେ ଆମରଣ ଅନଶନ କରିଛନ୍ତି। ବାସୁଦେବପୁର ବ୍ଲକ୍ ସରପଞ୍ଚ ସଂଘର ସଭାପତି ଆଦିତ୍ୟ ଗିରି, ସାଧାରଣ ସମ୍ପାଦକ ଅଗଣୀପ୍ରସାଦ ଜେନା, ଆରୁହା ସରପଞ୍ଚ ରାଜେନ୍ଦ୍ର ସାହୁ, ନରସିଂହପୁର ସରପଞ୍ଚ ଗୌରାଙ୍ଗଚନ୍ଦ୍ର ପଣ୍ଡା, ସୁଦର୍ଶନପୁର ସରପଞ୍ଚ ଚନ୍ଦ୍ରକାନ୍ତ ମଳିକ, ସୁଗୋ ସରପଞ୍ଚ ଚିନ୍ତାମଣୀ ନାୟକ, ଖରିଦାବିନାୟକପୁର ସରପଞ୍ଚ ସସ୍ମିତା ମଳିକ, ବ୍ରାହ୍ମଣଗାଁ ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ, ଆର୍ଡୁ ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ପ୍ରମୁଖ ଯୋଗଦେଇ ଆମରଣ ଅନଶନରେ ବସିରହିଥିଲେ।

ସମ୍ବିଧାନର ବିଧି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଗ୍ରାମସଭାରେ ପାରିତ ପ୍ରକଳ୍ପକୁ ପ୍ରାଧାନ୍ୟ ଦେବା କଥା। ସରକାରଙ୍କ ପକ୍ଷରୁ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାରୀ ଚିଠିରେ କେଁ ପୂରାଇ ସରକାରୀ ନୀତି ନିୟମ ବାଟରେ ଦେଇ କାମ କରୁଛନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପକୁ ଚୂଡ଼ାନ୍ତ କରିଛନ୍ତି। ଯାହାକୁ ଲୋକ ପ୍ରତିନିଧିମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି। 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପକୁ ମନମୁଖି କାର୍ଯ୍ୟ ଦର୍ଶାଇ ସରପଞ୍ଚ ସଂଘ ତୀବ୍ର ବିରୋଧ କରୁଛି। ଗ୍ରାମସଭାରେ ପାରିତ ପ୍ରକଳ୍ପକୁ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ କରୁଛନ୍ତି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବାସୁଦେବପୁର ପଞ୍ଚାୟତ ସମିତିର ବର୍ଷେରୁ ଊର୍ଦ୍ଧ୍ୱ ହେବ ବୈଠକ ବସୁନାହିଁ ବୋଲି ଅଭିଯୋଗ ଆଣିଛନ୍ତି ନିର୍ବାଚିତ ସରପଞ୍ଚ ଓ ସମିତିମାନେ। ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଚଳାଇବାକୁ ନୀତି ନିୟମ କରିଛନ୍ତି। ହେଲେ ଏଠି ଅଭିଯୋଗ କରି କିଛି ସୁଫଳ ନ ମିଳିବାରୁ ବାଧ ହୋଇ ଆମରଣ ଅନଶନ କରିବାକୁ ବାଧ ହେଲୁ। ଦାବି ପୂରଣ ହେବା ପର୍ଯ୍ୟନ୍ତ ବସି ରହିବୁ ବୋଲି କହିଛନ୍ତି ସରପଞ୍ଚ ସଂଘର ସଭାପତି ଓ ସଦସ୍ୟମାନେ। ଏ ସମ୍ପର୍କରେ ବାସୁଦେବପୁର ବ୍ଲକ୍‌ର ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଥିଲେ, ସରକାରୀ ନୀତି ନିୟମରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଆମ ପାଖରେ ପ୍ରକଳ୍ପକୁ ନେଇ ତାଲିକା ଦେଇନାହାନ୍ତି। ଯେଉଁମାନେ ପ୍ରକଳ୍ପ ତାଲିକା ଦେଇଥିଲେ ସେମାନଙ୍କର ପ୍ରକଳ୍ପ ସ୍ଥାନ ପାଇଛି। ପଞ୍ଚାୟତ ସମିତିର ବୈଠକ ବିଧାନସଭା ଓ ଲୋକସଭା ଅଧିବେଶନ ଥିବାରୁ ଗଡ଼ାଇ ଚାଲିଥିଲୁ। ଖୁବ୍‌ଶୀଘ୍ର ସମସ୍ତଙ୍କ ସହଯୋଗରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହେବ।

## ମୋବାଇଲ୍ ଫୋନ ଲୁଟି ନେଇ ଦୁର୍ବୃତ୍ତ ଫେରାର୍

ତିହିଡ଼ି,୨୭।୪(ସମିସ): ତିହିଡ଼ି ଥାନା ଅଧୀନ ତହସିଲ୍ ରାସ୍ତା ମାଟିଆସାହି ନିକଟରେ ଜଣେ ଯୁବତୀଙ୍କ ନିକଟରୁ ଦୁର୍ବୃତ୍ତମାନେ ମୋବାଇଲ୍ ଫୋନ ଟାଣିନେଇ ପଳାଇଛନ୍ତି। ମୁକୁନ୍ଦପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ବିଳାସିନୀ ପଣ୍ଡା (୨୫) ସାଇକଲରେ ସନ୍ଧ୍ୟା ସମୟରେ ଘରୁ ପୁରୁଣାହାଟକୁ ଆସୁଥିଲେ। ଅନ୍ଧାର କାରଣରୁ ମୋବାଇଲ୍ ଫୋନ୍ ଟର୍ଚ୍ଚ ଜଳାଇ ଆସୁଥିବାବେଳେ ତାଙ୍କ ପଛପାଖରୁ ଜଣେ ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ପଳାଇଥିଲା। ବିଳାସିନୀ ଡାକ ପକାଇଥିଲେ। ଲୋକେ ଆସିବା ବେଳକୁ ସମ୍ପୃକ୍ତ ଦୁର୍ବୃତ୍ତ ଫେରାର୍ ହୋଇଯାଇଥିଲା। ସୂଚନା ଯୋଗ୍ୟ, ତିହିଡ଼ି-କାଳୀମେଘା ରାସ୍ତାରେ ଅତୀତରେ ବହୁବାର ଅନୁରୂପ ଘଟଣା ଘଟିଛି। ବିଭିନ୍ନ ସମୟରେ ମୋବାଇଲ୍ ଫୋନ୍ ଛିନ୍‌ତାଇ ହେବା ନେଇ ଅଭିଯୋଗ ହେଉଛି।

## ସହିଦ ସ୍ମୃତି ଭବନରେ 'ସାରିପୁତ' ନାଟକ ମଞ୍ଚସ୍ଥ



ଭଦ୍ରକ,୨୭।୪(ସମିସ): ସହିଦ୍ ସ୍ମୃତି ଭବନ ଭଦ୍ରକ (ଟାଉନ୍ ହଲ୍) ଠାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ସାରିପୁତ'। ନାଟ୍ୟକାର ଶିକ୍ଷାବିତ୍ ଡ. ଅଟଳ ବିହାରୀ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ଉଦ୍‌ଘାଟନ କରିଥିଲେ ମଞ୍ଚ ନାଟକ ଜଗତର ପିତାମହ ଭୀଷ୍ମ, ଉଭୟ ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ଏକାଡେମୀ ପୁରସ୍କୃତ ବରିଷ୍ଠ ନାଟ୍ୟକାର ସୁଧାକର ନନ୍ଦ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ସଂଗୀତ ଏକାଡେମୀ ପୁରସ୍କୃତ ଷାଠିଏ ରାତିର ମୋଗଲ ସମ୍ରାଟ ଶଙ୍କର ବସୁ ମଲ୍ଲିକ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ବରେଣ୍ୟ ଅତିଥି ଭାବେ ଯୁବ ସମାଜସେବୀ ବିଭୂଚନ୍ଦନ ଜେନା ଯୋଗଦେଇଥିଲେ। ଭରପୂର ପ୍ରେକ୍ଷାଳୟରେ ମନୋରଞ୍ଜନର ମଜା ନେଇଥିଲେ ପ୍ରିୟ ଦର୍ଶକ ବୃନ୍ଦ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସନ୍ତୋଷ, ଶଶାଙ୍କ, ଅରବିନ୍ଦ, ଜିତୁ, ନିର୍ମଳ, ଭବେଶ, ରୁବି, ରେବା ଓ ଆରାଧ୍ୟା ପ୍ରମୁଖ। ଅତିଥି କଳାକାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସଂଗୀତ ଓ ନାଟକ ଏକାଡେମୀ ପୁରସ୍କୃତ ଅଭିନେତା ବିଜୟ କୁମାର ବହଳୀ, ଗୌରାଙ୍ଗ ବାରିକ, ଡ. ସୁଦର୍ଶନ ବାରିକ, ରତ୍ନରାଜ ଅକ୍ଷୟ, ସୁନନ୍ଦ ଦାସ। ଅଧ୍ୟାପିକା ଦେବସ୍ମିତା ମିଶ୍ର ପାଣିଗ୍ରାହୀଙ୍କ ସଙ୍ଗୀତ ଓ କୁନି ନୃତ୍ୟଶିଳ୍ପୀ ଆଦ୍ୟାଶାଙ୍କ ନୃତ୍ୟରେ ଦର୍ଶକମାନେ ଝୁମିଯାଇଥିଲେ। ସଂଯୁକ୍ତା ବଳ ନାୟକ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଅରୂପାନନ୍ଦ ଓ ରତ୍ନରାଜ ଅକ୍ଷୟ ମଞ୍ଚ ପରିଚାଳନା ଓ ସହାୟତା କରିଥିଲେ। ସ୍ୱାଗତ ଭାଷଣ ରଖିଥିଲେ ସଂଯୁକ୍ତା ବଳ ନାୟକ, କଳା ନିର୍ଦ୍ଦେଶନା ବାବୁ ନିରଞ୍ଜନ ଓ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ ସଙ୍ଗୀତ ଓ ନାଟକ ପୁରସ୍କୃତ ନାଟ୍ୟଶ୍ରୀ ନିର୍ମଳ ରାଉତ। ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଯୁବ ଗୀତିକାର ଅରୂପାନନ୍ଦ।

## ହନୁମାନଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ



ଆରଡ଼ି,୨୭।୪(ସମିସ): ଆରଡ଼ି ପୀଠ ଅଧୀନସ୍ଥ କୁଳେଇପଦା ଗାଁ ଗତ ଶୁକ୍ରବାରଠାରୁ ୫ଦିନ ଯାଏଁ ଉତ୍ସବମୁଖର ହୋଇଉଠିଛି। ପ୍ରତିଦିନ ହନୁମାନଙ୍କ ପୂଜାମଣ୍ଡପ ପ୍ରାଙ୍ଗଣରେ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପ୍ରବଚନ, ଭଜନ ସନ୍ଧ୍ୟା, ସତ୍‌ସଙ୍ଗ ଆଦି ଅନୁଷ୍ଠିତ ହେଉଛି। ଏଠାରେ ହନୁମାନ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ସହ ମା' ଖରାଖାଇ ଠାକୁରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆଦି ଧାର୍ମିକ କାର୍ଯ୍ୟ ଚାଲୁରହିଛି। ଶନିବାର ୧୦୮ ମହିଳା ବିରାଟ ଶୋଭାଯାତ୍ରାରେ ଘଣ୍ଟ, କୀର୍ତ୍ତନ, ହୁଳହୁଳି ବାଦ୍ୟ, ଢୋଲ, ମହୁରୀ, ତେଲିଙ୍ଗି ଆଦି ବାଦ୍ୟର ତାଳେତାଳେ ନିକଟସ୍ଥ ସାଠିବାଙ୍କୁଡ଼ା ଗ୍ରାମ ନିକଟରେ ଥିବା ପୁଣ୍ୟତୋୟା ବୈତରଣୀରେ କଳସ ଉତ୍ତୋଳନ କରଥିଲେ। ରବିବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଗୋ-ପୂଜା, ଯଜ୍ଞକୁଣ୍ଡରେ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି ଆଦି କାର୍ଯ୍ୟ ସମାପନ କରାଯାଇଥିଲା ଓ ମଧ୍ୟାହ୍ନରେ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଗ୍ରାମର ଯୁବକ ସର୍ବେଶ୍ୱର ନାୟକ ଓ ତାଙ୍କ ଧର୍ମପତ୍ନୀ ଏବଂ ପ୍ରଣୟ ଖଟୁଆ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପୁରୋହିତ ପଣ୍ଡିତ ବସନ୍ତ ଶତପଥୀ, ଅଚ୍ୟୁତାନନ୍ଦ ଶତପଥୀ, ଲମ୍ବୋଦର ପାଢ଼ୀ, ବିଚିତ୍ରାନନ୍ଦ ପଣ୍ଡା, ଆକାଶ ପାଢ଼ୀ, ଶଙ୍କର୍ଷଣ ଦାସ ପୂଜା କାର୍ଯ୍ୟ କରିଥିଲେ। ସୋମବାର ସନ୍ଧ୍ୟାରେ ଆଧ୍ୟାତ୍ମିକ ପ୍ରବଚନ ଓ ମଙ୍ଗଳବାର ଭଜନ ସନ୍ଧ୍ୟା ଏବଂ ଯଜ୍ଞ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହେବ।

## ଦେହୁଡ଼ି ଆନନ୍ଦପୁର ପଞ୍ଚାୟତରେ 'ମୁଖ୍ୟମନ୍ତ୍ରୀ ବସ୍' ଚଳାଚଳ ଦାବି

# ୭ ଦିନରେ ସମାଧାନ ନ ହେଲେ ରାସ୍ତାରୋକ ଚେତାବନୀ



ଦୋବଲ,୨୭।୪(ସମିସ): ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ପରିବହନ ସୁବିଧା ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ବସ୍'(ଲକ୍ଷ୍ମୀ/ମୋ ବସ୍) ଯୋଜନା ଭଦ୍ରକ ଜିଲ୍ଲାର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତରେ କାର୍ଯ୍ୟକାରୀ ନ ହେବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯୋଜନା ଅନୁସାରେ ଆନନ୍ଦପୁରରେ ବସ୍ ଷ୍ଟପ୍ ସ୍ଥାପନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏଠାରେ ଗୋଟିଏ ଥର ମଧ୍ୟ ବସ୍ ଚଳାଚଳ କରିନାହିଁ। ଫଳରେ ଅଞ୍ଚଳବାସୀ ସରକାରଙ୍କ ଏହି ଲାଭଦାୟକ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଛାତ୍ରଛାତ୍ରୀ, ଚାକିରିଆ ଓ ରୋଗୀମାନେ ଯାତାୟାତରେ ନାନା ସମସ୍ୟା ଭୋଗୁଛନ୍ତି। ସ୍ଥାନୀୟ ଲୋକମାନେ କହିଛନ୍ତି, ଏନେଇ ପୂର୍ବରୁ ତହସିଲ୍‌ଦାର ଓ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ସେମାନେ ସୋମବାର ଅତିରିକ୍ତ ଜିଲ୍ଲାପାଳ, ତହସିଲ୍‌ଦାର ଓ ଧାମନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ରାସ୍ତାରୋକ କରି ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପରିସ୍ଥିତି ଦୃଷ୍ଟିରେ ଶୀଘ୍ର ତଦନ୍ତ କରି ବସ୍ ଚଳାଚଳ ସୁନିଶ୍ଚିତ କରିବାକୁ ପ୍ରଶାସନକୁ ଦାବି ହୋଇଛି। ଅନ୍ୟପକ୍ଷେ, ପୂର୍ବରୁ ମୋ ବସ୍ ସେବାର ଅବ୍ୟବସ୍ଥା ଓ ବାଟବଣା ନେଇ ଖବର "ସକାଳ"ରେ ପ୍ରକାଶ ପାଇବା ପରେ ଏହି ରୁଟ୍‌ରେ ବସ୍ ଚଳାଚଳ ଆରମ୍ଭ ହେବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। କିନ୍ତୁ ପ୍ରାଏ ୧ମାସ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିଥିଲା ଏବଂ ଶୀଘ୍ର ବସ୍ ସେବା ଚାଲୁ କରିବାକୁ ଦାବି ଜୋର୍ ଧରିଛି। ଏହି ବସ୍ ଚାଲୁହେଲେ ୨ଟି ପଞ୍ଚାୟତର ପଖାପାଖି ୫ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସେବା ପାଇପାରିବେ।

## ଗଞ୍ଜାମାଳ ଗାଁରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଅସୁରାଳି,୨୭।୪(ସମିସ): ଭଦ୍ରକ ବ୍ଲକ୍ ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଅନ୍ତର୍ଗତ କଳାତୀର୍ଥ ଗଞ୍ଜାମାଳ ଗ୍ରାମ କୀର୍ତ୍ତନ ମଣ୍ଡପ ସନ୍ନିକଟରେ ପଞ୍ଚମୁଖୀ ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖରେ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା ପରେ ଭୂମିପୂଜା, ସୂର୍ଯ୍ୟ ନାରାୟଣ ପୂଜା, ଅଙ୍କୁରାରୋପଣ ଆଦି ଅଧିବାସ କାର୍ଯ୍ୟ କରାଯାଇ ୨୭ ତାରିଖ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତା ଗଣେଶ ପ୍ରସାଦ ନାୟକ ଓ ସୁମିତ୍ରା ନାୟକ ସଂକଳ୍ପ କରିଥିଲାବେଳେ ଶତାଧିକ ଶ୍ରଦ୍ଧାଳୁ କଳସ ବୁଡ଼ାଇ ସଂକଳ୍ପ ବ୍ରତ ଧାରଣ କରିଥିଲେ। ପଣ୍ଡିତ ଶ୍ୟାମ ସୁନ୍ଦର ପତି, ବନମାଳୀ ପଣ୍ଡା, ଅଜିତ୍ ପତି, ରାଜୀବ ଲୋଚନ ପଣ୍ଡା ଓ ରମାକାନ୍ତ ପଣ୍ଡା ବେଦ ଉଚ୍ଚାରଣ ସହିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ପାଲା ଗାୟିକା ସ୍ମିତାରାଣୀ ପଣ୍ଡା ପାଲା ପରିବେଷଣ କରିଥିଲେ। ବାଇଧର୍ ନାୟକ, ସଞ୍ଜୟ ନାୟକ, ଭରତ ନାୟକ, ଶରତ ନାୟକ, ମନୋଜ ନାୟକ, କାର୍ତ୍ତିକ ନାୟକ, କିରଣ ନାୟକ, ଧନେଶ୍ୱର ଜେନା, ପ୍ରଭାତ ଆଚାର୍ଯ୍ୟ, ଉପେନ୍ଦ୍ର ଖିଲାର, ଉମାକାନ୍ତ ପୁଣିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ● ବୈଶାଖ ମାସର ୩ୟ ସୋମବାର; ବାବାମଣିଙ୍କ ଶୀତଳ ଉପଚାର ନୀତି

# ଜଳାଭିଷେକ କଲେ ହଜାର ହଜାର ଭକ୍ତ

**ଗ୍ରୀଷ୍ମଋତୁର ରୁଦ୍ରତାପରୁ ଉପଶମ ପାଇଁ ଲାଗିହୁଏ ଶହଶହ କଳସ ସୁବାସିତ ଜଳ**




ଭଦ୍ରକ/ଆରଡ଼ି,୨୭।୪(ସମିସ): ପବିତ୍ର ବୈଶାଖ ମାସର ୩ୟ ସୋମବାରରେ ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ଶୀତଳ ଉପଚାର ନୀତିରେ ଜଳାଭିଷେକ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ବିଶ୍ୱାସ ରହିଛି ଗ୍ରୀଷ୍ମଋତୁର ରୁଦ୍ରତାପରୁ ଉପଶମ ପାଇଁ ବାବାମଣିଙ୍କୁ ଶହଶହ କଳସ ସୁବାସିତ ଜଳରେ ଜଳାଭିଷେକ କଲେ ବାବାଙ୍କୁ ଉପଶମ ମିଳିବା ସହ ଭକ୍ତଙ୍କର ସମସ୍ତ ମାନସିକ ପୂରଣ ହୋଇଥାଏ। ଏଥିପାଇଁ ସୋମବାର ଭୋର୍ ୪ଟାରେ ମନ୍ଦିର ଦ୍ୱାର ଫିଟା ନୀତି ସହ ମଙ୍ଗଳ ଆଳତି, ମହାସ୍ନାନ, ଘର୍ଷଣଲାଗି ଆଦି ସରିବା ପରେ ବାବାଙ୍କୁ ନବବସ୍ତ୍ର ପରିଧାନ କରାଯାଇ ପହିଲି ବାଲ୍ୟ ଭୋଗ ଲାଗି କରାଯାଇଥିଲା। ପରେ ସକାଳ ୫ଟାରୁ ସାହାଣମେଲା ଦର୍ଶନରେ ଜଳାଭିଷେକ କରିଥିଲେ ଶ୍ରଦ୍ଧାଳୁ ଭକ୍ତ। ଅନ୍ୟପଟେ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଗୋ-ବଂଶ ସୁରକ୍ଷା ପାଇଁ କଡ଼ା ଆଇନ ଦାବି

**ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ତହସିଲ୍‌ଦାରଙ୍କ ଜରିଆରେ ଆବେଦନପତ୍ର ପ୍ରଦାନ**



ଧାମନଗର,୨୭।୪(ସମିସ): ଓଡ଼ିଶାରେ ଗୋ-ବଂଶ ସୁରକ୍ଷା, ବିକାଶ ଓ ଗୋ-ହତ୍ୟାର ସମ୍ପୂର୍ଣ୍ଣ ନିଷେଧ ପାଇଁ କଡ଼ା ଆଇନ ରୂପାୟଣ କରିବାକୁ ଦାବି ଜୋର୍‌ଦାର୍ ହୋଇଛି। ଏହି ପରିପ୍ରେକ୍ଷୀରେ 'ଗୌସମ୍ମାନ ଆହ୍ୱାନ ଅଭିଯାନ' ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥପ୍ରସାଦ ସେଠୀଙ୍କ ଜରିଆରେ ଏକ ଆବେଦନପତ୍ର ପ୍ରଦାନ କରାଯାଇଛି। ଆବେଦନପତ୍ରରେ ଗୋ-ବଂଶ ଦିନକୁ ଦିନ କମୁଥିବା ପ୍ରତି ଗଭୀର ଚିନ୍ତାବ୍ୟକ୍ତ କରାଯାଇଛି। ଆବେଦନକାରୀମାନେ କହିଛନ୍ତି ଯେ, ଗୋ-ବଂଶ ଗ୍ରାମୀଣ ଅର୍ଥନୀତିର ମୂଳ ଭିତ୍ତି ହେବା ସହ ଓଡ଼ିଶାର ସାଂସ୍କୃତିକ ପରମ୍ପରା ସହ ଗଭୀର ଭାବେ ଜଡ଼ିତ। ସ୍ୱାଧୀନତା ପରେ ଗୋ-ବଂଶ ସଂଖ୍ୟା ଲଗାତାର ହ୍ରାସ ପାଇଆସୁଥିବା ବେଳେ ବର୍ତ୍ତମାନ ସେମାନେ ବିଲୁପ୍ତି ସୀମାକୁ ପହଞ୍ଚୁଥିବା ଦାବି କରାଯାଇଛି। ସେଥିପାଇଁ ଗୋ ଚୋରା ଚାଲାଣ, ସଡ଼କ ଦୁର୍ଘଟଣା ଓ ପଲିଥିନ୍ ଖାଇବା ଭଳି କାରଣରୁ ପ୍ରତିଦିନ ଅନେକ ଗୋରୁଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ରୋକିବା ପାଇଁ କଡ଼ା ଆଇନ ଲାଗୁ କରିବା ସହ ଗୋ-ହତ୍ୟାରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଓ ଗୋ-ମାତାଙ୍କୁ ରାଷ୍ଟ୍ରୀୟ ମାତାର ମର୍ଯ୍ୟାଦା ଦେବାକୁ ଦାବି ଉଠିଛି। ଏହି ଦାବି ପୂରଣ ହେଲେ ଗୋ-ବଂଶ ସୁରକ୍ଷା ସହ ରାଜ୍ୟର ପାରମ୍ପରିକ ଓ ଅର୍ଥନୈତିକ ଭିତ୍ତି ଆହୁରି ସୁଦୃଢ଼ ହେବ ବୋଲି ମତପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମାଜ ପକ୍ଷରୁ ସ୍ୱାଧୀନ ସମ୍ବିତ୍ ଦାଶ, ସଞ୍ଜୟ ସ୍ୱାଇଁ, ଦୀପକ ବାରିକ୍, ଭବାନୀ ଶଙ୍କର ଜେନା, ରଞ୍ଜିତ ପୃଷ୍ଟି, ଶୁଭମ୍ ପରିଡ଼ା, ହିମାଂଶୁ ମହାରଣା, ରାମଚନ୍ଦ୍ର ଜେନା, ପାର୍ଥସାରଥୀ ପରିଡ଼ାଙ୍କ ସମେତ ଅନେକ ଯୁବକ ଉପସ୍ଥିତ ଥିଲେ।

# ଧାନ କ୍ଷେତରେ କାଣ୍ଡବିନ୍ଧା ପୋକଙ୍କ ପ୍ରାଦୁର୍ଭାବ

**ସ୍ଥିତି ଅନୁଧ୍ୟାନ କଲେ ବ୍ଲକ୍ କୃଷି ଅଧିକାରିଣୀ**



ଅସୁରାଳି,୨୭।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ କୋଠାର, ରଇପୁର ଏବଂ ପାଳସାହି ଅଞ୍ଚଳରେ ବ୍ୟାପକ ଧାନ ଚାଷ କାଣ୍ଡବିନ୍ଧା ପୋକ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଧାମନଗର ବ୍ଲକ୍ କୃଷି ବିଭାଗର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ କୋଠାର ପଞ୍ଚାୟତର ବିଭିନ୍ନ ପ୍ରଭାବିତ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଧାମନଗର ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ସହ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀଙ୍କ ସହିତ ପଞ୍ଚାୟତ କୃଷି ଅଧିଦର୍ଶକ ପ୍ରମୁଖ ଏହି ପରିଦର୍ଶନରେ ସାମିଲ୍ ହୋଇଥିଲେ। ଅଧିକାରୀମାନେ ଚାଷ ଜମି ବୁଲି ଦେଖିବା ସହ କାଣ୍ଡବିନ୍ଧା ପୋକ ଯୋଗୁଁ ହେଉଥିବା କ୍ଷତିର ମାତ୍ରା ଆକଳନ କରିଥିଲେ। ପରିଦର୍ଶନ ସମୟରେ ଅଧିକାରୀମାନେ କୋଠାର ପଞ୍ଚାୟତର ବିଭିନ୍ନ ଗ୍ରାମର ଚାଷୀମାନଙ୍କ ସହ ଆଲୋଚନା କରି କହିଥିଲେ ଯେ, କାଣ୍ଡବିନ୍ଧା ପୋକର ନିରାକରଣ ପାଇଁ ଉପଯୁକ୍ତ ପରିମାଣର କୀଟନାଶକ ପ୍ରୟୋଗ ସହ କ୍ଷେତ୍ର ପରିଚାଳନା ଉପରେ ଧ୍ୟାନ ଦେବା ଆବଶ୍ୟକ। କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ଚାଷୀମାନଙ୍କୁ ଆତଙ୍କିତ ନ ହୋଇ ବିଭାଗୀୟ ପରାମର୍ଶ କ୍ରମେ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏଥିସହିତ ସରକାରୀସ୍ତରରେ ମିଳୁଥିବା ସୁବିଧା ଓ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ଏହି ପରିଦର୍ଶନ ସମୟରେ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ରହି ନିଜର ସମସ୍ୟା ଜଣାଇବା ସହ ଶୀଘ୍ର ପ୍ରତିକାର ପାଇଁ ଅନୁରୋଧ କରିଥିଲେ। ଅଧିକାରୀମାନଙ୍କ ଏହି ତତ୍ପରତା ଚାଷୀଙ୍କ ମଧ୍ୟରେ କିଛିଟା ଆଶା ସଞ୍ଚାର କରିଛି।

## ● ଭଦ୍ରକ ବୈଶାଖୀ ମେଳାର ୨ୟ ସନ୍ଧ୍ୟା

# 'ବିଲୁପ୍ତପ୍ରାୟ ଲୋକବିଦ୍ୟାର ପୁନରୁଦ୍ଧାର ଓ ସଂରକ୍ଷଣ ଜରୁରି'




ଭଦ୍ରକ,୨୭।୪(ସମିସ): ସଂସ୍କୃତି ହେଉଛି ଜାତିର ଜୀବନରେଖା ଓ ଲୋକବିଦ୍ୟା ହେଉଛି ତା'ର ମୂଳଭିତି। ମାଟିର ବାସ୍ନା, ପରମ୍ପରାର ସ୍ପର୍ଶ ଏବଂ ପୂରପଲ୍ଲୀରେ ପିଢ଼ିପିଢ଼ି ଧରି ବଞ୍ଚି ରହିଥିବା ଲୋକକଳା ହିଁ ଏକ ସମୃଦ୍ଧ ସମାଜର ପରିଚୟ। ମାଟିର ଐତିହ୍ୟକୁ ସାଉଁଟି ରଖିବା ଏବଂ ଆଧୁନିକତାର ଚକ୍ରବ୍ୟୂହ ମଧ୍ୟରେ ହଜିଯାଉଥିବା ଅମୂଲ୍ୟ ଲୋକବିଦ୍ୟାକୁ ପୁନର୍ଜୀବିତ କରିବା ଆଜିର ସମୟରେ ଅବଶ୍ୟମ୍ଭାବୀ ବୋଲି ସ୍ଥାନୀୟ ନେହେରୁ ଷ୍ଟାଡିୟମ୍‌ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚାଲୁଥିବା ବୈଶାଖୀ ମେଳାର ୨ୟ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ସମାଜସେବୀ ଇଂ. ଅଖିଳ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ବରେଣ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଆମ ପାରମ୍ପରିକ ଲୋକବିଦ୍ୟା ହିଁ ଓଡ଼ିଶାର ପ୍ରକୃତ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ରାଜକିଶୋର ସାହୁ ଯୋଗଦେଇ ଭଦ୍ରକ ଭୂମି କଳା, ସଂସ୍କୃତି ଓ ଐତିହ୍ୟର ପୀଠସ୍ଥଳୀ ଓ ଏଭଳି ମେଳା ଲୋକକଳାକୁ ଜୀବନ୍ତ ରଖିବା ଦିଗରେ ଅଗ୍ରଣୀ ଭୂମିକା ନେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଯୋଗଦେଇ ଓଡ଼ିଶାର କଳା ଓ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧିବକ୍ତା ଗଦାଧର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବସୁମିତ୍ରା ସାହୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ପଣ୍ଡା, ନାରାୟଣ ସାହୁ, ବିପ୍ଳବ ହୋତା, ଗୀତାରାଣୀ ଆଇଚ, ଅଧିବକ୍ତା ସଞ୍ଜୟ ମାଝୀ, ଲକ୍ଷ୍ମୀକାନ୍ତ ବାରିକ, ଡ. ଦୁର୍ଯ୍ୟୋଧନ ଦାସ, ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଅଶୋକ ଦ୍ୱିବେଦୀ, ବାବୁଲାଲ ଦାସ, ପଦ୍ମନ ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱରର 'ଆଦ୍ୟାଶକ୍ତି ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚେଇଁ ଶୋଇଛି ପ୍ରଶାସନ

# ଗ୍ରୀଷ୍ମ ତାତିକୁ ଦ୍ୱିଗୁଣିତ କରୁଛି ଇଟାଭାଟି ଧୂଆଁ



ବାରିକପୁର,୨୭।୪(ସମିସ): ପରିବର୍ତ୍ତିତ ଜଳବାୟୁ ସାଙ୍ଗକୁ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଏଥିପାଇଁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ସାଧାରଣତଃ ସହର ବଜାରରେ ବିଭିନ୍ନ ଛୋଟ ବଡ଼ କଳକାରଖାନା ଓ ଅବାଧ ଯାନବାହନ ଚଳାଚଳ କାରଣରୁ ତାପମାତ୍ରା ବୃଦ୍ଧି ପାଇବା ସ୍ୱାଭାବିକ ପ୍ରକ୍ରିୟା ଅଟେ। ଏବେ କିନ୍ତୁ ଗାଁ ଗହଳିରେ ମଧ୍ୟ ପ୍ରଚଣ୍ଡ ରୌଦ୍ରତାପକୁ ତାପମାତ୍ରା ବୃଦ୍ଧି ଯୋଗୁଁ ଭୀଷଣ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛନ୍ତି। କହିବାକୁ ଗଲେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଗ୍ରୀଷ୍ମ ତାତିକୁ ଦ୍ୱିଗୁଣିତ କରୁଛି ବେଆଇନ ଇଟାଭାଟି ଧୂଆଁ।

ସୂଚନା ମୁତାବକ, ଉକ୍ତ ବ୍ଲକ୍ ଅଞ୍ଚଳରେ ୧୪୬ ଗାଁକୁ ମିଶାଇ ୨୩ଟି ପଞ୍ଚାୟତ ରହିଛି। ଏଥିମଧ୍ୟରୁ ପାଖାପାଖି ୧୦ଟି ପଞ୍ଚାୟତ ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବେଆଇନ ଇଟା ବ୍ୟବସାୟ ହୋଇଥାଏ। ସାଧାରଣତଃ ବନ୍ଧାଳ ମଢ଼ିଆଳୀ, ଝୁଟଣା, ନେରଡ଼ା, ବାଲିପୋଖରୀ, ଷୋଳମପୁର ପ୍ରମୁଖ ପଞ୍ଚାୟତଗୁଡ଼ିକରେ ମାତ୍ରାଧିକ ଇଟାଭାଟି ଗଢ଼ି ଉଠିଛି। ଏହାଛଡ଼ା ବୈତରଣୀ ନଦୀ କୂଳରେ ଥିବା ରଘୁନାଥପୁର, ବିରୋଳି, ମୁଡ଼ାପଦା, ବଳୀପୁର, ମହେଶପୁର, ବନସ୍ତା ପ୍ରମୁଖ ସ୍ଥାନରେ ମଧ୍ୟ ଅଳ୍ପ ବହୁତ ଇଟା ବ୍ୟବସାୟ ହୋଇଥାଏ। ଏହାକୁ ଛାଡ଼ିଦେଲେ ଅନ୍ୟାନ୍ୟ କେତେକ ସ୍ଥାନରେ ମଧ୍ୟ ଏବେ ନୂଆ ନୂଆ ଇଟା ବ୍ୟବସାୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ଯେ, ଦୈନିକ ପ୍ରାୟ ୫୦ରୁ ଅଧିକ କଞ୍ଚା ଇଟାଭାଟିକୁ କୋଇଲା ଓ କାଠ ଦ୍ୱାରା ଅଗ୍ନି ସଂଯୋଗ କରାଯାଇଥାଏ। ଏଥିରୁ ନିର୍ଗତ ଉଚ୍ଚ ଜଳବନ ଓ ଧୂଆଁ ସିଧାସଳଖ ବାୟୁମଣ୍ଡଳରେ ମିଶିଥାଏ। ଫଳରେ ତାପମାତ୍ରା ବୃଦ୍ଧିରେ ଏହା ପ୍ରମୁଖ ସହାୟକ ହେଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳର କେତେକ ଲାଭଖୋର୍ ବ୍ୟକ୍ତି ବର୍ଷକୁ ବର୍ଷ ଇଟା ବ୍ୟବସାୟ କରି ଆର୍ଥିକ ଭାବେ ସଶକ୍ତ ହେଉଥିବାବେଳେ ଏହାଦ୍ୱାରା ବାୟୁମଣ୍ଡଳ ଦୂଷିତ ହେବା କାରଣରୁ ବ୍ଲକ୍ ଅଞ୍ଚଳର ହଜାର ହଜାର ଜନସାଧାରଣ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ସହ୍ୟ କରୁଛନ୍ତି। ପରିବେଶ ଦୂଷିତ କାରଣରୁ ମଧ୍ୟ ଅଞ୍ଚଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି। ପରିତାପର ବିଷୟ ଏଭଳି ବେଆଇନ ଇଟାଭାଟି ଉପରେ ପ୍ରଶାସନିକ ଅଙ୍କୁଶ ରହୁନାହିଁ। ସତେଯେମିତି ପ୍ରଶାସନ ଚେଇଁ ଶୋଇଛି। ଏପରିକି କିଛି ଖଜଣା ଆଦାୟ ନାମରେ ରାଜସ୍ୱ ବିଭାଗ ଏଭଳି ବେଆଇନ ଇଟା ବ୍ୟବସାୟୀଙ୍କୁ ପରୋକ୍ଷ ଭାବେ ପ୍ରୋତ୍ସାହିତ କରୁଥିବା ହେତୁ ପ୍ରତ୍ୟେକ ବର୍ଷ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଇଛି।